# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମେ ୨୩/୨୦୧୯ (୧୬ ପୃଷ୍ଠା) Sambalpur, Thursday, May 23/ 2019 ★★

୧୫ଶ ଭାଗ ୧୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





**ଇଥିଓପିଆରେ ପ୍ରିୟଙ୍କା**

କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେବା ପରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍ସ ଇଥିଓପିଆରେ ଶରଣାର୍ଥୀ ପିଲାଙ୍କୁ ସାକ୍ଷାତ କରିଛନ୍ତି। **୦୪**

**୧୪** **୧୫୦ତମ ମ୍ୟାଚ୍ ଖେଳିଲେ ସୁନୀତା**

ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ଡିଫେଣ୍ଡର ଓଡ଼ିଶାର ସୁନୀତା ଲାକ୍ରା ବୁଧବାର କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।




**ପ୍ରତୀକ୍ଷାର ଅନ୍ତ**

# ଆଜି ଭାଗ୍ୟ ନିର୍ଣ୍ଣୟ



- ସକାଳ ୮ଟାରୁ ଭୋଟ ଗଣତି
- ପ୍ରଥମେ ଗଣାହେବ ବାଲଟ ଭୋଟ
- ଫଳାଫଳକୁ ୧୩୦୧ ପ୍ରାର୍ଥୀଙ୍କ ଅପେକ୍ଷା
- ଭିଭିପିଏଟି ପାଇଁ ବିଳମ୍ବ ହେବ ଗଣତି
- ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ କଡ଼ା ସୁରକ୍ଷା



**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ଦୀର୍ଘ ପ୍ରତୀକ୍ଷାର ଘଟିବ ଅନ୍ତ। ମାସାଧିକ କାଳ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ(ଇଭିଏମ୍)ରେ ବନ୍ଦ ହୋଇ ରହିଥିବା ପ୍ରାର୍ଥୀଙ୍କ ଭାଗ୍ୟ ଗୁରୁବାର ଫିଟିବ। ୨୦୧୯ ନିର୍ବାଚନ ମହାସମର ଫଳାଫଳ ପ୍ରକାଶ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସକାଳ ୮ଟାରୁ ରାଜ୍ୟର ୬୩ଟି ଗଣତି କେନ୍ଦ୍ରରେ ଭୋଟ ଗଣନା କରାଯିବ । ୨୧ଟି ଲୋକ ସଭା ଓ ୧୪୬ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୧୩୦୧ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ ହେବ। ଚଳିତ ନିର୍ବାଚନରେ ୨୧ଟି ଲୋକ ସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୭୪ ଏବଂ ୧୪୬ଟି ବିଧାନସଭା ସିଟ୍‌ରେ ୧ ହଜାର ୧୨୭ ଜଣ ପ୍ରାର୍ଥୀ ନିଜ ଭାଗ୍ୟ ଫଳକୁ ଚାହିଁ ରହିଛନ୍ତି । କାହା ମୁଣ୍ଡରେ ମତଦାତା ସୁନାକଳସ ଢାଳିଛନ୍ତି ସେ ସବୁର ଚିତ୍ର ସ୍ପଷ୍ଟ ହୋଇଯିବ। ୬୩ଟି ଗଣନା କେନ୍ଦ୍ର(କାଉଣ୍ଟିଂ ସେଣ୍ଟର)ରେ ମୋଟ ୧୫୨ଟି କାଉଣ୍ଟିଂ ହଲ କରାଯାଇଛି। ପ୍ରତ୍ୟେକ ହଲରେ ବିଧାନସଭା ପାଇଁ ୭ଟି ଓ ଲୋକ ସଭା ପାଇଁ ୭ଟି ଟେବୁଲ ରହିଛି । ପ୍ରତ୍ୟେକ ହଲରେ ସର୍ବନିମ୍ନ ୧୫ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ସମୁଦାୟ ୨୪୬୨ ଟେବୁଲରେ ଭୋଟ ଗଣତି ହେବ। ଭୋଟ ଗଣତି ପାଇଁ ପ୍ରାୟ ୬୭୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରଥମେ ଇଲେକ୍ଟ୍ରୋନିକାଲି ଟ୍ରାନ୍ସମିଟେଡ ପୋଷ୍ଟାଲ ବାଲାଟ ସିଷ୍ଟମ (ଇଟିପିବିଏସ) ଏବଂ ପୋଷ୍ଟାଲ ବାଲାଟକୁ ଗଣାଯିବ। ଏହା ପରେ ଚଳିତ ନିର୍ବାଚନରେ ପ୍ରଥମ ଥର ଲାଗି ବ୍ୟବହୃତ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରାଏଲ(ଭିଭିପିଏଟି)ସ୍ଲିପ ଗଣନା କରାଯିବ। ଗଣନା କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଓ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ବୁଥର ଭିଭିପିଏଟିକୁ ଇଭିଏମ୍ ମେଶିନ ସହିତ ଗଣତି କରାଯାଇ ଟାଲି କରାଯିବ। ଯଦି ଭିଭିପିଏଟି ସହିତ ଇଭିଏମର ଟାଲି ନ ହେବ ସେଠାରେ ଭିଭିପିଏଟିର ସ୍ଲିପକୁ ଚୂଡାନ୍ତ ଭାବେ ଗ୍ରହଣ କରାଯିବ। ଭିଭିପିଏଟି ଗଣନା ପାଇଁ ବ୍ୟାଙ୍କଗୁଡିକରେ ଥିବା ଟ୍ରେଲର କାଉଣ୍ଟର ଭଳି କାଉଣ୍ଟର କରାଯାଇଛି। ଚଳିତ ଥର ଏକାସାଙ୍ଗରେ ବିଧାନସଭା ଓ ଲୋକ ସଭା ପାଇଁ ଗଣନା କରାଯିବ ନାହିଁ। ଗୋଟିଏ ପରେ ଗୋଟିଏ ଇଭିଏମ ଗଣନା ହେବ। ଏଥିଯୋଗୁ ଭୋଟ ଗଣତି କାର୍ଯ୍ୟ ଲମ୍ବା ସମୟ ଧରି ଚାଲିବ। ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୧୯ଟି ରାଉଣ୍ଡ ଓ ବଲାଙ୍ଗୀର ଜିଲାର ପାଟଣାଗଡରେ ସର୍ବାଧିକ ୪୯ ରାଉଣ୍ଡ ଗଣନା ହେବ ବୋଲି ଆକଳନ କରାଯାଇଛି। ତେବେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ହାରାହାରି ୩୦ ରାଉଣ୍ଡ ଭୋଟ ଗଣତି ହେବ। ପୋଷ୍ଟାଲ ବାଲାଟ ଗଣା ହେବାର ଅଧଘଣ୍ଟା ପରେ ଇଭିଏମ ଗଣନା ଆରମ୍ଭ ହେବ। ପ୍ରତ୍ୟେକ ରାଉଣ୍ଡରେ ୧୪ଟି ଇଭିଏମ ଗଣାଯିବ। ଏହା ପରେ ପ୍ରଥମ ରାଉଣ୍ଡ ଫଳାଫଳ ଘୋଷଣା କରାଯିବ। ଓଡ଼ିଶାରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ପ୍ରଥମେ ବିଧାନସଭାର ୭ଟି ଟେବୁଲରେ ଗଣନା ହେବ। ଏହା ପରେ ଲୋକ ସଭା ପାଇଁ ଗଣତି ଆରମ୍ଭ ହେବ। ରିଟର୍ନିଂ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନା କରାଯିବ ଓ ପ୍ରତ୍ୟେକ ରାଉଣ୍ଡ ଫଳାଫଳ ଘୋଷଣା କରାଯିବ। ଭୋଟ ଗଣତିରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବା ସକାଶେ ପ୍ରତ୍ୟେକ ଗଣନା କେନ୍ଦ୍ରରେ ଜଣେ କାଉଣ୍ଟିଂ ସୁପରଭାଇଜର, ଜଣେ କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଜଣେ ମାଇକ୍ରୋ ଅବଜରଭର(କେନ୍ଦ୍ର ସରକାରଙ୍କ କର୍ମଚାରୀ/କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀ)ଙ୍କୁ ନିଯୁକ୍ତି ଦିଆଯାଇଛି। ☞ପୃଷ୍ଠା-୪

## ଜନାଦେଶକୁ ଅପେକ୍ଷା



ବେଙ୍ଗାଲୁରୁର ଏକ ଭୋଟ ଗଣତି କେନ୍ଦ୍ରରେ କଡ଼ା ସୁରକ୍ଷା।

**ନୂଆଦିଲ୍ଲୀ,୨୨।୫(ପି.ଟି./ଆଇଏଏନ୍‌ଏସ୍)**

**୫୪୨ ଲୋକ ସଭା ଆସନରେ ଭୋଟ ଗଣତି**

ଆଉ ମାତ୍ର କେଇଘଣ୍ଟାର ଅପେକ୍ଷା। ଆସିବ ସର୍ବବୃହତ୍ ଗଣତନ୍ତ୍ରର ଭୋଟ ମହାପର୍ବର ବହୁପ୍ରତୀକ୍ଷିତ ପରିଣାମ। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ବନ୍ଦ ଥିବା ଜନାଦେଶ ନିର୍ଦ୍ଧାରଣ କରିବ ଭାରତର ଆଗାମୀ ୫ ବର୍ଷର ଭାଗ୍ୟ। ଦେଶର ୫୪୨ ଲୋକ ସଭା ଆସନ ପାଇଁ ଗୁରୁବାର ଭୋଟ ଗଣତି ହେବ। ଭୋଟ ଫଳାଫଳକୁ ନେଇ ଦଳ ଓ ନେତାଙ୍କ ମଧ୍ୟରେ ଯେତିକି ଉତ୍ସୁକତା ଲାଗିରହିଛି, ମତଦାତାଙ୍କ ଭିତରେ ବି ସେତିକି ଉତ୍କଣ୍ଠା ବଢ଼ିଚାଲିଛି। ଶାନ୍ତିଶୃଙ୍ଖଳା ସହ ଗଣତି ସମ୍ପୂର୍ଣ୍ଣ କରିବା ଲାଗି ନିର୍ବାଚନ କମିଶନ (ଇସି) ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପରିଣାମ ଉପରେ ସାରା ଦେଶର ନଜର କେନ୍ଦ୍ରୀଭୂତ ହୋଇରହିଛି।

୨୦୧୯ ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହୋଇଥିଲା। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ମତଦାନ ହୋଇଥିବାବେଳେ ଶେଷ ତଥା ଅନ୍ତିମ ପର୍ଯ୍ୟାୟ ଭୋଟଗ୍ରହଣ ମେ ୧୯ ତାରିଖରେ କରାଯାଇଥିଲା। ମାସେରୁ ଊର୍ଦ୍ଧ୍ୱ ଏହି ଅବଧି ମଧ୍ୟରେ ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ଆସନରେ ନିର୍ବାଚନ ହୋଇଥିଲା। ଏହାସହ ଓଡ଼ିଶା ବିଧାନସଭାର ୧୪୭, ଆନ୍ଧ୍ରପ୍ରଦେଶ ୧୭୫, ଅରୁଣାଚଳ ପ୍ରଦେଶ ୬୦ ଓ ସିକିମ ବିଧାନସଭାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପଶମ ଶିଳ୍ପରେ ନିଷ୍ଠୁରତା

**ଆଜିର ମନ୍ତବ୍ୟ**

" ସମ୍ଭାବ୍ୟ ପରାଜୟକୁ ନେଇ ବିବ୍ରତ ବିରୋଧୀ ଇଭିଏମ୍ ଉପରେ ପ୍ରଶ୍ନ ଉଠାଉଛନ୍ତି।

**-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ଟେଲିକମ୍ ସାନ୍ଦ୍ରତା ୯୧.୮୬ ରହିଥିବା ବେଳେ ଏହା ମାର୍ଚ୍ଚରେ ୯୦.୧୧କୁ ହ୍ରାସ ଘଟିଛି। -ଟ୍ରାଇ


"Hurry Up" Admission Open
AIT
ASHA INSTITUTE OF TECHNOLOGY
100% Results
This course is approved by govt. of Odisha
B.Ed
10th +2 Arts Science Commerce
BA, BSc., B.Com. M.Com., MA, MSC, BSW, MSW, DCA, PGDCA
Failed & Discontinued students don't worry continue your studies
Contact: 9178713912, 9178713934, 9178359549, 9178359579, Franchise Contact- 9439820889
Address- Panchayat College Road, Near Naka Chowk, Bargarh


## ଘର ଅଗଣାରେ ଶୋଇଥିବା ଯୁବକଙ୍କୁ ହାଣି ହତ୍ୟା

- ୩ ଆକ୍ରମଣକାରୀ ଫେରାର

**କୋଲାବିରା,୨୨।୫(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ କେଲଣ୍ଡାମାଲ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରାଯାଇଛି । ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଏପରି କାଣ୍ଡ ଘଟାଇବା ପରେ ଫେରାର ହୋଇଯାଇଛନ୍ତି । ମୃତ ଯୁବକ ହେଲେ କେଲଣ୍ଡାମାଲ ଗ୍ରାମର ଛବିଲ ସେଠ(୫୦) । ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ସେହି ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଛବିଲ ଖାଇ ସାରିବା ପରେ ଘର ଅଗଣାରେ ପଡିଥିବା ଖଟିଆରେ ଶୋଇଥିଲେ। ପାଖରେ ତାଙ୍କ ସ୍ତ୍ରୀ ଓ ଅନ୍ୟମାନେ ମଧ୍ୟ ଶୋଇଥିଲେ। ସେଦିନ ବିଳମ୍ବିତ ରାତିରେ ୩ ଜଣ ଯୁବକ ଏକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ। ସେମାନେ ଛବିଲଙ୍କ ବେକକୁ ଏକ ମାରଣାସ୍ତ୍ରରେ ହାଣି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଛବିଲଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି । କୋଲାବିରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଗତ ୪/୫ଦିନ ପୂର୍ବରୁ କେଲଣ୍ଡାମାଲ ଗ୍ରାମର ରବୀନ୍ଦ୍ର କୁଆଁଙ୍କ ସହିତ ଛବିଲ ଓ ପଡାର ଅନ୍ୟ ମହିଳାମାନଙ୍କ କୌଣସି କାରଣରୁ ଝଗଡ଼ା ସହ ମାରପିଟ୍ ହୋଇଥିଲା। ଏଥିରେ ରବୀନ୍ଦ୍ର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସେହି ବିବାଦକୁ ନେଇ ଏହି ହତ୍ୟା ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

## ଟ୍ରକ୍-କାର୍ ମୁହାଁମୁହିଁ ଧକ୍କା, ୫ ମୃତ

**ଜୁନାଗଡ/ଭବାନୀପାଟଣା, ୨୨।୫(ଡି.ଏନ.ଏ.)**



ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକ୍ ।

- ମୃତକମାନେ ଗୋଟିଏ ପରିବାରର, ୨ ଗୁରୁତର
- ଲୁହରେ ଭାସିଲା ଖୁର୍ସେଲଗୁଡ଼ା ଗାଁ
- ଶ୍ମଶାନରେ ଜଳିଲା ୫ ଜଣଙ୍କ ଜୁଇ

୨୬ନଂ. ଜାତୀୟ ରାଜପଥର କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ଛକରେ ବୁଧବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାର୍‌ରେ ଥିବା ଗୋଟିଏ ପରିବାରର ୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ପଞ୍ଚାୟତ ଖୁର୍ସେଲଗୁଡା ଗ୍ରାମର ଆଶୁତୋଷ ବେହେରା (୬୫), ତାଙ୍କ ପୁଅ ବିନାୟକ ଓରଫ୍ ବିକି (୩୨), ନାତୁଣୀ ଶୋଭୀ (୬), ଭାଇ ଜଗନ୍ନାଥ (୫୫) ଓ ଆଶୁତୋଷଙ୍କ ଜମେ ୫ ମାସ ନାତୁଣୀ। ଗୁରୁତର ୨ ଜଣ ହେଲେ ବିନାୟକଙ୍କ ସ୍ତ୍ରୀ ନିଭିୟା (୨୮) ଓ ଆଶୁତୋଷଙ୍କ ଘରେ କାମ କରୁଥିବା ଖେନଜି କଟା। ଖେନଜି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ନିଭିୟାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଶୁତୋଷ, ଜଗନ୍ନାଥ ଓ ନିଭିୟା ଚିକିତ୍ସା ପାଇଁ ଦୁଇଦିନ ତଳେ ବିଶାଖାପାଟଣା ଡାକ୍ତରଖାନା ଯାଇଥିଲେ। ଏମାନଙ୍କ ସହ ଶୋଭୀ, ଖେନଜି ଓ ୫ ମାସର ଶିଶୁକନ୍ୟା ମଧ୍ୟ ଯାଇଥିଲେ। ସେଠାରୁ ଲିଙ୍କ୍ ଏକ୍ସପ୍ରେସ ଟ୍ରେନ୍‌ରେ ଆସି ବୁଧବାର ଭୋର୍ ସମୟରେ କେସିଙ୍ଗା ଷ୍ଟେଶନରେ ଓହ୍ଲାଇଥିଲେ। ବିକି ଏମାନଙ୍କୁ ଆଣିବା ପାଇଁ କାର୍ ନେଇ କେସିଙ୍ଗା ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ଓଡି୩୩-ଜେ୪୬୮୫ନଂ କାର୍ ଯୋଗେ ସମସ୍ତେ ଘରକୁ ଫେରୁଥିଲେ। ଭୋର ପ୍ରାୟ ୪ଟାରେ ଜାରିଙ୍ଗ ଛକଠାରେ ଓଡି୦୮-ଏ୮୨୯୨ନଂ ଟ୍ରକ୍ ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍ ଚଲାଉଥିବା ଆଶୁତୋଷ ଓ ଆଗ ସିଟ୍‌ରେ ବସିଥିବା ଜଗନ୍ନାଥଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ବିକି, ନିଭିୟା, ବିକିଙ୍କ ଦୁଇ ଝିଅ ଓ ଖେନଜିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଭବାନୀପାଟଣା ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକି ଓ ଦୁଇ ଝିଅଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଜିତୁ ଖରସେଲ ଜୁନାଗଡ଼ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ☞ପୃଷ୍ଠା-୪


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR
AIMS
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 22.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 93 | 149 | 159 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


## ଆଶା ଆଶଙ୍କାରେ ବହୁ ହେଭିୱେଟ୍

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

- ଆଜି ଭୋଟ ଫଳ-୨୦୧୯
- ପୁରୀ, ଭୁବନେଶ୍ୱର, କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ନେଇ ଉତ୍କଣ୍ଠା
- କଡ଼ା ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି ବହୁ ବିଧାୟକ

ପ୍ରତୀକ୍ଷାର ଅନ୍ତଘଟାଇ ଗୁରୁବାର ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ନିର୍ବାଚନ ମଇଦାନରେ ଥିବା ସବୁ ଦଳର ହେଭିୱେଟ୍‌ଙ୍କ ରାଜନୈତିକ ଭାଗ୍ୟ ସଂକ୍ରାନ୍ତ ନିଷ୍ପତ୍ତି ଭୋଟର ନେଇସାରିଛନ୍ତି। ତେଣୁ କେଉଁ ହେଭିୱେଟ୍ ସଫଳ ହେଉଛନ୍ତି, କିଏ ପଛରେ ପଡିଯାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ପ୍ରାର୍ଥୀମାନେ ବିଜୟ ହେବାକୁ ନେଇ ଆଶା ଆଶଙ୍କା ରହିଛନ୍ତି।

ରାଜ୍ୟର ନିର୍ଦ୍ଦିଷ୍ଟ କିଛି ଆସନ ଉପରେ ଅଧିକ ଉତ୍କଣ୍ଠା ପ୍ରକାଶ ପାଇଛି। ସେଥିମଧ୍ୟରେ ପୁରୀ ଲୋକ ସଭା ଆସନ ଅନ୍ୟତମ। ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏଠାରୁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଲଗାତର ତୃତୀୟଥର ପାଇଁ ପିନାକୀ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ପୂର୍ବାପେକ୍ଷା ପିନାକୀ କଡା ଟକ୍କରର ସମ୍ମୁଖୀନ ହୋଇଥିବା ଆଲୋଚନା ହେଉଛି। ତେଣୁ ସମ୍ବିତ ଓ ପିନାକୀଙ୍କ ମଧ୍ୟରୁ କିଏ ବାଜି ମାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପାରୁ ଅବସରପ୍ରାପ୍ତ ପ୍ରଶାସିକା ଅପରାଜିତା ଷଡଙ୍ଗୀ, ବିଜେଡିରୁ ପୂର୍ବତନ ବମ୍ବେ ପୋଲିସ କମିଶନର ଅରୂପ ପଟ୍ଟନାୟକ ଏବଂ କଂଗ୍ରେସ ସମର୍ଥିତ ସିପିଏମ୍‌ରୁ ଜନାର୍ଦ୍ଦନ ପତି ପ୍ରାର୍ଥୀ ହୋଇଛନ୍ତି। ହେଲେ ଅପରାଜିତା ଏବଂ ଅରୂପଙ୍କ ମଧ୍ୟରେ ସିଧା ଲଢେଇ ହୋଇଥିବା କୁହାଯାଉଛି। ତେଣୁ ଦୁହିଁଙ୍କ ମଧ୍ୟରୁ କିଏ ବାଜି ମାରିବେ, ତାହା ଗୁରୁବାର ଫଳାଫଳ ପରେ ସ୍ପଷ୍ଟ ହେବ। ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ବିଜେଡି ପକ୍ଷରୁ ଅଭିନେତା ଅନୁଭବ ମହାନ୍ତି ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସ ଆଇନଜୀବୀ ଧରଣୀଧର ନାୟକଙ୍କୁ ପ୍ରାର୍ଥୀ କରିଛି। ଉଭୟ ବିଜେଡି ଓ ଭାଜପା ଶିବିର ବିଜୟୀ ହେବା ନେଇ ଉତ୍ସାହିତ। ତେଣୁ ଦୁଇ ହେଭିୱେଟଙ୍କ ମଧ୍ୟରୁ କାହାକୁ କେନ୍ଦ୍ରାପଡ଼ାବାସୀ ନିଜର ପ୍ରତିନିଧି ବାଛିଛନ୍ତି, ତାହାକୁ ନେଇ ଜାତୀୟସ୍ତରରେ ମଧ୍ୟ ଉତ୍କଣ୍ଠା ପ୍ରକାଶ ପାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭାଜପା ନେତା ସୁରେଶ ପୂଜାରୀ, ଜୟରାମ ପାଙ୍ଗୀ, ସଭାପତି ବସନ୍ତ ପଣ୍ଡା, କଂଗ୍ରେସ ନେତା ପ୍ରଦୀପ ମାଝି, ଭକ୍ତ ଦାସ, ଜର୍ଜ ତିର୍କୀ ଏବଂ ବିଜେଡିରୁ ଭର୍ତ୍ତୃହରି ମହତାବ, ପୁଷ୍ପେନ୍ଦ୍ର ସିଂ ଦେଓ, ଚନ୍ଦ୍ରଶେଖର ସାହୁ, ପ୍ରସନ୍ନ ଆଚାର୍ଯ୍ୟ, ☞ପୃଷ୍ଠା-୪

- ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ୨୬ ପର୍ଯ୍ୟନ୍ତ ୮ ଜିଲାକୁ ହିଟ୍ ୱେଭ୍

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ତାତିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ଗୁରୁବାର ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଓ ସୁନ୍ଦରଗଡ଼ ଆଦି ୮ ଜିଲାକୁ ହିଟ୍‌ୱେଭ୍ ଜାରି ରହିବ। ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହିସବୁ ଜିଲାରେ ହିଟ୍ ୱେଭ୍ ପ୍ରବାହିତ ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଅପରପକ୍ଷରେ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ଅନେକ ଜିଲାକୁ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି। ୨୬ତାରିଖ ପରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କଟକ, ନୟାଗଡ଼, ଖୋର୍ଦ୍ଧା, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ତେବେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ଗଞ୍ଜାମ ଜିଲାରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେପଟେ ୨୪ତାରିଖଠାରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ସ୍ଥିତି ସାଂଘାତିକ ହେବ। ଉତ୍ତପ୍ତ ସହର ପାଲଟିଥିବା ଟିଟିଲାଗଡ଼ ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୬ଡିଗ୍ରୀ ଉପରେ ରହିବ। ୨୫ତାରିଖରୁ ପାରଦ ୪୭ରୁ ୪୮ଡିଗ୍ରୀ ବଢ଼ିବ ବୋଲି ଅନୁମାନ କରାଯାଇଛି। ପୂରା ପଶ୍ଚିମ ଓଡ଼ିଶାରେ ସକାଳ ୯ଟା ☞ପୃଷ୍ଠା-୪

# ଖାଦ୍ୟରୁଚି

ଚିକେନକୁ ନେଇ ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ ହେଉଛି। ଗ୍ରାହକଙ୍କ ସ୍ୱାଦ ଅନୁଯାୟୀ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟଞ୍ଜନ ତିଆରି କରାଯାଉଛି। ତେବେ ପୁରୀ ସିଟି ରୋଡରେ ଥିବା ହୋଟେଲ ସୂର୍ଯ୍ୟ ବିଚ୍ ଇନ୍ ମଧ ସୁସ୍ୱାଦୁପୂର୍ଣ୍ଣ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଆସୁଛି। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଏ। ଆମିଷ ମଧ୍ୟରେ ଚିକେନ ମହାରାନୀ ମୋତାଲାଇ ହେଉଛି ହୋଟେଲ ସୂର୍ଯ୍ୟ ବିଚ୍ ଇନର ଏକ ଚାହିଦାଯୁକ୍ତ ଡିଶ୍। ଏହି ଇଣ୍ଡିଆନ ଡିଶ୍‌ର ପ୍ଲେଟ୍ ଦାମ୍ ରହିଛି ୨୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ସାଗର ପ୍ରସାଦ ଦାସଙ୍କ ମୁହଁରୁ...

ରିପୋର୍ଟ: ହେମନ୍ତ ନାୟକ

## ଚିକେନ୍ ମହାରାନୀ ମୋତାଲାଇ

### ଆବଶ୍ୟକ ସାମଗ୍ରୀ

- ଚିକେନ୍‌–୭୦୦ ଗ୍ରାମ୍
- ସୋରିଷ ତେଲ–୧୦୦ଗ୍ରାମ୍
- କଟା ପିଆଜ–୧୫୦ଗ୍ରାମ୍
- କ୍ଷୀର–୩୦୦ଗ୍ରାମ୍
- ଅମୂଲ କ୍ରିମ୍–୧୦୦ଗ୍ରାମ୍
- ଦହି–୩୦୦ଗ୍ରାମ୍
- ଚିନି–୧ଚାମଚ
- ଗୋଟା ଜିରା–୧ଚାମଚ
- ଗୋଟା ଧନିଆ–୧ଚାମଚ
- ପାନମଧୁରୀ–୧ଚାମଚ
- ଜାଇତ୍ରୀ–୧ପିସ୍
- ଗୋଟା କାଜୁ–୮ରୁ ୧୦ଟା
- ବାଦାମ–୮ଟାରୁ ୧୦ଟା
- କଞ୍ଚାଲଙ୍କା–୫/୬ଟା
- ଲଙ୍କାଗୁଣ୍ଡ–୧ ଚାମଚ
- ହଳଦୀଗୁଣ୍ଡ–ଅଧ ଚାମଚ
- ଗରମ ମସଲା–ଅଧ ଚାମଚ
- ଗୁଜରାତି–୫/୬ଟା
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ରଥମେ ଚିକେନକୁ ମଧ୍ୟମ ଧରଣର ପିସ୍ କରିବେ। ଏହାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖିବେ। ଚୁଲା ଉପରେ କଡ଼େଇ ବସାଇ ୨ ଚାମଚ ତେଲ ପକାଇବେ। ଗରମ ହୋଇଗଲା ପରେ ଏଥିରେ ପ୍ରଥମେ ଗୁଜରାତି ଏବଂ ଏହାପରେ କଟା ପିଆଜ ପକାଇ ଭାଜିବେ। ପିଆଜ ସାମାନ୍ୟ ଲାଲରଙ୍ଗ ହୋଇଯିବା ପରେ ଚିକେନ ପକାଇ ଗୋଳାଇବେ। ପ୍ରାୟ ୩ ମିନିଟ୍ ପରେ ଦହି, କଞ୍ଚାଲଙ୍କା ପେଷ୍ଟ ଏବଂ ହଳଦୀ ପକାଇ କଷିବେ। ୨/୩ ମିନିଟ୍ ପରେ କ୍ଷୀର ପକାଇ ଗୋଳାଇଦେବେ। ପୂର୍ବରୁ କଟାଯାଇଥିବା କାଜୁ ଏବଂ ବାଦାମ୍‌କୁ ପକାଇ କଷିବେ। ଏଥିରୁ ପାଣି ମରିଯିବା ପରେ ଗୋଟା ଧନିଆ, ଜିରା, ପାନମଧୁରୀ, ଜାଇତ୍ରୀକୁ ଗ୍ରାଇଣ୍ଡିଂ କରି ପକାଇବେ। ଏହାପରେ ଚିନି ଏବଂ ଗରମ ମସଲା ପକାଇ ଘାଣ୍ଟିବେ। ଶୁଖିଲା ହେବା ପର୍ଯ୍ୟନ୍ତ କଷିବେ। ଶେଷରେ ଅମୂଲ କ୍ରିମ୍ ପକାଇ ଗୋଳାଇବେ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ମହାରାନୀ ମୋତାଲାଇ। ଏହାକୁ ଏକ ପାତ୍ରରେ ଗରମ ଗରମ କାଢ଼ି ତା' ଉପରେ ଧନିଆପତ୍ର ପକାଇ ନିଜେ ଖାଇବେ ଏବଂ ଅନ୍ୟଙ୍କୁ ପରଷି ଦେବେ।





ମୁଖ୍ୟ ସେଫ୍
ସାଗର ପ୍ରସାଦ ଦାସ

# ସେଲ୍‌ଫି କର୍ଣ୍ଣର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



@ ସୁଜିତ



@ ପ୍ରଦୀପ୍ତ



@ ସବିତା



@ ଜିତେନ୍ଦ୍ର



@ ମିଳନ



@ ସୁବ୍ରତ



@ ଯୋଗେନ୍ଦ୍ର



@ ନିହାର



@ ରଜତ

# ଧରିତ୍ରୀ ଆଳାପ

## ମଞ୍ଚ ନାଟକ ଅଭିନୟର ଅନ୍ତୁଡ଼ିଶାଳ

" କଳା ଓ ସଂସ୍କୃତିର ମାଟି ସୁବର୍ଣ୍ଣପୁର। ଏ ମାଟି ଅନେକ ପ୍ରତିଭାଙ୍କୁ ଜନ୍ମ ଦେଇଛି । ଯେଉଁମାନେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛନ୍ତି। ସେମିତି ଜଣେ ଯୁବ ପ୍ରତିଭା ହେଲେ ଅବିନାଶ ହୋତା(ବାଦଲ)। ବୀରମହାରାଜପୁର ବ୍ଲକର ଲାତୁରପେଟ ଗ୍ରାମର ବୈଜୟନ୍ତୀ ଓ ଆନନ୍ଦ ହୋତାଙ୍କ ଏକମାତ୍ର ପୁତ୍ର ସେ । ଛାତ୍ରାବସ୍ଥାରୁ କଳା କ୍ଷେତ୍ରରେ ନିଜକୁ ସମର୍ପି ଦେଇଥିବା ଏହି ପ୍ରତିଭା ପ୍ରଥମେ ଆଲବମ ଦୁନିଆରୁ ଆରମ୍ଭ କରିଥିଲେ ତାଙ୍କର ଯାତ୍ରା । ସମ୍ବଲପୁରୀ ଆଲବମ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନାଟକ ପରେ ବିଭିନ୍ନ ମଞ୍ଚରେ ଦେଖାଇଥିଲେ ନିଜ ଅଭିନୟର ଯାଦୁ । ତା'ସହ ଅନେକ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ଅବିନାଶ । ଖାଲି ନୃତ୍ୟ କି ନାଟକରେ ଅଭିନୟ ନୁହେଁ ବହୁ ନାଟକରେ ନିଜେ ନିର୍ଦ୍ଦେଶନା ଦେଇ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି । ଏଥର ଧରିତ୍ରୀ ଆଳାପ ସ୍ତମ୍ଭରେ ତାଙ୍କ କଥା... । "

ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ





**◈ କେବେଠୁ ଆରମ୍ଭ ହେଲ ଆପଣଙ୍କ ଅଭିନୟ ଜୀବନ?**

○ ବୀରମହାରାଜପୁର ଉଫୁଲା ଏମ୍‌ଇ ସ୍କୁଲରେ ପଢ଼ିବା ବେଳେ ଏକ କୌତୁକ ବେଶ ପ୍ରତିଯୋଗିତାରେ ଶିକ୍ଷକ ଚରିତ୍ର ଭାବେ ଅଭିନୟ କରିଥିଲି । ୨୦୦୨ରେ ଟୁକେଲ ପଟା ଫର୍ମୁଲା, ୨୦୦୪ରେ ପୁଚ୍‌କି ଗାଲି, ୨୦୦୫ରେ ଝାଇଁରେ, ୨୦୦୬ରେ ତାରା ରାରା ଛେଇ ଛେଇ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ପଢ଼ିବା ସମୟରେ ନାଟକ ନିଆଁ, ବନ୍ଦେ ମାତରମ, ଇଂଲିଶ ଡ୍ରାମା ଲେଟ୍‌ସ ଗୋ, ସମ୍ବଲପୁରୀ ନାଟକ ସଭେ ଗଧ ରେ ପ୍ରମୁଖ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛି ।

**◈ ମଞ୍ଚ ନା ସିନେମାରେ ଅଭିନୟ ଆପଣଙ୍କୁ ସନ୍ତୋଷ ପ୍ରଦାନ କରେ ?**

○ ମଞ୍ଚ ଓ ଟେଲି ସିରିଏଲରେ ଅଭିନୟ କରିଛି । କିନ୍ତୁ ମଞ୍ଚରେ ଅଭିନୟ କରିବା ସମୟରେ ମୋ ଭିତରେ ଭିନ୍ନ ଆତ୍ମବିଶ୍ୱାସ ସୃଷ୍ଟି ହୁଏ । ଲାଗେ ଯେମିତି ମୁଁ ହିଁ ମଞ୍ଚର ସମ୍ରାଟ । ଦର୍ଶକଙ୍କ ତାଳି ମାଡ଼ କାନରେ ବାଜିଲେ ଛାତି କୁଣ୍ଢେମୋଟ ହୋଇଯାଏ।

**◈ ଅଭିନୟକୁ ନେଇ କିଛି ବିଶେଷ ଅନୁଭୂତି ?**

○ ସୋନପୁରର ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ଏକ ନାଟକ ଶିଳ୍ପୀ ମଞ୍ଚସ୍ଥ ହେବାର ଥାଏ । ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରଥମେ ମୋତେ ଅପେକ୍ଷାକୃତ ଏକ ଛୋଟ ଚରିତ୍ରରେ ଅଭିନୟ ସୁଯୋଗ ଦେବା ପାଇଁ ମନସ୍ଥ କରିଥିଲେ । କିନ୍ତୁ ନାଟକ ଅଭ୍ୟାସ ସମୟରେ ମୋର ଅଭିନୟ ଦେଖି ଶିଳ୍ପୀ ନାଟକର ଅନ୍ୟତମ ମୁଖ୍ୟ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେଲେ। ନାଟକ ମଞ୍ଚସ୍ଥ ହେବା ସମୟରେ ଏକ ପଥର ମୂର୍ତ୍ତି ପରି ମୋ ଦେହକୁ ସମ୍ପୂର୍ଣ୍ଣ ରଙ୍ଗ କରାଯାଇଥିଲା । ନାଟକର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ମୋ ମୁହଁରେ ଏକ କାଗଜ ବାନ୍ଧି ଦିଆ ଯାଇଥିଲା। କେବଳ ସହ କଳାକାରଙ୍କ ସଂଳାପ ଶୁଣି ଏବଂ ସଙ୍ଗୀତକୁ ଅନୁଭବ କରି ମୁଁ ମୋର ଅଭିନୟ କରୁଥିଲି ଓ ସଂଳାପ କହୁଥିଲି । ଏହି ଅଭିନୟ ପାଇଁ ମୋତେ ବହୁ ପ୍ରଶଂସା ମିଳିଛି।

**◈ କେଉଁ ନାଟ୍ୟ ଅନୁଷ୍ଠାନ ସହ ଆପଣ ଜଡିତ ?**

○ ନୋଡାଲ ଆସୋସିଏଶନ ଫର ଆମେଚର୍ ଥିଏଟର(ନାଟ୍)ର ସାଂସ୍କୃତିକ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଛି । ନାଟ୍ ପକ୍ଷରୁ ସୋନପୁରରେ ପ୍ରତି ବର୍ଷ ଏକ ଜାତୀୟସ୍ତରର ନାଟକ ମହୋତ୍ସବ ରାଷ୍ଟ୍ରୀୟ ନାଟ୍ ମେଳା ଆୟୋଜନ ହେଉଛି । ଏହା ବ୍ୟତୀତ ମହାନଦୀ ସାହିତ୍ୟ ସଂସଦ, ଟ୍ରେଣ୍ଡି ଏକାଡେମୀ ଓ ବୌଦ୍ଧ ଜିଲା ଖଟଖଟିଆର ଯାତ୍ରୀ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡିତ ଅଛି ।

**◈ ଆପଣ ଜଣେ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା, କେଉଁ କ୍ଷେତ୍ରରେ ସହଜ ଅନୁଭବ କରନ୍ତି?**

○ ଜଣେ ଅଭିନେତାକୁ ନିଜ ଅଭିନୟ ଉପରେ ଗୁରୁତ୍ୱ ଦେବାକୁ ହୋଇଥାଏ ; ଯଦିଓ ଏଥିରେ ସହ କଳାକାରଙ୍କ ସହିତ ତାଳମେଳ କରିବା ଆବଶ୍ୟକ ଥାଏ । କିନ୍ତୁ ନିର୍ଦ୍ଦେଶକ ଭାବେ ସମସ୍ତ ଦିଗ ପ୍ରତି ସାମୂହିକ ଭାବେ ଦାୟିତ୍ୱ ନିଭାଇବାକୁ ପଡିଥାଏ । ମୁଁ ଏବେ ବିଶେଷ କରି ଅଭିନୟ ଉପରେ ଗୁରୁତ୍ୱ ଦେଇ ଆସିଛି। ଯଦିଓ କେତେକ ନାଟକର ନିର୍ଦ୍ଦେଶନା ଦେଇଛି, କିନ୍ତୁ ମୋତେ ନିର୍ଦ୍ଦେଶନା କ୍ଷେତ୍ରରେ ଆହୁରି ପରିପକ୍ୱ ହେବାର ଅଛି ବୋଲି ମୁଁ ଅନୁଭବ କରୁଛି ।



**◈ ଆପଣଙ୍କ ସଫଳ ନାଟକ ସମ୍ପର୍କରେ କହିବେ ?**

○ ମୋର ଗୁରୁ ପ୍ରଦ୍ୟୁମ୍ନ ସାହୁଙ୍କ ନିର୍ଦ୍ଦେଶିତ ନାଟକ ଶିଳ୍ପୀ, କୁଇଲି, ମାନ୍ୟବର ଗାଡଭାଲୁ ଆଦି ନାଟକର ପ୍ରମୁଖ ଚରିତ୍ର ସବୁରେ ଅଭିନୟ କରିଛି । ଏହି ନାଟକ ସବୁ ଓଡିଶା ଓ ଓଡିଶା ବାହାରେ ପୁରସ୍କୃତ ହେବା ସହ ଲୋକପ୍ରିୟତା ଅର୍ଜନ କରିଛି। ଠିକ୍ ସେହିଭଳି ନାଟ୍ୟକାର ତଥା ଅଧ୍ୟାପକ ପୁରୁଷୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ପର୍ଶୁରାମ, ବିଗଡେଲ ଘୋଡା ଓ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ନିର୍ଦ୍ଦେଶିତ ନାଟକ ଜୀବ ଆଦି ମୋର ଅଭିନୀତ ସଫଳତମ ନାଟକ।

**◈ ମଞ୍ଚ ନାଟକରୁ ଯୁବ ପିଢ଼ି ଦୂରେଇ ଯାଉଛନ୍ତି କି ?**

○ ଆଜିକାଲି ଅଭିନୟ ଶିଖିବା ପୂର୍ବରୁ ସମସ୍ତେ ନିଜକୁ ପରଦାରେ ଦେଖିବାକୁ ଅଭିଳାଷ ରଖୁଛନ୍ତି । କିନ୍ତୁ, ମୁଁ କହିବି ମଞ୍ଚ ନାଟକ ହେଉଛି ଅଭିନୟର ଅନ୍ତୁଡିଶାଳ । ଅଭିନୟରେ ରୁଚି ରଖୁଥିବା ଯୁବ ବନ୍ଧୁମାନଙ୍କୁ ନାଟକ ସହ ଯୋଡି ହୋଇ ରହିବାକୁ ମୁଁ ଅନୁରୋଧ କରିବି ।

**◈ ଆପଣଙ୍କ ସମ୍ମାନ ଓ ସ୍ୱୀକୃତି ବିଷୟରେ କିଛି କୁହନ୍ତୁ।**

○ ପଲସାଗୋରା ନାଟ୍ୟ ସମ୍ମାନ, ରୁମୁକୁ ଝୁମାନା ଯୁବ କଳାକାର ସମ୍ମାନ, ବୀରମହାରାଜପୁର ପାୟନର ସ୍କୁଲ, କନ୍ଧମାଳ ଲୋକ ମହୋତ୍ସବ ଓ ହରଭଙ୍ଗା ଗଡଜାତ ମହୋତ୍ସବରେ କଳାକାର ଓ ଉଦ୍‌ଘୋଷକ ଭାବେ ସମ୍ମାନିତ ହେବା ସହ ଅଭିନୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ମଞ୍ଚରେ ପୁରସ୍କୃତ ତଥା ସମ୍ମାନିତ ହୋଇଛି ।

**◈ ଅଭିନୟ ବ୍ୟତୀତ ଅନ୍ୟ କ'ଣ ରୁଚି ଅଛି ?**

○ ଅଭିନୟ ବ୍ୟତୀତ ମଞ୍ଚ ସଂଯୋଜନାରେ ମୋର ରୁଚି ରହିଛି । ଏହା ବାଦ୍ ଫୁର୍‌ସତ ସମୟରେ ପରିବାର ତଥା ବନ୍ଧୁମାନଙ୍କ ସହ ଲଙ୍ଗ ଡ୍ରାଇଭ୍‌ରେ ଯିବାକୁ ପସନ୍ଦ କରିଥାଏ।

**◈ ଭବିଷ୍ୟତ ପାଇଁ କ'ଣ ଯୋଜନା ଅଛି ?**

○ ଅଭିନୟ ମୋର ଦୁର୍ବଳତା, ନାଟକକୁ ଜୀବିତ ରଖିବା ପାଇଁ ମୋର ପ୍ରୟାସ ଜାରି ରହିଛି । କେତେକ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ମୁକ୍ତିଲାଭ ଅପେକ୍ଷାରେ ଥିବା ଶଲା ବୁଢାର ବଦଲା ସିନେମାରେ ଅଭିନୟ କରିବାକୁ ସୁଯୋଗ ମିଳିଛି । କିନ୍ତୁ ନିଷ୍ଠାବାନ ଭାବେ ନାଟକ ପାଇଁ ତମାମ ଜୀବନ ଉତ୍ସର୍ଗ କରିବି । ଏହା ମୋର ଅଙ୍ଗୀକାର ।




# ଦୁଇ ପାପୁଲି, ଗୋଡ଼ ଆଙ୍ଗୁଠି କାଟିଦେଲେ

**କନ୍ଧମାଳ, ୨୨।୫ (ଡି.ଏନ୍.ଏ.)**



- ୪ ବର୍ଷ ତଳେ ସଂଘଟିତ ଖମାର ଡବଲ ମର୍ଡର ଘଟଣାର ପ୍ରତିଶୋଧ
- ଆକ୍ରମଣରେ ଶିକାର ବ୍ୟକ୍ତି ନିକଟରେ ଜେଲରୁ ଫେରିଥିଲେ

ବୌଦ୍ଧ ଜିଲା କନ୍ଧମାଳ ଥାନା ଖମାର ଗାଁରେ ବୁଧବାର ଏକ ଲୋମହର୍ଷଣକାରୀ ଘଟଣା ଘଟିଛି। ୪ ବର୍ଷ ତଳେ ଏକ ଡବଲ ମର୍ଡର ଘଟଣାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ସୁରେନ୍ଦ୍ର କ୍ଷେତି (୫୪)। ହତ୍ୟାକାଣ୍ଡରେ ଜଡ଼ିତ ଅଭିଯୁକ୍ତ ସୁରେନ୍ଦ୍ରଙ୍କ ଦୁଇ ହାତର ପାପୁଲି ଓ ଗୋଡ଼ ଆଙ୍ଗୁଠିକୁ ସ୍ପଷ୍ଟ ଦିବାଲୋକରେ କାଟି ଦେଇ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପଲସାଗୋରା ନିକଟ ପଧାନପାଲିରୁ ବୁଧବାର ମଧ୍ୟାହ୍ନରେ ସୁରେନ୍ଦ୍ର ତାଙ୍କ ଝିଅଙ୍କ ସହ ଖମାର ଗାଁକୁ ଯାଉଥିଲେ। ଗୋହିରାପାଲି ନାଳ ପାଖ ନିଛାଟିଆ ସ୍ଥାନରେ ପୂର୍ବରୁ ଜଗି ରହିଥିବା ୬ ଦୁର୍ବୃତ୍ତ ସୁରେନ୍ଦ୍ରଙ୍କୁ ଅଟକାଇ ଦଉଡ଼ିରେ ବାନ୍ଧି ଦେଇଥିଲେ। ଝିଅ ସେଠାରୁ ଖସି ପଳାଇ ପାଖ ଗାଁ ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଏପଟେ ସୁରେନ୍ଦ୍ରଙ୍କ ହାତର ପାପୁଲି ଓ ଗୋଡ଼ ଆଙ୍ଗୁଠି କାଟି ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଉଦ୍ଧାର କରି ପୋଲିସ ସୋନପୁର ଡାକ୍ତରଖାନା ପଠାଇଥିଲା। କନ୍ଧମାଳ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

୨୦୧୫ ଫେବୃୟାରୀ ୨୨ରେ ଡିଗେରପଦର ଜଙ୍ଗଲରେ ଖମାର ଗାଁର ଲକ୍ଷ୍ମଣ ଖମାରୀ ଓ ସୁଦର୍ଶନ କ୍ଷେତିଙ୍କୁ ଜମିଜମା ଗଣ୍ଡଗୋଳକୁ କେନ୍ଦ୍ର କରି ହତ୍ୟା କରାଯାଇଥିଲା। ପୋଲିସ ଏହି ହତ୍ୟାକାଣ୍ଡର ତଦନ୍ତ କରି ଅଭିଯୁକ୍ତ ଖମାର ଗାଁର ସୁରେନ୍ଦ୍ର କ୍ଷେତି ଓ ତ୍ରିନାଥ ଭୋଇ (୪୪)ଙ୍କୁ ଗିରଫ କରିଥିଲା। ଦଫା ୩୦୨, ୨୦୧, ୩୪ ଆଇପିସିରେ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୮/୧୫) ରୁଜୁ ହୋଇଥିଲା। ଏହି ମାମଲାରେ ପରଥମେ ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଥିଲେ। ପରେ ଅନ୍ୟତମ ଅଭିଯୁକ୍ତ ନିରଞ୍ଜନ ପଧାନଙ୍କୁ ପୋଲିସ ସେହିବର୍ଷ ମେ ୨୦ରେ ବଲାଙ୍ଗୀର ରେଳ ଷ୍ଟେଶନରୁ ଗିରଫ କରିଥିଲା। ଘଟଣାର ୪ବର୍ଷ ପରେ ଅଭିଯୁକ୍ତ ସୁରେନ୍ଦ୍ର କିଛିଦିନ ହେଲା ଜେଲରୁ ଫେରିଥିଲେ। ଜେଲରୁ ଫେରିବା ପରେ ସେ ନିଜ ଶ୍ୱଶୁର ଘର ଗାଁ ପଧାନପାଲିରେ ରହୁଥିଲେ। ସୁରେନ୍ଦ୍ରଙ୍କ କହିବା ଅନୁଯାୟୀ, ତାଙ୍କୁ ଆକ୍ରମଣ କରିଥିବା ୬ ଜଣଙ୍କ ମଧ୍ୟରେ ଡବଲ ମର୍ଡରର ଶିକାର ହୋଇଥିବା ଲକ୍ଷ୍ମଣ ଖମାରୀଙ୍କ ୪ ପୁଅ ଅଛନ୍ତି। ଏଣୁ ପ୍ରତିଶୋଧ ନେବାକୁ ଯାଇ ସେମାନେ ଏଭଳି କାଣ୍ଡ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

**ଆଜି ଭାଗ୍ୟ ନିର୍ଦ୍ଧାରଣ**




# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ୬୧ ଲକ୍ଷ ଟଙ୍କା ଦେଲା ଓଡ଼ିଶା ପୋଲିସ



ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**କଟକ ଅଫିସ,୨୨।୫**

ଫନୀ ଯୋଗୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ୬୧ ଲକ୍ଷ ୬୧ହଜାର ୪୧୨ ଟଙ୍କା ପ୍ରଦାନ କରିଛି ଓଡ଼ିଶା ପୋଲିସ। ବୁଧବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସମେତ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଏହି ଟଙ୍କାର ଚେକ୍ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ପ୍ରଦାନ କରିଛନ୍ତି। ଏ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ ବରଗଡ଼, ବାଲେଶ୍ୱର, ବ୍ରହ୍ମପୁର, ଦେବଗଡ଼, ଗଜପତି, ଭଦ୍ରକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ ପୋଲିସ ଜିଲା ସମେତ କଟକ ଜିଆର୍‌ପି, ରାଉରକେଲା ଜିଆରପି, ଓଏସ୍‌ଏପି ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ଅଷ୍ଟମ ବାଟାଲିୟନ, ଆଇଆର୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ବାଟାଲିୟନ, ଏସ୍‌ଏସ୍ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବାଟାଲିୟନ, ଓଆଇଏସ୍‌ଏଫ୍, ଏସ୍‌ଓଜି, ବେସିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଟଙ୍କା ଆସିଥିଲା। ପୋଲିସ ଅଫିସର ଓ କର୍ମଚାରୀମାନେ ସ୍ୱତଃ ପ୍ରବୃତ୍ତ ଭାବେ ଟଙ୍କା ଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ଆଇପିଏସ୍ ସଂଘ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଓଡ଼ିଶା ପୋଲିସ ପକ୍ଷରୁ ପୁରୀର ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ୨୦ଟି କରୁଣା କ୍ୟାମ୍ପ ଖୋଲାଯାଇ ଲୋକମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଇଥିଲା।

# ୬ ଫୁଟ୍‌ର ମୃତ ଡଲ୍‌ଫିନ ଉଦ୍ଧାର


ସମୁଦ୍ର ବେଳାଭୂମିରେ ମୃତ ଡଲଫିନ।

**ଗଞ୍ଜାମ,୨୨।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା କଣ୍ଟିଆଗଡ଼ ମୁହାଣସ୍ଥିତ ପୋଡ଼ମପେଟା ଓ ବଟେଶ୍ୱର ସମୁଦ୍ର ବେଳାଭୂମି ମଧ୍ୟରେ ବୁଧବାର ଏକ ଡଲଫିନର ମୃତଦେହ ପଡ଼ିଥିଲା। ଖବର ପାଇ ଖଲ୍ଲିକୋଟ ରେଞ୍ଜ ବନ ବିଭାଗ ସେଠାରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିଥିଲା। ଡଲଫିନର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଖଲ୍ଲିକୋଟ ବନଖଣ୍ଡ ଅଧିକାରୀ ଦିଲୀପ କୁମାର ମାର୍ଥା କହିଛନ୍ତି। ମୃତ ଡଲଫିନର ଲମ୍ବ ୬ ଫୁଟ ଥିବା ବେଳେ ଓଜନ ପ୍ରାୟ ୬୦ ରୁ ୭୦ କିଲୋ ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପ୍ରକାଶ ଯେ, ୨୦୧୭ ମେ ୩ରେ ମଧ୍ୟ ୪୨ ଫୁଟ ଲମ୍ବ ଏକ ତିମୀର ମୃତଦେହକୁ ବନ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରୁ ଉଦ୍ଧାର କରାଯାଇ ସମୁଦ୍ର ବେଳାଭୂମିଠାରେ ପୋତି ଦିଆଯାଇଥିଲା।

**ଆଜି କ'ଣ କେଉଁଠି**

**ସମ୍ବଲପୁର**

- ଗ୍ରୀଷ୍ମକାଳୀନ ଚିତ୍ରାଙ୍କନ ପ୍ରଶିକ୍ଷଣ ଶିବିର, ସ୍ଥାନ- ସହଯୋଗନଗର, ସମୟ- ସକାଳ ୭ଟା।
- ଜିଲାସ୍ତରୀୟ ୧୬ ବର୍ଷରୁ କମ୍ କ୍ରିକେଟ ପ୍ରଶିକ୍ଷଣ ଶିବିର, ସ୍ଥାନ- ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ- ସକାଳ ୫ଟା।




JOINTLY DEVELOPED BY
GOVT. OF INDIA & GOVT. OF ODISHA
NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

FOR ADMISSIONS INTO 3Yrs DEGREE PROGRAMME (B.Sc In HHA) CONTACT AFTER 5th JULY 2019.

- ଏନ୍‌ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ବ୍ୟବଚ୍ଛେଦ ରିପୋର୍ଟ ଖୋଲିବ ମୃତ୍ୟୁ ରହସ୍ୟ

**ରାଉରକେଲା ଅଫିସ,୨୨।୫**


ସୟଦ ମୁନୀବ ଅହମ୍ମଦ

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ର ଏମ୍‌ଏସ୍‌ସି ତୃତୀୟ ବର୍ଷର ଛାତ୍ର ସୟଦ ମୁନୀବ ଅହମ୍ମଦ (୨୧)ଙ୍କ ମୃତ୍ୟୁ ଘଟଣା ଏବେ ବି ରହସ୍ୟାବୃତ ରହିଛି। ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲୁଏସ୍ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା, ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା କରିଛି। ସେହି ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ସୟଦ ମୁନୀବ ଇଦେନ ନାମରେ ନିଜ ସାଙ୍ଗମାନଙ୍କ ପାଖରେ ପରିଚିତ ଥିଲେ। ସେ ଏନ୍‌ଆଇଟିର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଇଣ୍ଟିଗ୍ରେଟେଡ ମ୍ୟାଥମେଟିକ୍ସ ଏମ୍‌ଏସ୍‌ସି ତୃତୀୟ ବର୍ଷ ଛାତ୍ର ସୟିଦଙ୍କ ପ୍ରତିଭା ଦେଖି ସ୍ତମ୍ଭୀଭୂତ ହୋଇ ଯାଉଥିଲେ ସହପାଠୀ। ସକାଳ ଦୌଡ ପରେ ନିତ୍ୟକର୍ମ, ତା'ପରେ ନମାଜ ପାଠ ଥିଲା ତାଙ୍କର ନିତି ଦିନିଆ ଅଭ୍ୟାସ। କ୍ୱିଜ ମାଷ୍ଟର ଭାବେ ଜଣାଶୁଣା ସୟଦ ତାଙ୍କ ପାଠପଢ଼ା ଜୀବନରେ ଅନେକ ପୁରସ୍କାର ହାସଲ କରିଥିଲେ। ଏଇ ନିକଟରେ କୋଲକାତାରେ ଅନୁଷ୍ଠିତ ଏକ ଜାତୀୟସ୍ତରର କ୍ୱିଜ ପ୍ରତିଯୋଗିତାରେ ପୁରସ୍କାର ଜିଣି ସେ ଏନ୍‌ଆଇଟି ପାଇଁ ଗୌରବ ଆଣିଥିଲେ। ସେ ଜଣେ ଉଚ୍ଚାଭିଳାଷ ଛାତ୍ର ଥିଲେ। ମନସ୍ତତ୍ତ୍ୱ ବିଦ୍ୟାକୁ କରାୟତ୍ତ କରିବାକୁ ଯାଇ ସର୍ବଦା ଏ ସମ୍ପର୍କିତ ପୁସ୍ତକ ପଠନ କରୁଥିଲେ। ସୟଦ ଦିନକୁ ୨ରୁ ୩ଟି ବହି ପଢି ଶେଷ କରିବା ସହ ଏହାକୁ ସାଙ୍ଗମାନଙ୍କ ସହ ଶେୟାର କରୁଥିଲେ। ବିଭିନ୍ନ ସଂପ୍ରଦାୟର ସାମାଜିକ ବିଧି ବ୍ୟବସ୍ଥାକୁ ସମୀକ୍ଷା କରିବା ଥିଲା ତାଙ୍କର ଅନ୍ୟ ଏକ ସଉକ। ତାଙ୍କ ସ୍ମାର୍ଟନେଶ ବନ୍ଧୁମାନଙ୍କୁ ବେଶ ଆକର୍ଷିତ କରୁଥିଲା। ଜଣେ ଚିନ୍ତାଶୀଳ ଛାତ୍ର ଭାବେ ସେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ପାଠ ପଢାରେ କେହି ବାଧା ସୃଷ୍ଟି କଲେ ସେ ରାଗି ଯାଉଥିଲେ। ଏନ୍‌ଆଇଟିରେ ଅନୁଷ୍ଠିତ ପ୍ରତ୍ୟେକ ଗଠନମୂଳକ କାମରେ ଭାଗ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଙ୍କରିଂ କରୁଥିଲେ।

ସେ ସାମ୍ବାଦିକତାରେ ମଧ ବେଶ ରୁଚି ରଖୁଥିଲେ। ଏନ୍‌ଆଇଟିରୁ ପ୍ରକାଶିତ ୱେବ ପେଜ ମଣ୍ଡେ ମର୍ନିଂ ପାଇଁ ପ୍ରଫେସରଙ୍କ ସାକ୍ଷାତ୍‌କାର ନେଉଥିଲେ। ଏନ୍‌ଆଇଟିର ବିଭିନ୍ନ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ସଂଗୃହୀତ ଖବରକୁ ସେ ବଡ ନିପୁଣତା ସହ ଏଡିଟିଂ କରି ପ୍ରକାଶ କରୁଥିଲେ। ବହୁ ଥର ସେ ଭାରତୀୟ ଆଇନଗତ ବ୍ୟବସ୍ଥା ନେଇ ଆଲୋଚନା କରୁଥିଲେ। ଏ ସମ୍ପର୍କିତ ସନ୍ଦର୍ଭ ପାଠ କରି ଏହାକୁ ବନ୍ଧୁ ମେଳରେ ବସି ତର୍ଜମା କରିବାରେ ରୁଚି ରଖୁଥିଲେ। ପାଠ ପଢା ସହ ଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ଦୈନିକ ଚର୍ଚ୍ଚା କରିବା ସୟଦଙ୍କ ଅନ୍ୟ ଗୁଣ ଥିଲା। କାଳେ ହଷ୍ଟେଲ ରୁମମେଟ ପାଠ ପଢାରେ ବ୍ୟାଘାତ ସୃଷ୍ଟି କରିବେ, ସେନେଇ ନିଜ ପାଇଁ ସର୍ବଦା ନିରାପଦ ସ୍ଥାନ ବାଛି ନେଉଥିଲେ, ଯେଉଁଠି ସେ ନିଶ୍ଚିନ୍ତରେ ସମ୍ପୃକ୍ତ ବିଷୟ ଉପରେ ଭାବିବାକୁ ସମୟ ପାଇବେ। ସୀମିତ ବନ୍ଧୁ ମେଳରେ ତାଙ୍କର ଦିନ କଟୁଥିଲା। ମୃତ୍ୟୁ ପୂର୍ବ ରାତି ୨ଟା ପର୍ଯ୍ୟନ୍ତ ମୁଭି ଦେଖିଥିଲେ। କେବଳ ଏତିକି ନୁହେଁ, ସାଙ୍ଗମାନଙ୍କ ସହ ବେଶ ହସଖୁସିରେ କଥା ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲାର ମୂଳ ବାସିନ୍ଦା ସୟଦ ଭୁବନେଶ୍ୱରରେ ରହୁଥିଲେ। ଏଯାଏ ପୋଷ୍ଟମର୍ଟମ ରିପୋର୍ଟ ହସ୍ତଗତ ହୋଇ ପାରିନି। ଏଣୁ ସୟଦଙ୍କ ମୃତ୍ୟୁ ଘଟଣା ରହସ୍ୟାବୃତ ରହିଛି ବୋଲି ତାଙ୍କର କେତେକ ବନ୍ଧୁ କହିଛନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ: ...................................
ଜନ୍ମ ତାରିଖ: ..............................


ପାୟଲ୍ 
ପରିବାରବର୍ଗ


ବାପୁନ୍ 
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇଥିଓପିଆରେ ଶରଣାର୍ଥୀ ପିଲାଙ୍କ ସହ ପ୍ରିୟଙ୍କା




**ଆଡିସ୍ ଆବାବା:** କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ପ୍ରଶଂସକଙ୍କୁ ଖୁସି କରିବା ପରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନ୍ସ ଇଥିଓପିଆରେ ଶରଣାର୍ଥୀ ପିଲାଙ୍କ ସହ କିଛି ସମୟ ବିତାଇଛନ୍ତି। 'ୟୁନିସେଫ୍'ର ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ଜନହିତକର କାର୍ଯ୍ୟକ୍ରମ ସ୍ୱରୂପ ପ୍ରିୟଙ୍କା ପିଲାଙ୍କ ସହ ଭାବ ବିନିମୟ କରିଥିଲେ। ଏହି ସମୟର ଫଟୋ ଓ ଭିଡିଓକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ମଧ୍ୟ ଇଥିଓପିଆର ପ୍ରଥମ ମହିଳା ରାଷ୍ଟ୍ରପତି ସାହଲେ ୱର୍କ ଜିଓ୍ୱଦେଙ୍କୁ ସାକ୍ଷାତ କରିଥିଲେ। 'କ୍ୱାଣ୍ଟିକୋ'ର ଏହି ଅଭିନେତ୍ରୀ ପିଲାଙ୍କ ସହି ନାଚିବା, ଖେଳିବା ଏବଂ କଥାହେଉଥିବା ଭିଡିଓରେ ଦୃଶ୍ୟମାନ ହେଉଛି। ସେ ମଧ୍ୟ ଦାରିଦ୍ର୍ୟ, ଯୌନହିଂସା ଏବଂ ବାଲ୍ୟବିବାହ ଭଳି ସମସ୍ୟା ଉପରେ ଗୁରୁତ୍ୱ ଦେଇଥିବା ବିଷୟ ପୋଷ୍ଟ କରିଛନ୍ତି। ସେ ୧୫ବର୍ଷର ଜଣେ ବାଳିକାଙ୍କୁ ବାଲ୍ୟଶିକ୍ଷାର ଗୁରୁତ୍ୱ ବୁଝାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ୨୦୧୮ରେ ପ୍ରିୟଙ୍କା ବାଂଲାଦେଶ ଗସ୍ତ କରି ରୋହିଙ୍ଗ୍ୟା ଶରଣାର୍ଥୀ ପିଲାଙ୍କୁ ସାକ୍ଷାତ କରିଥିଲେ।

# ପ୍ରମାଣପତ୍ର ପାଇଁ ଆସି ଭିନ୍ନକ୍ଷମ ନିରାଶ

**ବାଲେଶ୍ୱର ଅଫିସ,୨୨।୫**


ଭିନ୍ନକ୍ଷମ ଶ୍ରୀକାନ୍ତ ପାଣିଗ୍ରାହୀ

ଭିନ୍ନକ୍ଷମଙ୍କୁ ଯାଞ୍ଚ କରି ପ୍ରମାଣପତ୍ର ଦେବା କ୍ଷେତ୍ରରେ କିଭଳି ଅବ୍ୟବସ୍ଥା ହେଉଛି, ତାହାର ଏକ ନଜୀର ପଦାକୁ ଆସିଛି। ଅସହ୍ୟ ଗ୍ରୀଷ୍ମ ତାତି ସତ୍ତ୍ୱେ ବୁଧବାର ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ଦୂରଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ଭିନ୍ନକ୍ଷମଙ୍କୁ ଯାଞ୍ଚ କରିବା ଲାଗି ଅନଲାଇନ୍ ବ୍ୟବସ୍ଥା ରହିଛି। ଅଧିକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ସୂଚନା ପାଇବା ପରେ ସେମାନେ ଜିଲା ମୁଖ୍ୟଚିକିତ୍ସାଳୟକୁ ଆସିଥାନ୍ତି। ଡାକ୍ତରମାନେ ସେମାନଙ୍କୁ ପରୀକ୍ଷାନିରୀକ୍ଷା କରି ପ୍ରମାଣପତ୍ର ପାଇଥାନ୍ତି। ସୋର ଥାନା ଅଧୀନ ପାଖର ଗ୍ରାମର ଶ୍ରୀକାନ୍ତ ପାଣିଗ୍ରାହୀ (୩୧) କହିଛନ୍ତି ଯେ, ସେ ପୂର୍ବରୁ ୯୦% ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ଏହି ପ୍ରମାଣପତ୍ର ନବୀକରଣ କରିବା ଲାଗି ସେ ଅନଲାଇନ୍‌ରେ ଆବେଦନ କରିଥିଲେ। ପରେ ବିଭାଗ ତରଫରୁ ବୁଧବାର ପୂର୍ବାହ୍ନ ୭ଟା ୩୦ମିନିଟ୍ ସମୟରେ ପହଞ୍ଚିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ସେ ଗାଡ଼ି ଯୋଗେ ସମ୍ପର୍କୀୟ ଶ୍ରୀଧର ଦାସମହାପାତ୍ରଙ୍କ ସହିତ ଆସି ପହଞ୍ଚିଥିଲେ। ତାଙ୍କ ଭଳି ୧ଶହ ପାଖାପାଖି ଭିନ୍ନକ୍ଷମ ଆସିଥିଲେ। ସେମାନେ ବହୁ ସମୟ ଅପେକ୍ଷା କରିବା ସତ୍ତ୍ୱେ କାହାଠାରୁ କିଛି ସୂଚନା ପାଇ ନ ଥିଲେ। ପୂର୍ବାହ୍ନ ୧୧ଟା ୧୦ମିନିଟ୍ ସମୟରେ ପ୍ରଥମେ ଅର୍ଥୋପେଡିକ୍ ଡାକ୍ତର ପହଞ୍ଚି ସେମାନଙ୍କୁ ପରୀକ୍ଷାନିରୀକ୍ଷା ଆରମ୍ଭ କରିଥିଲେ। ତେବେ ଅନ୍ୟ ବିଭାଗୀୟ ଡାକ୍ତର ନ ଆସିବାରୁ ଭିନ୍ନକ୍ଷମମାନେ ପ୍ରମାଣପତ୍ର ନ ପାଇ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡା. ଦୁଲାଲ ଜଗଦ୍ଦେବ ସେନ୍‌ଙ୍କୁ ପଚାରିବାରୁ ସେପରି କିଛି ଅଭିଯୋଗ ହସ୍ତଗତ ହୋଇ ନାହିଁ, ଯଦି ଅଭିଯୋଗ ମିଳେ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନାବାଳିକା ପ୍ରେମିକାଙ୍କୁ ବ୍ଲେଡ୍‌ରେ ଆକ୍ରମଣ ଘଟଣା

# ଅଭିଯୁକ୍ତ ପ୍ରେମିକ ଗିରଫ

**ବାଲିଆପାଳ,୨୨।୫(ଡ.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ଜୈନିକା ନାବାଳିକାଙ୍କୁ ଏକତରଫା ଭଲ ପାଇ ବିଫଳ ହେବା ପରେ ତାଙ୍କୁ ବ୍ଲେଡରେ ଆକ୍ରମଣ କରି ଫେରାର ହୋଇ ଯାଇଥିବା ଅଭିଯୁକ୍ତ ପ୍ରେମିକଙ୍କୁ ସ୍ଥାନୀୟ ପୋଲିସ ବୁଧବାର ଗିରଫ କରିଛି। ଗିରଫ ପ୍ରେମିକ ହେଲେ ଅନନ୍ତ କୁମାର ଦାସ । ତାଙ୍କ ଘର ବାଲିଆପାଳ ଥାନା ଚଉମୁଖ ଗ୍ରାମରେ ବୋଲି ପୋଲିସ କହିଛି। ୧୭ ତାରିଖ ସନ୍ଧ୍ୟାରେ ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଏହି ଯୁବକ ତାଙ୍କୁ ନାନା ବାହାନ ଦେଖାଇ ଘରଠାରୁ ୧୦କି.ମି ଦୂର ହାସିମପୁର ଗ୍ରାମ ନିକଟସ୍ଥ ପଡିଆକୁ ନେଇଯାଇଥିଲା। ସେଠାରେ ପ୍ରେମ ନିବେଦନ କରି ବିଫଳ ହେବାରୁ ସେ ଏକ ଧାରୁଆ ବ୍ଲେଡରେ ନାବାଳିକାଙ୍କ ଶରୀରର ବେକ,ଗାଲ ଆଦି ସ୍ଥାନକୁ କାଟି ଫେରାର ହୋଇଯାଇଥିଲେ। ଗୁରୁତର ଆହତ ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲ ନିଆଯାଇ ପରେ କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା। ଅଭିଯୁକ୍ତ ଯୁବକ ରାଜ୍ୟ ବାହାରକୁ ଖସିଯିବା ପାଇଁ ଯୋଜନା କରୁଥିବା ଜାଣି ବାଲିଆପାଳ ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ତାଙ୍କ ମୋବାଇଲକୁ ଟ୍ରାକିଙ୍ଗ କରି ଚଉମୁଖ ସ୍ଥିତ ଘର ଉପରେ ଚଢାଉ କରି ଗିରଫ କରିଛନ୍ତି । ଏ ନେଇ ଗତ ୧୯ ତାରିଖରେ ଥାନାରେ ଏକ ମାମଲା (ନଂ ୭୬/୧୯) ରୁଜୁ କରାଯାଇଛି ।

# ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ଗୁଳି

**ବ୍ରହ୍ମପୁର ଅଫିସ, ୨୨।୫**

କିଛିଦିନର ନୀରବତା ପରେ ପୁଣି ଥରେ ବ୍ରହ୍ମପୁରରେ ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଗୁରୁବାର ସାଧାରଣ ନିର୍ବାଚନ ଭୋଟ ଗଣତି ହେବାକୁ ଥିବାବେଳେ ବୁଧବାର ରାତି ପ୍ରାୟ ୯ଟାବେଳେ ଆସିକା କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ ଜେନାଙ୍କୁ ମରଣାନ୍ତକ ଆକ୍ରମଣ ସହ ଗୁଳିମାଡ଼ ହୋଇଛି। ଦୁର୍ବୃତ୍ତମାନେ ପ୍ରଥମେ ମନୋଜଙ୍କ ଗଳା କାଟିବା ପରେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ତାଙ୍କ ପେଟରେ ବାଜିଥିବାବେଳେ ଅନ୍ୟଟି ତାଙ୍କ ପିଠାରେ ବାଜିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରଥମେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରାତି ସାଢ଼େ ୧୦ଟାରେ ମନୋଜଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ମନୋଜଙ୍କେ ସହ ଥିବା ଅନୀଲ ସ୍ୱାଇଁ ନାମକ ଜଣେ ଯୁବକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ସେ ମଧ୍ୟ ବଡମେଡିକାଲରେ ଚିକିତ୍ସାଧୀନ ଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଜନାଦେଶକୁ ...

ଆସନ ଲାଗି ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ସାଧାରଣ ନିର୍ବାଚନରେ ସ୍ୱାଧୀନ ସମେତ ବିଭିନ୍ନ ଦଳର ମୋଟ ୮,୦୪୯ ପ୍ରାର୍ଥୀ ମଇଦାନକୁ ଓହ୍ଲାଇ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୯୦ କୋଟି ଯୋଗ୍ୟ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରି ନିଜ ପ୍ରତିନିଧିଙ୍କୁ ବାଛି ସାରିଛନ୍ତି, ଯାହାଙ୍କ ଭାଗ୍ୟର ଇଭିଏମ୍ ପେଡ଼ି ଗୁରୁବାର ଖୋଲିବ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତି କେନ୍ଦ୍ରଗୁଡ଼ିକରେ ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବ। ତେବେ ଅପରାହ୍ଣ ସୁଦ୍ଧା ଜନାଦେଶର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଯିବ ବୋଲି ଏକପ୍ରକାର ମନେକରାଯାଉଛି। ଏହା ବ୍ୟତୀତ ୧୮ ଲକ୍ଷ ସର୍ଭିସ ଭୋଟରଙ୍କ ପୋଷ୍ଟାଲ ବାଲଟଗୁଡ଼ିକୁ ସର୍ବପ୍ରଥମେ ଗଣତି କରାଯିବ। ତାମିଲନାଡୁର ଭେଲୋର ଲୋକ ସଭା ଆସନରେ ବିପୁଳ ଅର୍ଥ କାରବାର ହୋଇଥିବା ଅଭିଯୋଗ ଆସିବା ପରେ ଇସି ସେଠାରେ ନିର୍ବାଚନ ବାତିଲ କରିଥିଲେ।

ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥର ପ୍ରଥମଥର ପାଇଁ ସମସ୍ତ ଇଭିଏମ୍‌ରେ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେସିନ ସଂଯୋଗ କରାଯାଇଥିଲା। ଇଭିଏମ୍ ଏବଂ ଭିଭିପିଏଟି ମେସିନଗୁଡ଼ିକୁ ୧୦.୩ ଲକ୍ଷ ପୋଲିଂ ଷ୍ଟେସନ ମଧ୍ୟରୁ ୨୦,୬୦୦ ଷ୍ଟେସନରେ ମେଳ କରାଯିବ। ମେଳ ନ ଖାଇଲେ କାଗଜ ସ୍ଲିପ୍ ଗଣତିକୁ ଚୂଡ଼ାନ୍ତ ବୋଲି ଧରାଯିବ। ଏହି ମେଳ କରିବାର ପ୍ରକ୍ରିୟା ପାଇଁ ଗଣତିରେ ଅତିରିକ୍ତ ୪ରୁ ୫ ଘଣ୍ଟା ସମୟ ଲାଗିବ । ସଦ୍ୟ ସମାପ୍ତ ୭ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ମତଦାନ ହାର ୬୭.୧୧% ଥିଲା, ଯାହାକି ଭାରତୀୟ ସଂସଦୀୟ ନିର୍ବାଚନ ଇତିହାସରେ ସର୍ବାଧିକ ବୋଲି ନିର୍ବାଚନ କମିଶନଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭୋଟ ଗଣତି ପାଇଁ ଇସିଙ୍କ ପକ୍ଷରୁ କେତେକ ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି। ଗଣତି କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେଇ ଯିବା ଉପରେ ଏଥର କଟକଣା ଜାରି କରାଯାଇଛି। ଭୋଟ ଗଣତି ପରେ ବିଜୟୀ ପ୍ରାର୍ଥୀ ସ୍ଥାନୀୟ ପୋଲିସର ବିନା ଅନୁମତିରେ ବିଜୟ ଶୋଭାଯାତ୍ରା କରିପାରିବେ ନାହିଁ। ସମସ୍ତ ଗଣତି କେନ୍ଦ୍ରର ୧୦୦ ମିଟର ପରିଧି ମଧ୍ୟରେ ସିଆର୍‌ପିସି ଧାରା ୧୪୪ ଲାଗୁ କରାଯାଇଛି। ସବୁ କେନ୍ଦ୍ରର ସୁରକ୍ଷା ଦାୟିତ୍ୱରେ ଡିଏସ୍‌ପି ପାହ୍ୟାର ଜଣେ ଲେଖାଏ ବରିଷ୍ଠ ପୋଲିସ ଅଧିକାରୀ ରହିବେ। ଠିକ୍ ଓ ନିର୍ଭୁଲ ଭାବେ ଗଣତି ସୁନିଶ୍ଚିତ କରିବା ଲାଗି ଗଣତି କେନ୍ଦ୍ରଗୁଡ଼ିକରେ ଜଣେ ଲେଖାଏ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର (ଏଆର୍‌ଓ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଇତିମଧ୍ୟରେ ମତଦାନ ପରଠୁ ଇଭିଏମ୍‌ଗୁଡ଼ିକୁ ରଖାଯାଇଥିବା ସ୍ଥାନକୁ ନେଇ ବିବାଦ ଉଠିଛି। ଏଥିଲାଗି ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଇଭିଏମ୍‌ଗୁଡ଼ିକୁ ରାତିରେ ଜଗିବା ପାଇଁ ଅନୁମତି ମିଳିଛି। ଚଣ୍ଡିଗଡ଼ ସମେତ କେତେକ ସ୍ଥାନରେ କଂଗ୍ରେସ କର୍ମୀମାନେ ସୋମବାରଠାରୁ ଜଗିରହିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କର ସମସ୍ତ କ୍ୟାବିନେଟ ସହଯୋଗୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରଣ ସହ କେନ୍ଦ୍ରରେ ସରକାର ଗଠନ ପାଇଁ କସରତ ଆରମ୍ଭ ହେବ। ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଭବିଷ୍ୟବାଣୀ କରିଥିବା ୧୪ ଏକ୍‌ଜିଟ୍ ପୋଲ୍ ମଧ୍ୟରୁ ୧୨ଟି ଏନ୍‌ଡିଏ ସପକ୍ଷରେ ଜନମତ ରହିଥିବା କହିଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଗଠନ ଲାଗି କୁହୁକ ସଂଖ୍ୟା ୨୭୨ ଅତିକ୍ରମ କରି ପୂର୍ଣ୍ଣ ବହୁମତ ପାଇବ ବୋଲି ଅନେକ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ସେହିପରି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)କୁ ୧୨୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଉଭୟ ମେଣ୍ଟରେ ସାମିଲ ନ ଥିବା ଆଞ୍ଚଳିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ୧୧୯ ଆସନ ଦଖଲ କରିବାରେ ସକ୍ଷମ ହେବେ ବୋଲି ଏକ୍‌ଜିଟ୍ ପୋଲ୍‌ଗୁଡ଼ିକର ଆକଳନ ରବିବାର ପ୍ରକାଶ ପାଇଥିଲା। ତେବେ ବୁଥ୍ ଫେରନ୍ତା ମତର ସାମଗ୍ରିକ ଆକଳନ କେତେ ସତ ହେବ ତାହା ଗଣତି ପରେ ସ୍ପଷ୍ଟ ହୋଇଯିବ। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ୫୪୩ ଆସନ ମଧ୍ୟରୁ ଭାଜପା ୨୮୩ (କୁହୁକ ସଂଖ୍ୟା ୨୭୨ଠାରୁ ୧୧ ଅଧିକ) ଆସନ ଦଖଲ କରି ୩ ଦଶନ୍ଧି ମଧ୍ୟରେ ପ୍ରଥମ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ସେହିପରି ଏନ୍‌ଡିଏକୁ ୩୩୭ ଆସନରେ ସଫଳତା ମିଳିଥିଲା। ବିରୋଧୀ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

### ଟ୍ରକ୍-କାର୍ ମୁହାଁମୁହିଁ ...

ସୃଷ୍ଟି ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ମୃତଦେହ ଅପରାହ୍ନରେ ଗାଁରେ ପହଞ୍ଚିବା ପରେ ଖୁର୍ସେଲଗୁଡ଼ା ଗାଁ କାନ୍ଦବୋବାଳିରେ ଫାଟିପଡ଼ିଥିଲା। ଗାଁ ଶ୍ମଶାନରେ ୫ଜଣଙ୍କ ଜୁଇ ଜଳିଥିଲା। ସୂଚନାଯୋଗ୍ୟ, ଆଶୁତୋଷ କଳାହାଣ୍ଡି ଜିଲାର ଜଣେ ସୁପରିଚିତ ରାମାୟଣ ଗାୟକ ଥିଲେ। ଜଗନ୍ନାଥ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ହାବସପୁର ଏନ୍‌ୟୁଏସ୍‌ଏସ୍‌ରେ ଶିକ୍ଷକତା କରୁଥିଲେ।

### ୨୬ ପର୍ଯ୍ୟନ୍ତ...

ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ତାତି ସାଙ୍ଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବୁଧବାର ୧୩ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ତାଳଚେରେ ୪୪.୩ଡିଗ୍ରୀରେ ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ବଲାଙ୍ଗୀର ୪୪, ସମ୍ବଲପୁର ୪୩.୯, ଝାରସୁଗୁଡ଼ା ଓ ଟିଟିଲାଗଡ଼ ୪୩.୬, ସୋନପୁର ୪୩.୨, ହୀରାକୁଦ ୪୨.୩, ଭବାନୀପାଟଣା ୪୧.୫, ସୁନ୍ଦରଗଡ଼ ୪୧ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୭.୭ ଓ କଟକ ୩୭.୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ଆଜି ଭାଗ୍ୟ ...

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସମସ୍ତ କାର୍ଯ୍ୟକୁ ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି। ସେ କହିଛନ୍ତି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୯୯ ପ୍ରତିଶତ ଗଣନା କେନ୍ଦ୍ରକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଅତିକମରେ ଗଣନା କେନ୍ଦ୍ରରେ ୧୪ରୁ ୧୫ ଘଣ୍ଟା ବସିବାକୁ ପଡିବ। ଅଧିକ ପୋଷ୍ଟାଲ ବାଲାଟ ଏବଂ ଭିଭିପିଏଟି ଗଣନା କରାଯାଉଥିବାରୁ ଚଳିତ ଥର ଭୋଟ ଫଳାଫଳ ପ୍ରକାଶ ପାଇବାରେ ବିଳମ୍ବ ହେବ । ସମସ୍ତ କାଉଣ୍ଟିଂ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରତ୍ୟେକ ଭୋଟ ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟ ପୋଲିସ ଓ କେନ୍ଦ୍ର ସୁରକ୍ଷା ବଳଙ୍କୁ ଗଣନା କେନ୍ଦ୍ର ନିକଟରେ ମୁତୟନ କରାଯାଇଛି। ଭୋଟ ଗଣନା କେନ୍ଦ୍ରକୁ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଇଲେକ୍ଟ୍ରୋନିକ ସାମଗ୍ରୀ ନେବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରତ୍ୟେକ ହଲରେ ସିସିଟିଭି କ୍ୟାମେରା, ଭିଡିଓଗ୍ରାଫି କରାଯିବା ବ୍ୟବସ୍ଥା ହୋଇଛି। ୨୪ ଘଣ୍ଟିଆ ବିଦ୍ୟୁତ ବ୍ୟବସ୍ଥା କରାଯାଇଛି। ଯେପରି କୌଣସି ବିଦ୍ୟୁତ ଜନିତ ଅସୁବିଧା ନ ହେବ ସେଥିପାଇଁ ପାୱାର ବ୍ୟାକଅପ ବ୍ୟବସ୍ଥା ହୋଇଛି। ଅଗ୍ନିନିରାପତ୍ତା ବ୍ୟବସ୍ଥା ମଧ୍ୟ ହୋଇଛି। ଭୋଟ ଗଣନାର ଟ୍ରେଣ୍ଡ ଜାଣିବା ଓ ଖବର ସଂଗ୍ରହ ନିମନ୍ତେ ସିଇଓଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ହଲ୍ କରାଯାଇଛି।

### ଆଶା ଆଶଙ୍କାରେ...

କଳିକେଶ ସିଂଦେଓ ପ୍ରମୁଖଙ୍କ ଲୋକ ସଭା ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ସେହିଭଳି କେତେକ ବିଧାନସଭା ଆସନକୁ ନେଇ ମଧ୍ୟ ଉତ୍କଣ୍ଠା ଲାଗି ରହିଛି। ବିଜେପୁର ଏବଂ ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେ ବ୍ୟବଧାନରେ ବିଜୟୀ ହେବେ ତା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ବିଜେଡିର ଶୀର୍ଷ ନେତାଙ୍କ ଭୋଟ ପ୍ରତିଶତ ହ୍ରାସ ପାଇଛି କି ନାହିଁ ତାହା ଉପରେ ସମୀକ୍ଷକମାନେ ନଜର ରଖିଛନ୍ତି। ସେହିଭଳି ବଲାଙ୍ଗୀର ଆସନରୁ ଲଢ଼ିଥିବା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଘସିପୁରା ଏବଂ ଭଣ୍ଡାରିପୋଖରୀରୁ ଲଢ଼ିଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟପୁରରୁ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଏବଂ ବିଜେଡି ନେତା ରବି ନାରାୟଣ ନନ୍ଦ, ବ୍ରହ୍ମଗିରିରେ ବିଜେଡି ନେତା ସଞ୍ଜୟ ଦାସବର୍ମା ଏବଂ ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ନିର୍ବାଚନ ଲଢୁଛନ୍ତି। ଏହି ଆସନର ଫଳାଫଳ କାହା ସପକ୍ଷରେ ଯିବ, ସେ ନେଇ ସବୁ ବର୍ଗର ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ବଡମ୍ବାରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବାରବାଟୀ କଟକରୁ ପ୍ରାର୍ଥୀ ହୋଇଥିବା ଦେବାଶିଷ ସାମନ୍ତରାୟ , ବାଲିକୁଦା-ଏରସମାରୁ ଭାଜପା ପ୍ରାର୍ଥୀ ହୋଇଥିବା ଦାମୋଦର ରାଉତ, ବସ୍ତାରୁ ରଘୁନାଥ ମହାନ୍ତି, ମହାକାଳପଡାରୁ ଅତନୁ ସବ୍ୟସାଚୀ ନାୟକ, ଚିଲିକାରୁ ପ୍ରଶାନ୍ତ ଜଗଦ୍ଦେବ, କେନ୍ଦ୍ରାପଡା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ କଂଗ୍ରେସ ନେତା ଗଣେଶ୍ୱର ବେହେରାଙ୍କ ରାଜନୈତିକ ଭାଗ୍ୟ କ'ଣ ହେଉଛି ତାହା ଉପରେ ବି ସମସ୍ତଙ୍କ ନଜର ରହିଛି।

# ନିର୍ଯାତିତା ନାବାଳିକା ଉଦ୍ଧାର

**ସୋର,୨୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର କମରପୁର ଅଞ୍ଚଳର ଏକ ରାଇସ୍ ମିଲ୍ ପରିସରରେ ଘରୋଇ କାମରେ ନିୟୋଜିତ ଥିବା ଜଣେ ନାବାଳିକାଙ୍କୁ ଘର ମାଲିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଚାଇଲଡ୍ ଲାଇନ୍ କର୍ତ୍ତୃପକ୍ଷ ଓ ପୋଲିସ ଅଭିଯୋଗ ପାଇବା ପରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ନାବାଳିକାଙ୍କ ଘର କେଉଁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ଓଲଗାଁ ଅଞ୍ଚଳରେ ବୋଲି ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଚନ୍ଦ୍ରଙ୍କ କେନ୍ଦ୍ରରେ ରାଶିସ୍ଥ ଶୁକ୍ର ପ୍ରଭାବରେ ବନ୍ଧୁମିଳନ ମାଧ୍ୟମରେ ଖୁସିରେ ସମୟ ଅତିବାହିତ କରିବେ। କର୍ମକ୍ଷେତ୍ର ତଥା ସାମାଜିକ ସ୍ତରରେ ବହୁଚର୍ଚ୍ଚିତ ହୋଇପାରନ୍ତି। ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ବୃଷ**

ବୁଧାଦିତ୍ୟ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ, ରାଜନୈତିକ ସ୍ଥିତିରେ ପ୍ରଭାବଶାଳୀ ହୋଇପାରନ୍ତି। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କେତେକ କ୍ଷେତ୍ରରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିବ।

**ମିଥୁନ**

ରାଶିରେ ରାହୁ ସହ ମଙ୍ଗଳଙ୍କ ଯୁତି ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରେ। ଆର୍ଥିକସ୍ଥିତି, ଜମିଜମା କାରବାର କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଅନ୍ୟମାନଙ୍କ ବିରୋଧ କାରଣରୁ ଓଲଟ ପାଲଟ ହୋଇଯାଇପାରେ। ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ**

ରାଶିର ଷଷ୍ଠସ୍ଥ ଶନି ଯୁକ୍ତ ଚନ୍ଦ୍ର ଯୋଗୁ ସ୍ୱାସ୍ଥ୍ୟ ଓ ଚିନ୍ତାଧାରାରେ ବିଭିନ୍ନ ପ୍ରକାରର ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିବ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟରୁ ଶତ୍ରୁତାର ଅବସାନ ଘଟିବା ସହ କଚେରି ମାମଲାରେ ଜୟଯୁକ୍ତ ହେବେ।

**ସିଂହ**

କେନ୍ଦ୍ରରେ ବଳବାନ୍ ରବି ଆପଣଙ୍କୁ କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରଖିପାରେ। ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ମଘା ନକ୍ଷତ୍ର ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା**

ଚତୁର୍ଥସ୍ଥ ପାପଗ୍ରହ ପ୍ରଭାବରେ ଭୁଲ୍ ବୁଝାମଣାଜନିତ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ଆଜିର ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହେବେ। ସାମାଜିକ ସ୍ତରରେ ପିଲାମାନଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା**

ରାଶ୍ୟାଧିପତି ଶୁକ୍ର ପୂର୍ଣ୍ଣଦୃଷ୍ଟିରେ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ପାଇପାରନ୍ତି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡିବାର ସମ୍ଭାବନା ରହିଛି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**

ସ୍ୱସ୍ଥାନହନ୍ତା ବୃହସ୍ପତି ଉଦ୍ୟମକୁ ଭଣ୍ଡୁର କଲେ ମଧ୍ୟ ସମ୍ପର୍କକୁ ଯୋଡ଼ିବାରେ ସାହାଯ୍ୟ କରିବେ। ଆପଣଙ୍କର ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜି ହିଁ ଆପଣ ପାଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଘରଭଡାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ଧନୁ**

ପାପଗ୍ରହ ପ୍ରଭାବରୁ ଦୈହିକ ଓ ମାନସିକ ସ୍ଥିତି ବିଶେଷ ଭଲ ରହିବନାହିଁ। ସାଧାରଣ କଥାକୁ ନେଇ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରିବା ଠିକ୍ ହୋଇ ନ ପାରେ। କେତେକ ନୂତନ କାମର ପରିକଳ୍ପନା କରିବେ। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର**

ଶୁକ୍ର ଓ ରବି ଏବଂ ବୁଧଙ୍କ ପ୍ରଭାବରେ ହସଖୁସି ଭିତରେ ସମୟ କଟାଇଲେ ମଧ୍ୟ ମନଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଅହର୍ନିଶି ଲାଗିରହିବ। ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ଯୋଡ଼ିହେବା କଷ୍ଟକର ହୋଇପାରେ। ଶ୍ରବଣାର ଅପରାହ୍ନରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ଆଶଙ୍କା ରହିଛି।

**କୁମ୍ଭ**

ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ତର ସଦାସର୍ବଦା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ, ରାଜନୀତି, ସଭାସମିତି, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ**

ଶୁଭଗ୍ରହ ପ୍ରଭାବରୁ ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ଯାହାକି ଆଗାମୀ ସମୟ ପାଇଁ ତାହା ବହୁତ ଲାଭଦାୟକ ରହିବ। ପରିବହନ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାର ପ୍ରଯତ୍ନ କଲେ ଉପକୃତ ହେବେ। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ସମାଲୋଚିତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ଗୁରୁବାର, ମେ ୨୩ ତାରିଖ, ରାଶି ନକ୍ଷତ୍ର- ଉତ୍ତରାଷାଢା/ଧନୁ, ଦିବା ଘ୧୨।୨୫ମି. ଗତେ, ମକର ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ ଓ ବିଦ୍ୟାରମ୍ଭ, ଜଳାଶୟ ଖନନ, ବୃକ୍ଷରୋପଣ ପାଇଁ ପ୍ରଶସ୍ତ ଦିନ। ସକାଳ ଘ୧୦।୦୪ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୧।୦୮ମି. ଗତେ ଘ୨।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ମଧ୍ୟେ ଘ୧୧।୪୧ମି. ଗତେ, ଘ୧।୦୮ମି. ମଧ୍ୟେ ମାହେନ୍ଦ୍ରବେଳା।


## classifieds Everyday 0674-2580101, 2549302

real estate

**SALE**

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

3BHK fully furnished readymade flat sale at prime location of Puri nearby Srijagannath Temple. Contact: 7327858028, 8144658008. D-12591

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 20 ଦୂରତାରେ BDA plot ମିଳୁଅଛି: 8917543041. D-66380

Prime land on Puri Konark marine drive on N.H 2800 sqft. Cost 35 lakhs. Contact: 9338579645. D-64966

Outright conversion demarcation plot sale ବ୍ରାହ୍ମଣଝରିଲୋ ନଖରାରୁ ୫ କିଲୋମିଟର 3000 sqft 16,50,000/-, Argul IIT 4,50,000/-. 9861281504. D-66379

Prime property at Khandagiri (Land and building) 2 storied with under ground cost Rs. 1.5 crore (Negotiable). Contact: 9338579645. D-64965

2BHK flat Goutam nagar, Bhubaneswar near BMC office Mausima temple prime location fully furnished price Rs. 65 lakhs (Negotiable). Contact:9338579645. D-64967

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'




## ସଂକ୍ଷେପରେ

### ଏନ୍ଏଚ୍ଏଆଇଙ୍କ ସତ୍ୟପାଠ

## ଭଦ୍ରକର ୬ ସ୍ଥାନରେ ହେବ ଫ୍ଲାଏଓଭର, ଅଣ୍ଡରପାସ୍

କଟକ ଅଫିସ, ୨୨।୫:
ଭଦ୍ରକ ଜିଲା ଦେଇ ଯାଇଥିବା ୫ ନମ୍ବର ଜାତୀୟ ରାଜପଥର ୬ଟି ସ୍ଥାନରେ ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ କରାଯିବ। ଦୁର୍ଘଟଣାକୁ ଏଡାଇବା ସହିତ ଯାତାୟାତର ସୁବିଧା ନିମନ୍ତେ ଏଭଳି ପଦକ୍ଷେପ ନିଆଯିବ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ)ଙ୍କ ପକ୍ଷରୁ ହାଇକୋର୍ଟରେ ଏ ନେଇ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠ ଅନୁଯାୟୀ, ଭଣ୍ଡାରିପୋଖରୀ ଛକ, ଧାମନଗର ଛକ, ମୋଟେଲ୍ ଛକ, ଡାହାଣୀଗଡିଆ ନିକଟ, ରାଣିତାଲ ଛକ ନିକଟରେ ଭେଇକୁଲାର ଅଣ୍ଡରପାସ୍ ନିର୍ମାଣ କରାଯିବାକୁ ଥିବାବେଳେ ନୂଆ ବସ୍ଷ୍ଟାଣ୍ଡ ନିକଟରେ ଫ୍ଲାଏ ଓଭର ନିର୍ମାଣ କରାଯିବ। ତୁରନ୍ତ ଏହି ସବୁ କାର୍ଯ୍ୟ ଶେଷ କରିବା ପାଇଁ ହାଇକୋର୍ଟ ଏନ୍ଏଚଏଆଇଙ୍କୁ ଆଦେଶ ଦେଇଛନ୍ତି। ଆଡଭୋକେଟ ଅମ୍ବୁଜ ପରିଡ଼ାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି।

# ନିରଞ୍ଜନଙ୍କୁ ନେଇ କଂଗ୍ରେସରେ ବଢ଼ିଲାଣି ଅସନ୍ତୋଷ

- ଫଳାଫଳ ପୂର୍ବରୁ ପରାଜୟ ସ୍ୱୀକାର
- ସବୁ ପଦବୀରୁ ଇସ୍ତଫା ଦେଲେ ଜଗନ୍ନାଥ
- ଶରତ କହିଲେ ଦଳର ପ୍ରଦର୍ଶନ ପାଇଁ ପିସିସି ସଭାପତି ଦାୟୀ ରହିବେ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ବିଧାନସଭା ଓ ଲୋକ ସଭା ପାଇଁ ହୋଇଥିବା ମତଦାନର ଗଣତି ଗୁରୁବାର ହେବ। ଏହାପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେଡି ଓ ଭାଜପା ଏଥର ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ କଂଗ୍ରେସ ପଛରେ ପଡ଼ିଯାଇଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟରେ ଦଳ ସରକାର ଗଢ଼ିପାରିବ ନାହିଁ ବୋଲି ମଙ୍ଗଳବାର ସ୍ୱୀକାର କରିଥିଲେ। ଏପରିକି କଂଗ୍ରେସ ବିରୋଧୀ ଦଳ ମାନ୍ୟତା ହରାଇପାରେ ବୋଲି ନିରଞ୍ଜନ ଆଶଙ୍କା ପ୍ରକାଶ କରିଛନ୍ତି। ପିସିସି ସଭାପତିଙ୍କ ଏଭଳି ମନ୍ତବ୍ୟପରେ ଦଳ ଭିତରୁ ନିରଞ୍ଜନଙ୍କୁ ସମାଲୋଚନା ଆରମ୍ଭ ହୋଇଯାଇଛି। ଦଳର ପ୍ରଦର୍ଶନ ଖରାପ ହେଲେ ନିରଞ୍ଜନ ଦାୟୀ ରହିବେ ବୋଲି କଂଗ୍ରେସର କେତେଜଣ ବରିଷ୍ଠ ନେତା ଖୋଲାଖୋଲି କହିଲେଣି। ଏପରି କି ନିର୍ବାଚନ ପରିଚାଳନାରେ ତ୍ରୁଟି ଏବଂ ଟିକେଟ ବଣ୍ଟନରେ ଅନିୟମିତତା କଥା କହି ଦଳର ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ସମସ୍ତ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି।

ରାଜ୍ୟ କଂଗ୍ରେସରେ ଦଳୀୟ କନ୍ଦଳ କିଛି ନୂଆ କଥା ନୁହେଁ। ଏଥିପାଇଁ କଂଗ୍ରେସର ବହୁ କାର୍ଯ୍ୟକର୍ତ୍ତା ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଏଥର ନିର୍ବାଚନରେ ଦଳ ଖରାପ ପ୍ରଦର୍ଶନ କରିବ ବୋଲି ନିରଞ୍ଜନ କହିବାପରେ ଦଳ ଭିତରେ କନ୍ଦଳକୁ ଆହୁରି ବଢ଼ିଯାଇଛି। ନିରଞ୍ଜନ କହିଛନ୍ତି, ଆମେ ସରକାର ଗଠନ କରିବୁ ବୋଲି ଆଶାବାଦୀ ନାହୁଁ। କଂଗ୍ରେସ ଫାଇଟ୍ କରିଛି, ଗତଥର ଅପେକ୍ଷା କଂଗ୍ରେସକୁ ଅଧିକ ଆସନ ମିଳିପାରେ। ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଆମେ ଭଲ କରିବୁ। ହେଲେ ପଶ୍ଚିମ ଓଡ଼ିଶାରେ ଯାହା ପାଇବୁ ବୋଲି ଆଶା କରିଥିଲୁ ତାହା ପାଇବୁନାହିଁ। ଘସିପୁରା ଓ ଭଣ୍ଡାରିପୋଖରୀ ଆସନରୁ ବିଜୟୀ ହେବା ଯଥେଷ୍ଟ ସମ୍ଭାବନା ଥିବା ସେ କହିଛନ୍ତି।



ଅପରପକ୍ଷରେ ବୁଧବାର ସମ୍ବଲପୁରଠାରେ ଏକ ଖବରଦାତା ସମ୍ମିଳନୀ କରି ପିସିସି ସମନ୍ୱୟ କମିଟି ଆବାହକ ଓ ନିର୍ବାଚନ କମିଟି ସଦସ୍ୟ ପଦରୁ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଇସ୍ତଫା ଦେଇଛନ୍ତି। ଏହି ଅବସରରେ ସେ ଦଳର ରାଜ୍ୟ ନେତୃବୃନ୍ଦଙ୍କ ବିରୋଧରେ ବିଷୋଦ୍ଗାର କରିଛନ୍ତି। ଜଗନ୍ନାଥ କହିଛନ୍ତି, ଚଳିତ ନିର୍ବାଚନରେ ରାଜ୍ୟ କଂଗ୍ରେସ ଜାଣିଶୁଣି ଖରାପ ପ୍ରଦର୍ଶନ କରିବାକୁ ଯାଉଛି। ରାଜ୍ୟ ନେତୃତ୍ୱ ପ୍ରଚାରରେ ଅବହେଳା କରିବା ସହ ତ୍ରୁଟିପୂର୍ଣ୍ଣ ରଣନୀତି ଆପଣାଇଥିଲେ। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ଯେପରି ଆଗକୁ ବଢ଼ିଥାଆନ୍ତା, ରାଜ୍ୟରେ ତାହା କରାଇ ଦିଆଗଲା ନାହିଁ। ସାଙ୍ଗଠନିକ ସ୍ଥିତି, ନିର୍ବାଚନ ପ୍ରସ୍ତୁତି ଓ ଟିକେଟ ବଣ୍ଟନ ପ୍ରକ୍ରିୟାରେ ସମନ୍ୱୟର ଘୋର ଅଭାବ ଦେଖିବାକୁ ମିଳିଥିଲା। ତେଣୁ ଦଳର ପ୍ରଦର୍ଶନ ଭଲ ହେବନାହିଁ ବୋଲି ଜଗନ୍ନାଥ କହିଛନ୍ତି।

ଜଗନ୍ନାଥଙ୍କ ଏଭଳି ଅଭିଯୋଗ ପରେ ଦଳ ଭିତରୁ ଆହୁରି କେତେଜଣ ବରିଷ୍ଠ ନେତା ନିରଞ୍ଜନଙ୍କ ବିରୋଧରେ ସଜବାଜ ହେଉଛନ୍ତି। ଦଳର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନିରଞ୍ଜନ କେତେଗୁଡିଏ ଆସନରେ ବିଜେଡିକୁ ସୁହାଇବା ଭଳି ପ୍ରାର୍ଥୀ ଦେଇଛନ୍ତି, ଆଉ କିଛିଟା ଭାଜପା ପାଇଁ ବାଟ ଛାଡ଼ି ଦେଇଛନ୍ତି। ସେହିପରି ବହୁ ଆସନରେ ପିସିସି ପକ୍ଷରୁ ଠିକଣା ଢଙ୍ଗରେ ପ୍ରଚାର ମଧ କରାଯାଇନାହିଁ। ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ପିସିସି ସଭାପତି ଭାବେ ନିରଞ୍ଜନ ଦଳ ଓ ପ୍ରାର୍ଥୀଙ୍କୁ ହତାଶ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ସହ ସେ ବିଶ୍ୱାସଘାତକତା କରିଛନ୍ତି। କଂଗ୍ରେସ ପ୍ରଦର୍ଶନ ପାଇଁ ପିସିସି ସଭାପତି ଭାବେ ନିରଞ୍ଜନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଶରତ କହିଛନ୍ତି। ସେହିପରି ଦଳ ପକ୍ଷରୁ କଟକ ଲୋକ ସଭା ପ୍ରାର୍ଥୀ ହୋଇଥିବା ପଞ୍ଚାନନ କାନୁନ୍ଗୋ କହିଛନ୍ତି, ଦଳୀୟ ନେତୃତ୍ୱରେ ସମନ୍ୱୟ ଅଭାବ ଥିବା ଲକ୍ଷ୍ୟ କରାଯାଉଥିଲା। ଯେଉଁଥିପାଇଁ ଦଳର ଫଳାଫଳ ଖରାପ ହୋଇପାରେ ବୋଲି ପଞ୍ଚାନନ କହିଛନ୍ତି।

# ସହାୟତା ଦେଇଥିବା ତୈଳକମ୍ପାନୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ବାତ୍ୟା 'ଫନୀ' ଯୋଗୁ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଓଡ଼ିଶାର ପୁନରୁଦ୍ଧାର ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ନିମନ୍ତେ ବିଭିନ୍ନ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଓଆଇଏଲ, ଓଏନ୍ଜିସି, ବିପିସିଏଲ୍, ଏଚ୍ପିସିଏଲ, ଗେଲ୍ ଓ ଆଇଓସିଏଲ୍ ଭଳି ପ୍ରମୁଖ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଡ଼ିଶାର ଏହି ଦୁଃଖଦ ଘଡ଼ିରେ ସହଯୋଗର ହାତ ବଢାଇଥିବାରୁ ଧର୍ମେନ୍ଦ୍ର ଏହାର ଭୂୟସୀ ପ୍ରଶଂସା କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର ପାଇଁ ଓଏନ୍ଜିସି, ବିପିସିଏଲ୍, ଏଚ୍ପିସିଏଲ, ଗେଲ୍ ଓ ଆଇଓସିଏଲ୍ ଭଳି ପ୍ରମୁଖ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୫କୋଟି ଲେଖାଏଁ ଅର୍ଥାତ୍ ମୋଟ ୨୫କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିବାବେଳେ ଓଆଇଏଲ୍ ୩.୨୦କୋଟି ଟଙ୍କା ଆର୍ଥିକ ସହାୟତା ଓଡ଼ିଶାକୁ ଯୋଗାଇ ଦେଇଛି। 'ଫନୀ'ରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାଗଣାରେ ୧ହଜାର କିଲୋଲିଟର କରୋସିନ ଯୋଗାଇ ଦେବାପାଇଁ ଏହାର ମୂଲ୍ୟ ସ୍ୱରୂପ ୩.୨୦ କୋଟି ଟଙ୍କାର ଚେକ୍ ତୈଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ଓଆଇଏଲ) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି । ଆଇଓସିଏଲ୍ ପୁରୀ ଶ୍ରୀମନ୍ଦିରକୁ ୫ କୋଟି ଟଙ୍କା ପ୍ରଦାନ କରିଛି। ପୁରୀ ଜଗନ୍ନାଥ ଓ ସୂର୍ଯ୍ୟ ମନ୍ଦିର ମରାମତି ପାଇଁ ଏଏସ୍ଆଇକୁ ଓଏନ୍ଜିସି ୫ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଅତିରିକ୍ତ ୫ କୋଟି ଟଙ୍କା ମୂଲ୍ୟର ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଯଥା ଖାଦ୍ୟ, ମେଡିସିନ୍, ପଲିଥିନ୍ ପାଇଁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ତରଫରୁ ବାତ୍ୟା ପ୍ରଭାବିତ ଲୋକଙ୍କୁ ଯୋଗାଇ ଦିଆଯାଇଛି । ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର ୧୬୨ ଏଲପିଜି ବିତରଣ କେନ୍ଦ୍ରକୁ ଦୁଇଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ କରି ବାତ୍ୟା ପ୍ରଭାବିତ ଲୋକଙ୍କୁ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଇଥିଲା । କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରାଳୟ ଓଡ଼ିଶା ପାଇଁ ଅନେକ ଆର୍ଥିକ ସହଯୋଗର ହାତ ବଢାଇଛି, ରାଜ୍ୟର ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଟ୍ରକ ଧକ୍କାରେ ବୃଦ୍ଧ ମୃତ

ବରଗଡ଼ ଅଫିସ୍,୨୨।୫

ବରଗଡ଼-ଭଟଲି ରାସ୍ତାର ବରଡ଼ୋଲ କେନାଲ ଛକରେ ବୁଧବାର ପ୍ରାୟ ଦେଢ଼ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଧକ୍କା ଦେବା ଯୋଗୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧଙ୍କ ପ୍ରକୃତ ପରିଚୟ ମିଳିପାରି ନାହିଁ। ମାତ୍ର ସେ କଟାପାଲି ନିକଟ ପାତିକାରପଲ୍ଲୀର ହୋଇଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ହମ୍ପସ୍ ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଟାଉନ ଥାନା ଆଇଆଇସି ମାନସ ପ୍ରଧାନ ସେଠାକୁ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ଓହରିଥିଲେ। ଟ୍ରକ ପ୍ରଥମେ ସେଠାରେ ରହିଥିବା ସ୍ପିଡ୍ ବ୍ରେକରକୁ ଧକ୍କା ଦେବା ପରେ କେନାଲ ପୋଲରେ ପିଟି ହୋଇଥିଲା। ଏହା ପରେ ବୃଦ୍ଧଙ୍କୁ ଧକ୍କା ଦେଇ ଓଲଟି ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ମୃତ ବୃଦ୍ଧ ଜଣକ ଗୁରୁତର ଅବସ୍ଥାରେ ସେଠାରେ ପଡ଼ିଥିବାବେଳେ ତାଙ୍କୁ ଡାକ୍ତରଖାନାକୁ ଆଣିବା ପାଇଁ ସେଠାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସର ଅକ୍ସିଜେନ ସିଲିଣ୍ଡରରେ ଅକ୍ସିଜେନ ନ ଥିଲା ବୋଲି ମଧ୍ୟ ଅଭିଯୋଗ ହେଉଛି। ୧୦୮ ଆମ୍ବୁଲାନ୍ସରେ ଏଭଳି ଅବ୍ୟବସ୍ଥାକୁ ନେଇ ଏଠାରେ ସଚେତନ ନାଗରିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ଦୁଇ ସ୍ତ୍ରୀଙ୍କ ସହ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

- ସ୍ତ୍ରୀଙ୍କୁ ହତ୍ୟା କରି ବୃଦ୍ଧଙ୍କ ଆତ୍ମହତ୍ୟା ସନ୍ଦେହ
- ଗାଁ ଲୋକେ କହିଲେ ସୁପରିକଳ୍ପିତ ହତ୍ୟା

ବାରିପଦା ଅଫିସ,୨୨।୫

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶଙ୍ଖାଭଙ୍ଗା ପଞ୍ଚାୟତ ତାଡକିଶୋଳ ଗ୍ରାମରୁ ବୁଧବାର ସକାଳେ ୨ ଜଣ ମହିଳା ଓ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ଶ୍ୟାମ ମାରାଣ୍ଡି(୬୦) ଓ ତାଙ୍କ ୨ ସ୍ତ୍ରୀ ଫୁଲମଣି(୪୭) ଓ ସାଲଖୋ(୪୨) । ଘର ଭିତରେ ଦୁଇଟି କୋଠରିରେ ଫୁଲମଣି ଓ ସାଲଖୋଙ୍କ ରକ୍ତାକ୍ତ ମୃତଦେହ ପଡି ରହିଥିବା ବେଳେ ଘର ସାମ୍ନା ଏକ ଗଛରେ ଝୁଲୁଥିଲା ଶ୍ୟାମଙ୍କ ମୃତଦେହ । ଏଭଳି ଦୃଶ୍ୟ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ତବ୍ଧ କରି ଦେଇଥିଲା ।

ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବାରିପଦା ସଦର ଏସଡିପିଓ କେ.ପି ପଟ୍ଟନାୟକ, ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଘଟଣା ସ୍ଥଳକୁ ସାଇଣ୍ଟିଫିକ ଟିମ୍ ସହିତ ଯାଇ ତଦନ୍ତ ଜାରି ରଖିଛନ୍ତି। ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ କୌଣସି କାରଣରୁ ଶ୍ୟାମ ମଙ୍ଗଳବାର ରାତିରେ ୨ ସ୍ତ୍ରୀଙ୍କୁ ଏକ ହାତୁଡିରେ ପିଟି ହତ୍ୟା କରିବା ପରେ ଘର ନିକଟସ୍ଥ ଏକ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷେ ମୃତ ଶ୍ୟାମଙ୍କର ପୂର୍ବରୁ ମାନସିକ ବିକୃତି ରହିଥିଲା ବୋଲି ତାଙ୍କ ଶାଳକ ସୁନାରାମ ମୁର୍ମୁ ପୋଲିସକୁ ଲିଖିତ ଭାବେ ସୂଚନା ଦେଇଛନ୍ତି। ଏଭଳି ରହସ୍ୟଜନକ ସ୍ଥିତିରେ ପୋଲିସ ଘଟଣାର କୌଣସି କୂଳକିନାରା ପାଇ ନ ଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା କରୁଛନ୍ତି। ମଙ୍ଗଳବାର ରାତିରେ ଏଭଳି ଘଟଣା ଘଟିବା ବେଳେ ପାଖ ପଡୋଶୀ କୌଣସି ସୂଚନା ପାଇ ନ ଥିଲେ, ଯାହାକି ସେମାନଙ୍କୁ ସନ୍ଦେହରେ ପକାଇଛି। ଶ୍ୟାମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ବେଳେ ତାଙ୍କ ଗୋଡ ଦୁଇଟି ମାଟିରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ସଦର ଥାନା ପୋଲିସ ତାଡକିଶୋଳ ଗାଁରୁ ୩ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

ଏସ୍ଡିପିଓ ପଟ୍ଟନାୟକ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଘଟଣାର ପ୍ରାଥମିକ ତଦନ୍ତ ବେଳେ ଉଭୟ ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରୁ ଏକ ରକ୍ତଲଗା ବଡ ହାତୁଡି ମିଳିଥିଲା, ଯାହାକୁ ପୋଲିସ ଜବତ କରିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରଥମେ ସନ୍ଦେହ କରି ପାଖ ପଡୋଶୀଙ୍କୁ ପଚରାଉଚରା କରାଯାଇଥିଲା। ଶ୍ୟାମଙ୍କ ମାନସିକ ବିକୃତି ଥିବା ନେଇ ଶାଳକ ଦେଇଥିବା ବୟାନ ପୋଲିସକୁ ଅଡୁଆରେ ପକାଇଛି। ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଦୁଇଜଣଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକେ ମଧ ସହଜରେ ବିଶ୍ୱାସ କରିପାରି ନାହାନ୍ତି। ଏହା ପଛରେ ଅନ୍ୟ କିଛି କାରଣ ଥାଇ ପାରେ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସଡିପିଓ ପଟ୍ଟନାୟକ କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଥାନାରେ ଏନେଇ ଏକ ମାମଲା (ନଂ.୪୮/୧୯) ରୁଜୁ ହୋଇଛି। ଏଥିରେ ଅନ୍ୟ କାହାରି ସଂପୃକ୍ତି ଥିବାର କୌଣସି ତଥ୍ୟ ପୋଲିସର ହସ୍ତଗତ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ଏମ୍ଜିଏନଆରଇଜିଏସ୍ ମଜୁରି ପ୍ରଦାନରେ ବିଳମ୍ବକୁ ମାନିଲେ ସରକାର

# ଅଧିକ ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି ଲୋକେ

କଟକ ଅଫିସ, ୨୨।୫

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍ଜିଏନଆରଇଜିଏସ୍) ଅଧୀନରେ ଶ୍ରମିକମାନଙ୍କୁ ବିଳମ୍ବରେ ମଜୁରି ପ୍ରଦାନ ହେଉଥିବା ସମ୍ପର୍କିତ ମାମଲାରେ ରାଜ୍ୟ ସରକାର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ପୁଣି ଏକ ରିପୋର୍ଟ ଦାଖଲ କରିଛନ୍ତି । ଏଥିରେ ମଜୁରି ଦେବାରେ ବିଳମ୍ବ ହେଉଥିବା କଥାକୁ ରାଜ୍ୟ ସରକାର ସ୍ୱୀକାର କରିବା ସହ କେନ୍ଦ୍ର ସରକାର ଠିକ୍ ଭାବେ ଅର୍ଥ ପ୍ରଦାନ ନ କରିବା ଓ ବୈଷୟିକ ମାନବ ସମ୍ବଳର ଅଭାବ ଆଦି ୪ଟି କାରଣ ଦର୍ଶାଇଛନ୍ତି । ୨୦୧୪ରେ ମାନବାଧିକାର କର୍ମୀ ଅଖଣ୍ଡ ଏ ସମ୍ପର୍କରେ କମିଶନରେ ଏକ ମାମଲା ରୁଜୁ କରି ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଏହି ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ଜବାବ ଦାଖଲ ପାଇଁ କମିଶନ ନୋଟିସ ଜାରି କରିଥିଲେ । ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କମିଶନଙ୍କୁ ସନ୍ତୋଷଜନକ ଜବାବ ଦେଇପାରିନାହାନ୍ତି। କମିଶନଙ୍କ ନିକଟରେ ପଞ୍ଚାୟତିରାଜ ବିଭାଗ ସଚିବ ଦେଇଥିବା ରିପୋର୍ଟରେ ବିଳମ୍ବ ମଜୁରି ପ୍ରଦାନକୁ ସ୍ୱୀକାର କରାଯାଇଛି। ଏଥିରେ କୁହାଯାଇଛି, ଦେୟ ବିଳମ୍ବର ପ୍ରଥମ କାରଣ ହେଉଛି ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ରାଜ୍ୟକୁ ଠିକ୍ ସମୟରେ ଅର୍ଥ ପ୍ରଦାନ କରୁନାହିଁ। ଫାଇଲିନ୍ ବାତ୍ୟା ଓ ବନ୍ୟା ସମୟର ଦେୟ ପ୍ରଦାନରେ ବିଳମ୍ବ ହେଉଛି ଦ୍ୱିତୀୟ କାରଣ। କାମ ହୋଇଥିବା ଜାଗାରେ କେତେ କାମ ହୋଇଛି ତାହାକୁ ଠିକ୍ ଭାବେ ମାପିବା ଓ ତଦାରଖ କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ ମାନବ ସମ୍ବଳର ଅଭାବ ରହିଛି। ଶେଷ କାରଣ ଭାବେ କୁହାଯାଇଛି, ଏନଆରଇଜିଏସ୍ ସଫ୍ଟୱେର ବିଭିନ୍ନ ସମୟରେ ଠିକ୍ ଭାବେ କାମ କରୁନାହିଁ। ମଜୁରି ଠିକ୍ ସମୟରେ ପ୍ରଦାନକୁ ସୁନିଶ୍ଚିତ କରିବା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଉପରୋକ୍ତ କାରଣ ଯୋଗୁ ତାହା ବିଳମ୍ବ ହେଉଛି । ବିଭାଗର ଆଉ ଏକ ରିପୋର୍ଟରେ କୁହାଯାଇଛି, ଅନ୍ୟ ରାଜ୍ୟକୁ ଲୋକେ କାମ କରିବାକୁ ଯିବା କଥା ସତ। କିନ୍ତୁ ଏହାର କାରଣ ନୁହେଁ ଯେ, ସେମାନେ ଏମ୍ଜିଏନଆରଇଜିଏସ୍ରେ କାମ ପାଉନାହାନ୍ତି। ଏହାକୁ ରୋକିବା ଲାଗି ରାଜ୍ୟ ସରକାର ବାହାର ରାଜ୍ୟକୁ ଅଧିକ ଲୋକ ଯାଉଥିବା ନୂଆପଡା ଓ ବଲାଙ୍ଗୀର ଭଳି ଜିଲାଗୁଡିକରେ ଅତିରିକ୍ତ ୫୦ ଦିନ କାମ ଯୋଗାଉଛନ୍ତି। କିନ୍ତୁ ସେମାନେ ଅଧିକ ଉପାର୍ଜନ କରିବା ଲାଗି ଅନ୍ୟ ରାଜ୍ୟକୁ ଯାଉଥିବା ସରକାର କମିଶନଙ୍କୁ ଅବଗତ କରିଛନ୍ତି।



❝ ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। – ଶ୍ରୀଅରବିନ୍ଦ

# ପଶମ ଶିଳ୍ପରେ ନିଷ୍ଠୁରତା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅନେକ ଲୋକ ଭାବନ୍ତି, ହସଖୁସିରେ ଘାସ ଚରୁଥିବା ମେଣ୍ଢାମାନଙ୍କୁ ନେଇ ପଶମ (ଉଲ୍) ଶିଳ୍ପ ଗଠିତ। ଏହି ଶିଳ୍ପରେ କୌଣସି ପ୍ରାଣୀଙ୍କୁ ନିର୍ଯାତନା ଦିଆଯାଏ ନାହିଁ କିମ୍ବା ହତ୍ୟା କରାଯାଏ ନାହିଁ। ମେଣ୍ଢାମାନେ ଚୁପ୍‌ଚାପ୍ ଧାଡ଼ିରେ ଠିଆ ହୁଅନ୍ତି ଏବଂ ବୈଦ୍ୟୁତିକ କଇଁଚି ସେମାନଙ୍କ ବାଳକୁ କାଟିଦିଏ। କିନ୍ତୁ ଏହା ସତ ନୁହେଁ। ଆପଣ ଉଲ୍ କିଣିବା ପୂର୍ବରୁ ୨୦୧୭ରେ ପ୍ରକାଶିତ ପେଟାର ଭିଡିଓ ଦେଖନ୍ତୁ– ଅଷ୍ଟ୍ରେଲିଆର ଉଲ୍ ଫାର୍ମଗୁଡ଼ିକରେ ମେଣ୍ଢାଙ୍କ ବାଳ କେମିତି କଟାଯାଉଛି। ନିର୍ଦ୍ଦୟଭାବରେ ଲୋମ କାଟିଲାବେଳେ ମେଣ୍ଢାମାନଙ୍କ ଦେହ କଟି ରକ୍ତ ଝରୁଥାଏ। ବିନା ଆନାସ୍ଥେସିଆରେ କର୍ମଚାରୀମାନେ ସେମାନଙ୍କ କଟା ଅଂଶଗୁଡ଼ିକୁ ସିଲେଇ କରନ୍ତି। ଏହା ନିଷ୍ଠୁରତାର ଚରମ ପ୍ରଦର୍ଶନ। ଏହାର ତିନିବର୍ଷ ତଳେ ୨୦୧୪ରେ ପେଟା ଉଲ୍ ରପ୍ତାନିକାରୀ ଫାର୍ମଗୁଡ଼ିକରେ ହେଉଥିବା ଅନୁରୂପ ନିଷ୍ଠୁରତାକୁ ଲୋକଲୋଚନକୁ ଆଣିଥିଲା। ସେତେବେଳେ ଫାର୍ମଗୁଡ଼ିକର ଅନେକ ମାଲିକ ଓ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା ଏବଂ ଜୀବେ ନିଷ୍ଠୁରତା ଆଇନ ଅନୁସାରେ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡାଦେଶ ଦିଆଯାଇଥିଲା। ସେତେବେଳେ ଏହି ଶିଳ୍ପ ନିଷ୍ଠୁରତା ହ୍ରାସ କରିବା ଲାଗି ସଂକଳ୍ପ ନେଇଥିଲା। କିନ୍ତୁ ଏହାର କିଛି ସପ୍ତାହ ପରେ ପୂର୍ବପରି ନିଷ୍ଠୁରତା ପ୍ରଦର୍ଶନ କରାଗଲା ଏବଂ ବ୍ୟବସାୟ ଆଗରୁ ଯେମିତି ଚାଲିଥିଲା ସେମିତି ଚାଲିଲା।

ଲୋମକଟାଳିମାନେ ହେଉଛନ୍ତି ମାନବ ବିବର୍ତ୍ତନର ସବୁଠାରୁ ତଳେ ଥିବା ମଣିଷ– ନିରକ୍ଷର, ଅଧୀର, ଅସମ୍ବେଦନଶୀଳ ଫାର୍ମ ଶ୍ରମିକ, ଯେଉଁମାନଙ୍କୁ ମେଣ୍ଢା ପିଛା ପାରିଶ୍ରମିକ ଦିଆଯାଇଥାଏ। ସେମାନେ ଭୟଭୀତ ମେଣ୍ଢା କେତେ କଷ୍ଟ ପାଇଲେ ବା ଆହତ ହେଲେ ସେଥିପ୍ରତି ଦୃଷ୍ଟି ନ ଦେଇ ଅଳ୍ପ ସମୟ ଭିତରେ କିପରି ଅଧିକ ମେଣ୍ଢାଙ୍କ ଲୋମ କାଟି ଅଧିକ ମଜୁରି ପାଇବେ ତାହାରି ଉପରେ ଧ୍ୟାନ ଦେଇଥାନ୍ତି। ତେବେ ଅଷ୍ଟ୍ରେଲିଆ ଏକମାତ୍ର ଦେଶ ନୁହେଁ, ଯେଉଁଠି ମେଣ୍ଢାମାନଙ୍କ ପ୍ରତି ଏପରି ଅତ୍ୟାଚାର କରାଯାଏ। ଅନୁରୂପ ଘଟଣା ଆର୍ଜେଣ୍ଟିନା, ଚିଲି ଓ ଆମେରିକାରେ ମଧ୍ୟ ଘଟୁଥିବା ଜଣାପଡ଼ିଛି।

ଯଦି ଉଲ୍ ଫାର୍ମଗୁଡ଼ିକ ଏପରି ନିଷ୍ଠୁରତା ବନ୍ଦ ନ କରୁଛନ୍ତି, ତେବେ ଆମ ପରି ଉପଭୋକ୍ତାମାନଙ୍କର କିଛି କର୍ତ୍ତବ୍ୟ ଅଛି। ଆପଣ ଉଲ୍ ନ କିଣିବାକୁ ନିଷ୍ପତ୍ତି ନେଇପାରନ୍ତି। ଆପଣ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ବନ୍ଦ କରିବା ଲାଗି ବିଶ୍ୱ ସାରା ଉଲ୍ ବିକ୍ରେତାମାନଙ୍କ ପାଖକୁ ଚିଠି ଲେଖନ୍ତୁ। ସୋସିଆଲ ମିଡ଼ିଆ ମାଧ୍ୟମରେ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରନ୍ତୁ।

କୋଡ଼ିଏ ବର୍ଷ ତଳେ ୟୁରୋପ ଆମେରିକାର ଗାଲିଚା (କାର୍ପେଟ୍) ଆମଦାନିକାରୀମାନେ ଭାରତ ଉପରେ ଚାପ ପକାଇଲେ। ଭାରତରେ ଗାଲିଚା ଶିଳ୍ପରେ ଛୋଟ ଛୋଟ ପିଲାମାନଙ୍କୁ କାମରେ ଲଗାଯାଉଥିବାରୁ ସେମାନେ ଭାରତରୁ ଗାଲିଚା କିଣିବେ ନାହିଁ ବୋଲି ରୋକ୍‌ଠୋକ୍ କହିଦେଲେ। ସେତେବେଳେ ମୁଁ ସରକାରରେ ନ ଥିଲି। ଆମେ ରଗ୍‌ମାର୍କ ନାମରେ ଏକ ଗୋଷ୍ଠୀ ଗଠନ କରି ବାରାଣସୀରୁ ଭାଦୋହି ପର୍ଯ୍ୟନ୍ତ ବିଭିନ୍ନ କାର୍ପେଟ୍ ଶିଳ୍ପକୁ ଯାଇ ସେଠାରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କଲୁ ଓ ଉକ୍ତ ଶିଳ୍ପକୁ ଶିଶୁ ଶ୍ରମିକମୁକ୍ତ କଲୁ। ବିହାରରୁ ଯେଉଁଠୁ ଶିଶୁମାନଙ୍କୁ ଅପହରଣ କରି ଗାଲିଚା ଶିଳ୍ପରେ କାମରେ ଲଗାଯାଇଥିଲା, ସେଠାକୁ ଯାଇ ଉକ୍ତ ପିଲାମାନଙ୍କୁ ତାଙ୍କ ମାଆବାପାମାନଙ୍କୁ ହସ୍ତାନ୍ତର କଲୁ ଏବଂ ଅନ୍ୟ ପିଲାମାନଙ୍କୁ ଅନାଥାଶ୍ରମରେ ଛାଡ଼ିଲୁ ଓ ସ୍କୁଲରେ ସେମାନଙ୍କ ନାମ ଲେଖାଇଲୁ। ଏହାପରେ ଗାଲିଚା ଶିଳ୍ପରେ ଶିଶୁ ଶ୍ରମିକ ନିଯୁକ୍ତି ଲୋପ ପାଇଲା ଏବଂ ସେମାନେ ଏକ ଶପଥପତ୍ରରେ ସ୍ୱାକ୍ଷର କଲେ ଯେ ସେମାନେ ଆଉ କେବେ ଶିଶୁ ଶ୍ରମିକମାନଙ୍କୁ ବ୍ୟବହାର କରିବେ ନାହିଁ। ଆମର ଏହି ପଦକ୍ଷେପ ପୂରା କାମ ଦେଇଛି। ସେମାନେ ଆମଠାରୁ ରଗ୍‌ମାର୍କ ଲେଖାଥିବା ଲେବଲ କିଣି ନିଜ ଗାଲିଚାରେ ମାରିଲେ, ଯାହାର ଅର୍ଥ ହେଉଛି ଶିଶୁ ଶ୍ରମିକମୁକ୍ତ। ଜର୍ମାନୀ ଏହାକୁ ଗ୍ରହଣ କଲା। ଏହାପରେ ପାକିସ୍ତାନ ଓ ନେପାଳ ମଧ୍ୟ ଉକ୍ତ ଲେବଲଯୁକ୍ତ କାର୍ପେଟ କିଣିବାକୁ ନିଷ୍ପତ୍ତି ନେଲେ। ଆମଦାନିକାରୀମାନେ ଲେବଲ ପିଛା ୧ ଟଙ୍କା ଦେଲେ ଯାହାକୁ ପିଲାମାନଙ୍କ ଥଇଥାନ ଓ ଶିକ୍ଷା ଉଦ୍ଦେଶ୍ୟରେ ଖର୍ଚ୍ଚ କରାଗଲା। ରଗ୍‌ମାର୍କ ଏକ ସାମାଜିକ ଓ ନୈତିକ ସମସ୍ୟାର ସମାଧାନରେ ସାହାଯ୍ୟ କଲା।

ଆମେ ଚାହୁଁଛୁ ଅନୁରୂପ ଏକ ଲେବଲ ମାଧ୍ୟମରେ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତାଜନିତ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ହେଉଛି ସବୁଠାରୁ ବଡ଼ ଉଲ୍ ରପ୍ତାନିକାରୀ ଦେଶ। ଅଷ୍ଟ୍ରେଲିଆ ଏକାକୀ ବିଶ୍ୱର ମୋଟ ଉଲ୍‌ର ଏକପଞ୍ଚମାଂଶ ଉତ୍ପାଦନ କରେ। ଭାରତ ଅଷ୍ଟ୍ରେଲିଆରୁ ସବୁଠାରୁ ଅଧିକ ଉଲ୍ ଆମଦାନି କରୁଥିବା ଦେଶ। ୬୦% ଚାଇନା ଆମଦାନି କରେ। କିନ୍ତୁ ଜୀବେ ନିଷ୍ଠୁରତା ପ୍ରତି ଚାଇନାର କିଛି ଖାତିର ନାହିଁ। ସେମାନେ ସବୁଠାରୁ ଖରାପ ଉଲ୍ କିଣନ୍ତି। ଇଟାଲି ୨୦ ପ୍ରତିଶତ ଆମଦାନି କରିଥାଏ। ସେମାନେ ଉଚ୍ଚ ଫେଶନ ଡିଜାଇନର ଉଲ୍ କିଣନ୍ତି। ଆମେ ୧୫ରୁ ୧୮% ଉଲ୍ ପ୍ରତିବର୍ଷ ଆମଦାନି କରିଥାଉ। ୨୦୧୮ ମସିହାରେ ଅଷ୍ଟ୍ରେଲିଆ ଭାରତକୁ ୧୫୨ ନିୟୁତ ଡଲାର ମୂଲ୍ୟର (୪୧.୪୭ ନିୟୁତ କିଲୋଗ୍ରାମ୍) ଉଲ୍ ରପ୍ତାନି କରିଛି। ଆମେ ଉଲ୍ କିଣି ସେଥିରେ ବିଭିନ୍ନ ଜିନିଷ ତିଆରି କରି ଦକ୍ଷିଣ କୋରିଆ, ସଂଯୁକ୍ତ ଆରବ ଏମିରେଟ୍‌ସ ଓ ଜାପାନ, ୟୁରୋପ, ଆମେରିକା ପ୍ରଭୃତି ଦେଶକୁ ରପ୍ତାନି କରୁ। ପ୍ରତିବର୍ଷ ଆମ ଉଲ୍ ତିଆରି ଜିନିଷର ଚାହିଦା ବଢୁଛି। ପ୍ରମୁଖ ଉଲ୍ କମ୍ପାନୀଗୁଡ଼ିକ ଲୁଧିଆନାରେ ଅଛନ୍ତି। ତେଣୁ ଆମେ ମେଣ୍ଢାମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ବିରୋଧରେ ଯଥେଷ୍ଟ ପ୍ରଭାବ ପକାଇପାରିବା।

ଭାରତୀୟ ଉଲ୍ ଶିଳ୍ପଗୁଡ଼ିକ 'ଏଥିକାଲ୍ ଉଲ୍' ନାମରେ ଏକ ଲେବଲର ବିକାଶ କରିବାର ଆବଶ୍ୟକତା ରହିଛି। ପାଟାଗୋନିଆ ପରି କମ୍ପାନୀ ସାଧାରଣ ବଜାରରୁ ଉଲ୍ କିଣିବା ବନ୍ଦ କରିଦେଇଛନ୍ତି ଏବଂ ସେମାନେ ନୈତିକତାର ଅଭ୍ୟାସ ରଖୁଥିବା ଫାର୍ମଗୁଡ଼ିକରୁ ଉଲ୍ କିଣୁଛନ୍ତି। ଆମ କମ୍ପାନୀଗୁଡ଼ିକ ତାହାର ଅନୁସରଣ କରିବା ଦରକାର।

ମେଣ୍ଢାଙ୍କ ପ୍ରତି ଆହୁରି ଅନେକ ଭୟଙ୍କର ବ୍ୟବହାର କରାଯାଏ। ଉଦାହରଣସ୍ୱରୂପ ଶାର୍ଲିଆ ମେଣ୍ଢାଙ୍କଠାରୁ ଏକ ବିଶେଷ ଧରଣର ଉଲ୍ ଉତାରିବା ପାଇଁ ତାଙ୍କର ଜେନିଟିକ୍ ମ୍ୟୁଟେଶନ (ଜିନୀୟ ପରିବର୍ତ୍ତନ) କରାଯାଏ। ଏହି ପ୍ରକ୍ରିୟାରେ ଅନେକ ମେଣ୍ଢା ଅନ୍ଧ ହୋଇଯାନ୍ତି ଓ ସେମାନେ ଚାଲି ବି ପାରନ୍ତି ନାହିଁ। ଅବହେଳା, ରୋଗ ଓ ଖରାପ ବ୍ୟବହାର ଯୋଗୁ ଅସଂଖ୍ୟ ମେଣ୍ଢା ପ୍ରତିବର୍ଷ ମରନ୍ତି। ସେମାନଙ୍କ ସ୍ୱାସ୍ଥ୍ୟର ଦେଖାଶୁଣା କରିବା ପାଇଁ ପ୍ରାଣୀ ଚିକିତ୍ସକ ନିଯୁକ୍ତ ନ ଥାନ୍ତି। ଉଲ୍ ଶିଳ୍ପରେ ଏଥିକାଲ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇ ପାରିଲେ ଏ ସବୁ ନିଷ୍ଠୁରତା ବନ୍ଦ ହୋଇପାରିବ। ଯଦି ଭାରତୀୟ ଉଲ୍ ଶିଳ୍ପ ଅଷ୍ଟ୍ରେଲିଆର କୌଣସି ପ୍ରାଣୀ କଲ୍ୟାଣ ସଂସ୍ଥାର ସାହାଯ୍ୟ ନିଅନ୍ତି, ଯେଉଁମାନେ ସେ ଦେଶର ଉଲ୍ ଶିଳ୍ପଗୁଡ଼ିକୁ ଯାଞ୍ଚ କରି ସେମାନଙ୍କୁ ଏଥିକାଲ ଉଲ୍ ଲେବଲ ଦେବେ, ତା'ହେଲେ ଏ ସମସ୍ୟାର ସମାଧାନ ହୋଇପାରିବ। ଆମେ ରଗ୍‌ମାର୍କ ଲେବଲର ପ୍ରବର୍ତ୍ତନ କରି ଭାରତର କାର୍ପେଟ୍ ଶିଳ୍ପରୁ ଶିଶୁ ଶ୍ରମିକଙ୍କୁ ହଟେଇ ପାରିଲୁ। ସେହିପରି ଏ ଏଥିକାଲ୍ ଉଲ୍ ଲେବଲ ବ୍ୟବସ୍ଥା ଅଷ୍ଟ୍ରେଲିଆରୁ ମେଣ୍ଢାଙ୍କ ପ୍ରତି ହେଉଥିବା ନିଷ୍ଠୁରତାର ଅନ୍ତ ଘଟାଇପାରିବ।

Email: gandhim@nic.in

# ଅବୈଧ ଗର୍ଭପାତ



ଡା. ଶୁଭଶ୍ରୀ ମିଶ୍ର

ସୃଷ୍ଟି ସର୍ଜନାରେ ଜଣେ ପୁରୁଷ ସହିତ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସମ୍ପ୍ରତି ଲିଭ୍–ଇନ୍–ରିଲେସନ୍‌ସିପ୍ ହେଉ ବା ଅନ୍ୟ କିଛି ବାହାନାରେ କେତେକ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ଅବାଧ ମିଳାମିଶାର କୁପରିଣତିର ଶିକାର ମହିଳାଟି ହୋଇଥାଏ। କେତେକ କ୍ଷେତ୍ରରେ ବୋହୂ, କୁମାରୀ କନ୍ୟା ଅବାଞ୍ଛିତ ସନ୍ତାନର ଜନନୀ ହୋଇଥାନ୍ତି ତ କେହି କେହି ଅବୈଧ ଗର୍ଭପାତ କରି ସାମାଜିକ ଅପବାଦରୁ ମୁକ୍ତ ହେବା ପାଇଁ ଚେଷ୍ଟା କରିଥାନ୍ତି। କେବଳ ବିବାହିତା ନୁହନ୍ତି ଅନେକ କ୍ଷେତ୍ରରେ ଅବିବାହିତାମାନେ ଗର୍ଭପାତ କରୁଛନ୍ତି। ଭ୍ରୂଣହତ୍ୟା ମହାପାପ ବୋଲି ବିଚାର ରହିଥିଲା। ଏବେ କିନ୍ତୁ ସେ ଭାବନା ଆଉ ନାହିଁ। ୧୯୭୧ ମସିହାରେ ପ୍ରଥମକରି ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନାନ୍ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା, ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟା ନିୟନ୍ତ୍ରଣ। ସେହିପରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ୍ୟ ଗର୍ଭପାତ କରାଯାଉଥିଲା।

ଏହା ବ୍ୟତୀତ ବଳାତ୍କାରର ଶିକାର ହୋଇଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ, ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା– ଏହି ଦୁଇଟି ପ୍ରସଙ୍ଗ ଆଜିର ସମାଜ ପାଇଁ ଏକ ଉଦ୍‌ବେଗଜନକ ପ୍ରସଙ୍ଗ। କେତେକ ଯୁବତୀଯୁବକ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ହୋଇଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

କେତେକ ସ୍ଥଳରେ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏହା କୁପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମା'ମାନେ ଚିର ଦିନ ପାଇଁ ମା'ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନ ପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ, ଆଜି ବି ଅନେକ ଆଦିବାସୀ ମୁଲକରେ ଗୁଣିଗୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହୋଇ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିବା ବେଳକୁ ନେଡିଗୁଡ଼ କହୁଣିକୁ ବୋହିଯାଇଥାଏ। ଏ କ୍ଷେତ୍ରରେ ମାଆର ଜୀବନ ରକ୍ଷାକରିବା କାଠିକର ପାଠ ହୋଇଥାଏ। କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ।

ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକେ ସଚେତନ ହୋଇଥିଲେ ବି ଅନେକଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୂଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରରେ ୯୦ ଥିଲାବେଳେ ରୁଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଭାରତରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ କନ୍ୟାଭ୍ରୂଣ ହତ୍ୟା ହେଉଛି। କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶି। ୨୦୦୩ରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତଜ୍ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋଡର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୂଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି–ନାଟାଲ ଡାଇଗ୍ନୋଷ୍ଟିକ ଟେକ୍‌ନିକ୍ ଆଇନ ଆଜିପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟ କରିପାରୁନାହିଁ। ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ।

ଭାରତରେ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟା ଭ୍ରୂଣହତ୍ୟାକୁ ପ୍ରୋତ୍ସାହିତ କରୁଛି। ସରକାରୀ ସ୍ତରରେ ସ୍ତ୍ରୀ ଓ ପ୍ରସୂତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଅଗମ୍ୟ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ତେବେ ମହିଳାମାନଙ୍କ ପ୍ରଗତି ବା ସୁରକ୍ଷା ଲାଗି ସରକାରୀ ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆହୁରି ସଂଗ୍ରାମ ଲୋଡ଼ା। ଏ କ୍ଷେତ୍ରରେ ଦାୟିତ୍ୱ ସମସ୍ତଙ୍କର।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ– ୯୮୬୧୪୬୩୪୦୬

## ଏଇ ଭାରତରେ

ପ୍ରାଥମିକ ଅବସ୍ଥାରେ ଭାଷା ଶିକ୍ଷା କରିବା ପିଲାଙ୍କ ପକ୍ଷେ କଷ୍ଟକର ହୋଇଥାଏ। କିନ୍ତୁ ଏହି କାର୍ଯ୍ୟକୁ ଅନାୟାସରେ କରିପାରୁଛନ୍ତି ଜଣେ ୮ ବର୍ଷର ବାଳକ। ସେ ୧୦୬ଟି ଭାଷାରେ ପଢ଼ି ଲେଖି ପାରୁଛନ୍ତି। ଏହି ବିସ୍ମୟ ବାଳକ ହେଉଛନ୍ତି ଚେନ୍ନାଇର ନିଆଲ ଥୋଗୁଲୁଭା। ଏଥିସହ ସେ ୧୦ଟି ଭାଷାରେ କଥା ହୋଇପାରନ୍ତି। ନିଆଲଙ୍କ ଏହି ଅନନ୍ୟ ଗୁଣ ଏବେ ଅନେକ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଇଣ୍ଟରନେଟ୍ ଓ ୟୁଟ୍ୟୁବ୍ ସହାୟତାରେ ସେ ଏତେ ସବୁ ଭାଷା ଶିଖିଥିବା ପ୍ରକାଶ କରିଛନ୍ତି। ଇଣ୍ଟର୍‌ନ୍ୟାଶ୍‌ନାଲ ଫୋନେଟିକ୍ ଆଲ୍‌ଫାବେଟ୍ (ଆଇପିଏ) ଏ ଦିଗରେ ତାଙ୍କୁ ବେଶ୍ ସହାୟକ ହୋଇଛି। ଏହା ମାଧ୍ୟମରେ ସେ ପ୍ରାୟ ସମସ୍ତ କଥିତ ଭାଷାକୁ ଟ୍ରାନ୍ସକ୍ରାଇବ୍ କରିପାରନ୍ତି। ଏହା ମଧ୍ୟ କୌଣସି ଶବ୍ଦର ଉଚ୍ଚାରଣ ସ୍ପଷ୍ଟ ଭାବେ କହିଦେଇଥାଏ। ତେବେ ଏଥିପ୍ରତି ତାଙ୍କର ଆଗ୍ରହ କେବେ ପ୍ରକାଶ ପାଇଲା ତାହା ସେ ଜାଣି ନ ଥିବା କହିଛନ୍ତି। ଏବେ ସେ ଆହୁରି ୫ଟି ଭାଷା ଶିକ୍ଷା କରୁଛନ୍ତି। ଏତେ କମ୍ ବୟସରେ ନିଆଲଙ୍କ ବିଭିନ୍ନ ଭାଷା ଶିକ୍ଷା କରିବାର ଆଗ୍ରହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ନିଶ୍ଚୟ।

## ଚିରନ୍ତନୀ

ହଜିଛି ଯେ ଦେଶ କେତେ କାଳୁ ନୋହେ କଳି
ସରିଛି ଶକତି ପଡିଛି ବିବେକ ଟଳି।
ଆଜି ସେ ଭାରତ ପୁଣି ଟେକେ ମଥା
କଙ୍କାଳ ରାଶି କହିଉଠେ କଥା
ଆଗ୍ନେୟଗିରି ସମ ତା'ର ବ୍ୟଥା ବିଶ୍ୱେ ଉଠଇ ଜଳି
ହଜିଛି ସେ ଦେଶ ଘେରି କେତେ ପ୍ରାଣ ବଳି!
(ଭାରତ ଆସିବ ଫେରି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 1 | B | | | | | 7 |
| | | | | | | 2 | B | D | | 5 | | | C | |
| D | | E | 4 | 2 | | | A | | 7 | C | | | 0 | |
| | | A | E | | 8 | | 5 | | | | | 2 | 4 | |
| 8 | | | | | 7 | | E | 6 | 4 | | 0 | | | 1 |
| | | C | | 4 | | | | | 9 | | 5 | 1 | | |
| B | 2 | 5 | C | | E | | | | 6 | | | | | 9 |
| 1 | | D | | 6 | B | | | | | | | | 5 | 2 |
| | | 0 | 3 | | | | 4 | E | | D | | | | 6 |
| | E | 3 | 0 | | | | D | | A | | | | | |
| | | | 1 | | 3 | | 2 | | | 0 | | | | D |
| 5 | | | 2 | 7 | 4 | | | | | 8 | | | | 0 |
| | | B | | | | | 0 | | | | 9 | | | 4 |
| | | | | | | 9 | | 5 | | | 1 | | 3 | |
| | 4 | 9 | | E | | 1 | 8 | | 3 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 4 | E | 3 | 9 | 0 | 8 | 6 | C | 1 | D | 5 | 7 | 2 | B |
| 2 | 0 | 1 | 6 | D | 7 | E | A | 5 | 9 | B | C | 8 | 4 | 3 |
| 3 | 5 | C | 4 | A | 1 | D | 7 | B | 8 | 2 | 6 | E | 0 | 9 |
| 7 | 6 | 8 | E | B | 5 | 1 | 9 | 2 | 3 | 4 | 0 | C | A | D |
| D | B | 9 | C | 8 | 2 | 4 | 0 | 3 | A | 7 | E | 5 | 6 | 1 |
| 6 | D | 2 | 7 | 4 | A | 3 | E | 8 | 5 | C | B | 9 | 1 | 0 |
| E | C | 7 | 2 | 5 | 9 | A | B | 6 | D | 0 | 1 | 3 | 8 | 4 |
| 0 | 8 | B | 1 | C | E | 7 | 4 | 9 | 2 | A | 3 | D | 5 | 6 |
| 9 | A | 3 | 8 | 0 | B | 5 | D | 1 | 4 | 6 | 7 | 2 | C | E |
| 4 | 1 | 5 | D | 3 | 6 | C | 2 | 0 | E | 9 | 8 | A | B | 7 |
| B | 2 | 0 | 5 | E | 4 | 9 | C | A | 6 | 3 | D | 1 | 7 | 8 |
| 8 | 3 | 6 | A | 1 | D | B | 5 | 7 | 0 | E | 2 | 4 | 9 | C |
| 1 | 7 | D | 9 | 2 | C | 6 | 8 | E | B | 5 | 4 | 0 | 3 | A |
| C | E | A | 0 | 6 | 8 | 2 | 3 | 4 | 7 | 1 | 9 | B | D | 5 |
| 5 | 9 | 4 | B | 7 | 3 | 0 | 1 | D | C | 8 | A | 6 | E | 2 |

ଗତକାଲିର ଉତ୍ତର

# ବାତ୍ୟା ଓ ଅସହାୟ ଆଧୁନିକତା



ବିଚିତ୍ର ବିଶ୍ୱାଳ

ସାମୁଦ୍ରିକ ବାତ୍ୟା 'ଫନୀ'ର ତାଣ୍ଡବ ପରେ ଆମ ସମ୍ମୁଖରେ ଗୋଟିଏ ବିଷୟ ଉଜାଗର ହୋଇଛି, ତାହା ହେଉଛି ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖରେ ଅସହାୟ ହୋଇପଡୁଥିବା ଆମ ଆଧୁନିକ ଜୀବନଶୈଳୀ। ଆମ ଜୀବନଶୈଳୀ ଆମକୁ ଯଥେଷ୍ଟ ଅଏସ୍, ଆରାମ ଓ ମନୋରଞ୍ଜନ ତ ଯୋଗାଇ ଦେଉଛି, କିନ୍ତୁ ଏସବୁ ମଣିଷର ସ୍ୱନିର୍ଭରଶୀଳତାକୁ ହ୍ରାସ କରି ଯନ୍ତ୍ର–ନିର୍ଭରଶୀଳତାକୁ ବଢ଼େଇ ଦେଉଛି। ଅନ୍ୟ ଅର୍ଥରେ କହିଲେ, ଆଧୁନିକତା ଆମକୁ ଆମ ମୁକ୍ତପଣର ବିନିମୟରେ ମିଳିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଧୁନିକତାର ପ୍ରତୀକ ସହରଗୁଡ଼ିକରେ ଜୀବନ ଅଧିକରୁ ଅଧିକ ଯନ୍ତ୍ର ଉପରେ ନିର୍ଭରଶୀଳ ଓ ଯନ୍ତ୍ର ବିଜୁଳି ଉପରେ ନିର୍ଭରଶୀଳ। ତେଣୁ ଫନୀ ପରି ବାତ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯେତେବେଳେ ବିଜୁଳି ଖୁଣ୍ଟଗୁଡ଼ିକୁ ଧରାଶାୟୀ କରିଦେଉଛି, ସେତେବେଳେ ସହରୀ ଲୋକମାନଙ୍କୁ ସବୁଠୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେଇ କେତେ ଦିନ ପାଇଁ ଆଧୁନିକ ସହରଗୁଡ଼ିକ ଚଳତ୍‌ଶକ୍ତି ହରେଇ ପଙ୍ଗୁ ପରି ହୋଇଯାଉଛନ୍ତି। ସହରଗୁଡ଼ିକରେ ଅଧିକାଂଶ ଲୋକ ନିଜ କାମ ନିଜେ କରନ୍ତି ନାହିଁ। ସବୁକାମ ପାଇଁ ସେମାନେ ଅନ୍ୟାନ୍ୟ ସେବାପ୍ରଦାନକାରୀଙ୍କ ଉପରେ ନିର୍ଭର କରିଥାଆନ୍ତି। ଏ ପରିସ୍ଥିତିରେ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯଦି ସେବାପ୍ରଦାନକାରୀମାନେ ନିଜ ନିଜ ଗାଁକୁ ଚାଲିଯାଆନ୍ତି, ତେବେ ସହରୀ ଲୋକମାନେ ଅସହାୟ ହୋଇପଡ଼ିବା ସ୍ୱାଭାବିକ।

ଫନୀ ଦ୍ୱାରା ପୁରୀ ଓ ଖୋର୍ଦ୍ଧା ଜିଲା ସର୍ବାଧିକ ପ୍ରଭାବିତ ହୋଇଥିଲେ ମଧ୍ୟ ରାଜଧାନୀ ଭୁବନେଶ୍ୱର ଓ ପୁରୀ ସଦରମହକୁମା ଅଞ୍ଚଳର ଲୋକମାନେ ଜିଲାର ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ଅସୁବିଧାରେ ପଡ଼ିଲେ। ଓଡ଼ିଶା ସରକାର ବାତ୍ୟା ଦାଉରୁ ବହୁ ଲୋକଙ୍କ ଜୀବନ ବଞ୍ଚେଇବାରେ ସକ୍ଷମ ହୋଇପାରିଥିଲେ, କିନ୍ତୁ ବାତ୍ୟା ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ବିଜୁଳିସେବା ଓ ଯୋଗାଯୋଗର ମୁଖ୍ୟମାଧ୍ୟମ ଟେଲିଫୋନ୍‌ତଥା ମୋବାଇଲ୍‌ସେବା।

ଆମ ରାଜ୍ୟରେ ଭୁବନେଶ୍ୱର ହିଁ ହେଉଛି ସବୁଠାରୁ ଆଧୁନିକ ସହର, ଯେଉଁଠି ସବୁପ୍ରକାର ଆଧୁନିକତା ଓ ବିଳାସବ୍ୟସନର ସାମଗ୍ରୀ ଲୋକଙ୍କ ପାଇଁ ଖଞ୍ଜା ହୋଇରହିଛି। ଚବିଶଘଣ୍ଟିଆ ବିଜୁଳି ଯୋଗାଣ, ପାଇପ୍ ପାଣି ବ୍ୟବସ୍ଥା, ବଡ଼ ବଡ଼ ଅଟ୍ଟାଳିକା, ବିଳାସମୟ ସପିଙ୍ଗ୍ ମଲ୍, ନିୟମିତ ଇଣ୍ଟରନେଟ୍– ସବୁ ଦୃଷ୍ଟିରୁ ଭୁବନେଶ୍ୱର ଯଥେଷ୍ଟ ଆଧୁନିକ ଓ ବିକଶିତ। କିନ୍ତୁ ଫନୀର ତାଣ୍ଡବ ପରେ ପରେ ସବୁଠାରୁ ଅଧିକ ହଇରାଣ ହୋଇଛନ୍ତି ଭୁବନେଶ୍ୱର ବାସିନ୍ଦା। ବାତ୍ୟା ପରଦିନ ଆମେ ଯେତେବେଳେ ଆମ ଗାଁରୁ କଟକ ଓ ଭୁବନେଶ୍ୱର ଗଲୁ, ଆମକୁ କେଉଁଠି ବି କିଛି ଖାଇବାକୁ ମିଳିଲା ନାହିଁ। ଏପରିକି ବ୍ରେଡ୍ ଓ କଦଳୀ ବି ମିଳିଲା ନାହିଁ। ପିଇବା ପାଣି ବି ଦୁଷ୍ପ୍ରାପ୍ୟ ହୋଇଯାଇଥିଲା। ଅନୁସନ୍ଧାନ କରିବାରୁ ବୁଝାପଡ଼ିଲା ଯେ, ସହରରେ ଯେଉଁମାନେ ହୋଟେଲରେ ରୋଷେଇ କରନ୍ତି ବା ଟିଫିନ୍ ତିଆରି କରନ୍ତି, ସେମାନେ ସମସ୍ତେ ବାତ୍ୟାର ସୂଚନା ପାଇ ନିଜ ନିଜ ଗାଁକୁ ଚାଲିଯାଇଥିଲେ। ଏପରିକି ରାସ୍ତାକଡ଼ରେ କଦଳୀ ଓ ଅନ୍ୟାନ୍ୟ ଫଳମୂଳ ବିକ୍ରି କରୁଥିବା ଲୋକମାନେ ବି ନିଜ ନିଜ ଗାଁକୁ ଚାଲିଯାଇଥିବାରୁ ସେସବୁ ବି ମିଳିବା ଅସମ୍ଭବ ହୋଇପଡ଼ିଥିଲା। ଭୁବନେଶ୍ୱର, କଟକ ଓ ପୁରୀ ଭଳି ସହରରେ ଥିବା ବଡ଼ ବଡ଼ ଅଟ୍ଟାଳିକା ଓ ଆପାର୍ଟମେଣ୍ଟରେ ପାଣିର ସୁବିଧା ମୁଖ୍ୟତଃ ବିଜୁଳି ଉପରେ ନିର୍ଭର କରିଥାଏ। କେବଳ ଆପାର୍ଟମେଣ୍ଟ ନୁହେଁ ସହରର ପ୍ରାୟ ସର୍ବତ୍ର ଜଳ ଯୋଗାଣର ମୁଖ୍ୟ ଉତ୍ସ ବିଜୁଳିଶକ୍ତି। ଯେହେତୁ ବାତ୍ୟା ଯୋଗୁ ବିଜୁଳିସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ତେଣୁ ସହରର ଲୋକମାନେ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ପାଣି ପାଇବାକୁ ଅସୁବିଧାର ସମ୍ମୁଖୀନ ହେଲେ। ଏହି ଅସୁବିଧା ବାତ୍ୟା ଯିବାର ଦଶଦିନ ପର୍ଯ୍ୟନ୍ତ ଲାଗିରହିଥିଲା।

ଯଦିଓ ପ୍ରଶାସନ ତରଫରୁ ଲୋକଙ୍କୁ ଟ୍ୟାଙ୍କରରେ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ତାହା ଭୁବନେଶ୍ୱର ପରି ଏତେ ବଡ଼ ସହର ଓ ବିଶାଳ ଜନସଂଖ୍ୟାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରିବାକୁ ସକ୍ଷମ ନ ଥିଲା। ବିଜୁଳିର ଅସୁବିଧା ଓ ପାଣିର ସଂକଟ ଯୋଗୁ ଭୁବନେଶ୍ୱରରେ ବିଭିନ୍ନ ପ୍ରକାର ସେବା ଯୋଗାଉଥିବା ଓ ଛୋଟମୋଟ ବ୍ୟବସାୟ କରୁଥିବା ଲୋକମାନେ ବାଧ୍ୟହୋଇ ଭୁବନେଶ୍ୱର ଛାଡ଼ି ନିଜ ନିଜ ଗାଁ ଅଭିମୁଖେ ଚାଲିଯାଉଥିବାର ଦେଖାଗଲା। ଏହାଦ୍ୱାରା ଭୁବନେଶ୍ୱର ପରି ସହରରେ ଅନ୍ୟାନ୍ୟ ସେବାର ଉପଲବ୍‌ଧତା ବି ସମ୍ଭବପର ହୋଇପାରିଲା ନାହିଁ। ଭୁବନେଶ୍ୱରର ହଜାର ହଜାର ଅଟୋଚାଳକ ବି ଭୁବନେଶ୍ୱରରେ ରହି ହଇରାଣ ହେବା ଅପେକ୍ଷା ନିଜ ଗାଁକୁ ଚାଲିଯିବାକୁ ଅଧିକ ଉଚିତ ମଣିଥିଲେ। ତେଣୁ ଭୁବନେଶ୍ୱରରେ ଯାତାୟାତ ସୁବିଧା ବି କ୍ଷୀଣ ହୋଇଯାଇଥିଲା।

ଆମେ ଯେତେ ଯେତେ ଆଧୁନିକ ହେଉଛୁ ଓ ଆମ ଜୀବନଶୈଳୀକୁ ସ୍ୱଚ୍ଛନ୍ଦ କରିଚାଲୁଛୁ, ସେହି ଜୀବନଶୈଳୀ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ଆଣ୍ଠୁମାଡ଼ି ପଡୁଥିବାର ଦେଖାଯାଉଛି। ଫନୀ ପରେ ପ୍ରାୟତଃ ଗାଁଗହଳିରେ ଲୋକମାନେ ସେତେ ହଇରାଣ ହେବାର ଦେଖାଯାଇନାହିଁ। ସହରରେ ପାଣିର ଯେଉଁ ଅସୁବିଧା ଦେଖାଗଲା, ଗାଁରେ ବିଜୁଳି ନ ଥିବା ସତ୍ତ୍ୱେ ସେପରି ଅସୁବିଧା ନ ଥିଲା। କାରଣ ଗାଁରେ ଲୋକମାନେ ନଳକୂପ ବା କୂଅ ପାଣି ଉପରେ ନିର୍ଭର କରନ୍ତି। ଗାଁର ଲୋକମାନେ ବି ତାଙ୍କ ନିଜ ଉତ୍ପାଦିତ ଓ ନିଜ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉପରେ ନିର୍ଭରକରି ଚଳନ୍ତି। ତେଣୁ ଫନୀ ପରେ ଗାଁ ଲୋକମାନେ ବିଶେଷ କିଛି ଅସୁବିଧାରେ ପଡ଼ିଥିବା ଦେଖାଗଲା ନାହିଁ। ଗାଁରେ ଜୀବନ ସହର ପରି ଯନ୍ତ୍ର ଓ ଅନ୍ୟାନ୍ୟ ସେବାପ୍ରଦାନକାରୀଙ୍କ ଉପରେ ନିର୍ଭରଶୀଳ ନ ଥିବାରୁ ଫନୀର ତାଣ୍ଡବ ପରେ ଗାଁ ଯେତେ ଶୀଘ୍ର ଅଣ୍ଟା ଭିଡ଼ି ଠିଆ ହୋଇପାରିଲା, ଆଧୁନିକ ସହର ପାରିଲା ନାହିଁ। ଫନୀ ବାତ୍ୟା ଆଉ ଯାହା କରୁ କି ନ କରୁ ସହରର ଲୋକମାନଙ୍କୁ ଗାଁର ସ୍ୱାବଲମ୍ବନଶୀଳତା ବିଷୟରେ ନିଶ୍ଚିତ ଭାବେ ଚେତେଇ ଦେଇଛି। ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ସହରୀ ଆଧୁନିକ ଜୀବନର ଅସହାୟତା ଓ ସରଳ ଗ୍ରାମ୍ୟ ଜୀବନର ତିଷ୍ଠି ରହିବା, ଆମ ସମ୍ମୁଖରେ ଆଉ ଗୋଟିଏ ଦିଗକୁ ଉଜ୍ଜୀବିତ କରୁଛି। ଅବଶ୍ୟ ଆଧୁନିକ ବିଜ୍ଞାନ ଦ୍ୱାରା ଆମେ ବାତ୍ୟା ଆଗମନର ଯଥେଷ୍ଟ ପୂର୍ବରୁ ଖବର ପାଇ ହୁସିଆର ରହିପାରୁଛୁ। କିନ୍ତୁ ଏଥିସହିତ ଆଧୁନିକ ଜୀବନଶୈଳୀ ଆଣୁଥିବା ଅସହାୟତାକୁ ବି ଫନୀ ଆମକୁ ଦେଖେଇ ଦେଇଗଲା, ଯାହାର ପ୍ରାସଙ୍ଗିକତାକୁ ଏଡ଼େଇ ଦେଇ ହେବନାହିଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇ ଦୁଃଖରେ ଭାଇ

ମହାଶୟ,
ଧରିତ୍ରୀ (୨୦।୪)ରେ ପ୍ରକାଶିତ ଓ ତୁଳସୀ ଦାସ ମିଶ୍ରଙ୍କ ଲିଖିତ 'ଭାଇ ଦୁଃଖରେ ଭାଇ' ପ୍ରବନ୍ଧଟି ପାଠ କଲି। ଲେଖକ ବିଭିନ୍ନ ଉଦାହରଣ ମାଧ୍ୟମରେ ଏହି ପ୍ରବନ୍ଧଟି ଉପସ୍ଥାପନ କରିଛନ୍ତି। ଭାଇ ଭଗାରି ହେବାକୁ ସମୟ ଲାଗେନି। ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ନୁହେଁ। ଭାଇ ଭାଇ ମଧ୍ୟରେ ରକ୍ତସମ୍ପର୍କ ରହିଛି। ଜଣେ ବିପଦରେ ପଡିଲେ ଅନ୍ୟ ଭାଇ ତାକୁ ସାହାଯ୍ୟ କରିବା ଉଚିତ। ଭାଇ ଭାଇ ମିଳିମିଶି ଚଳିଲେ ପରିବାରର ସମସ୍ତେ ସୁଖଶାନ୍ତିରେ ରହିବେ।

ମୀନାକୁମାରୀ ମହାପାତ୍ର, ମହତାବ ରୋଡ୍, ପୁରୁଣା ଭୁବନେଶ୍ୱର

### ଶ୍ରୀମନ୍ଦିର ସୁରକ୍ଷା ବଳୟକୁ ଝଟକା

ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟକୁ ଝଟକା ଲାଗିଛି। ୨୦।୪।୧୯ରେ ଜଣେ ନାବାଳକ ଶ୍ରୀମନ୍ଦିର ସୁରକ୍ଷା ବଳୟ ଭାଙ୍ଗି ଶ୍ରୀମନ୍ଦିର ଉପରେ ଚଢିବା ସହ ନୀଳଚକ୍ରକୁ ସ୍ପର୍ଶ କରିଛି। ଘଟଣା ଯାହା ହେଉନା କାହିଁକି ଶ୍ରୀମନ୍ଦିର ବାହାରେ, ଭିତରେ ମାଳ ମାଳ ପୋଲିସ ଡ୍ୟୁଟି କରୁଥିବା ବେଳେ ଏହା କିପରି ସମ୍ଭବ ହେଲା? ଉକ୍ତ ନାବାଳକଟି ମନ୍ଦିର ଉପରୁ ତଳକୁ ଓହ୍ଲାଉଥିବା ବେଳେ କେତେକ ସେବକ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପୂର୍ବରୁ ଆଉ ଜଣେ ମାନସିକ ବିକୃତ ଯୁବକ ମନ୍ଦିର ଉପରକୁ ଚଢିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡିଥିଲା। ଚଳିତ ମାସ ୨ ଓ ୧୦ ତାରିଖରେ ଯଥାକ୍ରମେ ଦକ୍ଷିଣ ଦ୍ୱାର ନିକଟରେ ଥିବା ରାମଚନ୍ଦ୍ର ମନ୍ଦିର ଓ କୋଇଲିବୈକୁଣ୍ଠସ୍ଥିତ ଅନ୍ନଦାନ ଆଟିକା ବାକ୍ସରୁ ଟଙ୍କା ଚୋରି ହୋଇଥିଲା। ଏହିସବୁ ଘଟଣା ଶ୍ରୀମନ୍ଦିର ସୁରକ୍ଷା ବଳୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଭଗବାନ ଦାସ, 'ହରିନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୯୪

- ମାଲାଓ୍ୱିର ପ୍ରଥମ ଗଣତାନ୍ତ୍ରିକ ରାଷ୍ଟ୍ର ମୁଖ୍ୟ ଭାବେ ବାକିଲି ମୁଲୁଜିଙ୍କ ଶପଥ ଗ୍ରହଣ।
- ମଣିପୁରରେ ନାଗା ଉଗ୍ରପନ୍ଥୀମାନେ ଗୋଟିଏ ଗୀର୍ଜା ଭିତରେ ୨୨ ଜଣ କୁକି ଆଦିବାସୀଙ୍କୁ ହତ୍ୟା କରିଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଆଇନଶୃଙ୍ଖଳା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

**ସମ୍ବଲପୁର,୨୨।୫ (ବ୍ୟୁରୋ)-** ଗୁରୁବାର ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ । ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସର କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଭୋଟ ଗଣତି କେନ୍ଦ୍ରରେ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୬ ଇନିସ୍ପେକ୍ଟର, ୨୪ ଜଣ ଏଏସ୍‌ଆଇଙ୍କ ସହ ଆବଶ୍ୟକ ପୋଲିସ ଫୋର୍ସ ରହିବେ । ଭୋଟ କେନ୍ଦ୍ର ବାହାରେ ମଧ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଫଳାଫଳକୁ ନେଇ କାଳେ ସହରରେ ଅପ୍ରୀତିକର ଘଟଣା ଘଟେ ସେଥିପ୍ରତି ପୋଲିସ ଦୃଷ୍ଟି ହେବ। ପ୍ରତ୍ୟେକ ଭୋଟ ଗଣତି କେନ୍ଦ୍ର ଗୁଡିକର ସୁରକ୍ଷା ଉପରେ ଏସ୍‌ପି ସଞ୍ଜୀବ ଆରୋରା ମନିଟରିଂ କରିବେ।

### ଅର୍ଥ ଲଗାଣକାରୀ କର୍ମଚାରୀଙ୍କଠାରୁ ଲୁଟ୍

**ବାମରା, ୨୨।୫ (ସ୍ୱ.ପ୍ର.)-** ସମ୍ବଲପୁର ଜିଲା ବାମରା ବ୍ଲକ ଗଡପୋଷ ଫାଣ୍ଡି ଅଧୀନ ସଗରା ଓ ବୁଣ୍ଡକାମାଲ ମଝିରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଦଣ୍ଡାଧର ମାଝି ଲୁଟ୍‌ର ଶିକାର ହୋଇଛନ୍ତି। ଏକ ବାଇକରେ ୩ଜଣ ମୁଖା ପିନ୍ଧା ବ୍ୟକ୍ତି ଆସି ତାଙ୍କୁ ଧକ୍କା ଦେଇଥିଲେ। ସେ ତଳେ ପଡି ଯିବା ପରେ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇଯିବାକୁ ଚେଷ୍ଟା କରିଥିଲେ । ଏହାର ବିରୋଧ କରିବାରୁ ସେମାନେ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ତେବେ ତାଙ୍କଠୁ ୫୫ ହଜାର ଟଙ୍କା, ମୋବାଇଲ, ବାଇକ ଛଡାଇ ଫେରାର ହୋଇଯାଇଥିଲେ । କିଛି ଲୋକ ତାଙ୍କୁ ପିଛା କରିବାରୁ ସେମାନେ ବାଇକକୁ ଏକ ନିଛାଟିଆ ସ୍ଥାନରେ ଛାଡି ଦେଇ ପଳାଇଥିଲେ। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ହେଲେ ପୋଲିସ କାହାକୁ ଧରି ପାରି ନାହିଁ। ଏଣୁ ପୋଲିସର ଅପାରଗତା ପଦାରୁ ପଡୁଛି।

### ଏମ୍‌ସିଏଲ୍‌କୁ ସର୍ବୋତ୍ତମ ମିନିରତ୍ନ ପିଏସ୍‌ୟୁ ପୁରସ୍କାର

**ସମ୍ବଲପୁର, ୨୨।୫ (ବ୍ୟୁରୋ)-** ମହାନଦୀ କୋଇଲା କମ୍ପାନୀ (ଏମସିଏଲ)କୁ ମିନିରତ୍ନ ପିଏସୟୁ ପୁରସ୍କାର- ୨୦୧୮ରେ ପୁରସ୍କୃତ କରାଯାଇଛି । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାଜୀବ ରଞ୍ଜନ ମିଶ୍ରଙ୍କୁ ଦଲାଲ ଷ୍ଟ୍ରିଟ୍ ଜର୍ନାଲ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ଦେଶର ଦ୍ୱିତୀୟ ସର୍ବବୃହତ କୋଇଲା ଉତ୍ପାଦନକାରୀ ଭାବେ ଏମସିଏଲ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । କମ୍ପାନୀର ୯୩ ପ୍ରତିଶତରୁ ଅଧିକ ଉତ୍ପାଦନ ପରିବେଶ ଅନୁକୂଳ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଦ୍ୱାରା କରାଯାଏ । ୨୦୧୮-୧୯ ଆର୍ଥିକ ବର୍ଷରେ ଏମସିଏଲ ୧୪୪.୨ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି।

### ଜଳାଶୟ ସଂରକ୍ଷଣରେ ଅବହେଳା କରାଯାଉଛି

**ସମ୍ବଲପୁର, ୨୨।୫ (ବ୍ୟୁରୋ)-** ପୋଖରୀଗୁଡ଼ିକ ପରିବେଶର ଭାରସାମ୍ୟ ଲାଗି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଭୂତଳ ଜଳ ସଂରକ୍ଷଣ ଦିଗରେ ପୋଖରୀର ସର୍ବାଧିକ ଭୂମିକା ରହିଛି । ଏଥିସହ ଗ୍ରୀଷ୍ମ ପ୍ରବାହର ମଧ ମୁକାବିଲା କରିଥାଏ । କିନ୍ତୁ ସମ୍ବଲପୁରରେ ପୋଖରୀ ଗୁଡ଼ିକର ଆବଶ୍ୟକତା ଓ ଭୂମିକା ପ୍ରତି ସଚେତନ ନ ହୋଇ ସେ ଗୁଡ଼ିକୁ ପୋତି ଦିଆଯାଉଛି । ଅପରପକ୍ଷେ ଆବର୍ଜନା ପକାଇବା ସ୍ଥାନ ଭାବରେ ଉପଯୋଗ କରି ପୋଖରୀକୁ ଅତ୍ୟନ୍ତ ଦୂଷିତ କରାଯାଉଛି । ଫ୍ରେଜର କ୍ଲବଠାରେ ଆୟୋଜିତ ସମ୍ବଲପୁର ହୀରାଖଣ୍ଡ ନାଗରିକ ପରିଷଦର ସାଧାରଣ ଅଧିବେଶନରେ ଏହି ମତପ୍ରକାଶ ପାଇଛି। ସଭାପତି ପ୍ରଫେସର ସୁରୁବାବୁ ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ସାଧାରଣ ସମ୍ପାଦକ ସଦାନନ୍ଦ ସୋନବର୍ଷା ବିବରଣୀ ପାଠ କରିବା ପରେ ସମ୍ବଲପୁର ସହରସ୍ଥିତ ଜଳାଶୟଗୁଡିକର ସଂରକ୍ଷଣ ସମ୍ବନ୍ଧରେ ବିଶଦ ଆଲୋଚନା ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଗୋପରଞ୍ଜନ ଦୁବେ, ଅବିନାଶ ପଣ୍ଡା, ପ୍ରଫୁଲ୍ଲ କୁମାର ମିଶ୍ର, ଯୋଗେଶ ହୋତା, ଡା. ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସାଧାରଣ ସମ୍ପାଦକ ନିର୍ମଳ କୁମାର ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଇଭିଏମ୍ ଖୋଲିବ ନେତାଙ୍କ ଭାଗ୍ୟ

- ଗଣତି ପାଇଁ ପ୍ରସ୍ତୁତି ଶେଷ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ସମ୍ବଲପୁର,୨୨।୫ (ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାଙ୍କ ଛାତି ଉଠୁଛି ପଡୁଛି। ରାତି ପାହିଲେ ଅର୍ଥାତ୍ ଗୁରୁବାର ଭୋଟ ଗଣତି। ଇଭିଏମ ଖୋଲିବ ନେତାଙ୍କ ଭାଗ୍ୟ। ଭୋଟର କାହାକୁ ଆସ୍ଥା ପ୍ରକଟ କରି ମତ ସାବ୍ୟସ୍ତ କରିଛନ୍ତି ତାହା ଜଣାପଡିବ। ତେବେ ଜିଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଜିଲାପାଳ ଶୁଭମ ସକସେନା ଓ ପର୍ଯ୍ୟବେକ୍ଷମାନେ ଗଣତି କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଚଳିତ ବର୍ଷ ମହିଳା କଲେଜରେ ରେଙ୍ଗାଲି ଓ ସମ୍ବଲପୁର ବିଧାନସଭା ଆସନ ପାଇଁ ଭୋଟ ଗଣତି ହେବ । ସେହିପରି ରେଢାଖୋଲରେ ନିର୍ବାଚନ ମଣ୍ଡଳୀର ଗଣତି ରେଢାଖୋଲ ଭୀମ ଭୋଇ କଲେଜରେ କରାଯିବ। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ କୁଚିଣ୍ଡା ସରକାରୀ କଲେଜରେ ଭୋଟ ଗଣତି ହେବ। ପ୍ରାୟ ଏକ ମାସ ଧରି ସିଆରପିଏଫ ଓ ପୋଲିସ ସୁରକ୍ଷାରେ ଇଭିଏମ ଗୁଡିକ ରହିଛି । ଭୋଟ ଗଣତି ସମୟରେ କେନ୍ଦ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ସମ୍ବଲପୁର, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଧାନସଭା ସହ ଲୋକସଭା ଆସନ ପାଇଁ ୧୦ଟି ଲେଖାଏଁ ଟେବୁଲ ବ୍ୟବସ୍ଥା କରାଯାଇଛି । ସେହିପରି ରେଢାଖୋଲ ଓ କୁଚିଣ୍ଡା ବିଧାନସଭା ସହ ଲୋକସଭା ଆସନ ପାଇଁ ୭ଟି ଲେଖାଏଁ ଟେବୁଲ ବ୍ୟବସ୍ଥା ରହିଛି । ପ୍ରତି ଟେବୁଲରେ ଜଣେ ମାଇକ୍ରୋ ପର୍ଯ୍ୟବେକ୍ଷକ, ଜଣେ ଆସିଷ୍ଟାଣ୍ଟ ସୁପରଭାଇଜର ଓ ଜଣେ ସହାୟକ ରହିବେ । ସେହିପରି ରିଟର୍ନିଂ ଅଫିସର ଓ ଅତିରିକ୍ତ ରିଟର୍ନିଂ ଅଫିସରଙ୍କ ପାଇଁ ସ୍ୱତନ୍ତ୍ର ଟେବୁଲ ବ୍ୟବସ୍ଥା କରାଯାଇଛି । ସମ୍ବଲପୁର ବିଧାନ ସଭା ୧୯ ରାଉଣ୍ଡ, ରେଙ୍ଗାଲି ବିଧାନସଭା ୨୪ ରାଉଣ୍ଡ, କୁଚିଣ୍ଡା ବିଧାନସଭା ୩୮ ରାଉଣ୍ଡ ଓ ରେଢାଖୋଲ ବିଧାନସଭା ୩୬ ରାଉଣ୍ଡରେ ଗଣତି ହେବ । ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଏକ ହଲ୍‌ରେ ଗଣମାଧ୍ୟମ ପ୍ରତିନିଧିମାନେ ବସିବାକୁ ଟେବୁଲ ରହିଛି। ଟେଲିଭିଜନ, ଫାକ୍ସ, ଇଣ୍ଟରନେଟ ବ୍ୟବସ୍ଥା କରାଯାଇଛି।



ସରକାରୀ ମହିଳା ମହାବିଦ୍ୟାଳୟର ଭୋଟ ଗଣତି କେନ୍ଦ୍ର ନିକଟରେ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

# କଂଗ୍ରେସର ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଲେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ

**ସମ୍ବଲପୁର,୨୨।୫ (ବ୍ୟୁରୋ)**

ସମ୍ବଲପୁରର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ବୁଧବାର ଦଳର ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ଏ ନେଇ ପ୍ରେସ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ ଓ ରାଜ୍ୟସ୍ଥାନରେ କଂଗ୍ରେସ ଭଲ ପଦର୍ଶନ କରିଛି। ଓଡିଶାରେ ମଧ ଅନୁରୁପ ଆଶା କରାଯାଇଥିଲା। ଚାଷୀ ଓ ସାଧାରଣ ଲୋକ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଥିଲେ । ଚଳିତ ନିର୍ବାଚନରେ ଦଳ ପାଇଁ ଅଧିକ ସୁଯୋଗ ରହିଥିଲା। ହେଲେ ଟିକେଟ ବଣ୍ଟନ ପ୍ରକ୍ରିୟାରେ ତ୍ରୁଟି ରହିଲା। ନିର୍ବାଚନ ପ୍ରଚାର ପ୍ରସାର ଓ ରଣ କୌଶଳ ଠିକ୍ ହୋଇ ପାରିଲା ନାହିଁ । ଅନେକ ଦଳୀୟ ନେତୃତ୍ୱ ଠିକ୍ ଭାବେ କାମ କଲେ ନାହିଁ ବୋଲି ମଧ ସେ କହିଛନ୍ତି। ଏହାଦ୍ୱାରା ତାଙ୍କ ଭିତରେଥିବା ଅସନ୍ତୁଷ୍ଟ ସ୍ପଷ୍ଟ ହୋଇଛି।



ଖବରଦାତା ସମ୍ମିଳନୀରେ ଜଗନ୍ନାଥ ପଟ୍ଟନାୟକ ସୂଚନା ଦେଉଛନ୍ତି ।

# ମୁମ୍ବାଇରେ ନିଯୁକ୍ତି ପାଇଲେ ୧୨ ଯୁବକ

- ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳ

**ରେଢ଼ାଖୋଲ,୨୨।୫(ଡି.ଏନ.ଏ.)** ସମ୍ବଲପୁର ଜିଲା ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳରେ ତାଲିମ ନେଇ ୧୨ ଜଣ ଯୁବକ ମୁମ୍ବାଇରେ ନିଯୁକ୍ତି ପାଇଛନ୍ତି। ମୁମ୍ବାଇସ୍ଥିତ ପଦ୍ମାବତୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀରେ ଏହି ତାଲିମପ୍ରାପ୍ତ ଯୁବକମାନେ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପକ୍ଷରୁ ତହସିଲଦାର ରୁବି ବେହେରା ଏହି ଯୁବକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ନିଯୁକ୍ତି ପାଇଥିବା ଏହି ଯୁବକମାନେ ଓଡିଶା ସରକାର ଓ ପାନ୍ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳରେ ୭୦ ଦିନ ଧରି ପ୍ଲମ୍ବର, ଫାୟାର ସେଫ୍ଟି ଓ ପାଇପ ଫିଟିଂ ତାଲିମ ନେଇ ଥିଲେ। କମ୍ପାନୀ ପକ୍ଷରୁ ଏହି ଯୁବକମାନଙ୍କୁ ପିଏଫ ଓ ଇଏସ୍‌ଆଇ ସହିତ ୧୫ ହଜାର ୨ଶହ ଟଙ୍କା ଦରମା ସହିତ ରହିବା ଖାଇବାର ବ୍ୟବସ୍ଥା କରିବାକୁ ଚୁକ୍ତି କରାଯାଇଛି। ଏହି ଯୁବକମାନେ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ଗୁରୁକୁଳ ଅଧ୍ୟକ୍ଷ ନିହାରକାନ୍ତ ରଥ କହିଛନ୍ତି। ନିଯୁକ୍ତି ପ୍ରଦାନ ସମୟରେ ଟ୍ରେନର ଅଞ୍ଜନ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ବସନ୍ତ ରାଜ ବେଉରା, ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଅଷ୍ଟମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପଢିଥିବା ୧୮ରୁ ୩୨ ବର୍ଷ ବୟସ ଭିତରେ ବେକାର ଯବତୀ ଯୁବକମାନଙ୍କୁ ଗୁରୁକୁଳରେ ତାଲିମ ପ୍ରଦାନ କରାଯାଉଛି। ପରେ ଏମାନଙ୍କୁ ବିଭିନ୍ନ ରାଜ୍ୟର କମ୍ପାନୀ ଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉଛି। ଗତ ବର୍ଷ ମାର୍ଚ୍ଚରେ ୧୩ଜଣ ଯୁବକ, ଜୁଲାଇରେ ୨୩ ଜଣ ଯୁବକ ଓ ଚଳିତ ଫେବୃୟାରୀରେ ଏହି ଗୁରୁକୁଳରୁ ୧୯ ଜଣ ତାଲିମ ପରେ ନିଯୁକ୍ତି ପାଇଛନ୍ତି।




ନିଯୁକ୍ତି ପାଇଥିବା ଯୁବକମାନେ ରେଢ଼ାଖୋଲ ମଲ୍‌ଟି ସ୍କିଲ୍ ଗୁରୁକୁଳ କର୍ତ୍ତୃପକ୍ଷଙ୍କ ସହ।

## ଆମ୍ବଚାଷୀଙ୍କୁ ନେଇ ମେ ୨୭ରୁ ସ୍ୱତନ୍ତ୍ର ମେଳା

**ସମ୍ବଲପୁର,୨୨।୫ (ବ୍ୟୁରୋ)**

ସମ୍ବଲପୁର ଜିଲାର ଆମ୍ବଚାଷୀଙ୍କୁ ନେଇ ମେ ୨୭ ତାରିଖଠାରୁ ଏକ ସ୍ୱତନ୍ତ୍ର ଆମ୍ବ ମେଳା ଆରମ୍ଭ ହେବ। ଜିଲା ଉଦ୍ୟାନ କୃଷି ବିଭାଗ, ଓର୍‌ମାସ ପକ୍ଷରୁ ଏହା ଆୟୋଜିତ ହେବ। ଭୀମ ଭୋଇ କଲ୍ୟାଣ ମଣ୍ଡପରେ ୧୫ ଦିନ ଧରି ଏହି ମେଳା ଚାଲିବ। ଏଥିରେ ଜିଲାର ବିଭିନ୍ନ ଆମ୍ବ ଚାଷୀ ନିଜର ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଉଚିତ ଦରରେ ବିକ୍ରି କରିପାରିବେ । ବଜାର ସୁବିଧା ନ ହେବାରୁ ସେମାନେ ବାଧ ହୋଇ ବେପାରୀଙ୍କୁ କମ୍ ଦରରେ ଆମ୍ବ ବିକ୍ରି କରୁଛନ୍ତି । ଅନ୍ୟପଟେ ବଜାରରୁ ମଧ ଖାଉଟି ଅଧିକ ଦରରେ ଆମ୍ବ କିଣୁଛନ୍ତି। ତେଣୁ ଏହି ମେଳା ଫଳରେ ଚାଷୀ ଓ ଖାଉଟି ଉଭୟ ଲାଭବାନ ହେବେ । ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଏହି ମେଳା ହେବ। ଚାଷୀମାନେ କମିଟି ବୈଠକ କରି ଆମ୍ବ କିସମର କେତେ ଦର ରହିବ ନିର୍ଦ୍ଧାରଣ କରିବେ। ଚାହିଦା ବଢିଲେ ମେଳା ଅଧିକ ଦିନ ହୋଇପାରେ ବୋଲି ଜିଲା ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର କହିଛନ୍ତି।




ବୁଧବାର ସମ୍ବଲପୁର ଏମସିଏଲ ମୁଖ୍ୟାଳୟଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଆୟୋଜକ, ବକ୍ତା ଓ ପ୍ରତିନିଧିମାନେ ।

## ଏମ୍‌ସିଏଲ୍‌ରେ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର,୨୨।୫ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି । ପୂର୍ବତନ ମାନବସମ୍ବଳ ନିର୍ଦ୍ଦେଶକ ମଞ୍ଜୁସା ଭଞ୍ଜନାଗର ଯୋଗଦେଇ ଲିଙ୍ଗ ନିରୂପଣ, କାର୍ଯ୍ୟ କ୍ଷେତ୍ରରେ ହେଉଥିବା ଯୌନ ଶୋଷଣକୁ କିପରି ପ୍ରତିହତ କରାଯିବ ପ୍ରଭୃତି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏମସିଏଲ ମହାପ୍ରବନ୍ଧକ ବି.ସି. ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । କୋମଳ ଜାଭେଦ୍ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ତେଲିପଡ଼ାରେ ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି, ୨୨।୫ (ଡି.ଏନ.ଏ)**

ବରପାଲି ସହରର ତେଲିପଡା ସ୍ଥିତ ନବନିର୍ମିତ ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇଛି। ୩ ଦିନ ବ୍ୟାପି ହେବାକୁ ଥିବା ଏହି ଉପଲକ୍ଷେ ସକାଳେ ମହିଳା ଓ ପୁରୁଷଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ପାରମ୍ପରିକ ରୀତିରେ ପୂଜାମଣ୍ଡପରେ କଳସ ସ୍ଥାପନ ପୂର୍ବକ ପୂଜାବିଧି ଆରମ୍ଭ ହୋଇଥିଲା।

## ମୁକ୍ତେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

**ଜମନକିରା, ୨୨।୫ (ଡି.ଏନ୍.ଏ)**

ଜମନକିରାର ପ୍ରସିଦ୍ଧ ଶୈବପୀଠ ବାବା ମୁକ୍ତେଶ୍ୱର ମହାପ୍ରଭୁ ଓ ମା' ପାର୍ବତୀଙ୍କ ଶୀତଳଷଷ୍ଠୀ ପାଇଁ ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ପ୍ରସ୍ତୁତି ହୋଇଛି। ଏଥିପାଇଁ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ଏକ ବୈଠକ ବସିଥିଲା। ପି.କେ. କାନ୍ନାପାନ ଅଧକ୍ଷତା କରିଥିଲେ। ପିତା ମାତା ଚୟନ କରାଯାଇଛି। ମୁକ୍ତେଶ୍ୱରଙ୍କ ବିବାହ ପାଇଁ ବରଯାତ୍ରୀ ବାହାରିବେ। ମା' ପାର୍ବତୀଙ୍କ ସହ ବିବାହ ସମ୍ପନ୍ନ କରାଯିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ବର ମାତାପିତା ଭାବେ ସମ୍ବଲପୁରର ପି.କେ. ରାମକୁମାର ଓ ତାଙ୍କ ସ୍ତ୍ରୀ ପି.ଆର. ସୁମତୀଙ୍କୁ ଚୟନ କରାଯାଇଛି। ପାର୍ବତୀଙ୍କ ପିତାମାତା ଭାବେ ଅନୁଗୋଳ ଜିଲା ରେଙ୍ଗାଲି ଡ୍ୟାମ୍ ସାଇଟର ନିବାସୀ ବସନ୍ତ ସାହୁ ଏବଂ ତାଙ୍କ ସ୍ତ୍ରୀ ଗୋପିକା ସାହୁ କାର୍ଯ୍ୟ ତୁଲାଇବେ। ପଞ୍ଚାନନ ମହାପାତ୍ର, ଅଲେଖ ମହାପାତ୍ର, ପ୍ରସନ୍ନ ମହାପାତ୍ର, ବାଲାମଣୀ ମହାପାତ୍ର ପ୍ରମୁଖ ପୂଜା କର୍ମ ତୁଲାଇବେ। ଜୁନ ୫ ତାରିଖ ପତର ପେଣ୍ଡି ହେବ। ଜୁନ ୬ ତାରିଖ ଗୁଆ ଗୁଡ଼ା ରହିଛି। ଜୁନ ୭ତାରିଖ ମା' ପାର୍ବତୀଙ୍କୁ ଜମନକିରା ଜଗନ୍ନାଥ ମନ୍ଦିରକୁ ଅଣାଯିବ। ସେଦିନ ପୂର୍ବାହ୍ନ ସାଢ଼େ ୧୦ଟାରେ ହଳଦୀ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ମୁକ୍ତେଶ୍ୱର ମନ୍ଦିରରୁ ବାବାଙ୍କ ବରାନୁଗମନ ହେବ। ସ୍ଥାନୀୟ ପୁରୁଣା ଥାନା କୃଷକ ଖଳା ମଣ୍ଡପରେ ବାବା ମୁକ୍ତେଶ୍ୱର ଏବଂ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବ। ଜୁନ ୮ ତାରିଖ ଦର୍ଶନ ଓ ନଗର ପରିକ୍ରମା ହେବ। ଜୁନ ୯ ତାରିଖ ମୁକ୍ତେଶ୍ୱର ମନ୍ଦିର ପରିସରରେ ଝୁଲଣ ଉତ୍ସବ ପାଳନ କରାଯିବ। ଏହାପରେ ପ୍ରଭୁଙ୍କ ମନ୍ଦିର ପ୍ରବେଶ ଉତ୍ସବ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି।

# ୨୯ରେ ସାଂସ୍କୃତିକା ମହୋତ୍ସବ

- ଅଟଳ ପଣ୍ଡାଙ୍କୁ ଲିଜେଣ୍ଡ୍ରି ଆୱାର୍ଡ
- ଦିବ୍ୟାଙ୍ଗ ଜୁଲି କରନଙ୍କୁ ଯୁଥ ଆଇକନ୍ ଆୱାର୍ଡ
- କଣ୍ଠଶିଳ୍ପୀ ବିଭୂତିଙ୍କୁ ପ୍ରଭୁଦତ୍ତ ସ୍ମାରକୀ ସମ୍ମାନ

**ସମ୍ବଲପୁର, ୨୨।୫ (ବ୍ୟୁରୋ)**

ସାଇଶିକ୍ଷା ପରିଷଦ ଆୟୋଜିତ ସାଂସ୍କୃତିକା ମହୋତ୍ସବ-୨୦୧୯ ଚଳିତ ମାସ ୨୯ ଓ ୩୦ ତାରିଖ ୨ ଦିନ ଧରି ସମ୍ବଲପୁର ସହଯୋଗନଗର ଛକଠାରେ ଅନୁଷ୍ଠିତ ହେବ । ଏଥିରେ ସମ୍ବଲପୁରୀ, ଆଧୁନିକ, ଶାସ୍ତ୍ରୀୟ ନୃତ୍ୟ ଓ ଗୀତ ଏବଂ ବାଦ୍ୟ ପରିବେଷିତ ହେବ । ଏହି ଅବସରରେ ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କୁ ସାଂସ୍କୃତିକା ଲିଜେଣ୍ଡ୍ରି ଆୱାର୍ଡ ପ୍ରଦାନ କରାଯିବ । ସେହିପରି ବର୍ଷିୟାନ କଣ୍ଠଶିଳ୍ପୀ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ଗୁରୁ ପ୍ରଭୁଦତ୍ତ ପ୍ରଧାନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ । ଏଥିସହ ରାଉରକେଲାର ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ଜୁଲି କରନଙ୍କୁ ସାଂସ୍କୃତିକ ଯୁଥ୍ ଆଇକନ ଆୱାର୍ଡ- ୨୦୧୯ରେ ପୁରସ୍କୃତ କରାଯିବ । ବୁଧବାର ସମ୍ବଲପୁର ସାଇଶିକ୍ଷା ପରିଷଦ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ସୂଚନା ଦେଇଛନ୍ତି । ମେ ୬ ତାରିଖରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ବହୁମୁଖି ସାଂସ୍କୃତିକ ଶିବିରରେ ଭାଗ ନେଇଥିବା ୧୮୩ ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଅପରପକ୍ଷେ ମହୋତ୍ସବ ପାର୍ଶ୍ୱରେ ଚିତ୍ରକଳା ପ୍ରଦର୍ଶନୀ ହେବ । ତେଣୁ ସାଂସ୍କୃତିକା ମହୋତ୍ସବ ପ୍ରକୃତ ପକ୍ଷେ ଶିକ୍ଷା, ଚିତ୍ରକଳା, ସଂସ୍କୃତିର ମହାମିଳନ ବୋଲି ଅନୁଷ୍ଠାନର ସଭାପତି ଭକ୍ତପ୍ରସାଦ ନନ୍ଦ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ସଂଯୋଜକ ରାମାଶିଷ ତ୍ରିପାଠୀ, ନୃତ୍ୟଗୁରୁ ଅସୀମ ପ୍ରଧାନ ଓ ଜୁଲି ନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।




ବୁଧବାର ସମ୍ବଲପୁରରେ ଜୁଲି ନାୟକ ସାଂସ୍କୃତିକା ମହୋତ୍ସବ ବିଷୟରେ ସୂଚନା ଦେଉଛନ୍ତି ।

## ଫଟୋରେ ଖବର



ବୁଧବାର ସମ୍ବଲପୁର ଟ୍ରାଇବାଲ ଫୋକ ଆଣ୍ଡ ଆର୍ଟ ସେଣ୍ଟରରେ ଆୟୋଜିତ ଗ୍ରୀଷ୍ମକାଳୀନ ନୃତ୍ୟ ପ୍ରଶିକ୍ଷଣ ଶିବିରରେ ବାଳିକାମାନେ ନୃତ୍ୟଶିକ୍ଷା କରୁଛନ୍ତି।



ସମ୍ବଲପୁର କଚେରି ରୋଡ୍‌ରେ ଜଣେ ଚାଷୀ ଆମ୍ବ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ ବସିଛନ୍ତି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

# ଆଜି ଭୋଟ ଗଣତି: ଫଳାଫଳକୁ ସଭିଁଙ୍କ ଅପେକ୍ଷା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୨।୫–

ଗୁରୁବାର ସାଧାରଣ ନିର୍ବାଚନର ଭୋଟ୍ ଗଣତି। ଫଳାଫଳ ମଧ୍ୟ ଜଣାପଡ଼ିବ। ଫଳାଫଳ ଘୋଷଣା ପରେ ନିର୍ବାଚନକୁ ନେଇ ମାସାଧିକକାଳ ଧରି ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିବ। ଫଳରେ ଭୋଟ୍‌ଗଣତି ଉପରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଭୋଟର, ପ୍ରାର୍ଥୀ ତଥା ସବୁଦଳର ନଜର ରହିଛି। ଇତିମଧ୍ୟରେ ଭୋଟ୍ ଗଣତି ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ ପ୍ରକାଶ ପାଇଛି। ତେବେ ପୂର୍ବରୁ ଅନେକ ନିର୍ବାଚନରେ ଏକ୍‌ଜିଟ୍ ପୋଲ୍ ଫେଲ ମାରିଥିବାବେଳେ ଅନେକ କ୍ଷେତ୍ରରେ ତାକୁ ଏଡ଼ାଇ ମଧ୍ୟ ଦିଆଯାଇ ପାରୁ ନାହିଁ । ଏହି ଦୃଷ୍ଟିରୁ ମଧ୍ୟ ନିର୍ବାଚନ ଫଳାଫଳକୁ ସଭିଁଏ ଅପେକ୍ଷା କରିଛନ୍ତି। ତେବେ ଫଳାଫଳରେ ମତଦାନ ହାର ପ୍ରମୁଖ ଭୂମିକା ନେଇଥାଏ, ଏହାକୁ ଏଡ଼ାଇ ଦେଇ ହେଉନାହିଁ। ମତଦାନ ହାର କମ୍, ବେଶୀ ହେବା ମଧ୍ୟ କିଛିଦଳକୁ ପ୍ରଭାବିତ କରିଥାଏ। ଫଳରେ ଏଥର ମତଦାନ ହାର ବିଗତବର୍ଷ ତୁଳନାରେ ସେଭଳି ହ୍ରାସ ପାଇ ନ ଥିବାବେଳେ ଆଶାନୁରୂପଭାବେ ବୃଦ୍ଧି ମଧ୍ୟ ପାଇନାହିଁ। ଫଳରେ ରାଜନୈତିକ ଦଳଙ୍କ ଅଙ୍କକଷା ମଧ୍ୟ କେତେଦୂର ଠିକ୍ ସାବ୍ୟସ୍ତ ହେବ, ତାହା କହିବା ମୁସ୍କିଲ ହୋଇପଡୁଛି। ୨୩୧ ବୁଥ ବିଶିଷ୍ଟ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୭୨.୪୪ ପ୍ରତିଶତ ମତଦାନ ହୋଇଛି। ସମୁଦାୟ ୨ଲକ୍ଷ ୨୧ହଜାର ୬୮୫ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୬୦ହଜାର ୫୮୭ଜଣ ଭୋଟ୍ ଦେଇଛନ୍ତି। ସେଥିରୁ ପୁରୁଷ ଭୋଟରଙ୍କ ମତଦାନ ହାର ୭୩.୫୧ ଏବଂ ମହିଳା ଭୋଟରଙ୍କ ମତଦାନ ହାର ୭୧.୩୨ ପ୍ରତିଶତ ରହିଛି। ଅନ୍ୟାନ୍ୟ ବର୍ଗର ୧୧.୭୬ ପ୍ରତିଶତ ମତଦାନ କରିଥିଲେ । ତେବେ ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଅଧିକ ୧.୦୫ ପ୍ରତିଶତ ଅର୍ଥାତ୍ ୭୩.୪୯ ପ୍ରତିଶତ ମତଦାନ ହୋଇଥିଲା ଏବଂ ସେତେବେଳେ ବିଜେଡ଼ି ସପକ୍ଷରେ ସର୍ବାଧିକ ୪୦.୬୭ ପ୍ରତିଶତ ମତଦାନ ହୋଇଥିବାରୁ ବିଜୟୀ ହୋଇଥିଲା । ଯାହାକି ୨୦୦୯ ନିର୍ବାଚନ ତୁଳନାରେ ବିଜେଡ଼ି ସପକ୍ଷରେ ଅଧିକ ମାତ୍ର ୧.୯୯ ପ୍ରତିଶତ ହୋଇଥିଲା । ଅନ୍ୟପଟେ ସେତେବେଳେ ୨୦୦୯ ତୁଳନାରେ କଂଗ୍ରେସର ଭୋଟ ହାର ୮.୭୬ କମି ୩୧.୬୨ ପ୍ରତିଶତରେ ପହଞ୍ଚି ଥିବାବେଳେ ଭାଜପା ସପକ୍ଷରେ ୨୦୦୯ ତୁଳନାରେ ଅଧିକ ୬.୪୧ ପ୍ରତିଶତ ମତଦାନ ହୋଇଥିଲା। ଏହି ଦୃଷ୍ଟିରୁ ଉଭୟ ବିଜେଡ଼ି ଓ ଭାଜପା ସେମାନଙ୍କ ଭୋଟ ହାର ବଢ଼ିବ ବୋଲି ଆଶା ବାନ୍ଧି ଥିବାବେଳେ କଂଗ୍ରେସ ୨୦୦୯ ଫଳାଫଳର ପୁନରାବୃତ୍ତି ଆଶା ରଖିଛି । ଭଟଲି ନିର୍ବାଚନ ମଣ୍ଡଳୀର ଫଳାଫଳକୁ ମଧ୍ୟ ଲୋକେ ଚାହିଁ ବସିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମତଦାନ ଅନ୍ୟ ନିର୍ବାଚନ ମଣ୍ଡଳୀ ତୁଳନାରେ ଅଧିକ ରହିଛି । ୨୩୧ ବୁଥ୍ ବିଶିଷ୍ଟ ଏହି ନିର୍ବାଚନ ମଣ୍ଡଳୀରେ ଏଥର ୮୦.୯୭ ପ୍ରତିଶତ ମତଦାନ ହୋଇଛି । ସମୁଦାୟ ୨ଲକ୍ଷ ୩୦ହଜାର ୪୮୭ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୮୬ହଜାର ୬୨୮ ଭୋଟର ମତଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୮୨.୨୦ ପ୍ରତିଶତ ପୁରୁଷ ଏବଂ ୭୯.୬ ପ୍ରତିଶତ ମହିଳା ଭୋଟର ରହିଛନ୍ତି । ୨୦୧୪ ନିର୍ବାଚନରେ ସର୍ବାଧିକ ୪୩ ପ୍ରତିଶତ ଭୋଟ ପାଇ ବିଜେଡ଼ି ଏଠାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା । ଏଥର ଏଠାରୁ ଦଳ ହ୍ୟାଟ୍ରିକ ମାରିବ ବୋଲି ବିଜେଡ଼ି ଆଶା ରଖିଛି । ମାତ୍ର ୨୦୧୪ ଅପେକ୍ଷା ଏଥର ଦଳର ସ୍ଥିତି ଯଥେଷ୍ଟ ଭଲ ଥିବା ଯୋଗୁ ଭାଜପା ମଧ୍ୟ ଏଥର ନିର୍ବାଚନୀ ବୈତରଣୀ ପାରିହେବାକୁ ଆଶା ବାନ୍ଧି ଥିବାବେଳେ କଂଗ୍ରେସ ମଧ୍ୟ ପଛରେ ନ ପଡ଼ି ବିଜୟ ଆଶା ଦୌଡ଼ରେ ଅଛି । ଅତାବିରା ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ ରହିଛି । ଏଠାରେ ଏଥର ମତଦାନ ହାର ୭୧.୧୬ ପ୍ରତିଶତ ରହିଛି। ଯାହାକି ୨୦୧୪ ନିର୍ବାଚନ ତୁଳନାରେ ୫.୫୪ ପ୍ରତିଶତ କମ୍ ଅଟେ । ଏଭଳି ମତଦାନ ହାର ହ୍ରାସ ପାଇବା ଫଳାଫଳରେ କେଉଁଦଳକୁ ପ୍ରଭାବିତ କରିବ, ତାକୁ ନେଇ ଅଙ୍କକଷା ଚାଲିଛି । ୨୦୦୯ ନିର୍ବାଚନ ତୁଳନାରେ ଅଧିକ ୧୫.୯୭ ପ୍ରତିଶତ ମତଦାନ ନିଜ ସପକ୍ଷକୁ ଆଣିବାରେ ସକ୍ଷମ ହୋଇ ସେତେବେଳେ ବିଜେଡ଼ି ବିଜୟ ସ୍ୱାଦ ଚାଖିଥିଲା । ସେହିପରି ୨୦୦୯ ତୁଳନାରେ ସେତେବେଳେ କଂଗ୍ରେସର ଭୋଟହାର ୧୧.୧୭ ପ୍ରତିଶତ କମିଥିବାବେଳେ ଭାଜପାର ଭୋଟହାର ୧୨.୮୯ ପ୍ରତିଶତ ବଢ଼ିଥିଲା । ଫଳରେ ଏଥର କେଉଁଦଳ ନିଜ ଭୋଟହାରକୁ କେତେ ବଢ଼ାଇବାରେ ସକ୍ଷମ ହୋଇଛନ୍ତି, ତାହା ଭୋଟ ଗଣତି ପରେ ଜଣାପଡ଼ିବ ଏବଂ ତାହା ହିଁ ସେମାନଙ୍କ ପାଇଁ ଜୟ, ପରାଜୟର କାରଣ ସାଜିବ। ୩୧୯ ବୁଥ୍ ବିଶିଷ୍ଟ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୨୦୧୪ ନିର୍ବାଚନ ତୁଳନାରେ ଏଥର ମତଦାନ ହାର କମିଛି । ୨୦୧୪ରେ ଏହି ହାର ୭୯.୧୬ ପ୍ରତିଶତ ଥିଲା, ମାତ୍ର ଏଥର ତାହା ୭୮.୪୮ ପ୍ରତିଶତକୁ ଖସି ଆସିଛି । ସେତେବେଳେ ୨୦୦୯ ନିର୍ବାଚନ ତୁଳନାରେ ନିଜ ସପକ୍ଷରେ ଅଧିକ ୨୦.୬୬ ପ୍ରତିଶତ ଭୋଟହାର ବଢ଼ାଇ ଭାଜପା ବିଜୟୀ ହୋଇଥିବାବେଳେ ପୂର୍ବ ନିର୍ବାଚନଠାରୁ ୭.୭୬ ପ୍ରତିଶତ ଭୋଟ କମିଯିବାରୁ ବିଜେଡ଼ିକୁ ହାରିବାକୁ ପଡ଼ିଥିଲା । ସେହିପରି ୨୦୦୯ ତୁଳନାରେ ୨୦୧୪ରେ କଂଗ୍ରେସ ୧୪.୮ ପ୍ରତିଶତ କମ୍ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲା । ମାତ୍ର ଏଥର ସବୁଦଳ ଏଠାରୁ ବାଜିମାତ୍ ଆଶା ରଖିଛନ୍ତି। ତେବେ ଉପରୋକ୍ତ ୪ନିର୍ବାଚନ ମଣ୍ଡଳୀ ଅପେକ୍ଷା ଏଥର ବିଜେପୁର ନିର୍ବାଚନ ମଣ୍ଡଳୀ ଫଳାଫଳ ପ୍ରତି ସାରାରାଜ୍ୟର ନଜର ରହିଛି । ଏଠାରୁ ବିଜେଡ଼ି ପକ୍ଷରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଯୋଗୁ ଗତ ଉପନିର୍ବାଚନ ଭଳି ସାଧାରଣ ନିର୍ବାଚନରେ ମଧ୍ୟ ବିଜେପୁର ଚର୍ଚ୍ଚାରେ ରହିଛି । ଏହି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ଖାତା ଖୋଲି ପାରୁ ନଥିବା ବିଜେଡ଼ି ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥିନୀ କରି ରେକର୍ଡ଼ ସଂଖ୍ୟକ ଭୋଟ୍ ସହିତ ବିଜୟ ସ୍ୱାଦ ଚାଖିଥିଲା । କିନ୍ତୁ ସାଧାରଣ ନିର୍ବାଚନରେ ରୀତାଙ୍କ ବଦଳରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି । ଏଠାରେ ଏଥର ୭୮.୯୨ ପ୍ରତିଶତ ମତଦାନ ହୋଇଛି । ଉପନିର୍ବାଚନ ବିଜୟକୁ ବିଜେଡ଼ି ଦୋହରାଇବାକୁ ଆଶା ରଖିଥିବାବେଳେ କଂଗ୍ରେସ ନିଜ ଗଡ଼କୁ ପୁଣି ଫେରିବ ବୋଲି ଆଶା ବାନ୍ଧିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କୁ ହରାଇ ଭାଜପା ଏଠାରୁ ଇତିହାସ ରଚିବ ବୋଲି ଦଳୀୟ ନେତାମାନେ ଦୃଢ଼ୋକ୍ତି କରୁଛନ୍ତି ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁମନ୍ଦିରର ୯୯ ପ୍ରତିଶତ ଉତ୍ତୀର୍ଣ୍ଣ

**ବରପାଲି, ୨୨।୫ (ଡି.ଏନ.ଏ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ହୋଇଥିବାବେଳେ ଏଥିରେ ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏଥିରେ ସମୁଦାୟ ୯୮ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୭ ଛାତ୍ରୀଛାତ୍ର ବିଭିନ୍ନ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ- ଗ୍ରେଡ ପାଇଥିବା ୩ଜଣ ଛାତ୍ର ସାହିଲ ସାହୁ ଓ ଶୋଭନ କୁମାର ଦାଶ ୫୪୧ ମାର୍କ ରଖିଥିବା ବେଳେ ସଂସ୍କାର ପଣ୍ଡା ୫୪୦ ମାର୍କ ରଖି ପରିବାର ପାଇଁ ଗର୍ବ ଓ ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଶିଶୁ ମନ୍ଦିରରେ ପାସହାର ୯୯ ପ୍ରତିଶତ ରହିଥିବା ବେଳେ ଏହା ସ୍କୁଲ ପାଇଁ ବଡ ସଫଳତା ମିଳିଥିବା ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର ପୁଝାରୀ ସୂଚନା ଦେଇ ଉତ୍ସାହ ପ୍ରକାଶ କରିଛନ୍ତି ।

### ବିଜୟ ପାଇଁ ସମସ୍ତେ ଆଶାବାଦୀ

**ମନମୁଣ୍ଡା, ୨୨।୫ (ଡି.ଏନ.ଏ):** ରାତିପାହିଲେ ଅର୍ଥାତ୍ ଗୁରୁବାର ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ । କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ବିଜେଡି ପ୍ରାର୍ଥୀ ମହିଧର ରଣା, ବିଜେଡିର ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ତଥା ବଉଦ୍ଧିକା ସଭାପତି ଶେଷ କୁମାର ମେହେର ଓ ଭାଜପା ପ୍ରାର୍ଥୀ କହ୍ନେଇଚରଣ ଡାଙ୍ଗଙ୍କ ମଧରେ ଏଥର କଡା ଟକ୍କର ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁଙ୍କୁ ଆଲୋଚନା ନାହିଁ। ବିଜେଡି, ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ଭୋଟ ପରେ ନିଜ ନିଜ ଏଜେଣ୍ଟ, କର୍ମୀମାନଙ୍କ ଜରିଆରେ ଲୋକମାନଙ୍କୁ ପଚାରି ଗଣିତ କଷୁଛନ୍ତି। ସମସ୍ତେ ବିଜୟୀ ହେବାର ଆଶାବାଦୀ ଥିବା ପ୍ରକାଶ କରିଛନ୍ତି । ବିଜେଡି ପ୍ରାୟ ୬୦୦ରୁ ୧୦୦୦ ଭୋଟରେ, ସ୍ୱାଧୀନ ପ୍ରାର୍ଥୀ ପ୍ରାୟ ୮ହଜାରରୁ ୯ ହଜାର ଭୋଟରେ ଏବଂ ଭାଜପା ପ୍ରାୟ ୧୦ହଜାର ଭୋଟରେ ବିଜୟୀ ହେବ ବୋଲି ସେମାନଙ୍କ ଦଳର ପ୍ରମୁଖ ନେତାମାନଙ୍କ ସୂତ୍ରରୁ ଜାଣିବାକୁ ମିଳିଛି। ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରମୁଖ କର୍ମୀ ଜୋନ ନଂ-୧ ଓ ୨ରେ ଥିବାରୁ ସେହି ଅଞ୍ଚଳରୁ ବେଶୀ ଭୋଟ ପାଇବା ଆଶା ରଖିଛନ୍ତି। ଭାଜପା ପ୍ରାର୍ଥୀ ଜୋନ-୪ ଓ ୫ରୁ ଅଧିକ ଭୋଟ ପାଇବାର ଆଶା ରଖିଛନ୍ତି। ବିଜେଡି ପ୍ରାର୍ଥୀ ସବୁ ଜୋନରୁ ମିଶାମିଶି ଭୋଟ ସହ ଖାସ ବିଜେଡି ସମର୍ଥିତ ତଥା ସିଏଚଜି ସଭ୍ୟାଙ୍କ ଭୋଟ ପାଇ ବିଜୟୀ ହେବାର ଆଶା ବାନ୍ଧିଛନ୍ତି। ନେତାମାନେ ବର୍ତ୍ତମାନ ଭଗବାନଙ୍କ ଆଶ୍ରାରେ। ଚିନ୍ତାରେ ଛାତି ଧକ୍‌ଧକ୍ ହେଉଛି। ଫଳାଫଳକୁ ନେଇ ଲୋକଙ୍କ ଭିତରେ ମଧ ଉତ୍ସାହ ବୃଦ୍ଧି ପାଇଛି।

### ମେ ମାସ ସରିବାକୁ ବସିଲାଣି, ଜଳଛତ୍ରର ନାଁ ଗନ୍ଧ ନାହିଁ

**ତଲଗାଁ, ୨୨।୫ (ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଲଗାଁ ପଞ୍ଚାୟତରେ ପ୍ରତିବର୍ଷ ଅପ୍ରେଲ ମାସରେ ପଞ୍ଚାୟତର ନିର୍ଦ୍ଦିଷ୍ଟ ଛକ, ଜନଗହଳି ସ୍ଥାନ ଓ ପଞ୍ଚାୟତ ସମ୍ମୁଖରେ ବାଟୋଇଙ୍କ ପାଇଁ ପାଣି ପିଇବା ଲାଗି ଜଳଛତ୍ର ଖୋଲା ଯାଇଥାଏ। ପଞ୍ଚାୟତର ଗଣ୍ଡାପାଜୁ, ଗୋରଡାମୁଣ୍ଡା,ବେହେରାସାହି, ଗଣ୍ଡିସର, ପତକାବାଲିଛକ, ତଲଗାଁ ପଞ୍ଚାୟତ ସମ୍ମୁଖରେ ଜଳଛତ୍ର ଖୋଲା ଯାଇଥାଏ । ଯେଉଁମାନେ ପାନୀୟଜଳ ବଣ୍ଟନ କରିଥାନ୍ତି ସେହିମାନଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ କିଛି ପାରିଶ୍ରମିକ ଦେଇଥାନ୍ତି। କିନ୍ତୁ ଏଥର ପାଣି ଟିକକ ପାଇଁ ପଥଚାରୀ ହଇରାଣ ହେଉଛନ୍ତି। ଗତ ବର୍ଷ ପାଣି ଦେଇଥିବା ଲୋକଙ୍କୁ ବର୍ଷେ ଗତ ମାସରେ ୪୫୦୦ ଟଙ୍କା ଦିଆଯାଇଛି। ବର୍ଷ ମେ ମାସ ସରିବାକୁ ବସିଲାଣି ଅଥଚ ଜଳଛତ୍ର ଖୋଲା ଯାଇନାହିଁ। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀଙ୍କୁ ପଚାରିବାରୁ ଜଳଛତ୍ର ଖୋଲା ଯାଉଥିବା ପ୍ରକାଶ କରିଛନ୍ତି।

### ସଜଡ଼ା ହେଲା ନଳକୂଅ

**ତଲଗାଁ, ୨୨।୫ (ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଲଗାଁ ପଞ୍ଚାୟତର ଗଣ୍ଡାପାଜୁରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଲୋକେ ନାଳରୁ ଚୁଆ କରି ପାଣି ସଂଗ୍ରହ କରୁଛନ୍ତି। ଗାଁରେ ଏକମାତ୍ର ନଳକୂଅ ଥିଲେ ବି ପାଣି ବାହାରେ ନାହିଁ। ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଆସୁଥିଲେ ସୁଦ୍ଧା କିଛି ସୁଫଳ ମିଳିପାରୁ ନ ଥିଲା। ଏ ନେଇ ଏକ ଖବର ଗତ ୧୮ରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହାପରେ ପ୍ରଶାସନର ଦୃଷ୍ଟି ପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ଗାଁରେ ପହଞ୍ଚି ଖରାପ ଥିବା ନଳକୂଅକୁ ସଜାଡିଛି। ଗାଁର କୃଷ୍ଣଚନ୍ଦ୍ର ବାଘ, ଜଗନ୍ନାଥ କହଁର, ବିଭୀଷଣ ବାଘ ଓ ନୀଳାଞ୍ଚଳ କହଁର ଖୁସି ବ୍ୟକ୍ତ କରି ଧରିତ୍ରୀକୁ ଏଥିପାଇଁ ଧନ୍ୟବାଦ ଦେଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଉଣୀ ରାଣୀ ହେଲେ**
**ରଜା ନୁହେଁ ଭାଇ,**
**ଅତି ସେରନ୍ତାରେ ଡାକନ୍ତି**
**ଆମ ରାଣୀଙ୍କ ଭାଇ !**

ଭଉଣୀ ଯେତେ ବଡ଼ ଘରେ ବିଭା ହେଲେ ମଧ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇ ନିଜ ଗୁରୁତ୍ୱ ବା ମର୍ଯ୍ୟାଦା ହରାଇ ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାର ବୋହୁଥିବ ଗୋଦରା ତନ୍ତୀ**
**ଲାଭ ମାରୁଥିବ ମାଧ ମହାନ୍ତି ।**

ଜଣେ କଷ୍ଟ କରି କାମ କରେ ଆଉ ଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିମାଣରେ ଜୀବନକୁ ଗ୍ରାସ କରିଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲଥିବା ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବୌଦ୍ଧରେ ପଲିଥିନ ଚଢ଼ାଉ

ବୌଦ୍ଧ,୨୨।୫ (ସ୍ୱ.ପ୍ର.)

ପଲିଥିନ ବ୍ୟବହାର ନେଇ ସାରା ବିଶ୍ୱବାସୀ ଏବେ ଚିନ୍ତାରେ। ପଲିଥିନ ବ୍ୟବହାର ବଢୁଥିବାରୁ ପରିବେଶ ଦୂଷିତ ହେଉଛି। ତେବେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଗତ ମାର୍ଚ୍ଚ ପହିଲାରୁ ପଲିଥିନ ବନ୍ଦ ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏଥି ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଓ ବନ ବିଭାଗର ମିଳିତ ସହାୟତାରେ ଏକ ସ୍କ୍ୱାଡ୍ ଗଠନ କରାଯାଇଥିଲା । ଦୀର୍ଘ ଦୁଇମାସ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି କମିଟି ବୁଧବାର ତତ୍ପର ହୋଇ ଉଠିଛି। ଏନସିର ନୋଡାଲ ଅଫିସର ରବୀନ୍ଦ୍ର କୁମାର ମାହାପାତ୍ରଙ୍କ ନେତୃତ୍ୱରେ ସହରର ବିଭିନ୍ନ ଦୋକନ ଚଢାଉ କରାଯାଇଥିଲା। ଚଢାଉ ସମୟରେ ପଲିଥିନ, ସୋଲର ପ୍ରସ୍ତୁତ ଖାଇବା ସାମଗ୍ରୀ ଓ ପାଣି ପାଉଚ ଜବତ କରିବା ସହ ଜୋରିମାନେ ବାବଦକୁ ୧୪ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି। ଚଢାଉରେ ଯୋଗାଣ ନୀରିକ୍ଷକ ଦୀପକ କହଁର, ଡେପୁଟି ରେଞ୍ଜର ପଦୋଷ ମହାରଣା ଓ ଏନଏସି କର୍ମଚାରୀ ସାମିଲ ଥିଲେ।

## ବୌଦ୍ଧ ପାଇଁ ୮, କନ୍ଧମାଳ ପାଇଁ ୯ ଟେବୁଲ

ବୌଦ୍ଧ,୨୨।୫ (ସ୍ୱ.ପ୍ର.)

ଗୁରୁବାର ଦିନ ଗଣତନ୍ତ୍ରର ମହାନପର୍ବର ଫଳାଫଳ ଆସିବ। ନିର୍ବାଚନର ଗଣତି ଥିବାରୁ ଜିଲା ପ୍ରଶାସନ ଗଣତି ପାଇଁ ପ୍ରସ୍ତୁତ ହୋଇସାରିଛି। ଏ ନେଇ ବୁଧବାର ଅପରାହ୍ଣରେ ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ଏହି ସମ୍ମିଳନୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳୀରେ ଜିଲାପାଳ ରାଉତ କହିଛନ୍ତି ଯେ, ନିର୍ବାଚନର ଫଳାଫଳ ଗଣତି ନେଇ ପ୍ରସ୍ତୁତ ସରିଛି। ନିର୍ବାଚନ କମିଶନରଙ୍କ ନିୟମ ଅନୁଯାୟୀ ଗଣନା କରାଯିବ। ଜିଲାରେ ଦୁଇଟି ନିର୍ବାଚନ ମଣ୍ଡଳି ବୌଦ୍ଧ ଓ କଣ୍ଟମାଳ ଥିବା ବେଳେ କନ୍ଧମାଳ ଲୋକସଭା ଆସନ ପାଇଁ ମଧ୍ୟ ଗଣତି ହେବ । ଗଣତି ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସମସ୍ତ ପ୍ରସ୍ତୁତି କରାଯାଇଛି। ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ୮ଟି ଟେବୁଲ ଓ କଣ୍ଟମାଳ ନିର୍ବାଚନ ମଣ୍ଡଳି ପାଇଁ ୯ଟି ଟେବୁଲରେ ଗଣନା ହେବ । ଗଣନା ସମୟରେ ପ୍ରାର୍ଥୀଙ୍କ ଏଜେଣ୍ଟ ଓ କାଉଣ୍ଟିଂ ଅବଜରଭର ଓ ରିଟର୍ଣ୍ଣିଂ ଅଧିକାରୀ ଗଣନା କେନ୍ଦ୍ରରେ ରହିପାରିବେ । ଗଣନା କେନ୍ଦ୍ର ମଧ୍ୟକୁ ମୋବାଇଲ, କ୍ୟାମେରା ଓ ଇଲେକଟ୍ରୋନିକ ଉପକରଣକୁ ବାରଣ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ । ସକାଳ ୭.୩୦ରେ ଷ୍ଟ୍ରଙ୍ଗ ରୁମ୍ ଖୋଲାଯିବା ପରେ ପୋଷ୍ଟାଲ ବାଲାଟକୁ ଗଣନା କରାଯିବ । ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ୪୫୩ଟି ପୋଷ୍ଟାଲ ବାଲାଟ ଥିବା ବେଳେ କଣ୍ଟାଳ ନିର୍ବାଚନି ମଣ୍ଡଳି ପାଇଁ ୪୫୫ଟି ପୋଷ୍ଟାଲ ବାଲାଟ ଭୋଟ ହୋଇଛି। କନ୍ଧମାଳ ଏମ୍‌ପି ସିଟ୍ ଭୋଟ ପାଇଁ ହୋଇଥିବା ପୋଷ୍ଟାଲ ବାଲାଟକୁ କନ୍ଧମାଳ ପଠାଯାଇଛି। ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ ଗଣାଯିବ । ଯଦି ମେଶିନ ଖୋଲିଲା ନାହିଁ କିମ୍ବା ତ୍ରୁଟି ଦେଖାଦିଏ ତାହା ଉପରେ ନିର୍ବାଚନ କମିଶନକୁ ଜଣାଇବା ପରେ ଫଳାଫଳ ଜାଣିବା ପାଇଁ ଭିଭିପିଏଟିରେ ଥିବା ସ୍ଲିପ ପେପର ଗଣାଯାଇ ଫଳାଫଳ ଘୋଷଣା କରାଯିବ। ତେବେ ଗଣତିକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଗଣନା କେନ୍ଦ୍ର ଆଗରେ ଓ ସହରର ବିଭିନ୍ନ ଛକରେ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଡିଏମ ରମାକାନ୍ତ ସେଠୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ , ଉପଜିଲାପାଳ ଏନ.ସି. ଜ୍ୟୋତିରଂଜନ ନାଏକ, ଡିଆଇପିଆରଓ ଶିଶିର ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ
ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 60,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ
ମାସକୁ ଭଡା 45,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣରୁ କଟିବ
Mudra Finance (Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ



### ଅସହାୟଙ୍କ ମୃତଦେହ ସତ୍କାର

**ବାରକୋଟ,୨୨।୫(ଡି.ଏନ୍.ଏ.)** ଦେବଗଡ଼ ଜିଲା ବାରକୋଟ ବ୍ଲକ ରଞ୍ଜ ଗ୍ରାମର ଜଣେ ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରିଛନ୍ତି ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସହଯୋଗୀ। ଗ୍ରାମର ବିରଞ୍ଚି ପାତ୍ର (୭୦)ଙ୍କୁ ତାଙ୍କ ଜାତି ସମାଜରୁ କୌଣସି କାରଣରୁ ବାସନ୍ଦ କରାଯାଇଥିଲା। ବୁଧବାର ତାଙ୍କର ମୃତ୍ୟୁ ହୋଇଥିବାବେଳେ କେହି ସତ୍କାର କରିବାକୁ ଆଗେଇ ଆସି ନ ଥିଲେ। ଫଳରେ ମୃତଦେହ ପ୍ରାୟ ୫ ଘଣ୍ଟା ପଡ଼ି ରହିଥିଲା। ଖବର ପାଇ ରୋମାଞ୍ଚ ଓ ତାଙ୍କ ସହଯୋଗୀମାନେ ଗ୍ରାମରେ ପହଞ୍ଚି ମୃତଦେହ ସତ୍କାର କରିଥିଲେ। ସୂଚନାଯୋଗ୍ୟ, ରୋମାଞ୍ଚ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ମଧ ବାସୁପାଲି ଗ୍ରାମର ଜଣେ ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରି ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ।

### ରାଜସ୍ୱ କାର୍ଯ୍ୟାଳୟକୁ ପାଇପଜଳ ସଂଯୋଗ ଦାବି

**ବଡ଼ଗାଁ, ୨୨।୫ (ଡି.ଏନ.ଏ):** ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଲୋକଙ୍କ ସମସ୍ୟା, ଆପତ୍ତି ଅଭିଯୋଗ ଶୁଣୁନାହାନ୍ତି। ମନମୁଖି କାର୍ଯ୍ୟ କରିଚାଲିଥିଲେ ମଧ ସରକାର ଅଂକୁଶ ଲଗାଇ ପାରୁନାହାନ୍ତି। ଏଭଳି ଅଭିଯୋଗ ଜନସାଧାରଣରେ ଶୁଣାଯାଉଥିଲା ବେଳେ ସରକାରୀ କର୍ମଚାରୀମାନେ ମଧ ଜଳସଙ୍କଟରେ ପଡି ବାରମ୍ବାର ଜଣାଇ ନିରାଶ ହେଉଛନ୍ତି। ଏମାନେ ସିଧାସଳଖ ସରକାର ଓ କର୍ମଚାରୀଙ୍କୁ ଦୋଷାରୋପ କରୁ ନ ଥିଲେ ମଧ ଅସନ୍ତୋଷ ଥିବା ଜଣାପଡିଛି। ସୁନ୍ଦରଗଡ ଜିଲା ବଡଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପାଇପ ଜଳଯୋଗାଣ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି କରି ଜଣାଇଥିଲେ ମଧ ମାସେ ହେଲା ସଂଯୋଗ ଦିଆଯାଇ ପାରିନାହିଁ। ଏହା ଉପରେ ରାଜସ୍ୱ ନିରୀକ୍ଷକ (ଆରଆଇ) ବବିତା ନାଏକ ଜିଲାପାଳଙ୍କୁ ଚିଠି ମାଧମରେ ଜଣାଇଥିବା କହିଛନ୍ତି।

■ ସୁନ୍ଦରଗଡ଼ରେ ବଢୁଛି ଚୋରା ସ୍କ୍ରାପ୍ କାରବାର

# ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ: ଚାଳକ ଗିରଫ

**ବେଦବ୍ୟାସ, ୨୨।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାରେ ବେଆଇନ ସ୍କ୍ରାପ୍ କାରବାର ବଢିଚାଲିଛି। ବାରମ୍ବାର ଚଢାଉ କରାଯାଇ ସ୍କ୍ରାପ ବୋଝେଇ ଗାଡ଼ି ଜବତ ହେଉଥିଲେ ମଧ୍ୟ କମୁ ନାହିଁ। ରାଉରକେଲା ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମଙ୍ଗଳବାର ଗାଡି ଚାଳକଙ୍କୁ ଗିରଫ କରିବା ସହ ସ୍କ୍ରାପ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏସ୍. କେ କୁତୁବୁଦ୍ଦିନ। ପୋଲିସ ସୂଚନାନୁଯାୟୀ ସ୍କ୍ରାପ୍ ଲୁହା ଚୋରା ଚାଲାଣ ହେଉଥିବା ନେଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଖବର ମିଳିଥିଲା । ଏନେଇ ଥାନାର ଏକ ପୋଲିସ ଦଳ ମଙ୍ଗଳବାର ସକାଳେ ବେଦବ୍ୟାସ ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ୍ ଭ୍ୟାନ (ନଂ. ଓଡି ୧୪ ଜି-୨୦୩୫)କୁ ଅଟକାଇ ଯାଞ୍ଚ କରିଥିଲା। ହେଲେ ଗାଡି ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବେଆଇନ ସ୍କ୍ରାପ ଲୁହା କାରବାର ଅଭିଯୋଗରେ ଗାଡି ଚାଳକଙ୍କୁ ଗିରଫ କରିବା ସହ ପିକଅପ୍ ଭ୍ୟାନକୁ ଜବତ କରିଥିଲେ । ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୧୪୨/୧୯) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ଜବତ ହୋଇଥିବା ସ୍କ୍ରାପ ପ୍ରାୟ ୨ଟନ ହେବ। ଚଢ଼ାଉରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ଏସଆଇ ବିକାଶ କଲେଟ, ଏଏସଆଇ କିଶୋର କୁମାର ମହାକୁଡ, ହାବିଲଦାର ବ୍ରଜମୋହନ ଖିଲାର, ଗୃହରକ୍ଷୀ ରୋହିତ ସା ପ୍ରମୁଖ ସାମିଲ ଥିଲେ। ଏହି ଚଢ଼ାଉକୁ ନେଇ ଅଞ୍ଚଳର ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଉଛି। ଏହା ଆଗାମୀ ଦିନରେ ମଧ ବଳବତ୍ତର ରଖିବାକୁ ଅନୁରୋଧ କରାଯାଇଛି।




ସ୍କ୍ରାପ ବୋଝେଇ ଗାଡ଼ି ସହ ଚାଳକ।

# ଇତମା ନୂଆପଡ଼ାରେ ପାନୀୟଜଳ ସଙ୍କଟ

**ବଡ଼ଗାଁ, ୨୨।୫ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ନୂଆପଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଦେଢ଼ଶହ ପରିବାର ରହୁଥିବା ଏହି ପଡାରେ ୫ଟି ନଳକୂଅ ଓ ଗୋଟିଏ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ ବିଭାଗୀୟ କର୍ମଚାରୀଙ୍କ ପରିଚାଳନା ଗତ ତ୍ରୁଟି ଯୋଗୁ ମନୁଷ୍ୟକୃତ ଏହି ସମସ୍ୟା ଉପୁଜିଛି। ଏହି ସମସ୍ୟା ଉପରେ ଗ୍ରାମବାସୀ ପଞ୍ଚାୟତ କର୍ମଚାରୀଙ୍କୁ ଜଣାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବଡଗାଁ ଜଳ ଓ ପରିମଳ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ ପାଇଁ କର୍ମଚାରୀମାନେ ଘଟଣାସ୍ଥଳକୁ ସୁଦ୍ଧା ଯାଇ ନ ଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ବିଭାଗୀୟ କର୍ମଚାରୀମାନେ ଗ୍ରାମବାସୀଙ୍କ କଥା ଶୁଣୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏହାକୁ ନେଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

**ଶୁଣୁ ନାହାନ୍ତି କର୍ମଚାରୀ**

ଉଲ୍ଲେଖଯୋଗ୍ୟ ଯେ, ଗାଁରେ ୫ଟି ନଳକୂଅ ଥିଲେ ସୁଦ୍ଧା ପ୍ରତ୍ୟେକରୁ ୫ରୁ ୬ ବାଲଟି ବାହାରିଲା ପରେ ଆଉ ପାଣି ବାହାରୁନାହିଁ। ନଳକୂଅରୁ ସ୍ୱଳ୍ପ ବାହାରୁଥିଲା ବେଳେ ୫ ଦିନ ହେଲା ପାନୀୟ ଜଳର ଆବଶ୍ୟକତା ପୂରଣ କରୁଥିବା ପାଇପଜଳ ଯୋଗାଣର ମୋଟର ଖରାପ ଥିବାରୁ ପାନୀୟ ଜଳ ସଂକଟ ଦେଖାଦେଇଛି। ଗ୍ରୀଷ୍ମ ପୂର୍ବରୁ ନଳକୂଅ ଗୁଡିକୁ ଠିକ କରିବା ସହ ଗ୍ରୀଷ୍ମ ଋତୁରେ ନଳକୂଅ କିପରି ଚାଲୁଛି ତଦାରଖ ଯାଞ୍ଚ କରାଯାଉ ନ ଥିବାରୁ ପ୍ରତିବର୍ଷ ଜଳାଭାବ ଦେଖାଦେଉଛି। ସରକାର ଗାଁରେ ପାନୀୟଜଳ ବ୍ୟବସ୍ଥା କରିଥିଲେ ମଧ କର୍ମଚାରୀମାନଙ୍କ ପରିଚାଳନାରେ ତ୍ରୁଟି ଓ ମନମୁଖି କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। କର୍ମଚାରୀମାନେ ସମସ୍ୟା ଶୁଣୁ ନ ଥିବାରୁ ଆନ୍ଦୋଳନ ହିଁ ବିକଳ୍ପ ବୋଲି କହିଛନ୍ତି।

## ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନ

**ହେମଗିର, ୨୨।୫ (ଡି.ଏନ.ଏ)**

ସମଗ୍ର ଓଡିଶାରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ତାତି ଅନୁଭୂତ ହେଉଥିବା ବେଳେ ହେମଗିରରେ ମଧ ପାରଦ ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ରହିଛି। ଏହା ଦ୍ୱାରା ଲୋକେ ଶୋଷରେ ଆଉଟୁ ପାଉଟୁ ହୋଇ ଜଳଛତ୍ର ଆଡକୁ ମୁହାଁଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏହା କେବଳ ବୁଧବାର ବଣ୍ଟନ କରାଯାଇଥାଏ। କାରଣ ଏହି ଦିନ ହେମଗିରର ବଜାର ଥିବାରୁ ଶହଶହ ଲୋକଙ୍କ ଆଗମନ ହୋଇଥାଏ। ତେଣୁ ଅଧିକାଂଶ ଲୋକ ଏଥିରେ ଉପକୃତ ହୋଇପାରନ୍ତି। ହେମଗିର ଆଖପାଖ ଉସ୍ତାଲି, ଚିଲେଟମୁଣ୍ଡା, ଅର୍ଜୁଣ୍ଡ, ଝୁଲେନବର, ବାଦିବାହାଲ, କେନ୍ଦୁଡିଆ ପ୍ରଭୃତି ଗ୍ରାମରୁ ପ୍ରାୟ ଏଗାର ଶହରୁ ଅଧିକ ଜନସାଧାରଣ ସରବତ ପାନ କରିଥିଲେ । ଏହି କାର୍ଯ୍ୟକ୍ରମ ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପୋଲିସ ବାହିନୀ ପକ୍ଷରୁ ଏଏସଆଇ ସନ୍ତୋଷିନୀ ଧୁଆଁ, ଏଏସଆଇ ହରିହର ଦାସ, ଏସଆଇ ବୈଦ୍ୟନାଥ ସୋରେନ, କିଶୋର ପଟେଲ, ଜଗନ୍ନାଥ ବେହେରା, ରଶ୍ମିତା ମାଝି, ନାରାୟଣ ବେହେରା, ଡିଲେଶ୍ୱର କିଷାନ, ଅନିତା ଲାକ୍ରା, ଜେରମ ହିରୋ ପ୍ରଭୃତି ସହଯୋଗ କରିଥିଲେ।



ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନ କରାଯାଉଛି।

# ୨୮ରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

■ ସୁନ୍ଦର ମୋର ସୁନ୍ଦରଗଡ଼ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା

**ସୁନ୍ଦରଗଡ, ୨୨।୫ (ଡି.ଏନ.ଏ)**

ସୁନ୍ଦର ମୋର ସୁନ୍ଦରଗଡ ଅନୁଷ୍ଠାନ ତରଫରୁ ଆଗାମୀ ୨୮ ତାରିଖରେ ସ୍ଥାନୀୟ ଭବାନୀ ଭବନ ପଡିଆରେ ହେବାକୁ ଥିବା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପାଇଁ ଜିଲା ପ୍ରେସ କ୍ଲବ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇ ଅନୁଷ୍ଠାନର ସଭାପତି ରଣଜିତ ପ୍ରସାଦ ସମସ୍ତ ଖବରଦାତାଙ୍କୁ ସ୍ୱାଗତ ଜଣାଇବା ସହ ୨୮ରେ ହେବାକୁ ଥିବା ସମାରୋହ ସମ୍ପର୍କରେ ଧାରଣା ଦେଇଥିଲେ। ସମ୍ପାଦିକା ସୋନାଲିକା ହୋତା କହିଥିଲେ ଯେ, ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସ୍କୃତିକ ଦଳଗୁଡିକ ଦ୍ୱାରା ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଏଥିରେ ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବ। ତତ୍‌ସଙ୍ଗେ ସଙ୍ଗେ ଓଡିଆ ସିନେ ଜଗତର ତାରକାମାନେ ମଧ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାର ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଉଦ୍ଧବ ଭିତ୍ରିଆ ଏବଂ ଯୁଗ୍ମ ସମ୍ପାଦିକା ବୁଲବୁଲ ଠାକୁର ଏହି ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସମସ୍ତ ବୟସ ଏବଂ ବର୍ଗ ପାଇଁ ଚିତ୍ରାଙ୍କନ, ନୃତ୍ୟ, ଗୀତ, ରଙ୍ଗୋଲି, ମେହେନ୍ଦି ସହ ମିସ୍ ସୁନ୍ଦରଗଡ ଏବଂ ମିଷ୍ଟର ସୁନ୍ଦରଗଡ, କପଲ ଅଫ୍ ଦି ଇୟର, ସୁପର ମୋମ୍ ପରି ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି ବୋଲି ସେମାନେ ସୂଚନା ଦେଇଥିଲେ। ୨୮ ତାରିଖ ଦିନ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ । ତା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯିବ ବୋଲି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଅନେକ ସାମାଜିକ ସଂସ୍କାର ସମ୍ପର୍କିତ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଅନୁଷ୍ଠାନର ସଭ୍ୟାସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ସୁନ୍ଦରଗଡବାସୀଙ୍କ ସହଯୋଗ କାମନା କରିଥିଲେ। ତା ସହ ଖବରଦାତା ମଣ୍ଡଳୀଙ୍କୁ ମଧ ଏଥିରେ ସକ୍ରିୟ ସହଯୋଗ ଦେବା ପାଇଁ ଆଗ୍ରହ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ଚିନ୍ମୟ ଭିତ୍ରିଆ, ସଭ୍ୟାସଭ୍ୟ ମୁକେଶ ପୁରୋହିତ, ଅଂଶୁଜା ପୁରୋହିତ, ଅମିଶା ପଟେଲ, ମୃଣାଳିନୀ ପଣ୍ଡା, ଅଭିନନ୍ଦନ ନାଏକ, ସ୍ୱରୂପରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

# ୪ କେନ୍ଦ୍ରରେ ସୁରକ୍ଷା ବଳୟରେ ହେବ ଭୋଟ ଗଣତି

**ସୁନ୍ଦରଗଡ଼, ୨୨।୫ (ଡି.ଏନ୍.ଏ.)**

ଗୁରୁବାର ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଜିଲାରେ ସୁନ୍ଦରଗଡ, ରାଉରକେଲା ଓ ବଣାଇଁରେ ୪ ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଭୋଟ ଗଣତି ହେବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଭୋଟ ଗଣତି ସକାଶେ ହୋଇଥିବା ସମସ୍ତ ବ୍ୟବସ୍ଥା ଓ ପଦ୍ଧତି ସମ୍ପର୍କରେ କହିଥିଲେ ଯେ, ଜିଲାର ୭ ବିଧାନସଭା ଏବଂ ଲୋକସଭା ପାଇଁ ୪ କେନ୍ଦ୍ରରେ ଭୋଟ ଗଣତି କରାଯିବ। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟଠାରେ ସୁନ୍ଦରଗଡ ଓ ତଳସରା ନିର୍ବାଚନ ମଣ୍ଡଳୀ ଏବଂ ମାଦ୍ରିକାଲୋ ଭବନଠାରେ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ଏହି ୩ବିଧାନସଭା ଆସନ ଅନ୍ତର୍ଗତ ଲୋକସଭା ପାଇଁ ହୋଇଥିବା ଭୋଟର ଭୋଟଗଣତି କରାଯିବ। ସେହିପରି ରାଉରକେଲା ଉଦିତନଗର ହାଇସ୍କୁଲର ଉପରମହଲାରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ, ତଳମହଲାରେ ରାଉରକେଲା ଏବଂ ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ସହିତ ଏହି ୩ ବିଧାନ ସଭା ଆସନ ଅନ୍ତର୍ଗତ ଲୋକସଭା ପାଇଁ ମଧ୍ୟ ଭୋଟଗଣତି କରାଯିବ। ଏତଦ୍ ବ୍ୟତୀତ ବଣାଇଁ ବିଧାନସଭା ଆସନ ଏବଂ ଏହାର ଅନ୍ତର୍ଗତ ଲୋକସଭା ଆସନର ଭୋଟ ଗଣତି ବଣାଇଁର ରାଜା ଧରଣୀଧର ହାଇସ୍କୁଲଠାରେ କରାଯିବ। ଚଳିତଥର ଭୋଟ ଗଣତିରେ ପାଖାପାଖି ୬ଶହ ଅଧିକାରୀ/ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ୩୦ପ୍ରତିଶତ ମହିଳା ଅଧିକାରୀଙ୍କୁ ଗଣତି କାର୍ଯ୍ୟରେ ସାମିଲ କରାଯାଇଥିବା ଓ ଏଥି ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତଥର ଭୋଟ ଗଣତିକୁ ସୂଚାରୁ ରୂପେ ନିର୍ଭୁଲ ତଥା ନିରପେକ୍ଷ ଭାବରେ ସମ୍ପାଦନ କରିବା ନିମନ୍ତେ ଗଣତି କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ୪ଦିନ ଧରି ୨ଟି ପର୍ଯ୍ୟାୟରେ ଗଣତି ତାଲିମ ପ୍ରଦାନ କରାଯାଇଛି। ଭୋଟଗଣତି ପାଇଁ ରାଜଗାଙ୍ଗପୁର ବିଧାନସଭା ଏବଂ ଏହା ଅନ୍ତର୍ଗତ ଲୋକସଭା ଆସନ ପାଇଁ ପୂର୍ବରୁ ୭ଟି ଲେଖାଏଁ ଗଣତି ଟେବୁଲ ଥିବା ବେଳେ ଚଳିତ ଥର ଏହାକୁ ପରିବର୍ତ୍ତନ କରାଯାଇ ୧୧ଟି ଲେଖାଏଁ ଟେବୁଲରେ ଭୋଟ ଗଣତି କରାଯିବ। ସେହିପରି ସୁନ୍ଦରଗଡ ବିଧାନସଭା ନିମନ୍ତେ ୭ଟି ଲେଖାଏଁ, ତଳସରା ବିଧାନସଭା ପାଇଁ ୧୦ଟି ଲେଖାଏଁ, ବୀରମିତ୍ରପୁର ପାଇଁ ୧୨ଟି ଲେଖାଏଁ, ରାଉରକେଲା ଏବଂ ରଘୁନାଥପାଲୀ ପାଇଁ ୭ଟି ଲେଖାଏଁ ଗଣତି ଟେବୁଲ ହୋଇଛି। ବଣାଇ ବିଧାନସଭା ଆସନ ଏବଂ ଏହା ଅନ୍ତର୍ଗତ ଲୋକସଭା ଆସନ ପାଇଁ ୧୦ଟି ଲେଖାଏଁ ଟେବୁଲରେ ଭୋଟ ଗଣତି କରାଯିବ। ସମସ୍ତ ଭୋଟ ଗଣତି କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଥିବା ବେଳେ ମୋବାଇଲ ଫୋନ୍ ସମେତ କୌଣସି ପ୍ରକାରର ଇଲେକ୍ଟ୍ରୋନିକ୍ସ ଗେଜେଟ ନେଇ ଗଣତିକେନ୍ଦ୍ର ଭିତରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବାକୁ ଥିବାବେଳେ ପ୍ରଥମେ ପୋଷ୍ଟାଲ ବ୍ୟାଲଟ ଗଣତି ପରେ ୮ଟା୩୦ରୁ ଇଭିଏମ୍‌ର ଭୋଟ ଗଣତି ଆରମ୍ଭ ହେବ। ସମସ୍ତ ଇଭିଏମ୍ ଗଣତି ସରିବା ପରେ ପ୍ରତ୍ୟେକ ବିଧାନସଭା ଏବଂ ଏହା ଅନ୍ତର୍ଗତ ଲୋକସଭା ପାଇଁ ଲଟେରୀ ମାଧ୍ୟମରେ ୫ଟି ଲେଖାଏଁ ବୁଥର ଚୟନ କରାଯାଇ ଭିଭିପାଟ ସ୍ଲିପ୍ ଗଣତି ହେବ। ଗଣତିକୁ ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରତିଟି ବିଧାନସଭା ଆସନ ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ। ଶାନ୍ତିଶୃଙ୍ଖଳାର ସହ ଗଣତି କାର୍ଯ୍ୟକ୍ରମ ସମାପନ କରିବା ପାଇଁ ଜିଲାରେ ୧୦୦ଜଣ ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପୋଲିସବାହିନୀ ସହିତ ସିଆରପିଏଫ୍ ଫୋର୍ସ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଲୋକସମ୍ପର୍କ ଅଧିକାରୀ ଗୋପୀନାଥ ସାହୁଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ଖବରଦାତା ସମ୍ମିଳନୀରେ ଭୋଟ ଗଣତି ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଉଛନ୍ତି।

■ ୨୦୧୯ ଦେବଗଡ ବିଧାନସଭା ନିର୍ବାଚନ

## ଆଜି ଗଣତି, ବାହାରିବ ଫଳାଫଳ

**ଦେବଗଡ଼,୨୨।୫(ସ୍ୱ.ପ୍ର)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୨୦୧୯ ପାଇଁ ଭୋଟରଙ୍କ ମତଦାନ ବର୍ତ୍ତମାନ ପଲିଟେକ୍‌ନିକ୍ କଲେଜଠାରେ ଇଭିଏମ୍‌ରେ ସିଲ ହୋଇଛି। ପ୍ରାର୍ଥିନୀ, ପ୍ରାର୍ଥୀମାନେ ଆଶା ଓ ଆଶଙ୍କାରେ ଥିବାବେଳେ ଗୁରୁବାର ଗଣତି ପରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୧୯ ନଂ ଦେବଗଡ ବିଧାନସଭାର ପ୍ରାର୍ଥୀଙ୍କ ଭାଗ୍ୟ ଜଣାପଡିବ। ସକାଳ ୮ଟାରୁ ଗଣତି ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଚଳିତବର୍ଷ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିଲେ। ତେବେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ତାହା ଦେଖିବା କଥା।

## ବେକରେ ରଶି ଲଗାଇ ଆତ୍ମହତ୍ୟା

**ପଦ୍ମପୁର,୨୨।୫(ଡି.ଏନ୍.ଏ.)**

ପଦ୍ମପୁର ଥାନା ସିଂହନପୁର ଗ୍ରାମର ଫିରୋଜ ସାହୁ (୨୩) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଫିରୋଜ ପୁଟୁଡେରା ନିକଟ ନଦୀକୂଳ କନିଆପୁତୁଲିଠାରେ ଏକ ମହୁଲ ଗଛରେ ଚଢ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

■ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ମାମଲା

## ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ଅମ୍ବାଭୋନା,୨୨।୫(ଡି.ଏନ୍.ଏ.)**

କଲେଜରେ ପାଠ ପଢୁଥିବାବେଳେ ଜଣେ ସହପାଠୀଙ୍କ ସହ ବଢ଼ିଲା ସମ୍ପର୍କ। ପରେ ଉଭୟ ପାଲଟିଗଲେ ପ୍ରେମିକାପ୍ରେମିକ। ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଯୁବତୀଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଚାଲିଲେ ପ୍ରେମିକ ବୈଗାପାଲିର ନରେଶ ନାୟକ (୨୯)। ହେଲେ ପରେ ଜାତିପ୍ରଥାର ଦ୍ୱାହି ଦେଇ ପରିବାର ଲୋକେ ବିବାହ ପାଇଁ ରାଜି ହେଉ ନ ଥିବା ଫୋନ୍‌ରେ ଯୁବତୀଙ୍କୁ କହି ଚମ୍ପଟ ମାରିଛନ୍ତି ସେ। ଏହାର ପ୍ରତିବାଦରେ ଯୁବତୀ ଜଣକ ନରେଶଙ୍କ ଘର ସମ୍ମୁଖରେ ଅନଶନ ମଧ କରିଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ନ୍ୟାୟ ପାଇଁ ପୀଡ଼ିତା ଗତ ୧୧ ତାରିଖରେ ଅମ୍ବାଭୋନା ଥାନା ଦ୍ୱାରସ୍ଥ ହୋଇ ନରେଶ, ତାଙ୍କ ବଡ଼ଭାଇ ସୁରେଶ ନାୟକ, ବାପା ରାମଲାଲ ନାୟକ ଓ ମାଆ ମାୟାବତୀ ନାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଆଲୋକ ବେହେରା ଦଫା ୩୭୬, ୩୪୧, ୩୨୩, ୫୦୬, ୩୫୪ (କ) ଏବଂ ୩୪ ଆଇପିସିରେ ମାମଲା (ନଂ. ୫୩/୧୯) ରୁଜୁ ରାମଲାଲ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଇତି ମଧ୍ୟରେ ରାମଲାଲ ଜାମିନରେ ମୁକୁଳିଛନ୍ତି। ହେଲେ ନରେଶ, ସୁରେଶ ଓ ମାୟାବତୀ ଫେରାର ହୋଇଯାଇଥିବା ପୋଲିସ କହୁଛି। ଅଭିଯୋଗକୁ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ବାଧ୍ୟ ହୋଇ ପୀଡ଼ିତା ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୁକ୍ତମାନେ ଦିବାଲୋକରେ ବୁଲୁଥିଲେ ମଧ ଅମ୍ବାଭୋନା ପୋଲିସ ସେମାନଙ୍କୁ ଅନୁକମ୍ପା ଦେଖାଇ ଗିରଫ କରୁ ନ ଥିବା ଅଭିଯୋଗ କରି ପୀଡ଼ିତା ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ତଥାପି ଯଦି ସୁଫଳ ନ ମିଳେ ତେବେ ପୀଡ଼ିତା ଆସନ୍ତା ୨୪ ତାରିଖ ପୂର୍ବାହ୍ନରୁ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସେ ବରଗଡ଼ ଜିଲାପାଳ ଏବଂ ମହିଳା କମିଶନଙ୍କୁ ମଧ ସେ ଲିଖିତ ଭାବେ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅମ୍ବାଭୋନା ଥାନାଧିକାରୀ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି। ନରେଶ ବାରମ୍ବାର ଫୋନ ନମ୍ବର ପରିବର୍ତ୍ତନ କରୁଥିବାରୁ ଟ୍ରାକିଂ ହୋଇପାରୁନ ଥିବା ବେହେରା କହିଛନ୍ତି।

**ଆମରଣ ଅନଶନ ଚେତାବନୀ**



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ








ଗୁରୁବାର ଭୋଟ ଗଣତି ପାଇଁ ରାଉରକେଲା ଉଦିତ୍‌ନଗର ହାଇସ୍କୁଲ ପରିସରରେ ପୋଲିସ ପ୍ରହରା (ବାମ)। ଭୋଟ ଗଣତି ପାଇଁ ପ୍ରସ୍ତୁତ ହୋଇଥିବା ଟେବୁଲ।

# ଆର୍ମି ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ରାଉରକେଲା ଅଫିସ,୨୨।୫

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ କରାଯାଇଛି। ଏହି ଅବସରରେ ସଙ୍ଗଠନ ସହ ଅନୁବନ୍ଧିତ ସବୁଜିମା ଇକୋ କ୍ଲବ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ ଓ ଏହାର ଉପକାରିତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସଙ୍ଗଠନ ପ୍ରତିଷ୍ଠାତା ସଦସ୍ୟ ସଂଗ୍ରାମ ପରିଡା, ଅଧକ୍ଷ ଇଂ ଅଭୟ ଦାସ, ଡାକ୍ତର ଡି.କେ.ପଟ୍ଟନାୟକ ଓ ପଶୁପତିନାଥ ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ସବୁଜ ବିପ୍ଳବର ବାର୍ତ୍ତା ପ୍ରଦାନ ନେଇ ସଙ୍ଗଠନ ପକ୍ଷରୁ ପରିଡାଙ୍କ ପ୍ରଚେଷ୍ଟାରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଜୈବ ବିବିଧତା ସମ୍ପର୍କରେ ଅବଗତ କରାଯାଇଥିଲା। ରାସ୍ତା ପାର୍ଶ୍ୱ ବୃକ୍ଷରେ ପକ୍ଷୀ ବସା ନିର୍ମାଣ, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ଗତିବିଧି ଉପରେ ନଜର ରଖିବା ସହ କୋଇଲି, ଶୁଆ, ଶାରୀ, ବଣି, ଘର ଚଟିଆ ଓ ମ୍ୟାଗପାଇ ରବିନ ଇତ୍ୟାଦି ଚଢେଇଙ୍କ ପ୍ରଜନନ ସମ୍ପର୍କରେ ଆଲୋକପାତ କରାଯାଇ ଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ୨୦୧୮-୧୯ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇ ଥିଲା। ଆସନ୍ତା ବର୍ଷ ନିମନ୍ତେ ବ୍ୟୟ ଅଟକଳ ନେଇ ପଶୁପତିନାଥ ଚାଟାର୍ଜୀ ଏକ ସଂକ୍ଷିପ୍ତ ବଜେଟ ଉପସ୍ଥାପନ କରିଥିଲେ। ଶେଷରେ ଅନୁ ଘୋଷ ଧନ୍ୟବାଦ ପ୍ରଦାନ କରିଥିଲେ।




ଜୈବ ବିବିଧତା ଦିବସ ଅବସରରେ ଆର୍ମି ପକ୍ଷରୁ ବୃକ୍ଷରୋପଣ।

ଆରଏସ୍‌ପି ହାଉସ ଓନର୍ସ ସୋସାଇଟିର ବାର୍ଷିକ ବୈଠକ

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୨୨।୫

ସେକ୍ଟର ୫ ଆଦର୍ଶ ସାହିତ୍ୟ ଘର ପ୍ରାଙ୍ଗଣରେ ଆରଏସପି ହାଉସ ଓନର୍ସ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନ ଉପସଭାପତି କେଦାରନାଥ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବେଳେ ସାଧାରଣ ସମ୍ପାଦକ ଗୋପୀନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଡିଏନ୍ ସେଠୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଗତ ୨୦୧୮-୧୯ ଆର୍ଥିକ ବର୍ଷର ସୋସାଇଟି କାର୍ଯ୍ୟାବଳୀ ଓ ଅନ୍ୟ କେତେକ ସମସ୍ୟା ନେଇ ଆଲୋଚନା କରାଯାଇ ଥିଲା। ଏହାର ସମାଧାନ ନିମନ୍ତେ ଆରଏସପି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସହରସେବା ପ୍ରଶାସକଙ୍କୁ ଭେଟିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ଦାସ ଓ ସହଦେବ ଦାସ କମିଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ରୂପେ ଆରଡିଏ ପ୍ଲାନିଂ ମେମ୍ବର ରାମମୋହନ ମିଶ୍ର ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ଗୃହ ନିର୍ମାଣ, ସଂପ୍ରସାରଣ ଦିଗରେ ରହିଥିବା ନୀତି ନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ସଙ୍ଗଠନ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ସଭାପତି ଶତପଥୀ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ଏହି ସଙ୍ଗଠନର ଅଭିବୃଦ୍ଧି ସହ ସମସ୍ୟା ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସହ ସମ୍ପାଦକ କ୍ରିଷ୍ଣକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ଏସିଆନ ଟାଏକୋଣ୍ଡୋ ଚମ୍ପିୟନଶିପ୍

## ୧୪ ଛାତ୍ରୀଛାତ୍ର ମନୋନୀତ

ରାଉରକେଲା ଅଫିସ,୨୨।୫

ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟରୁ ୧୪ ଜଣ ଛାତ୍ରୀଛାତ୍ର ଏସିଆନ ଟାଏକୋଣ୍ଡୋ ଚମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୩୦ ମେ ରୁ ୧ ଜୁନ ପର୍ଯ୍ୟନ୍ତ ଇଣ୍ଟରନ୍ୟାଶନାଲ ଟାଏକୋଣ୍ଡୋ ଫେଡେରେଶନ ଓ ଇଣ୍ଡିଆନ ଟାଏକୋଣ୍ଡୋ ଫେଡେରେଶନ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ତୃତୀୟ ଓପନ ଏସିଆ ଚମ୍ପିୟନଶିପ୍‌ରେ ଭାଗ ନେବାକୁ ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟର ୧୪ ଛାତ୍ରୀଛାତ୍ର ଆସନ୍ତା ୨୮ରେ ନୂଆଦିଲ୍ଲୀ ଯିବେ। ଚିଲଡ୍ରେନ ବିଭାଗରୁ ମନୋନୀତ ୬ରୁ ୧୧ବର୍ଷ ମଧ୍ୟରେ ପ୍ରିୟାଂଶ ସାହୁ, ଶୁଭମ ନାୟକ, ଜ୍ୟୋତିପ୍ରକାଶ ଦାସ, ବାଳିକା ଅର୍ଚ୍ଚନା ମିଶ୍ର ଓ ଓମପ୍ରିୟା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିଭଳି ୧୨ରୁ ୧୪ ବର୍ଷ ବୟସ ମଧ୍ୟରେ ସ୍ନେହାଂଶୁ ସାମନ୍ତରାୟ, ଭୁବେଶ ପ୍ରସାଦ, ସମୀର ବିଶ୍ୱାଳ, ସଂପଦ ହେମ୍ବରମ, ବାଳିକା ଦୃଷ୍ଟି ମୁଖୀ ଓ ଜ୍ୟୋତିର୍ମୟୀ ଦାସ, ବ୍ଲାକ ବେଲ୍ଟ ଆରୋସ ପ୍ରଧାନ, ସମ୍ରାଟ ସାହିଲ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଏମାନଙ୍କ ବ୍ୟତୀତ ୧୫ରୁ ୧୭ ବର୍ଷ ବୟସ ବର୍ଗରେ ବ୍ଲାକ ବେଲ୍ଟ ସତ୍ୟସ୍ୱରୂପ ସାହୁ ଏଥିରେ ସାମିଲ ହେବେ। ଟିମ ଅଫିସିଆଲ ରୂପେ ଦିବ୍ୟା ଛଞ୍ଚଣ, ସ୍ମିତିରଞ୍ଜନ ଲେଙ୍କା ଓ କୋଚ ଦେବେନ୍ଦ୍ର ପ୍ରଧାନ ଏହି ଦଳରେ ନୂଆଦିଲ୍ଲୀ ଯିବେ। ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଓ କ୍ରୀଡା ବିଭାଗ ଡାଇରେକ୍ଟର ବିଜୟ ଭୂଷଣ ରଥ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

ରାଜ୍ୟ ସବ୍ ଜୁନିୟର କରାଟେ

## ଚାମ୍ପିୟନଶିପ ପାଇଁ ଦଳ ଚୟନ

ରାଉରକେଲା ଅଫିସ,୨୨।୫

ରାଜ୍ୟ କରାଟେଡୋ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ଆସନ୍ତା ୨୬ରୁ ଭୁବନେଶ୍ୱରରେ ୩୧ତମ ସବ୍‌ଜୁନିୟର କରାଟେ ଚମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଅବସରରେ ଓସ୍କା ସ୍ୱୀକୃତିପ୍ରାପ୍ତ ସମସ୍ତ ଜିଲା କରାଟେ ଆସୋସିଏଶନ ମାଧ୍ୟମରେ କରାଟେକାମାନେ ଏହି ଚମ୍ପିୟନଶିପରେ ଭାଗ ନେବେ। ଏଥିରେ ରାଉରକେଲା ଶାଖା କରାଟେ ଡୋ ପକ୍ଷରୁ ଏନେଇ ଏକ ଚୟନ ଶିବିର ଛେଣ୍ଡ କଲୋନୀଠାରେ ଥିବା କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଗରେ ସର୍ବାଧିକ ୨ଜଣ ଲେଖାଏ କରାଟେକାଙ୍କୁ ଏଥିରେ ମନୋନୀତ କରାଯାଇ ଥିଲା। ରାଉରକେଲା କରାଟେ ଆସୋସିଏଶନ ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ପଦକ ବିଜେତା ଓ ରେଫରୀ ରାଜୀବ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଷେକ ପଟ୍ଟନାୟକ, ଜୟକୃଷ୍ଣ ପାଣି, ମୋନାଲିସା ମିଶ୍ର, ସ୍ୱାଗତିକା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରତିଯୋଗିତା







ଗ୍ରୀଷ୍ମକାଳୀନ କ୍ରୀଡା ପ୍ରତିଯୋଗିତା ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା କ୍ରିଡାବିତ୍‌ମାନେ।

ରାଉରକେଲା ଅଫିସ,୨୨।୫

ରାଉରକେଲା ଇସ୍ପାତ କାରଖାନା(ଆରଏସପି) କ୍ରୀଡା ବିଭାଗ ପକ୍ଷରୁ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ୩୩ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଇସ୍ପାତ୍ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମ ଚେସ ହଲ ଠାରେ ଜାରି ରହିଛି। ଏହା ପ୍ରତିଯୋଗିତା ଆସନ୍ତା ୨୫ରେ ଉଦ୍‌ଯାପିତ ହେବ। ଏହି ପ୍ରଶିକ୍ଷଣ ଶିବିରରେ ଷ୍ଟିଲ ସିଟି ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆଗ୍ରହୀ ଛାତ୍ରୀଛାତ୍ର ଯୋଗ ଦେଉଛନ୍ତି। ଏଥିରେ ଆଥ୍‌ଲେଟିକ୍ସ, ବ୍ୟାଡମିଣ୍ଟନ, ବାସ୍କେଟ ବଲ. ବକ୍ସିଂ, ଚେସ, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି ଓ ଟେବୁଲ ଟେନିସ ଭଳି ୧୪ଟି ବର୍ଗରେ ତାଲିମ ପ୍ରଦାନ କରାଯାଉଛି। ଅଭିଜ୍ଞ ପ୍ରଶିକ୍ଷକ ଖେଳାଳିମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ୧୯୮୬ରୁ ଆରମ୍ଭ କରାଯାଇଥିବା ଏହି ଶିବିର ଏବେ ନୂଆ ରୂପ ନେଇଛି। ସୀମିତ ଆଗ୍ରହୀଙ୍କୁ ନେଇ ଯେଉଁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା ତାହା ଆଶାତୀତ ରୂପେ ବୃଦ୍ଧି ପାଇଛି। ଏହି ଶିବିରରୁ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହେବା କ୍ରୀଡାବିତଙ୍କୁ ସନ୍ତୋଷ ପ୍ରଦାନ କରିଛି ବୋଲି ଆରଏସପି ସଞ୍ଚାର ବିଭାଗ ସୂତ୍ରରୁ କୁହାଯାଇଛି।

## ଫଟୋରେ ଖବର







ରାସ୍ତା ପାର୍ଶ୍ୱରେ ମହାଦେବ : ଏକ କ୍ୟାଟରିଂ ସଂସ୍ଥା ବିଭିନ୍ନ ମେଳା ମହୋତ୍ସବର ଶୋଭା ବଢ଼ାଇବା ପାଇଁ ବ୍ୟବହାର କରୁଥିବା ମହାଦେବଙ୍କ ମୂର୍ତ୍ତିକୁ ଉଦିତ୍ ନଗର ରାସ୍ତା ପାର୍ଶ୍ୱରେ ରଖିଛନ୍ତି (ବାମ)। ସୁନ୍ଦରଗଡ଼ ଜିଲା କେ.ବଲଙ୍ଗା ଥାନା ଅନ୍ତର୍ଗତ ଜାମୁଦି ଚୋରାଧାରା ନିକଟରେ ଥିବା କଲଭର୍ଟ ତଳେ ମାଓବାଦୀମାନେ ଖଞ୍ଜି ଥିବା ଟିଫିନ ବୋମା ଠାବ ପାଇଁ ଜଣେ ସିଆରପିଏଫ୍ ଯବାନ ଯାଞ୍ଚ କରୁଛନ୍ତି (ମଝି)। ସାରା ରାଉରକେଲା ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ସୁଯୋଗରେ ମାଟି ମାଠିଆ ବିକ୍ରି ପାଇଁ ସେକ୍ଟର-୨୨ ଅଞ୍ଚଳରେ ୨ ବ୍ୟବସାୟୀ ବୁଲୁଛନ୍ତି।

## ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ



ସମ୍ବଲପୁର ସିଡିଏମଓଙ୍କୁ ଭାଜପା କର୍ମକର୍ତ୍ତା ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୨୨।୫ (ବ୍ୟୁରୋ)

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ସମୟରେ ଆନ୍ଦୋଳନ ଓ ଦାବି ହେଉଥିଲେ ମଧ୍ୟ ସରକାର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ପଦବୀ ଗୁଡିକ ପୂରଣ କରୁନାହାନ୍ତି । ବାଟଗାଁ, ଗିରିଶ୍ଚନ୍ଦ୍ରପୁର, ମେଘପାଲ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି ବୋଲି ଭାଜପା କର୍ମକର୍ତ୍ତା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଙ୍କଜିନୀ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ଏହାକୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍ ନଥିବା ବେଳେ ଡାକ୍ତରଖାନା ଗୁଡିକରେ ଔଷଧ, ପାଣି ସୁବିଧା କରାଯାଉ ନାହିଁ । ସେହିପରି ମେଘପାଲଠାରେ ଥିବା ଡାକ୍ତରଖାନା ପରିସର ଜମିକୁ ମଧ୍ୟ କେତେଜଣ ଜବରଦଖଲ କରି ନେଇଛନ୍ତି ବୋଲି ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ରଞ୍ଜିତ କୁମାର ରଥ ଅଭିଯୋଗ କରିଛନ୍ତି।

## ଫେଲ୍ ମାରିଲା ପରିବାର ନିୟୋଜନ ଅସ୍ତ୍ରୋପଚାର

ସମ୍ବଲପୁର, ୨୨।୫ (ବ୍ୟୁରୋ)

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିବାର ନିୟୋଜନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମହିଳା ଓ ପୁରୁଷମାନଙ୍କୁ ସଚେତନ କରିବା ସହ ମାଗଣାରେ ଗର୍ଭନିରୋଧକ ବଟିକା ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି । ଏପରିକି ପୁରୁଷ ବନ୍ଧ୍ୟାକରଣ ଓ ମହିଳାମାନଙ୍କୁ ଅସ୍ତ୍ରୋପଚାର କରାଯାଉଛି । ହେଲେ ଏହା ଫେଲ୍ ମାରୁଛି । ଅସ୍ତ୍ରୋପଚାର କରିଥିବା ଜଣେ ମହିଳା ପୁଣି ଗର୍ଭବତୀ ହୋଇଛନ୍ତି । ଏହାକୁ ନେଇ ସେ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୁଯୁମୁରା ବ୍ଲକ ନୂଆଁବରଙ୍ଗାମାଲ ପଞ୍ଚାୟତ ଗୋବର୍ଦ୍ଧନ ବଡମାଲ ଗ୍ରାମର ସୁବାଷ ସୁନାଙ୍କ ସ୍ତ୍ରୀ ଦୀପାଞ୍ଜଳି ଗର୍ଭବତୀ ଥିବା ଡାକ୍ତର କହିଛନ୍ତି । ପଡିଆବାହାଲ ଡାକ୍ତରଖାନାରେ ଗତ ଡିସେମ୍ବର ୩ରେ ସେ ପରିବାର ନିୟୋଜନ ଅସ୍ତ୍ରାପଚାର କରାଇଥିଲେ । କିଛି ଦିନ ହେବ ସେ ସନ୍ଦେହ କରି ପୁଣି ଡାକ୍ତରଖାନାରେ ପରୀକ୍ଷା କରିଥିଲେ । ହେଲେ ସେ ୪ମାସର ଗର୍ଭବତୀ ଥିବା ଡାକ୍ତର କହିଥିଲେ । ଏହାକୁ ନେଇ ଚିନ୍ତାରେ ପଡି ଯାଇଥିଲେ । ଗରିବ ପରିବାର ହୋଇଥିବାରୁ ଏବେ ସନ୍ତାନର ଲାଳନପାଳନ କରିବାର କଷ୍ଟକର। ଡାକ୍ତରଙ୍କ ଭୁଲ୍ ଯୋଗୁ ଏବେ ପୁଣି ସେ ଗର୍ଭବତୀ ହୋଇଛନ୍ତି । ତେଣୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି।

## ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଲା

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ଚେରୁଆପଡାରେ ଏକ ଘରେ ବୁଧବାର ଅପରାହ୍ନରେ ସଟ୍‌ସର୍କିଟ ଯୋଗୁଁ ନିଆଁ ଲାଗିଥିଲା । ଘର ମାଲିକ ଚନ୍ଦ୍ରକଳା ଲାଠ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଏହାପରେ ତତ୍‌କ୍ଷଣାତ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଚେରୁଆପଡାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ନିଆଁ ଲାଗିବାରୁ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ପୋଡି ଯାଇଥିବାଛି ।

## ଲଜପତ ରାୟ ଆଇନ କଲେଜରେ ଏଲ୍‌ଏଲ୍‌ଏମ୍ ପାଠ୍ୟ ଖସଡା ଉନ୍ମୋଚିତ

ସମ୍ବଲପୁର,୨୨।୫ (ବ୍ୟୁରୋ)

ଲଜପତ ରାୟ ଆଇନ କଲେଜରେ ଏଲଏଲଏମ ପାଠ୍ୟ ଖସଡା ବୁଧବାର ଉନ୍ମୋଚିତ ହୋଇଛି । କଲେଜ ଅଧ୍ୟକ୍ଷ ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଜଲାନ ଫାଉଣ୍ଡେସନ ଅଧ୍ୟକ୍ଷ ଅଶୋକ ଜଲାନ, ମଳୟ ଦେ ଅତିଥି ଭାବେ ଯୋଗଦେଇ ଥିଲେ । ଆସନ୍ତା ଶିକ୍ଷା ବର୍ଷରୁ ବିବିଏ ଓ ଏଲଏଲବି ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଜଲାନ ଫାଉଣ୍ଡେସନ ପକ୍ଷରୁ ଆଇନଜୀବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ନାମରେ ସ୍ୱର୍ଣ୍ଣ ପଦକ ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଉତ୍ସବରେ ଘୋଷଣା କରାଯାଇଛି। ଡ. ବିକ୍ରମ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ଦାଶ ବିବରଣୀ ପାଠ କରିଥିଲେ । ଶେଷରେ ଅଧ୍ୟାପକ ଅଙ୍କିତସ୍ୱରପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ବୁଧବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜରେ ଏଲଏଲଏମ ପାଠ୍ୟଖସଡା ଉନ୍ମୋଚନ ଉତ୍ସବରେ ଅଧ୍ୟକ୍ଷ ବିଜୟାନନ୍ଦ ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।



ଜମ୍ମୁ-କଶ୍ମୀରରେ ଯଥାଶୀଘ୍ର ସମ୍ଭବ ରାଷ୍ଟ୍ରପତି ଶାସନ ଶେଷ ହେଉ ଓ ବିଧାନସଭା ନିର୍ବାଚନ ହେଉ ବୋଲି ଆମେ ଚାହୁଁଛୁ।

ସତ୍ୟପାଲ ମଲିକ,
ଜମ୍ମୁ-କଶ୍ମୀର ରାଜ୍ୟପାଳ






ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲାସ୍ଥିତ ବାଲୁରଘାଟ ଷ୍ଟ୍ରଙ୍ଗରୁମ୍ ବାହାରେ ମୁତୟନ ସୁରକ୍ଷା କର୍ମୀ।



ପାଟନାର ଏକ ମିଠାଦୋକାନରେ ବିଜୟୀ ପ୍ରାର୍ଥୀଙ୍କ ପାଇଁ ଲଡୁ ତିଆରି ଚାଲିଛି।



ନୂଆଦିଲ୍ଲୀର ଅକ୍ଷରଧାମରେ ମତଦାନ ସାମଗ୍ରୀ ରଖାଯାଇଥିବାବେଳେ ତଦାରଖ କରୁଛନ୍ତି ଜଣେ ସୁରକ୍ଷା କର୍ମୀ।

# ଫଳ ପାଇଁ ସବୁଠି ଉତ୍କଣ୍ଠା

**ସାତ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଶେଷ ହେବା ପରେ ୫୪୨ ଲୋକ ସଭା ଆସନର ୮ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ ହୋଇସାରିଛି। ବାକି ଅଛି କେବଳ ଭୋଟ ଗଣତି ପରେ ଘୋଷଣାକୁ। କିଏ ବିଜୟ ପରେ ଉତ୍ସବ ମନାଇବା ପାଇଁ ମିଠା କିଣିଲେଣି ତ ଆଉ କିଏ ଟିଭି ସାମ୍ନାରେ ବସି ସିଧାପ୍ରସାରଣରୁ ତଥ୍ୟ ସଂଗ୍ରହର ବ୍ୟବସ୍ଥା କରିସାରିଲେଣି। ଫଳ ଆସିବାକୁ କେତେ ଘଣ୍ଟା ବାକିଥିବାବେଳେ ଏହାକୁ ନେଇ ସାରା ଦେଶରେ ଦେଖିବାକୁ ମିଳିଛି ଅଭୂତପୂର୍ବ ଉତ୍କଣ୍ଠା।**

## ଷ୍ଟ୍ରଙ୍ଗ୍‌ରୁମ୍‌ରେ କଡ଼ା ସୁରକ୍ଷା

ନୂଆଦିଲ୍ଲୀ,୨୨।୫(ପି.ଟି.)

୨୦୧୯ ସାଧାରଣ ନିର୍ବାଚନ ସଦ୍ୟ ଶେଷ ହୋଇଥିବାବେଳେ ସମସ୍ତ ୨୯ ରାଜ୍ୟ ଓ ୯ କେନ୍ଦ୍ରଶାସିତ ଅଞ୍ଚଳର ୫୪୨ ଲୋକ ସଭା ଆସନରେ ଭୋଟ ଗଣତିର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର ଆଲର୍ଟ ଜାରି କରାଯାଇଛି। ଗୁରୁବାର ଦେଶର ବିଭିନ୍ନ ଭାଗରେ ଗଣତି ବେଳେ ହିଂସା ଓ ସଂଘର୍ଷ ଘଟିବାର ଆଶଙ୍କା ରହିଛି। ସେହିପରି କେତେକ ବର୍ଗର ଲୋକେ ହିଂସା ଉସୁକାଉଥିବାରୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ବିଶେଷକରି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଓ ତ୍ରିପୁରାରେ ଗଣତି ବେଳେ ବିଭ୍ରାଟ ହେବା ଆଶଙ୍କା କରି ଅଧିକ ସଂଖ୍ୟକ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି।

## ଇସି ଆପ୍‌ରେ ନିର୍ଭୁଲ ଫଳ

ନୂଆଦିଲ୍ଲୀ,୨୨।୫(ଆଇଏଏନ୍‌ଏସ୍)

ନିର୍ବାଚନ କମିଶନ (ଇସି)ଙ୍କ ଅନ୍‌ଲାଇନ୍‌ଆପ୍‌ଭୋଟରହେଲ୍‌ପ ଲାଇନ୍‌ରେ ସମୟାନୁସାରେ ନିର୍ଭୁଲ ଫଳ ଆସିବ। ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଥିବା ବ୍ୟକ୍ତି ନିଜ ମୋବାଇଲ୍‌ରେ ପରିଣାମ ସମ୍ପର୍କିତ ଖବର ପାଇପାରିବେ। ପୂର୍ବରୁ ଚୂଡ଼ାନ୍ତ ଫଳ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ଦିଆଯାଉଥିଲା। ହେଲେ ଏଥର ଏହି ଆପ୍ ଜରିଆରେ ତ୍ୱରିତ ତଥ୍ୟ ପ୍ରଦାନ କରାଯିବ। ଏହି ଆପ୍ ଉଭୟ ଆଣ୍ଡ୍ରଏଡ୍ ଓ ଆଇଫୋନ୍ ୟୁଜର୍ସଙ୍କ ପାଇଁ ଉପଲବ୍ଧ। ଏହାକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ୟୁଜର୍ସ ଡାଉନ୍‌ଲୋଡ୍ କରିସାରିଲେଣି।

## ସତର୍କତା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୫(ପି.ଟି.)

୭ ପର୍ଯ୍ୟାୟର ନିର୍ବାଚନ ପରେ ଗଣତି ପାଇଁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍‌ଗୁଡ଼ିକ କଡ଼ା ସୁରକ୍ଷା ମଧ୍ୟରେ ରହିଛି ବୋଲି ନିର୍ବାଚନ କମିଶନ ବୁଧବାର ନିଶ୍ଚିତ କରିଛନ୍ତି। ଏହାସହ ଇଭିଏମ୍ ଜାଲିଆତି, ହେରଫେର ଆଦିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଠାଉଥିବା ଅଭିଯୋଗକୁ ଇସି ଖଣ୍ଡନ କରିଛନ୍ତି। ପୋଲିଂ ଓ ପରବର୍ତ୍ତୀ ସମୟରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍ ସୁରକ୍ଷିତ ରଖିବା ଲାଗି ପଦକ୍ଷେପ ନିଆଯାଇଛି। ଏହାସହ କଣ୍ଟ୍ରୋଲ ୟୁନିଟ୍ (ସିୟୁ), ବାଲଟ ୟୁନିଟ୍ (ବିୟୁ), ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍‌ଗୁଡ଼ିକୁ ସେଠାରେ ରଖାଯାଇଛି। ସେଗୁଡ଼ିକର ଭିଡିଓଗ୍ରାଫି ମଧ୍ୟ କରାଯାଇଛି। ପ୍ରକାଶ ଯେ, କେତେକ ସ୍ଥାନରେ ଇଭିଏମ୍‌ର ବେଆଇନ ପରିବହନକୁ ନେଇ ଗତ ୨ ଦିନ ହେଲା ଭିଡିଓ ଭାଇରାଲ ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

■ ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କଲେ ଇସି

## ଶେଷରେ କରାଯିବ ଭିଭିପିଏଟି ଗଣତି

ନୂଆଦିଲ୍ଲୀ,୨୨।୫(ପି.ଟି.)



ନିର୍ବାଚନ ଶେଷହେବା ପରେ ଗୁରୁବାର ଭୋଟଗଣତି କରାଯିବ। ଇଭିଏମ୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ପ୍ରଥମେ ଭିଭିପିଏଟି ଗଣତି କରିବା ଲାଗି ନିର୍ବାଚନ କମିଶନ(ଇସି)ଙ୍କ ପାଖରେ ଗତ ମଙ୍ଗଳବାର ଦାବି କରିଥିଲେ। ହେଲେ ଏହି ଦାବିକୁ ବୁଧବାର ୩ ସଦସ୍ୟଯୁକ୍ତ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା, ନିର୍ବାଚନ କମିଶନର ଅଶୋକ ଲଭାସା ଓ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ବିରୋଧୀଙ୍କ ଦାବିକୁ ତର୍ଜମା କରିବା ସହ ଅତୀତରେ ହୋଇଥିବା ଗଣତି ଭଳି ଭିଭିପିଏଟି ଗଣତି ଶେଷରେ କରାଯିବ ବୋଲି ନିଷ୍ପତ୍ତି ଶୁଣାଇଛନ୍ତି। ଇଭିଏମ୍ ସହ ପୋଷ୍ଟାଲ୍ ବାଲଟ ଏକ ସଙ୍ଗେ ଗଣତି କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

ସମସ୍ତ ଗଣତି ପ୍ରକ୍ରିୟା ଶେଷହେବା ପରେ ସଂସଦୀୟ କ୍ଷେତ୍ରରେ ଥିବା ପ୍ରତିଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ଟି ମତଦାନ କେନ୍ଦ୍ରର ଭିଭିପିଏଟି ଗଣତି କରାଯିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ଦର୍ଶାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ୨୨ଟି ବିରୋଧୀ ଦଳ ପକ୍ଷରୁ ପ୍ରଥମେ ୫ଟି ରାଣ୍ଡମ୍ ଭିଭିପିଏଟି ଗଣତି କରିବା ଲାଗି ଦାବି କରାଯାଇଥିଲା। ଏଥିରେ କିଛି ତ୍ରୁଟି ସାମ୍ନାକୁ ଆସିଲେ ସମସ୍ତ ଭିଭିପିଏଟି ଗଣତି କରିବାକୁ ଦାବି କରାଯାଇଥିଲା। ହେଲେ ଏହାକୁ ଇସି ଅଗ୍ରାହ୍ୟ କରିଦେଇଛନ୍ତି। ପ୍ରଥମେ ପୋଷ୍ଟାଲ୍ ଭୋଟ ଗଣତି କିଛି ଘଣ୍ଟା ସମୟ ନେବ ବୋଲି ଇସି କହିଛନ୍ତି। ଭୋଟଗଣତି ନେଇ ତରବର ହେବା ଠିକ୍ ନୁହେଁ। ଆମେ ବି ଅଧିକ ବିଳମ୍ବ କରିବାକୁ ଚାହୁଁନା ବୋଲି ଇସି ଦର୍ଶାଇଛନ୍ତି।

■ କଂଗ୍ରେସ କର୍ମୀଙ୍କୁ ରାହୁଲଙ୍କ ଆଶ୍ୱାସନା

## ଏକ୍‌ଜିଟ୍ ପୋଲ୍‌କୁ ନ ଡରି ଅପେକ୍ଷା କର

ନୂଆଦିଲ୍ଲୀ,୨୨।୫



ବିଭିନ୍ନ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ଭାଜପାକୁ ବହୁମତ ମିଳିବ ବୋଲି ଦର୍ଶାଯାଇଥିବାବେଳେ ତଥାପି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଜୟ ଆଶା ଛାଡ଼ିନାହାନ୍ତି। ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ଡରି ନ ଯାଇ ଫଳାଫଳ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ସେ ବୁଧବାର କଂଗ୍ରେସ କର୍ମୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଟୁଇଟ୍ କରି ଏଥିଲାଗି ସତର୍କ ରହିବାକୁ କର୍ମୀମାନଙ୍କୁ କହିଛନ୍ତି। ଜାଲ୍ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଦେଖି ନ ଡରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଇଭିଏମ୍ ବୋହୁଛନ୍ତି ଶିଶୁ ଶ୍ରମିକ



ପାଟ୍‌ନା,୨୨।୫

ବିହାରରେ ଶିଶୁ ଶ୍ରମିକଙ୍କ ଦ୍ୱାରା ଇଭିଏମ୍ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କିତ ଏକ ଫଟୋ ସୋସିଆଲ ମିଡିଆରେ ଛଡ଼ାଯିବା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ସମାଲୋଚନା କରାଯାଇଛି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଇଭିଏମ୍‌ର ପରିବହନ ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇବା ସହ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଛନ୍ତି।



ଭିଭିପିଏଟି ପ୍ରଥମେ ଗଣତି କରିବା ପାଇଁ ବିରୋଧୀ ଦଳ ଗୁଡିକର ଦାବିକୁ ନିର୍ବାଚନ କମିଶନ ଅଗ୍ରାହ୍ୟ କରି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଯାଇଛନ୍ତି।
- **ସୀତାରାମ ୟେଚୁରୀ ,ସିପିଆଇଏମ୍ ସାଧାରଣ ସମ୍ପାଦକ**

■ ପଦୋନ୍ନତି ପ୍ରସ୍ତାବକୁ କେନ୍ଦ୍ରର ମୋହର

## ସୁପ୍ରିମକୋର୍ଟରେ ନିଯୁକ୍ତି ପାଇବେ ୪ ବିଚାରପତି



ନୂଆଦିଲ୍ଲୀ,୨୨।୫

ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି ନେଇ ପୁଣି ୪ ଜଣଙ୍କ ନାମକୁ ସରକାର ବୁଧବାର ମୋହର ମାରିଛନ୍ତି। ଏହି ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୩୧ରେ ପହଞ୍ଚିବ। ଏବେ ୨୭ ବିଚାରପତି ସର୍ବୋଚ୍ଚ ଅଦାଲତରେ କାର୍ଯ୍ୟରତ ଅଛନ୍ତି। ଯେଉଁ ୪ ଜଣ ବିଚାରପତିଙ୍କ ନାମକୁ ମୋହର ମରାଯାଇଛି, ସେମାନେ ହେଲେ ବିଚାରପତି ଅନିରୁଦ୍ଧ ବୋଷ, ଏ.ଏସ୍. ବୋପାନ୍ନା, ବି.ଆର୍. ଗଭାଇ ଓ ସୂର୍ଯ୍ୟକାନ୍ତ। ବିଚାରପତି ବୋଷ୍ ଓ ବୋପାନ୍ନାଙ୍କ ନାମକୁ ସରକାର ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ୍‌କୁ ଫେରାଇ ଦେଇଥିଲେ। ପରେ କଲେଜିୟମ୍ ସେମାନଙ୍କ ନାମରେ ପୁନଃ ମୋହର ମାରିଥିଲେ। ଏଥିସହ ବିଚାରପତି ବି.ଆର୍. ଗଭାଇ ଓ ସୂର୍ଯ୍ୟକାନ୍ତଙ୍କ ନାମକୁ ମଧ୍ୟ କଲେଜିୟମ୍ ସ୍ୱୀକୃତି ପ୍ରଦାନ କରିଥିଲେ। ରାଷ୍ଟ୍ରପତିଙ୍କ ମୋହର ପରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବିଚାରପତି ବୋଷ ଏବେ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ ବିଚାରପତି ବୋପାନ୍ନା ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଅଛନ୍ତି। ବିଚାରପତି ଗଭାଇ ବମ୍ବେ ହାଇକୋର୍ଟର ବିଚାରପତି ଥିବାବେଳେ ବିଚାରପତି ସୂର୍ଯ୍ୟକାନ୍ତ ହିମାଚଳ ପ୍ରଦେଶର ମୁଖ୍ୟ ବିଚାରପତିଭାବେ କାର୍ଯ୍ୟ କରୁଛନ୍ତି।

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ସମର୍ଥନ

ନୂଆଦିଲ୍ଲୀ,୨୨।୫(ପି.ଟି.)

**ୱାଇଏସ୍‌ଆର୍ କଂଗ୍ରେସର ଘୋଷଣା**

ଖଣ୍ଡିତ ଜନାଦେଶ ଆସିଲେ ଝୁଲା ପାର୍ଲାମେଣ୍ଟ ସ୍ଥିତିରେ କେନ୍ଦ୍ରରେ କିଏ ସରକାର ଗଠନ କରିବ ତାହା ଏକାଧିକ ଆଞ୍ଚଳିକ ଦଳ ଉପରେ ନିର୍ଭର କରେ। ଏଭଳି ସମୟରେ ଭୋଟ ଗଣତିର ଦିନକ ପୂର୍ବରୁ ଆଭିମୁଖ୍ୟ ସ୍ପଷ୍ଟ କରିଛି ଆନ୍ଧ୍ରପ୍ରଦେଶର ବିରୋଧୀ ଦଳ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି (ୱାଇଏସ୍‌ଆର୍‌ସିପି)। ଆନ୍ଧ୍ରକୁ ଯେଉଁ ଦଳ ବା ମେଣ୍ଟ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରିବ ତାକୁ ୱାଇଏସ୍ ଜଗନ୍‌ମୋହନ୍ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍‌ସିପି ସମର୍ଥନ କରିବ। ଏହି ଦଳର ସମର୍ଥନ ହାସଲ ଲାଗି ଉଭୟ ଭାଜପା ଓ ବିରୋଧୀ ଶିବିର ଉଦ୍ୟମ ଚଳାଇଥିବାବେଳେ ୱାଇଏସ୍‌ଆର୍‌ସିପିର ବରିଷ୍ଠ ନେତା ମେକାପତି ରାଜମୋହନ ରେଡ୍ଡୀ ଏହି ଘୋଷଣା କରିଛନ୍ତି।

**[ଇତିହାସର ଆଇନାରେ]**

### ମେ ୨୩ର ପ୍ରମୁଖ ଘଟଣା

୧୯୬୦ ମେ ୨୩ରେ ଚିଲିରେ ଭୂକମ୍ପ ଯୋଗୁ ସୁନାମି ଆସିବା ଫଳରେ ହାୱାଇର ହିଲୋଠାରେ ୬୧ ଲୋକଙ୍କ ମୃତ୍ୟୁ ଘଟିଥିଲା। ସୁନାମି ହେଉଛି ସାମୁଦ୍ରିକ ଉତ୍ତାଳ ଜୁଆର। ଏହାକୁ ସିସ୍‌ମିକ୍ ସି ୱେଭ୍ ମଧ୍ୟ କୁହାଯାଏ। ଭୂକମ୍ପ ହେବା ଫଳରେ ସମୁଦ୍ରର ଏକ ବୃହତ୍ ଅଂଶର ଜଳ ବିସ୍ଥାପିତ ହେବା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ।

୨୦୧୬ ମେ ୨୩ରେ ବିଶ୍ୱ ମାନବତାବାଦୀ ସମ୍ମିଳନୀ ତୁର୍କୀର ଇସ୍ତାନବୁଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଜାତିସଂଘର ତତ୍‌କାଳୀନ ସେକ୍ରେଟାରି ଜେନେରାଲ ବାନ୍ କି-ମୁନ୍‌ଙ୍କ ଦ୍ୱାରା ଏଭଳି ଏକ ପଦକ୍ଷେପ ଆରମ୍ଭ ହୋଇଥିଲା।

## ‘ରିସାଟ୍-୨ବି’ର ସଫଳ ଉତ୍କ୍ଷେପଣ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୨୨।୫

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ବୁଧବାର ରିସାଟ୍-୨ବି ଉପଗ୍ରହର ସଫଳ ଉତ୍କ୍ଷେପଣ କରାଯାଇଛି। ପୃଥିବୀ ପର୍ଯ୍ୟବେକ୍ଷଣକାରୀ ଏହି ଉପଗ୍ରହ ଲଞ୍ଚ୍ କରିବାରେ ଇସ୍ରୋ ଇତିହାସ ସୃଷ୍ଟି କରିଛି। ସକାଳ ୫ଟା ୩୦ରେ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେଇକିଲ (ପିଏସ୍‌ଏଲ୍‌ଭି-ସି୪୬) ରକେଟ୍‌ରେ ଅଗ୍ନି ସଂଯୋଗ କରାଯାଇଥିଲା। ରାଡାର ଇମେଜିଂ ଆର୍ଥ ସାଟେଲାଇଟ୍‌କୁ ସତୀଶ ଧାବନ ସ୍ପେସ୍ ସେଣ୍ଟରର ଲଞ୍ଚ୍‌ପ୍ୟାଡ଼ରୁ ଉତ୍କ୍ଷେପଣ କରାଯାଇଥିଲା। ୬୧୫ କିଲୋଗ୍ରାମ୍ ବିଶିଷ୍ଟ ଉକ୍ତ ସାଟେଲାଇଟ୍‌କୁ ଉତ୍କ୍ଷେପଣର ୧୫ ମିନିଟ୍ ପରେ ପୃଥିବୀ ପୃଷ୍ଠରୁ ୫୫୫ କିଲୋମିଟର ଉଚ୍ଚ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ରିସାଟ୍-୨ବି (ରାଡାର ଇମେଜିଂ ସାଟେଲାଇଟ୍-୨ବି) ଦେଶର ନିରାପତ୍ତା ପାଇଁ ସତର୍କ ନଜର, କୃଷି, ବନ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ସିବନ ପ୍ରକାଶ କରିଛନ୍ତି।

**ସୀମାରେ ରହିବ କଡ଼ା ନଜର**



## ପଞ୍ଚତାରକା ହୋଟେଲରେ ରହିବେନି ନବ ନିର୍ବାଚିତ ଏମ୍‌ପି

ନୂଆଦିଲ୍ଲୀ,୨୨।୫

୧୭ତମ ଲୋକ ସଭା ପାଇଁ ନବ ନିର୍ବାଚିତ ସଦସ୍ୟମାନେ ପଞ୍ଚତାରକା ହୋଟେଲରେ ଅସ୍ଥାୟୀ ରହଣି କରିପାରିବେ ନାହିଁ। ସେମାନଙ୍କ ରହିବା ପାଇଁ ୱେଷ୍ଟର୍ନ କୋର୍ଟରେ ବ୍ୟବସ୍ଥା କରାଯାଇଥିବା ବୁଧବାର ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଘୋଷଣା କରାଯାଇଛି। ନବ ନିର୍ବାଚିତ ଏମ୍‌ପିମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି ସମ୍ପର୍କରେ ସେକ୍ରେଟାରି ଜେନେରାଲ ସ୍ନେହଲତା ଶ୍ରୀବାସ୍ତବ କହିଲେ, ସଦସ୍ୟମାନଙ୍କୁ ବାସଭବନ ଯୋଗାଇଦେବା ପର୍ଯ୍ୟନ୍ତ ସେମାନେ ୱେଷ୍ଟର୍ନ କୋର୍ଟ ଏବଂ ଷ୍ଟେଟ୍ ହାଉସ୍‌ଗୁଡ଼ିକରେ ରହିପାରିବେ। ଏଥିପାଇଁ ଏକ ଆକୋମୋଡେଶନ୍ ଡେସ୍କ ପାର୍ଲାମେଣ୍ଟ ହାଉସ୍‌ର ଫାର୍ଷ୍ଟ ଫ୍ଲୋର ରୁମ୍ ନଂ-୬୨ରେ ପ୍ରତିଷ୍ଠା କରାଯାଇଛି। ଏହା ମେ ୨୩ରୁ ୨୮ ପର୍ଯ୍ୟନ୍ତ ୨୪ଘଣ୍ଟା କାର୍ଯ୍ୟ କରିବ। ଏମ୍‌ପିମାନେ ରାଜଧାନୀରେ ପହଞ୍ଚିବା ପାଇଁ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଟର୍ମିନାଲ, ନୂଆଦିଲ୍ଲୀ ରେଳଷ୍ଟେଶନ୍, ଆନନ୍ଦ ବିହାର ରେଳଷ୍ଟେଶନ୍ ଏବଂ ନିଜାମୁଦ୍ଦିନ ରେଳଷ୍ଟେଶନ୍‌ରେ ଗାଇଡ ସ୍ୱାଗତ୍‌ମାନ ପ୍ରତିଷ୍ଠା କରାଯାଇଛି। ଏଥିସହିତ ଏମ୍‌ପିମାନେ ସ୍ଥାୟୀ ପରିଚୟ ପତ୍ର ପାଇବା ପାଇଁ ଲୋକ ସଭା ସେକ୍ରେଟାରିଏଟ୍ କର୍ମଚାରୀଙ୍କ ସହାୟତା ନେଇପାରିବେ।

ନବନିର୍ବାଚିତ ଏମ୍‌ପିମାନେ ରିଟର୍ନିଂ ଅଫିସରଙ୍କ ଦ୍ୱାରା ଦିଆଯାଇଥିବା ନିର୍ବାଚନ ପ୍ରମାଣପତ୍ରକୁ ରୁମ୍ ନଂ-୬୨ରେ ଦେଖାଇବେ। ଏହାଦ୍ୱାରା ସେମାନଙ୍କ ରହଣି ବ୍ୟବସ୍ଥା, ସ୍ଥାୟୀ ପରିଚୟ ପତ୍ର ପ୍ରଦାନ, ରେଲୱେ ପାସ୍ ମଞ୍ଜୁର ଆଦି ସହଜରେ ହୋଇପାରିବ। ନବ ନିର୍ବାଚିତ ସଦସ୍ୟଙ୍କୁ ସ୍ୱାଗତ କରିବା ପାଇଁ ପାର୍ଲାମେଣ୍ଟ ହାଉସ ଏବଂ ସେଣ୍ଟ୍ରାଲ ହଲ୍‌କୁ ସୁସଜ୍ଜିତ କରାଯାଇଥିବା ସେକ୍ରେଟାରି ଜେନେରାଲ୍ ସୂଚନା ଦେଇଛନ୍ତି।



ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟରେ ଲୋକ ସଭା ସେକ୍ରେଟାରି ଜେନେରାଲ ସ୍ନେହଲତା ଶ୍ରୀବାସ୍ତବ ସପ୍ତଦଶ ଲୋକ ସଭା ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରୁଛନ୍ତି।


ଅନନ୍ୟା



# ବଲିଉଡ୍ ହାଲ୍‌ଚାଲ୍

❖ଚଳିତବର୍ଷ ଶେଷ ଭାଗରେ 'ହେରାଫେରି-୩'ର ଶୁଟିଂ ଆରମ୍ଭ ହେବ। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଏହାର ଅନ୍ୟତମ ଅଭିନେତା ସୁନୀଲ ସେଟ୍ଟି। ଫିଲ୍ମର ନିର୍ଦ୍ଦେଶନା ଦେବେ ଇନ୍ଦ୍ର କୁମାର।

❖ପ୍ରଭାସ ଅଭିନୟ କରୁଥିବା 'ଶାହୋ'ର କାଷ୍ଟିଂରେ ବଲିଉଡ୍‌ର ଜଣେ ନାମୀ ଅଭିନେତାଙ୍କୁ ସାମିଲ କରାଯାଇଛି। ସେ ଏଥିରେ ଅତିଥି କଳାକାର ଭାବରେ ଅଭିନୟ କରିବେ। ଅଭିନେତା ଜଣକ କିଏ ଜାଣନ୍ତି ? ସଲମାନ ଖାଁ।

❖ମହେଶ ଭଟ୍ଟଙ୍କ ନିର୍ଦ୍ଦେଶନାରେ 'ସଡକ-୨'ର ଶୁଟିଂ ଚାଲୁ ରହିଛି। ଏଥିରେ ସଞ୍ଜୟ ଦତ୍ତଙ୍କୁ ନେଇ ଏକ ଗୀତ ପିକ୍ଚରାଇଜେଶନ ହେବାର ଯୋଜନା ରହିଛି। ଫିଲ୍ମର ମୁଖ୍ୟ ଭୂମିକାରେ ଆଦିତ୍ୟ ରୟକପୁର ଏବଂ ଆଲିୟା ଭଟ୍ଟ ଅଭିନୟ କରୁଛନ୍ତି।

❖ନବାଗତା ଅନନ୍ୟା ପାଣ୍ଡେ ଏବେଠାରୁ ଗୋଟିଏ କଥାକୁ ନେଇ ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ଭବିଷ୍ୟତରେ ସେ କୁଆଡେ ଆଇଟମ ନମ୍ବରରେ ଅଭିନୟ କରିବେ ନାହିଁ ବୋଲି କହି ବୁଲୁଛନ୍ତି। ଚଳିତବର୍ଷ ରିଲିଜ ହୋଇଥିବା 'ଷ୍ଟୁଡେଣ୍ଟ ଅଫ ଦି ଇୟର-୨'ରୁ ଚଙ୍କି ପାଣ୍ଡେଙ୍କ କନ୍ୟା ଅନନ୍ୟା ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି।

❖ଟାଇଗର ଶ୍ରଫଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ କଟୁଛି। ନିଜ ଫିଗରକୁ ଆହୁରି ଆକର୍ଷଣୀୟ କରିବାକୁ ସେ ଲାଗିପଡିଛନ୍ତି।

❖ବରୁଣ ଧାୱନ କେବେ ତାଙ୍କର ପ୍ରେମିକା ନତାଶା ଦଲାଲଙ୍କୁ ବିବାହ କରିବେ ତାହାକୁ ନେଇ ଆଲୋଚନା ଥମୁନାହିଁ। ଏହି ପ୍ରେମୀଯୁଗଳ ଚଳିତବର୍ଷ ଡିସେମ୍ବରରେ ହାତକୁ ଦି' ହାତ ହେବେ ବୋଲି ଶୁଣିବାକୁ ମିଳୁଛି। ଗୋଆରେ ଏହି ହାଇପ୍ରୋଫାଇଲ ମ୍ୟାରେଜ ଅନୁଷ୍ଠିତ ହେବ ବୋଲି ଆଲୋଚନା ହେଉଛି।

❖ମଲାଇକା ଆରୋରା ଏବଂ ଅର୍ଜୁନ କପୁରଙ୍କ ପ୍ରେମ କାହାଣୀ ଅବା କାହାକୁ ଅଛପା। ଏପରି କି ଦୁହେଁ ବିବାହ କରିବାକୁ ଯାଉଛନ୍ତି ବୋଲି ଶୁଣାଯାଉଛି। ହେଲେ ଏ ବିଷୟରେ ପଚାରିଲେ ଅର୍ଜୁନ ଏବେ ନୀରବତା ଅବଲମ୍ବନ କରୁଛନ୍ତି। ତେବେ ଆମେ କ'ଣ ଜାଣିବା ଯେ 'ମୌନେ ସମ୍ମତି ଲକ୍ଷଣମ୍' !

# ହୋମସିକ୍ ସୋନାକ୍ଷୀ

**ବା**ପ୍‌ରେ ଲମ୍ବା ଶୁଟିଂ ! ତା'ପରେ ଯେତେବେଳେ କିଛି ଦିନ ବ୍ରେକ୍ ମିଳିଛି ସୋନାକ୍ଷୀ ଆଉ କେଉଁଠି ନ ରହି ସିଧା ଘରମୁହାଁ ହୋଇଛନ୍ତି। କାରଣ ଶୁଟିଂ ଯୋଗୁ ସେ ବାହାରେ ପାଖାପାଖି ଦୁଇ ସପ୍ତାହ ହେଲା ରହିଲେଣି। ଯେହେତୁ କିଛି ଦିନ ଶୁଟିଂ ବନ୍ଦ ରହିବ ତେଣୁ ସେହି ସମୟ ସେ ନିଜ ପରିବାର ସହ କଟାଇବାକୁ ସ୍ଥିର କରିଛନ୍ତି। 'ଦୁଇ ସପ୍ତାହ ହେଲାଣି ମୁଁ ବାହାରେ ଥିଲି। ଏବେ ପ୍ରାୟ ୫-୬ଦିନ ଶୁଟିଂ ବନ୍ଦ ଅଛି। ତେଣୁ ମୁଁ ଏହି ସମୟ ତକ ଘରେ ରହିବି। କେବଳ ସେତିକି ନୁହେଁ, ସାଙ୍ଗ ପିଲାଙ୍କୁ ଡାକି ଏକ ଗେଟ୍ ଟୁଗେଦର କରିବାର ଯୋଜନା ମଧ୍ୟ ରହିଛି ବୋଲି କହିଛନ୍ତି ସୋନାକ୍ଷୀ।'

# କମେଡି ନିଶା ପାଲଟିଛି

**ବ**ୟସ ମାତ୍ର ୨୨ବର୍ଷ। ହେଲେ ଏତେ କମ୍ ବୟସରେ ସେ ୩୦୦ରୁ ଊର୍ଦ୍ଧ୍ୱ ଥିଏଟର ନାଟକରେ ଅଭିନୟ କରି ନିଜ ଦକ୍ଷତା ଦେଖାଇବାରେ ସମର୍ଥ ହୋଇଛନ୍ତି। କେବଳ ସେତିକି ନୁହେଁ, 'କଡକେ କମଲ୍ କେ' ନାମକ ଏକ ହିନ୍ଦୀ ସିନେମାରେ ଅଭିନୟ କରିସାରିଥିବା ବେଳେ ଆଉ ଏକ ଆଉ ଏକ ବଲିଉଡ୍ ଅଫର ହାତରେ ରହିଛି। ସେ ହେଲେ ଓଡ଼ିଆ ଅଭିନେତା ହିମାଂଶୁ ବେହେରା। ବିଶେଷ ଭାବରେ କମେଡି ଯେପରି ତାଙ୍କର ନିଶା ପାଲଟି ଯାଇଛି। ଆଉ ଏପରି ଭୂମିକାରେ ନିଜ କ୍ୟାରିୟରକୁ ଆଗକୁ ଆଗେଇ ନେବାକୁ ସେ ଯୋଜନାବଦ୍ଧ ଭାବରେ ଆଗେଇ ଚାଲିଛନ୍ତି। ନିଜ ଅଭିନୟ ଜୀବନ ସମ୍ପର୍କରେ ସେ କହନ୍ତି, 'ସ୍କୁଲ (ସନ୍ତରାଗାଡିଆ ଉଚ୍ଚ ବିଦ୍ୟାଳୟ)ରେ ପଢ଼ିବା ସମୟରେ ମୋର ଅଭିନୟ ଜୀବନ ଆରମ୍ଭ। ସେତେବେଳେ ସାଙ୍ଗସାଥୀଙ୍କ ସହ କମେଡି କରିବା ତଥା ଅନ୍ୟମାନଙ୍କୁ ହସାଇବା ଥିଲା ମୋର ଅନ୍ୟତମ କାମ। ଏହାକୁ ଅନେକ ବଦମାସି ବୋଲି କହୁଥିଲେ। ସେତିକି ବେଳେ ମୁଁ ମୋ ବଡବାପା ତଥା ଅପେରା ଜଗତର ଅନ୍ୟତମ ଲୋକପ୍ରିୟ ଅଭିନେତା ରମାକାନ୍ତ ରାଉତ (ବର୍ତ୍ତମାନ ତୁଳସୀ ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି)ଙ୍କ ସଂସ୍ପର୍ଶରେ ଆସିଛି। ସେ ମୋତେ କହିଲେ, ଇଏ ତୋ ବଦମାସି ନୁହେଁ, ତୁ ଭଲ କମେଡି କରିପାରିବୁ। ଅଭିନୟକୁ କ୍ୟାରିୟର କରୁନୁ କାହିଁକି। ବାସ୍, ତା'ପରେ ମୁଁ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆଡ୍‌ମିଶନ ନେଲି। ସେଇଠୁ ଆରମ୍ଭ ହେଲା ନୂଆ ଜୀବନ। ଅନେକ ନାମୀ ନିର୍ଦ୍ଦେଶକ ଏବଂ ଅଭିନେତାଙ୍କ ସହ ଅଭିନୟ କରି ଅନେକ କିଛି ଶିଖିଛି।' ପ୍ରତିମୂର୍ତ୍ତି, ୧୮୧୭, ମୋଗଲ ତାମସା, ଏକଲବ୍ୟ, ପୂର୍ଣ୍ଣାହୁତି, ସତ୍ୟମେବ ଜୟତେ, ଯେତେ କଲେ ହୁନ୍ଦର ଆଦି ଥିଏଟର ନାଟକ ତାଙ୍କ ଅଭିନୟ ଦକ୍ଷତାର ପରିଚୟ ଦେଇଥାଏ। ଅନ୍ୟପକ୍ଷରେ ହିନ୍ଦୀ ସିନେମା 'କଡକେ କମଲ୍ କି'ରେ ରାଜପାଲ ଯାଦବଙ୍କ ପରି କମେଡିଆନଙ୍କ ସହ ଅଭିନୟ କରି ଅନେକ କିଛି ଶିଖିପାରିଛି ବୋଲି କହନ୍ତି ବାଲେଶ୍ୱର ସନ୍ତରାଗାଡିଆ ଗ୍ରାମରେ ଜନ୍ମିତ ହିମାଂଶୁ।


ରାଜପାଲଙ୍କ ସହ ହିମାଂଶୁ

# ବିଶ୍ୱରୂପ

ନୂଆ ସିନେମା


ଚଳଚ୍ଚିତ୍ର 'ବିଶ୍ୱରୂପ'ର ଏକ ଦୃଶ୍ୟ।

**ଖୁ**ବ୍ ଶୀଘ୍ର ପରଦା ଉପରକୁ ଆସିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ବିଶ୍ୱରୂପ-ବର୍ନ ଟୁ ଫାଇଟ'। ପୁଣି ଏପରି ସଂଯୋଗ ଯେ, ଏହାର ଟାଇଟଲ ଭୂମିକାରେ ଯିଏ ଅଭିନୟ କରିଛନ୍ତି ତାଙ୍କର ନାମ ମଧ୍ୟ ବିଶ୍ୱରୂପ। ଚଳଚ୍ଚିତ୍ରର ମେଲ୍ ଲିଡ୍‌ରେ ଅଭିନୟ କରିଥିବା କଳାକାରଙ୍କର ନାମ ଯାହା ଫିଲ୍ମର ଟାଇଟଲ ମଧ୍ୟ ସେଇଆ। ଏହାର କାହାଣୀରେ କେବଳ ଲଭ୍ ଇମୋଶନ ନୁହେଁ ଆକ୍ସନ ମଧ୍ୟ ରହିଛି। ଜଣେ ଯୁବକ ଆଶା ରଖିଛି ସେ ଜଣେ ଫାଇଟର ହେବ। ସମସ୍ତଙ୍କର ମନ ଜିଣିବ। ହେଲେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଲା ବେଳେ ତାକୁ ଅନେକ ଝଡର ସାମ୍ନା କରିବାକୁ ପଡୁଛି। ହେଲେ ସେ ପଥଚ୍ୟୁତ ହେଉଛି କି ? ପରିଶେଷରେ ସେ ନିଜକୁ ଜଣେ ଫାଇଟର ଭାବରେ ପରିଚିତ କରାଇପାରିଛି କି ? ଏସବୁର ଉତ୍ତରକୁ ନେଇ ରଚିତ ହୋଇଛି କାହାଣୀ। ଏ.ବି. କ୍ରିଏସନ୍ସ ବ୍ୟାନରରେ କିକ୍ ବକ୍ସିଂ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜ କାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ତନୁଷ୍କା। ଏହି ନୂଆ ଯୋଡି ବ୍ୟତୀତ ମନୋଜ ମିଶ୍ର, ଅମ୍ରିତ, ଶିବ୍, ରକ୍ ପାତ୍ର, ଶ୍ୱେତା ଆଚାର୍ଯ୍ୟ, ଜୟା ସ୍ୱାମୀ, ଦେବୀ ବାରିକ, କାଳି ଏବଂ ଶିଶୁ କଳାକାର ଓମ୍।

# ପ୍ରେମର ମିଶାଣ ଫେଡ଼ାଣ

**ଖୁ**ବ୍ ଶୀଘ୍ର ପରଦା ଉପରକୁ ଆସିବ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ପ୍ରେମରେ ରଖିଛି ୧୦୦ରୁ ୧୦୦'। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ବ୍ୟାନରରେ ଚିତ୍ରିତ ଏହାର ପ୍ରଯୋଜନା କରିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା ଏବଂ ଦିଲୀପ କୁମାର ଦାଶ। ଦିଲୀପଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସଂଳାପ ରଚନା କରିଛନ୍ତି ନିର୍ଦ୍ଦେଶକ ସଞ୍ଜୟ। 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। କେବଳ କାହାଣୀ ନୁହେଁ, ମଳୟ ମିଶ୍ରଙ୍କ ସଙ୍ଗୀତ ଏହାର ଅନ୍ୟତମ ଆକର୍ଷଣ ବୋଲି କହନ୍ତି ନିର୍ଦ୍ଦେଶକ।'ଏଥିରେ ସଂଯୋଜିତ ୫ଟି ଗୀତକୁ ଡ. ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଆଶୁତୋଷ, ଇରା ମହାନ୍ତି, ଦୀପ୍ତି ପାଢ଼ୀ, ସ୍ୱୟଂ ପ୍ରଭାସ, ସବିଶେଷ ଏବଂ ତାରିକ ଅଜିଜ୍। ଖାସ୍ କଥା ହେଲା, ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକ ଏବଂ ନାୟିକା ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଗୁଞ୍ଜୁ, ଅନୁରାଧା, ପ୍ରୀତିଶ୍ରୀ, ଐଶ୍ୱର୍ଯ୍ୟା, ଦିଲୀପ ଦାଶ, ଚନ୍ଦ୍ରଧ୍ୱଜ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ପୂର୍ବରୁ ସଞ୍ଜୟ-ମଳୟ ଯୋଡ଼ି ବେଶ୍ କେତୋଟି ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଛି। ତେବେ 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ପ୍ରେମର ମିଶାଣ ଫେଡ଼ାଣ କିପରି ହୋଇଛି ତାହା ରିଲିଜ୍ ପରେ ହିଁ ଜଣାପଡିବ।

## କ'ଣ କରୁଛନ୍ତି ପ୍ରିୟଙ୍କା

**ପ୍ରି**ୟଙ୍କା ଚୋପ୍ରା ଏବେ କ'ଣ କରୁଛନ୍ତି ? ମ୍ୟାରେଜ ପରେ ବର୍ତ୍ତମାନ ମାଡାମ ଫରେନ୍ ଟୁର୍‌ରେ ଅଛନ୍ତି। ସ୍ୱାମୀଙ୍କ ସହ ବିଭିନ୍ନ ଟୁରିଷ୍ଟ ସ୍ପଟ ବୁଲୁଛନ୍ତି। ତା' ସହ ଆଉ ଏକ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା ହେଲା ଶାଢ଼ି କିଣା। କେବଳ ମନ ପସନ୍ଦର ଶାଢ଼ି ନୁହେଁ, ଭଲ ଡ୍ରେସ ମ୍ୟାଟେରିଆଲ ଦେଖିଲେ ସେଗୁଡିକୁ କିଣିବାକୁ ପଛାଉ ନାହାନ୍ତି। ପଚାରିଲେ କହୁଛନ୍ତି କ'ଣ ନା 'ମନ ପସନ୍ଦର ଡ୍ରେସ ମ୍ୟାଟେରିଆଲ କିଣିବା ମୋର ପିଲାଟି ଦିନରୁ ଅଭ୍ୟାସ। ଏବେ ତ ଚାରିଆଡେ ବୁଲୁଛି। ତା' ସହ ଡ୍ରେସ କିଣା। ହେଲେ ଏହା ପଛରେ ସେପରି କିଛି ସ୍ପେଶାଲ ନାହିଁ।'


ଚଳଚ୍ଚିତ୍ର 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ଜ୍ୟୋତି -ରିୟା

# ଅନୁଚିନ୍ତାର ସମୟ ଆସିଛି

"ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। କିନ୍ତୁ ଏବେ ପ୍ରଯୋଜକ ସାଜିବାକୁ ମଇଦାନକୁ ଓହ୍ଲାଉଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ଟିକିଏ ହେଲେ ଜ୍ଞାନ ନାହିଁ। କେମିତି ନିଜ ନାମ ପଛରେ ପ୍ରଯୋଜକ ଯୋଡି ଦେଲେ ଆମେ ଚର୍ଚ୍ଚାର ପରିସରକୁ ଆସିବୁ। ତେଣିକି ସିନେମା ନିର୍ମାଣ ଚୁଲିକୁ ଯାଉ। ଏଭଳି ଧାରା ଯଦି ଏମିତି ଜାରି ରହେ ତେବେ ଓଡ଼ିଆ ସିନେମା କେଉଁ ସ୍ତରକୁ ଖସିଯିବ ତାହା ସହଜେ ଅନୁମେୟ। "

**ଓ**ଡ଼ିଆ ସିନେମାକୁ ନେଇ ଗତ କିଛିବର୍ଷ ହେଲା ବେଶ୍ ଆଲୋଚନା ହେଉଛି। ନିଚ୍ଛକ ଓଡିଆ କାହାଣୀଠାରୁ ଆମ ସିନେମା ଦୂରେଇ ଯାଇଛି। ଅଧିକାଂଶ ଓଡ଼ିଆ ସିନେମାକୁ ଅନ୍ୟ ଭାଷାରେ ନିର୍ମିତ ଫିଲ୍ମରୁ ଉତୁରା ଯାଉଛି। ପୁଣି କେତେଜଣ ବାହାବା ନେବାକୁ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି। ଆଉ ଯେତେବେଳେ ସିନେମା ପରଦା ଉପରକୁ ଆସୁଛି ସେତେବେଳେ ଅବସ୍ଥା ଯାହା ହେଉଛି ତାହା ନ କହିବା ଭଲ। ଗୋଟିଏ ପଟେ ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ ଦିନକୁ ଦିନ କମି ଯାଉଛି। ଏପରି କି ପ୍ରଥମ ଶୋ'ରେ ହାଉସ୍‌ଫୁଲ ନ ହେବା ନଜିର କିଛି କମ୍ ନୁହେଁ। ତେବେ ଓଡ଼ିଆ ସିନେମାର ଏପରି ଅବସ୍ଥା କ'ଣ ପାଇଁ ହେଉଛି ତାହା ଚିନ୍ତା କରିବାର ସମୟ ଆସିଛି।

ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। କିନ୍ତୁ ଏବେ ପ୍ରଯୋଜକ ସାଜିବାକୁ ମଇଦାନକୁ ଓହ୍ଲାଉଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ଟିକିଏ ହେଲେ ଜ୍ଞାନ ନାହିଁ। କେମିତି ନିଜ ନାମ ପଛରେ ପ୍ରଯୋଜକ ଯୋଡି ଦେଲେ ଆମେ ଚର୍ଚ୍ଚାର ପରିସରକୁ ଆସିବୁ। ତେଣିକି ସିନେମା ନିର୍ମାଣ ଚୁଲିକୁ ଯାଉ। ଏଭଳି ଧାରା ଯଦି ଏମିତି ଜାରି ରହେ ତେବେ ଓଡ଼ିଆ ସିନେମା କେଉଁ ସ୍ତରକୁ ଖସିଯିବ ତାହା ସହଜେ ଅନୁମେୟ। ଦ୍ୱିତୀୟ କଥା ହେଲା-କାହାଣୀ ଚୟନ। ଦିନ ଥିଲା ଓଡିଆ ଉପନ୍ୟାସ ହେଉ କି ନିଚ୍ଛକ ଓଡିଆ ବାସ୍ନା ଥିବା କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଉଥିଲା, ଆଉ ତାହାକୁ ଦର୍ଶକ ପସନ୍ଦ କରୁଥିଲେ। ଗୋଟିଏ ସିନେମାରୁ ମନଲାଖି ରିଟର୍ନ ପାଇବା ପରେ ଜଣେ ପ୍ରଯୋଜକ ଆଉ ଗୋଟିଏ ସିନେମା ପାଇଁ ମନ ବଳାଉଥିଲା। ହେଲେ ଏବେ କପି ଭାଇରସ ଓଡ଼ିଆ କାହାଣୀକୁ ଗ୍ରାସ କରିଛି। ଏମିତି ଅନେକ ଓଡିଆ ସିନେମା ଅଛି ଯାହାର କିଛି ଅଂଶ ଦେଖିବା ପରେ ଜଣେ ସଚେତନ ଦର୍ଶକ 'ଏହା ଅମୁକ ତାମିଲ, ତେଲୁଗୁ କିମ୍ବା ହିନ୍ଦୀ ସିନେମାରୁ କପି ହୋଇଛି ବୋଲି ନିର୍ଭୀକତାର ସହ ମତ ଦେଇପାରୁଛି। ତେଣୁ କୌଣସି ଅନ୍ୟ ଭାଷାରେ ନିର୍ମିତ ଫିଲ୍ମର ଓଡିଆ ଅନୁବାଦ ଦେଖିବାକୁ ଅନେକ ଦର୍ଶକ ପଶ୍ଚାତପଦ ହେଉଛନ୍ତି। ଆଉ ଏକ କଥା ହେଲା- କଳାକାର ଚୟନ। କେତେକ ସିନେମାର କଳାକାର ଚୟନ ଏପରି ହେଉଛି ଯାହା ଚଳଚ୍ଚିତ୍ରକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଉଛି। ଗତ କିଛିବର୍ଷ ହେବ ପ୍ରତିବର୍ଷ ପାଖାପାଖି ୩୦ରୁ ଅଧିକ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି। ହେଲେ ହାତ ଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳୁଛି। ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ବଢୁଛି-ଏହା ନିଶ୍ଚୟ ଇଣ୍ଡଷ୍ଟ୍ରି ପାଇଁ ଶୁଭ ସୂଚନା। ହେଲେ ଦର୍ଶକଙ୍କୁ ପୂରାଦମ୍‌ରେ ପ୍ରଭାବିତ କରିବା ଭଳି ସିନେମାଟିଏ ଦେଖିବା ସାତସପନ ହୋଇଗଲାଣି। ଆମର ଏଠି ବଜେଟ ସୀମିତ। ତେଣୁ ବିଗ୍ ବଜେଟ ଫିଲ୍ମକୁ କପି କରି ଏଠାରେ ଲୋକହସା ହେବା ସାର। ତେଣୁ ଏବେ ଓଡ଼ିଆ ସିନେମାର ଭବଷ୍ୟତକୁ ନେଇ ଚିନ୍ତା କରିବାର ପ୍ରକୃଷ୍ଟ ସମୟ ଆସିଛି। ଉପଯୁକ୍ତ ଯୋଜନା ସହ ସିନେମାଟିଏ ନିର୍ମାଣ କଲେ ତାହା ଦର୍ଶକଙ୍କୁ ଆକୃଷ୍ଟ କରବାରେ ସହାୟକ ହେବ। ନ ହେଲେ ସିନେମା ସଂଖ୍ୟା ସିନା ବଢ଼ି ଚାଲିବ, ହେଲେ ଚଳଚ୍ଚିତ୍ରଗୁଡିକର ଗୁଣାତ୍ମକ ମାନ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। **-ଶୁଭ୍ର ମହାପାତ୍ର**

| Dollar | Sensex | Nifty | Gold | Silver |
|---|---|---|---|---|
| 69.66 (6) | 39,110.21 (140.41) | 11,737.90 (28.80) | 32,680.00 (₹0) | 37,200.00 (₹150) |

"ନୂଆ ସରକାର ଆସିଲେ ଘରୋଇ କ୍ଷେତ୍ର ନିବେଶ ବୃଦ୍ଧିକୁ ପ୍ରୋତ୍ସାହିତ ଦିଗରେ ନୀତି ଆୟୋଗ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବ।

–ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ



"ଭାରତରେ ରେଳ ଲାଇନ ବିଦ୍ୟୁତୀକରଣ ପ୍ରକଳ୍ପ ଲାଗି ଏଡିବି ୭୫୦ ନିୟୁତ ଡଲାର ଋଣ ସହାୟତା ଯୋଗାଇ ଦେବ।

–ଦିବାକର ଗୁପ୍ତା, ଉପସଭାପତି,ଏଡିବି



## ସଂକ୍ଷେପରେ

### ସେନ୍‌ସେକ୍ସରେ ୧୪୦ ପଏଣ୍ଟ ବୃଦ୍ଧି

ମୁମ୍ବାଇ,୨୨-୫

ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୧୪୦ ପଏଣ୍ଟ ବୃଦ୍ଧି ଘଟିଛି। ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ଥିବା ବେଳେ ବ୍ୟାଙ୍କିଙ୍ଗ ଏବଂ ଅଟୋ ଷ୍ଟକ କାରବାର ଉନ୍ନତ ରହିବା ଯୋଗୁ ସୂଚକାଙ୍କରେ ଏଭଳି ଉନ୍ନତି ପରିଲକ୍ଷିତ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୩୦୦ ପଏଣ୍ଟ ଉଠିଥିବା ବେଳେ କାରବାର ଶେଷ ହେବା ବେଳକୁ ୧୪୦.୪୧ ପଏଣ୍ଟ (୦.୩୬%) ଉଚ୍ଚରେ ରହି ବନ୍ଦ ହୋଇଛି। ଏହି ସମୟରେ ସେନ୍‌ସେକ୍ସ ୩୯,୧୧୦.୨୧ ସ୍ତରରେ ରହିଛି। ଦିନର ମଧ୍ୟବର୍ତ୍ତୀ ସମୟରେ ଏହା ୩୯,୨୪୯.୦୮ ଏବଂ ସର୍ବନିମ୍ନ କାରବାର ୩୮,୦୩.୮୭ ପଏଣ୍ଟ ରହିଥିଲା। ସେହିଭଳି ନିଫ୍ଟିର କାରବାର ୨୮.୮୦ ପଏଣ୍ଟ ବା ୦.୨୫% ଉନ୍ନତ ରହି ୧୧,୭୩୭.୯୦ ପଏଣ୍ଟ ସ୍ତର ଛୁଇଁଛି।

### ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୨-୫

ଫ୍ୟୁଚର ଗ୍ରୁପ୍‌ର ପ୍ରମୁଖ ଷ୍ଟୋର ବ୍ରାଣ୍ଡ ଫ୍ୟାକ୍ଟ୍ରି ପକ୍ଷରୁ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। 'ୱାନ୍ସ ଏ ଇୟର ବାଏ ଟୁ ଗେଟ ୩ 'ନାମରେ ଏହି ଅଫରର ଲାଭ ଗ୍ରାହକ ୨୨ରୁ ୨୬ ମେ ଯାଏ ଉଠାଇପାରିବେ। ୨୦୦ ଫ୍ୟାଶନ ବ୍ରାଣ୍ଡ ମଧ୍ୟରୁ ପସନ୍ଦ ସାମଗ୍ରୀ ଲାଭ କରିବାକୁ ଫ୍ୟାଶନ ଲଭରମାନେ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଠାରେ ପୁରୁଷ, ମହିଳା, କିଡ୍‌ସ ବର୍ଗରେ ଫ୍ୟାଶନ ସାମଗ୍ରୀ ଉପଲବ୍ଧ ହେଉଛି। ସେହିଭଳି ବ୍ୟାଗ ପ୍ୟାକ୍ସ, ଲଗେଜ, ସନ୍‌ଗ୍ଲାସ, ସ୍ପୋର୍ଟସ ସୁ, ଫର୍ମାଲ ସୁ ଏବଂ ଆସେସୋରିଜ ସମେତ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି।




# ଚ୍ୟାଲେଞ୍ଜ ହେବ ମୁଦ୍ରାସ୍ଫୀତି, ଜିଡିପି

ନୂଆଦିଲ୍ଲୀ,୨୨-୫

ଗୁରୁବାର ଦେଶର ସାଧାରଣ ନିର୍ବାଚନ ଫଳାଫଳ ଆସୁଛି। କେନ୍ଦ୍ରରେ ଏନ୍‌ଡିଏ ସରକାର ପୁଣି ଥରେ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ୍ ପୋଲ୍ କହି ସାରିଛି। ଏପରି ସ୍ଥିତିରେ ଦେଶବାସୀଙ୍କ ମନରେ ଉତ୍କଣ୍ଠା ଭରି ରହିଥିବା ବେଳେ ନିର୍ବାଚନ ଫଳାଫଳର ପ୍ରକୃତ ରୂପ କ'ଣ ରହିବ ତାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। କେନ୍ଦ୍ରରେ ସରକାର ଯିଏ ବି ଗଢ଼ୁ, ମାତ୍ର ନୂଆ ସରକାରଙ୍କ ସାମ୍ନାରେ ମୁଦ୍ରାସ୍ଫୀତି ଏବଂ ଜିଡିପି ଭଳି ଅନ୍ୟ କେତେକ ପ୍ରସଙ୍ଗ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ମୋଦି ସରକାର ପୁଣି ଥରେ ଶାସନ କ୍ଷମତାକୁ ଫେରିବ ବୋଲି ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ୍ କହିଥିବା ବେଳେ କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ମଧ୍ୟ ଶାସନ ଡୋରି ସମ୍ଭାଳିବେ ବୋଲି କହୁଛନ୍ତି। ମାତ୍ର ଯାହାବି ହେଉ ଅର୍ଥନୀତି ସାମ୍ନାରେ ଆସୁଥିବା ଆହ୍ୱାନକୁ ନୂଆ ସରକାରଙ୍କୁ ସାମ୍ନା କରିବାକୁ ହେବ।

ମୋଦି ସରକାରଙ୍କୁ ୨୦୧୪-୧୯ ସମୟ ମଧ୍ୟରେ ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ ବିଶେଷ ଅସୁବିଧା ସାମ୍ନା କରିବାକୁ ପଡି ନାହିଁ। ଏହି ସମୟରେ ଇନ୍ଧନ ହେଉ କିମ୍ବା ଖାଦ୍ୟ ସାମଗ୍ରୀ ଦରଦାମ ନିୟନ୍ତ୍ରଣରେ ରହିଥିଲା। ମାତ୍ର ନୂଆ ସରକାରଙ୍କ କ୍ଷେତ୍ରରେ ଏଭଳି



**ନୂଆ ସରକାରଙ୍କ ପାଇଁ**

ସ୍ଥିତି ଦେଖିବାକୁ ମିଳିବ ନାହିଁ। ଦରଦାମରେ ବୃଦ୍ଧି ପରିଲକ୍ଷିତ ହେଉଥିବା ଜଣାପଡିଛି। ପଶ୍ଚିମ ଏସିଆର ଦେଶଗୁଡିକର ସ୍ଥିତିରେ ପରିବର୍ତ୍ତନ ଆସିବା ଯୋଗୁ ତେଲ ଦର ବଢିବା ସମ୍ଭାବନା ରହିଛି। ସେହିଭଳି ଖାଦ୍ୟ ସାମଗ୍ରୀ ଦରଦାମ ଅନେକ ଦିନ ଧରି ନିୟନ୍ତ୍ରଣରେ ରହିବା ପରେ ଦରବୃଦ୍ଧି ଘଟିଥିବା ସାମ୍ନାକୁ ଆସିଛି।

### ଚାହିଦା ହ୍ରାସ ଚିନ୍ତା ବଢ଼ାଇବ

ଚାହିଦାରେ ହ୍ରାସ ଫଳରେ ଅର୍ଥନୀତି ଉପରେ ପ୍ରଭାବ ପଡିବାର ବିଶେଷ ସମ୍ଭାବନା ରହିଛି। ଏହା ନୂଆ ସରକାରଙ୍କ ଲାଗି ଚିନ୍ତା ବଢାଇବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏଫ୍‌ଏମ୍‌ସିଜି ଏବଂ ଯାତ୍ରୀବାହୀ ଯାନ କ୍ଷେତ୍ରରେ ଚାହିଦା ହ୍ରାସ ହେବା ଯୋଗୁ ଅର୍ଥନୀତି ଉପରେ ଏହାର ପ୍ରଭାବ ପଡିଛି। ବ୍ଲୁମବର୍ଗ ରିପୋର୍ଟ ମୁତାବକ ୨୦୧୮ର ଶେଷ ତିନି ମାସରେ ଏଫ୍‌ଏମ୍‌ସିଜି କ୍ଷେତ୍ର ଅଭିବୃଦ୍ଧି ହାର ୧୬% ରହିଥିବା ବେଳେ ଚଳିତ ବର୍ଷ ପ୍ରଥମ ତିନି ମାସରେ ଏହା ୧୩.୬%କୁ ହ୍ରାସ ଘଟିଛି। ଗ୍ରାମାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ବିକ୍ରି ହ୍ରାସ ଘଟିଥିବା ସାମ୍ନାକୁ ଆସିଛି।

### ଜିଡିପିରେ ହ୍ରାସ

ଚଳିତ ମାସରେ ଜିଡିପିର ନୂଆ ଆକଳନ ଜାରି ହେବ। ତୃତୀୟ ତ୍ରୈମାସର ଅଭିବୃଦ୍ଧି ଆକଳନ ୬.୬% ରହିଥିବା ବେଳେ ଚତୁର୍ଥ ତ୍ରୈମାସରେ ଏହା ହ୍ରାସ ଘଟିବ ବୋଲି ଅନୁମାନ କରାଯାଉଛି। ଘରୋଇ ବଜାରରେ ଆର୍ଥିକ ମାନ୍ଦାବସ୍ଥା ରହିଥିବା ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ରିପୋର୍ଟରେ ସ୍ୱୀକାର କରିଛି। ଘରୋଇ ବଜାରରେ ଚାହିଦା କମିବା ଯୋଗୁ ବଜାର ଏହାଦ୍ୱାରା ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଚାହିଦାରେ ଏହି ଶିଥିଳତା ଚଳିତ ଆର୍ଥିକ ବର୍ଷରେ ରହିବ ବୋଲି ଆକଳନ କରାଯାଇଛି। ଏହାବାଦ ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) ଏବଂ ଏଚ୍‌ଏଫ୍‌ସି କ୍ଷେତ୍ରରେ ନଗଦ ସଙ୍କଟ ଜିଡିପି ଅଭିବୃଦ୍ଧି ଉପରେ ପ୍ରଭାବ ପକାଉଛି।

### ପ୍ରଭାବିତ ମାନୁଫାକ୍ଚରିଂ

ଦେଶର ମାନୁଫାକଚରିଂ ଶିଳ୍ପ ମଧ୍ୟ ପ୍ରଭାବିତ ସ୍ଥିତିରେ ରହିଛି। ମାର୍ଚ୍ଚରେ ଔଦ୍ୟୋଗିକ ଉତ୍ପାଦନ ୨୧ ମାସର ସର୍ବନିମ୍ନ (–)୦.୧ ସ୍ତରକୁ ଖସି ଆସିଥିଲା।

### ନିଯୁକ୍ତି ସଙ୍କଟ

ଆଗାମୀ ସରକାର ନୂଆ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମଧ୍ୟ ଆହ୍ୱାନର ସାମ୍ନା କରିବେ। ପ୍ରଭାବିତ ଅର୍ଥନୀତି ଯୋଗୁ ନିଯୁକ୍ତି ଯୋଗାଣ ଧାରା ଏବେ ଉନ୍ନତ ସ୍ଥିତିରେ ନାହିଁ। ନିଯୁକ୍ତି ସୃଷ୍ଟି ଏନ୍‌ଡିଏ ସରକାରଙ୍କ ଲାଗି ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବୃହତ୍ ପରିମାଣର ଚାକିରି ସୃଷ୍ଟି କରିବାକୁ ସରକାର କହିଥିବା ବେଳେ ଏହା କରିବାକୁ ସକ୍ଷମ ହୋଇନାହାନ୍ତି। ଏହାକୁ ନେଇ ବିରୋଧୀ ଦଳଗୁଡିକ ସରକାରଙ୍କୁ ଅନେକ ସମୟରେ ଟାର୍ଗେଟ କରୁଛନ୍ତି।

### ଟିକସ ସଂଗ୍ରହ ବୃଦ୍ଧି ଲକ୍ଷ୍ୟ

ରାଜସ୍ୱ ବୃଦ୍ଧି ସରକାରଙ୍କ ଲାଗି ଏକ ପ୍ରାଥମିକତା ହେବ। ଉଭୟ କଂଗ୍ରେସ ଏବଂ ଭାଜପା ପ୍ରତ୍ୟକ୍ଷ ଆୟ ସହାୟତା ଦେବାକୁ ଘୋଷଣା କରିଥିବାରୁ ଏହାକୁ ପୂରଣ କରିବା ଲାଗି ଟିକସ ସଂଗ୍ରହ ଉନ୍ନତ ହେବା ଆବଶ୍ୟକ। ଶିଥିଳ ଆର୍ଥିକ ସ୍ଥିତି, ଜିଏସ୍‌ଟି ସୁଧାରକୁ ସରକାରଙ୍କୁ ଟିକସ ସଂଗ୍ରହ କ୍ଷେତ୍ରରେ ସଂଘର୍ଷ କରିବାକୁ ପଡୁଛି। ଟିକସ ସଂଗ୍ରହ ଉନ୍ନତ ହେଲେ ସରକାର ପ୍ରତିଶ୍ରୁତି ରକ୍ଷା କରିବା ସହ ନଗଦ ଅର୍ଥ ଲୋକଙ୍କୁ ଦେଇପାରିବେ। ଏହା ବାଦ୍ ପୁଞ୍ଜି ପ୍ରତ୍ୟାହାର ଏବଂ ସ୍ପେକ୍ଟ୍ରମ ବିକ୍ରିରୁ ସରକାର ଅର୍ଥ ସଂଗ୍ରହ କରିପାରନ୍ତି।

# ହ୍ୟୁଣ୍ଡାଇର ନୂଆ ଏସ୍‌ୟୁଭି 'ଭେନ୍ୟୁ'




ଭୁବନେଶ୍ୱର,୨୨-୫

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କନେକଟେଡ ଏସ୍‌ୟୁଭି ଭେନ୍ୟୁ ବଜାରକୁ ଆସିଛି। ଏହା କମ୍ପାନୀର ପ୍ରଥମ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ୍ସ ହୋଇଥିବା ବେଳେ ଦେଶର ସମ୍ପୂର୍ଣ୍ଣ କନେକଟେଡ ଏସ୍‌ୟୁଭି ଭାବେ ଉନ୍ମୋଚିତ ହୋଇଛି। ଏହା ସଲିଡ ରୋଡ ପ୍ରେଜେନ୍ସ, ଉନ୍ନତ ଡ୍ରାଇଭିଂ ଅଭିଜ୍ଞତା ଏବଂ ନିରନ୍ତର ସଂଯୋଗ ସୁବିଧା ପ୍ରଦାନ କରିବାରେ ସହାୟକ ହୋଇପାରିବ। ପ୍ରଗତିଶୀଳ ଯୁବ ତଥା ସ୍ମାର୍ଟ ଭାରତୀୟଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ମଡେଲଟିକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏଥିରେ ବ୍ଲୁ ଲିଙ୍କ ଟେକ୍ନୋଲୋଜି ପ୍ରଦାନ କରାଯାଇଛି। ୩୩ ନୂଆ ବୈଶିଷ୍ଟ୍ୟ ସହ ମଡେଲଟି ଆସିଥିବା ବେଳେ ଏହାର ୧୦ ଟି ସ୍ୱତନ୍ତ୍ର ଫିଚର କେବଳ ଭାରତୀୟ ବଜାରର ଆବଶ୍ୟକତା ଆଧାରରେ ସ୍ଥାନିତ ହୋଇଛି। ଏହା କାପା ୧.୦ ଟର୍ବୋ ଜିଡିଆଇ ପେଟ୍ରୋଲ,୧.୨ ପେଟ୍ରୋଲ, ୧.୪ ଡିଜେଲ ଇଞ୍ଜିନ ବିକଳ୍ପ ସହ ଆସୁଛି। ଏହା ବାଦ୍ ୭ ସ୍ପିଡ ଡୁଆଲ କ୍ଲଚ ଟ୍ରାନ୍ସମିଶନ ଏବଂ ଡିଜାଇନ ଦୃଷ୍ଟିକୋଣରୁ ଏହାକୁ ଦୃଢ଼ କରି ପ୍ରସ୍ତୁତ କରାଯାଇଛି। ହ୍ୟୁଣ୍ଡାଇର ଗ୍ଲୋବାଲ ଅଭିବୃଦ୍ଧି ଯୋଜନାରେ ଭାରତ ଏକ ପ୍ରମୁଖ ବଜାର ହୋଇଥିବାରୁ ଏଠାରେ ନୂଆ ମଡେଲଟିର ବଜାର ପ୍ରବେଶ କରାଇ ଅତ୍ୟନ୍ତ ଆନନ୍ଦିତ ବୋଲି କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।




ଉତ୍କଳ ହ୍ୟୁଣ୍ଡାଇରେ ମଡେଲର ଉନ୍ମୋଚନ କାର୍ଯ୍ୟକ୍ରମରେ ଜେନେରାଲ ମ୍ୟାନେଜର ଭୂଷଣ ଗିରି,ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏଏସ୍‌ଏମ୍ ଶକ୍ତି ସ୍ୱାଇଁ , ଆଇସିଆଇସିଆଇ ବ୍ୟାଙ୍କ ଆର୍‌ଏଚ୍ ସତ୍ୟଜିତ ଭୂତିଆ ପ୍ରମୁଖ।




କଟକର ବକ୍ସିବଜାର ସ୍ଥିତ ଓଏସ୍‌ଏଲ୍ ହ୍ୟୁଣ୍ଡାଇରେ ନୂଆ ମଡେଲକୁ ଶୁଭାରମ୍ଭ କରିଛନ୍ତି ଶୋ'ରୁମର ଜେନେରାଲ ମ୍ୟାନେଜର ଶୁଭାଶିଷ ଚକ୍ରବର୍ତ୍ତୀ, ଡିଜିଏମ୍ ପ୍ରଶାନ୍ତ ରାୟ ଏବଂ ଅଭିନେତ୍ରୀ ପ୍ରିତିଲତା ଜେନା ପ୍ରମୁଖ ।



ଆଦିତ୍ୟ ହ୍ୟୁଣ୍ଡାଇଠାରେ ନୂଆ ମଡେଲର ବଜାର ପ୍ରବେଶ ଅବସରରେ ଏମ୍‌ଡି ଆଦିତ୍ୟ ପାତ୍ର, ସିନେମା ପ୍ରଯୋଜକ ଅନାମ ଚରଣ ସାହୁ ଏବଂ ଏଭିପି ହରମୋହନ ମହାନ୍ତି ।

# ନିବେଶ ବେଳେ ଛାଡ଼ନ୍ତୁ ଅବାସ୍ତବ ଲାଭ ଆଶା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ମୁଁ ଏକ ଘରୋଇ କମ୍ପାନୀରେ କାମ କରୁଥିଲି ଗତ ୧୩ ବର୍ଷ ହେବ ମୋ ମାସିକ ଦରମାରୁ କଟି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ନିବେଶ ହେଉଥିଲା। ଏବେ ପ୍ରାୟ ୩ ମାସ ହେବ ନିଜର ଏକ ବ୍ୟବସାୟ ଆରମ୍ଭ କରିଛି। ଭାବୁଛି ମୋର ଇପିଏଫ୍ ଆକାଉଣ୍ଟରୁ କୌଣସି ଟଙ୍କା ଉଠାଣ କରିବି ନାହିଁ। ଏ କ୍ଷେତ୍ରରେ କେତେ ବର୍ଷ ପର୍ଯ୍ୟନ୍ତ ଇପିଏଫ୍‌ଓ ଆକାଉଣ୍ଟରେ ଟଙ୍କା ରଖିପାରିବି? ପରାମର୍ଶ ଦେବାକୁ ଅନୁରୋଧ।**

**–ସୁବାସ ଚନ୍ଦ୍ର ମାଝି, ଅନୁଗୋଳ**

■ ଜଣେ ବ୍ୟକ୍ତିଙ୍କର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଆକାଉଣ୍ଟ ବ୍ୟକ୍ତିଙ୍କୁ ୫୮ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଚାଲୁ ରହିଥାଏ। ଯାହା ହେଲେ ମଧ୍ୟ କର୍ମଚାରୀ ଜଣଙ୍କ ନିଜ ଚାକିରିରୁ ଇସ୍ତଫା ବା ପଦତ୍ୟାଗ ତାରିଖ ଦିନ ଇପିଏଫ୍‌ଓ ଆକାଉଣ୍ଟରେ ଥିବା ବଳକା ଟଙ୍କା ହିଁ ଆୟକର ଛାଡ ପାଇବା ପାଇଁ ଯୋଗ୍ୟ ହେବ ନାହିଁ। ଅଧିକାଂଶ ଲୋକଙ୍କର ଧାରଣା ଥାଏ ଯେ, ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରେ ଟଙ୍କା ରଖିଦେଲେ ଏହା ଉପରେ ଆୟକର ପ୍ରଭାବ ରହିବ ନାହିଁ ବା ଆୟକର ମୁକ୍ତ ସୁଧରାଶି ମିଳିବ ଏବଂ ସମୁଦାୟ ରାଶି ଆୟକର ମୁକ୍ତ ହେବ। ଏହା ଏକ ଭ୍ରାନ୍ତ ଧାରଣା। ଚାକିରି ଛାଡିଦେବା ପରେ ବା ଚାକିରି ଛାଡିବା ପରେ ଆପଣ ଆଉ ଚାକିରି କରିବେ ନାହିଁ। ତେବେ ଏ କ୍ଷେତ୍ରରେ ଇପିଏଫ୍ ଆକାଉଣ୍ଟର ସମସ୍ତ ରାଶି ଉଠାଣ କରିନେବା ଉଚିତ। ଉଠାଣ ହୋଇଥିବା ଅର୍ଥ ଅନ୍ୟ ବିକଳ୍ପ ସ୍କିମରେ ନିବେଶ କରିପାରିବେ।

ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରେ ବଳକା ଅର୍ଥ ବା ରାଶି ଉପରେ ମିଳୁଥିବା ବାର୍ଷିକ ସୁଧ ରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ। ଏହି ସୁଧରାଶି ଆୟକର ଅନ୍ତର୍ଭୁକ୍ତ ହେବ।

**ପରାମର୍ଶ**–ଚାକିରି ଛାଡିବା ପରେ ଇପିଏଫ୍ ଆକାଉଣ୍ଟରୁ ସମସ୍ତ ଟଙ୍କା ଉଠାଣ କରି ଆପଣଙ୍କ ଆବଶ୍ୟକତା ଅନୁସାରେ ନିବେଶ କରନ୍ତୁ।

**▶ ୟୁଲିପ୍ ପଲିସିରେ ନିବେଶ କରିବା ଲାଗି ଜଣେ ବନ୍ଧୁ ପରାମର୍ଶ ଦେଉଛନ୍ତି। ୟୁଲିପ୍ ନିବେଶ ଅପେକ୍ଷା ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ଭଲ ହେବ କି? କେଉଁ ସ୍କିମ୍ ନିବେଶରେ ୫-୧୦ ବର୍ଷ ସମୟସୀମାରେ ଅଧିକ ଲାଭ ପ୍ରଦାନ କରିବ?**

**–ସରସ୍ୱତୀ ସାହୁ,କଟକ**

■ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡ ବିଷୟରେ ଅନେକ ଲୋକଙ୍କ କିଛି ଭ୍ରାନ୍ତ ଧାରଣା ରହିଛି। ଶ୍ରେଷ୍ଠତା ଦୃଷ୍ଟିରୁ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡକୁ ପରସ୍ପର ସହ ତୁଳନା କରିବା ଅନୁଚିତ। ୟୁଲିପ୍ ମୁଖ୍ୟତଃ ଏକ ବୀମା ଯୋଜନା ଯାହା ନିବେଶର ଏକ ଅଂଶ। କିନ୍ତୁ ମ୍ୟୁଚୁଆଲ ଫଣ୍ଡ ଏକ ଖାଣ୍ଟି ନିବେଶ ଯୋଜନା।

**ପରାମର୍ଶ**–ୟୁଲିପ୍ ଏବଂ ମ୍ୟୁଚୁଆଲ ଫଣ୍ଡର କ'ଣ ଖର୍ଚ୍ଚଦାବୀ ରହିଛି ଆପଣ ସେ ବିଷୟରେ ଭଲ ଭାବେ ବୁଝନ୍ତୁ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କିମ ଚୟନ କରନ୍ତୁ ଯାହା ଆପଣଙ୍କ ଲାଗି ଭଲ ହେବ।

**▶ ପୁଅର ପାଠପଢ଼ା ଏବଂ ଝିଅର ବାହାଘର ଖର୍ଚ୍ଚ ପାଇଁ ମାସିକ କିମ୍ବା ଏକକାଳୀନ କିଛି ନିବେଶ କରିବାକୁ ଚାହୁଁଛି। ମୋର ମାସିକ ୧୫୦୦ ଟଙ୍କାର ଏକ ରେକରିଂ ବ୍ୟାଙ୍କ ଜମା ରହିଛି। ଆସନ୍ତା ୧୦ ବର୍ଷ ପାଇଁ ନିବେଶ ଏବଂ ଅବସରକାଳୀନ ପାଣ୍ଠି ଗଠନ ଲାଗି କିଛି ନିବେଶ କରିବାକୁ ଚାହୁଁଛି। ହେଲେ ନିବେଶ କରିବା ପୂର୍ବରୁ କେଉଁ ସବୁ ଭୁଲ ନ କରିବା ଉଚିତ? ଠିକ୍ ମ୍ୟୁଚୁଆଲ ଫଣ୍ଡ ଚୟନ କରିବା କିପରି? ନିବେଶ ପୂର୍ବରୁ କେଉଁ ଦିଗକୁ ଦୃଷ୍ଟି ଦେବା ଉଚିତ?**

**–ସଙ୍ଗୀତା ମିଶ୍ର,ରାଉରକେଲା**

■ ଆର୍ଥିକ ବଜାରରେ ଅନେକ ସ୍କିମ ମିଳୁଛି। ଏହା ମଧ୍ୟରେ ଡାକଘର ସଞ୍ଚୟ ସ୍କିମ, ମ୍ୟୁଚୁଆଲ ଫଣ୍ଡ, ଜୀବନବୀମା, ବ୍ୟାଙ୍କ ଏବଂ କମ୍ପାନୀ ସ୍ଥାୟୀ ଜମା ରହିଛି। ଏତେ ସବୁ ସ୍କିମ ମଧ୍ୟରେ କେଉଁଟି ଠିକ୍ ସ୍କିମ୍ ତାହା ଚୟନ କରିବା କଷ୍ଟକର। କିନ୍ତୁ ନିବେଶ ସମୟରେ ନିବେଶକାରୀ ବିଭିନ୍ନ ଦିଗକୁ ଅଣଦେଖା କରିଥାନ୍ତି।

ନିବେଶ କରୁଥିଲେ ନିମ୍ନଲିଖିତ ପ୍ରସଙ୍ଗକୁ ଧ୍ୟାନରେ ରଖନ୍ତୁ।

➡ ନିବେଶକାରୀ ନିଜର ହିସାବ କରିବା ଯୋଗ୍ୟ ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ନ ଥାନ୍ତି।
➡ ଆର୍ଥିକ ଯୋଜନା ସହ ଆୟକର ଯୋଜନାକୁ ନେଇ ବିଭ୍ରାନ୍ତ ହେବା।
➡ ଅବାସ୍ତବ ଲାଭ ପାଇବାର ଆଶା ରଖିବାଠାରୁ ଦୂରେଇ ରହିବା ଆବଶ୍ୟକ।
➡ ନିବେଶ କରିବା ସହ ଆର୍ଥିକ ଯୋଜନାକୁ ନେଇ ବିଭ୍ରାନ୍ତ ହେବା।
➡ ଭୁଲ ସ୍କିମରେ ନିବେଶ କରି କ୍ଷତି ସହିବା।
➡ ଜୀବନ ବୀମା ପଲିସି ଏବଂ ଜୀବନ ବୀମା ସୁରକ୍ଷାକୁ ଅଣଦେଖା କରିବ।
➡ କୌଣସି ସ୍କିମ ବିଷୟରେ କିଛି ନ ବୁଝି ନିବେଶ କରିବା।

ନିବେଶ ବେଳେ ଏସବୁ ଭୁଲ ଠାରୁ ଦୂରେଇ ରହିବା ଆବଶ୍ୟକ। ନିଜର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ଲାଗି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର – ୧୦**

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିଃ.**
OHPC ISO 9001, 14001 & OHSAS 18001 Certified Company
ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଭବନ,
ବାଣୀବିହାର ଛକ, ଜନପଥ, ଭୁବନେଶ୍ୱର – ୭୫୧ ୦୨୨
ଫୋନ୍ : (୦୬୭୪)-୨୫୪୨୮୦୨, ୨୫୪୫୫୨୬, ୨୫୪୨୮୨୬
ଫ୍ୟାକ୍ସ : ୨୫୪୨୧୦୨ ଇ-ମେଲ୍ : ohpc.co@gmail.com
CIN : U40101OR1995SGC003963

**ଉତ୍ପାଦିତ ବିଦ୍ୟୁତ୍ ଶୁଳ୍କ ବିଜ୍ଞପ୍ତି**

**ତା. ୦୧.୦୪.୨୦୧୯ ରିଖରୁ ଲାଗୁ ହେବାକୁ ଥିବା ଉତ୍ପାଦିତ ବିଦ୍ୟୁତ୍ ଶୁଳ୍କ**

ବିଦ୍ୟୁତ୍ ଅଧିନିୟମ, ୨୦୦୩ ବ୍ୟବସ୍ଥାରେ ଅର୍ପିତ କ୍ଷମତା ଅନୁଯାୟୀ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସମୁଦାୟ ଆବଶ୍ୟକ ପୁଞ୍ଜି ଓ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ କେସ୍ ନଂ. ୬୯/୨୦୧୮ ଉପରେ ଏକ ଆଦେଶନାମା ତା. ୨୮.୦୩.୨୦୧୯ ରିଖରେ ପ୍ରକାଶ କରିଛନ୍ତି, ଯାହା **ତା. ୦୧.୦୪.୨୦୧୯** ରିଖରୁ ଲାଗୁହେବ; ଯାହାକି ଆଦର୍ଶ ଆଚରଣ ବିଧି ଅନୁଯାୟୀ ବନ୍ଦ ଲଫାପାରେ ରଖାଯାଇଥିଲା । ୨୦୧୯ ସାଧାରଣ ନିର୍ବାଚନ ଆଚରଣ ବିଧି ଅନୁଯାୟୀ, ରାଜ୍ୟର ଶେଷ ନିର୍ବାଚନ ତାରିଖ ପରେ ବିଦ୍ୟୁତ୍ ଶୁଳ୍କ ସମ୍ବନ୍ଧୀୟ ଆଦେଶନାମା ପ୍ରକାଶନ କରିବା ପାଇଁ କମିଶନ ଅନୁମତି ପାଇଛନ୍ତି।

ଏତଦ୍ୱାରା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏହାର ଉତ୍ପାଦିତ ବିଦ୍ୟୁତ୍‌କୁ ନିମ୍ନ ପ୍ରଦତ୍ତ ଶୁଳ୍କ ସୂଚୀ ଅନୁଯାୟୀ ଗ୍ରୀଡ୍‌କୋକୁ ବିକ୍ରୟ କରିବାକୁ ପ୍ରକାଶ କରୁଅଛି, ଯାହା **ତା. ୦୧.୦୪.୨୦୧୯**ରିଖରୁ ଲାଗୁ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୨୦୧୯-୨୦ ଆର୍ଥିକ ବର୍ଷର କାପାସିଟି ଚାର୍ଜ ଏବଂ ଏନର୍ଜି ଚାର୍ଜ ହାର**

| ବିଦ୍ୟୁତ୍ କେନ୍ଦ୍ରର ନାମ | ବାର୍ଷିକ କାପାସିଟି ଚାର୍ଜ (କୋଟି ଟଙ୍କାରେ) | ଏନର୍ଜି ଚାର୍ଜ ହାର (ପଇସା / ୟୁନିଟ୍) |
|---|---|---|
| ରେଙ୍ଗାଲୀ ଜ.ବି.ପ୍ରକଳ୍ପ | ୩୨.୬୯ | ୬୨.୮୯ |
| ଉ. କୋଲାବ ଜ.ବି.ପ୍ରକଳ୍ପ | ୩୧.୪୯ | ୩୮.୨୩ |
| ବାଲିମେଳା ଜ.ବି.ପ୍ରକଳ୍ପ | ୩୫.୫୪ | ୩୦.୩୫ |
| ହୀରାକୁଦ ଜ.ବି.ପ୍ରକଳ୍ପ | ୪୨.୮୨ | ୬୩.୨୩ |
| ଚିପିଲିମା ଜ.ବି.ପ୍ରକଳ୍ପ | ୧୭.୯୬ | ୩୭.୦୩ |
| ଉ. ଇନ୍ଦ୍ରାବତୀ ଜ.ବି.ପ୍ରକଳ୍ପ | ୮୫.୯୭ | ୪୪.୨୬ |

ଆୟୋଗଙ୍କ ସବିଶେଷ ଆଦେଶନାମା ଆୟୁକ୍ତଙ୍କ ୱେବ୍‌ସାଇଟ୍ **www.orierc.org**ରେ ଓ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ୱେବ୍‌ସାଇଟ୍ **www.ohpcltd.com**ରେ ଉପଲବ୍ଧ ।

ସ୍ୱା/–
ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ
ଓ.ଏଚ୍.ପି.ସି. ଲିଃ.

ତା. ୨୧.୦୫.୨୦୧୯ ରିଖ
ସ୍ଥାନ : ଭୁବନେଶ୍ୱର

**ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍‌ଏଲ୍‌ଡିସି)**
**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
OPTCL Lifeline of Odisha
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ଗ୍ରୀଡ୍‌କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର - ୭୫୧ ୦୧୭, ଓଡ଼ିଶା
CIN : U40102OR2004SGC007553

**ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସ୍‌ଏଲ୍‌ଡିସି) ପାଇଁ ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି**

**ତା. ୦୧.୦୪.୨୦୧୯ ରିଖରୁ ଲାଗୁହେବା ନିମନ୍ତେ ଏସ୍‌ଏଲ୍‌ଡିସି ଫି ଏବଂ ଶୁଳ୍କ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା. ୨୯.୦୩.୨୦୧୯ ରିଖରେ ମାମଲା ସଂଖ୍ୟା ୭୨/୨୦୧୮ରେ ତା. ୦୧.୦୪.୨୦୧୯ ରିଖରୁ ଲାଗୁ ହେବା ନିମନ୍ତେ ଏସ୍‌ଏଲ୍‌ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା, ଯାହା ଆଦର୍ଶ ଆଚରଣ ବିଧି ଯୋଗୁଁ ଜଉମୁଦା ଲଫାପାରେ ରହିଥିଲା ତାହାକୁ ପ୍ରଦାନ କରିଛନ୍ତି । ସାଧାରଣ ନିର୍ବାଚନ-୨୦୧୯ ସମୟ ମଧ୍ୟରେ ଆଚରଣ ବିଧି ଧାର୍ଯ୍ୟ ଦୃଷ୍ଟିରୁ ରାଜ୍ୟର ନିର୍ବାଚନ ଶେଷ ତାରିଖ ପରେ ଆୟୋଗଙ୍କୁ ଶୁଳ୍କ ଆଦେଶ ବିଜ୍ଞପ୍ତି ପ୍ରକାଶ ପାଇଁ ଅନୁମତି ଦିଆଯାଇଥିଲା ।

ଓଇଆର୍‌ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍‌ଏଲ୍‌ଡିସି ଏତଦ୍ୱାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି ।

**ଏସ୍‌ଏଲ୍‌ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା**

୧. ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଏସ୍‌ଏଲ୍‌ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ ।

(କ) **ଏସ୍‌ଏଲ୍‌ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ ଓ ସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ ଓ ସି) ଭରଣା**

ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଆନ୍ତଃରାଜ୍ୟ ସରବରାହ ବ୍ୟବସ୍ଥା ଏବଂ ଏସ୍‌ଏଲ୍‌ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ସଂସ୍ଥା, କ୍ରେତା, ଉତ୍ପାଦନ କେନ୍ଦ୍ର (ସିଜିପି ସହିତ) ଓ ବିକ୍ରେତାମାନଙ୍କ ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏବଂ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ) ଠାରୁ କେବଳ ବ୍ୟବସ୍ଥା ପରିଚାଳନା ଶୁଳ୍କ ଏସ୍‌ଏଲ୍‌ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ ।

**ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଏଆର୍‌ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ**

(ଟଙ୍କା ଲକ୍ଷରେ)

| କ୍ରଂ. ସଂ. | ବିବରଣୀ | ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ମଞ୍ଜୁରୀ | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍‌ଏଲ୍‌ଡିସି ର ଏଆର୍‌ଆର୍ | ୯୩୭.୪୭ | ୭୮.୧୨ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୭୫.୦୦ | ୬.୨୫ |
| ୩. | ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ (୪୭୩୮.୨୨ ମେଗା ୱାଟ ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୪୩୧.୨୪ (ଟ୯୧୦୧.୨୧ ମେଗା ୱାଟ ପ୍ରତି) | ୩୫.୯୪ (ଟ୭୫୮.୪୩ ମେଗା ୱାଟ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୪୩୧.୨୪ | ୩୫.୯୪ |
| | (i) ସେସୁ | ୧୫୦.୮୭ | ୧୨.୫୭ |
| | (ii) ନେସ୍କୋ ୟୁଟିଲିଟି | ୯୭.୭୪ | ୮.୧୫ |
| | (iii) ୱେସ୍କୋ ୟୁଟିଲିଟି | ୧୨୦.୦୫ | ୧୦.୦୦ |
| | (iv) ସାଉଥ୍‌କୋ ୟୁଟିଲିଟି | ୬୨.୫୮ | ୫.୨୧ |

(ଖ) **ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :**
ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁଷଙ୍ଗିକ ସେବା ନିମନ୍ତେ ସ୍ୱଳ୍ପମିଆଦି ମୁକ୍ତ ପ୍ରବେଶ ଗ୍ରାହକମାନଙ୍କ ଠାରୁ ଏସ୍‌ଏଲ୍‌ଡିସି ଦରଖାସ୍ତ ପିଛା ୫,୦୦୦/- ଟଙ୍କା ଦରଖାସ୍ତ ଫି ଏବଂ ଦିନ ପ୍ରତି ବା ଦିନର କିଛି ଅଂଶ ପାଇଁ ୨,୦୦୦/- ଟଙ୍କା ହିସାବରେ ତାଲିକା ପ୍ରସ୍ତୁତି ଶୁଳ୍କ ଆଦାୟ କରିବ ।

(ଗ) **ସିକ୍ୟୁରିଟି ଡ଼ିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ) ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ ।

(ଘ) **ପଞ୍ଜୀକରଣ ଫି :** ଏସ୍‌ଏଲ୍‌ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀମାନଙ୍କଠାରୁ ଏକଥରପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ (ବିତରଣକାରୀ କମ୍ପାନୀଙ୍କ ବ୍ୟତିତ) ବିଲ୍ ପରିମାଣ ଧାର୍ଯ୍ୟ ଦିବସ ପରେ ପ୍ରଦାନ କଲେ, ଏସ୍‌ଏଲ୍‌ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

୨. ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍‌ଏଲ୍‌ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା. ୦୧.୦୪.୨୦୧୯ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

୩. ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ **www.orierc.org,** ଓପିଟିସିଏଲର ୱେବ୍‌ସାଇଟ୍ **www.optcl.co.in** ଏବଂ ଏସ୍‌ଏଲ୍‌ଡିସିର ୱେବ୍‌ସାଇଟ୍ **www.sldcorissa.org.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା. ୨୨.୦୫.୨୦୧୯

ସ୍ୱା/–
ଚିଫ୍ ଲୋଡ୍ ଡେସ୍ପାଚର, ଏସ୍‌ଏଲ୍‌ଡିସି, ଓପିଟିସିଏଲ୍

> ମହେନ୍ଦ୍ର ସିଂ ଧୋନୀଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ସମେତ ଭାରତୀୟ ଦଳରେ ବର୍ତ୍ତମାନ ଅନେକ ମ୍ୟାଚ୍ ବିଜେତା ରହିଛନ୍ତି। ବିଶ୍ୱକପ୍ ଦୌଡ଼ରେ ଭାରତ ଫେଭରାଇଟ୍ ରହିଛି।
> –ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା



> ଏସୀୟ ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ସହ ଭାରତକୁ ଶ୍ରେଷ୍ଠ ଦଳ ଭାବେ ଗଢ଼ି ତୋଳିବା ନୂଆ କୋଚ୍ ଇଗର ଷ୍ଟିମାକଙ୍କ ଲକ୍ଷ୍ୟ।
> –ରାହୁଲ ବେକେ, ଭାରତୀୟ ଫୁଟ୍‌ବଲର



## ସଂକ୍ଷେପରେ

### ଆର୍ଜେଣ୍ଟିନା ଦଳରେ ମେସି

ବୁଏନ୍‌ସ ଏରିଜ,୨୨।୫- ଆସନ୍ତା ଜୁନ ୧୪ ତାରିଖରୁ ଆରମ୍ଭ ହେବାକୁ ଥିବା କୋପା ଆମେରିକା ପ୍ରତିଯୋଗିତା ଲାଗି ଘୋଷିତ ୨୩ ଜଣିଆ ଆର୍ଜେଣ୍ଟିନା ଦଳରେ ବାର୍ସିଲୋନା ସୁପରଷ୍ଟାର ଲିଓନେଲ ମେସି ଓ ସେର୍ଗିଓ ଆଗୁରୋ ସ୍ଥାନ ପାଇଛନ୍ତି। ପ୍ୟାରିସ ସେଣ୍ଟ ଜର୍ମେନ ୱିଙ୍ଗର ଆଙ୍ଗେଲ ଡି ମାରିଆଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କିନ୍ତୁ ଚେଲସି ଷ୍ଟ୍ରାଇକର ଗୋଞ୍ଜାଲୋ ହିଗୁଆଇନଙ୍କୁ ଅଣଦେଖା କରାଯାଇଛି। ବଡ଼ ଟୁର୍ନାମେଣ୍ଟ ଲାଗି ଏମାନେ ଜାତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି ବୋଲି ମୁଖ୍ୟ କୋଚ୍ ଲିଓନେଲ ସ୍କାଲନି କହିଛନ୍ତି। ଗ୍ରୁପ୍-ବି'ରେ ଆର୍ଜେଣ୍ଟିନା ସହ କଲମ୍ବିଆ, ପାରାଗୁଏ ଓ ଏସିଆନ୍ ଚାମ୍ପିୟନ ତଥା ୨୦୨୨ ବିଶ୍ୱକପ୍ ଆୟୋଜକ କତାର ରହିଛି। ମେସି ଗତ ମାର୍ଚ୍ଚରେ ଜାତୀୟ ଦଳକୁ ଫେରିଥିଲେ। ବିଶ୍ୱକପ୍‌ରେ ଫ୍ରାନ୍ସଠାରୁ ୪-୩ ବ୍ୟବଧାନରେ ଆର୍ଜେଣ୍ଟିନା ପରାସ୍ତ ହେବା ପରେ ମେସି ଓ ଆଗୁରୋ ୮ ମାସ ଜାତୀୟ ଦଳରୁ ବିରତି ନେଇଥିଲେ।

### ମେଲବୋର୍ନ ଷ୍ଟାର୍ସ ନୂଆ କୋଚ୍ ଡେଭିଡ ହସି

ମେଲବୋର୍ନ,୨୨।୫- ପୂର୍ବତନ ଅଷ୍ଟ୍ରେଲିଆନ୍ ଓ ମେଲବୋର୍ନ ଷ୍ଟାର୍ସ ଅଧିନାୟକ ଡେଭିଡ ହସି ଦଳର ନୂଆ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ସେ ଷ୍ଟିଫେନ ଫ୍ଲେମିଂଙ୍କ ସ୍ଥାନ ନେବେ। ହସିଙ୍କୁ ଦୁଇ ବର୍ଷ ଲାଗି ଗୁରୁଦାୟିତ୍ୱ ଦିଆଯାଇଛି। ଏଥିଯୋଗୁ ତାଙ୍କୁ କ୍ରିକେଟ ଭିକ୍ଟୋରିଆ ବୋର୍ଡ ପଦରୁ ତୁରନ୍ତ ଓହରିବାକୁ ପଡ଼ିଛି। ମେଲବୋର୍ନ ଦଳର କୋଚ୍ ଭାବେ ନିଯୁକ୍ତ ହେବା ମୋ ପାଇଁ ସମ୍ମାନର ବିଷୟ ବୋଲି ହସି କହିଛନ୍ତି। ଗତ ବିବିଏଲ ଫାଇନାଲରେ ପରାସ୍ତ ହେବା ପରେ ମଧ୍ୟ ଫ୍ଲେମିଂଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବା ନେଇ ପ୍ରସ୍ତାବ ଦିଆଯାଇଥିଲା। ହେଲେ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ମନା କରି ଦେଇଥିଲେ। ହସି ମେଲବୋର୍ନ ଫ୍ରାଞ୍ଚାଇଜ ଲାଗି ୭ଟି ସିଜନରେ ୪୮ ମ୍ୟାଚ୍ ଖେଳି ୮୫୫ ରନ୍ କରିଛନ୍ତି।



ଆଇସିସି ବିଶ୍ୱକପ୍ ଖେଳିବା ଲାଗି ଲଣ୍ଡନରେ ପହଞ୍ଚିଥିବା ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।



ଅଧିନାୟକ ବିରାଟ କୋହଲି ଟିମ୍ ହୋଟେଲକୁ ଯାଉଛନ୍ତି।

# ଓଡ଼ିଆ ଖେଳାଳି ସୁନିତାଙ୍କ ମାଇଲଖୁଣ୍ଟ



ସମ୍ବର୍ଦ୍ଧିତ ଅବସରରେ କୋଚ୍ ଜୋର୍ଡ ମାରିଜନେଙ୍କ ସହ ସୁନୀତା ଲାକ୍ରା।

## ସିରିଜ୍ ଜିତିଲା ଭାରତ

ପ୍ରଥମାର୍ଦ୍ଧ ସୁଦ୍ଧା ୦-୧ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଭାରତୀୟ ମହିଳା ଦଳ ୨-୧ ବ୍ୟବଧାନରେ ଆୟୋଜକ ରିପବ୍ଲିକ କୋରିଆକୁ ହରାଇ ଦେଇଛି। ଏଥିସହ ଦ୍ୱିପାକ୍ଷିକ ସିରିଜ୍‌କୁ ୨-୦ରେ ଜିତି ନେଇଛି। ଏହି ମ୍ୟାଚ୍‌ରେ ଓଡ଼ିଆ ଖେଳାଳି ସୁନିତା ଲାକ୍ରା ଅନ୍ତର୍ଜାତୀୟ କ୍ୟାରିୟରର ୧୫୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଦୁଇ ଦଳର ଗୋଲକିପରମାନେ ଭଲ ସେଭ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆୟୋଜକ ଦଳ ଭାରତୀୟ ଡିଫେନ୍ସ ଭାଗ ଭେଦ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ଲି ସେଉଙ୍ଗଙ୍କୁ ଫିଲ୍ଡ ଗୋଲ କରି କୋରିଆ ଦଳକୁ ଅଗ୍ରଣୀ ଆଣି ଦେଇଥିଲେ। ଜବାବରେ ତୃତୀୟ କ୍ୱାର୍ଟରରେ ଟିମ୍ ଇଣ୍ଡିଆ ଆକ୍ରମଣ କରିଥିଲା। ଅଧିନାୟିକା ରାଣୀ ରାମ୍ପାଲ ୩୭ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ନବଜୋତ କୌର (୫୦ତମ ମିନିଟ୍)ଙ୍କ ଗୋଲ ଯୋଗୁ ଭାରତ ୨-୧ରେ ମ୍ୟାଚ ଜିତି ନେଇଥିଲା। ଗତ ମ୍ୟାଚ୍‌ଠାରୁ ଆମର ପ୍ରଦର୍ଶନ ବହୁତ ଉନ୍ନତ ଥିଲା। ଖେଳାଳିମାନେ ସ୍ଥିର ପ୍ରଦର୍ଶନ କରିଥିଲେ। ଆମେ ଆହୁରି ଗୋଲ କରିପାରିଥାନ୍ତୁ ବୋଲି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି। ସିରିଜ୍‌ର ୩ୟ ମ୍ୟାଚ୍ ୨୪ ତାରିଖରେ ଖେଳାଯିବ।

**ଜିନଚେଓନ(କୋରିଆ),୨୨।୫**

ଭାରତୀୟ ମହିଳା ହକି ଦଳର ଅନ୍ୟତମ ଡିଫେଣ୍ଡର ଖେଳାଳି ସୁନିତା ଲାକ୍ରା ବୁଧବାର ୧୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ଅବସରରେ ଓଡ଼ିଆ ଖେଳାଳି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ୨୦୦୯ରେ ପଦାର୍ପଣ କରିଥିଲେ ସୁନିତା। ୧୦ ବର୍ଷ ଧରି ଜାତୀୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି (୨୦୧୬) ଓ ୯ମ ମହିଳା ଏସିଆ କପ୍ (୨୦୧୭) ଜିତିବା ସହ ଏସିଆନ୍ ଗେମ୍ସ ରୌପ୍ୟ ପଦକ ଜିତିଥିଲା। ନିକଟରେ ବିବାହ କରିଥିବା ଡିଫେଣ୍ଡରଙ୍କ ନେତୃତ୍ୱରେ ଭାରତ ମହିଳା ଏସିଆନ୍ ଚାମ୍ପିୟନଶିପ୍ ଟ୍ରଫିରେ ରୌପ୍ୟ ପଦକ ପାଇଥିଲା। ୨୦୧୮ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ମୋତେ ଦଳୀୟ ଖେଳାଳିଙ୍କ ସମର୍ଥନ ମିଳିଥିବାରୁ ମୁଁ ଏତେ ବର୍ଷ ଧରି ଭାରତ ପାଇଁ ଖେଳିପାରିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବା ମୋର ଲକ୍ଷ୍ୟ ବୋଲି ସୁନିତା କହିଛନ୍ତି। ଏହି ଅବସରରେ ହକି ଇଣ୍ଡିଆ (ଏଚ୍‌ଆଇ) ସୁନିତାଙ୍କୁ ଶୁଭେଚ୍ଛା ଜଣାଇଛି।

# ୟୁରୋ ଟି୨୦ ସ୍ଲାମ୍ ପାଇଁ ଆଫ୍ରିଦୀ ଆଇକନ ଖେଳାଳି

**ମୁମ୍ବାଇ, ୨୨।୫ (ପି.ଟି.)**

ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦୀ ୟୁରୋ ଟି୨୦ ସ୍ଲାମ୍‌ରେ ଆଇକନ ଖେଳାଳି ଭାବେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ୬ ଜଣ ମାର୍କି ଖେଳାଳିଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ଟି୨୦ ଉପଅଧିନାୟକ ଜେ.ପି. ଡୁମିନୀ ତାଙ୍କ ଟିମମେଟ୍ ଇମ୍ରାନ ତାହିର ସ୍ଥାନ ପାଇଛନ୍ତି। ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସରେ ୩ ସପ୍ତାହ ଧରି ହେବାକୁଥିବା ଏହି ଟୁର୍ନାମେଣ୍ଟ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ହେବ। ଆଫ୍ରିଦୀଙ୍କ ବ୍ୟତୀତ ଆଇକନ୍ ଖେଳାଳି ତାଲିକାରେ ଯେଉଁମାନେ ସ୍ଥାନ ପାଇଛନ୍ତି, ସେମାନେ ହେଲେ ଶେନ୍ ୱାଟସନ (ଅଷ୍ଟ୍ରେଲିଆ), ବ୍ରେଣ୍ଡନ ମ୍ୟାକ୍‌କୁଲମ (ନ୍ୟୁଜିଲାଣ୍ଡ) ଏବଂ ରଶିଦ ଖାଁ। ମାର୍କି ଖେଳାଳି ତାଲିକାରେ କ୍ରିସ୍ ଲିନ୍ (ଅଷ୍ଟ୍ରେଲିଆ), ବାବର ଆଜମ (ପାକିସ୍ତାନ) ଏବଂ ଲ୍ୟୁକ୍ ରୋଞ୍ଚି



(ନ୍ୟୁଜିଲାଣ୍ଡ) ସାମିଲ ହୋଇଛନ୍ତି। ଅବଶିଷ୍ଟ ୨ଆଇକନ ଖେଳାଳି ଏବଂ ଜଣେ ମାର୍କି ଖେଳାଳିଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା ହେବ। ପ୍ରତିଯୋଗିତାରେ ଭାଗ ନେଉଥିବା ୬ଟି ଫ୍ରାଞ୍ଚାଇଜ୍ ହେଲେ ନେଦରଲାଣ୍ଡ୍ସରୁ ଆମଷ୍ଟରଡାମ୍ କିଙ୍ଗ୍ସ ଓ ରୋଷ୍ଟରଡାମ୍ ରାଇନୋଜ୍, ସ୍କଟଲାଣ୍ଡରୁ ଗ୍ଲାସ୍‌ଗୋ ଜିଆଣ୍ଟ୍ସ ଓ ଏଡିନବର୍ଗ ରକ୍ସ ଏବଂ ଆୟର୍ଲାଣ୍ଡରୁ ଡବଲିନ୍ ଚିଫ୍ସ ଓ ବେଲ୍‌ଫାଷ୍ଟ ଟାଇଟାନ୍ସ।

# ଶାକିବ ଶ୍ରେଷ୍ଠ ଦିନିକିଆ ଅଲ୍‌ରାଉଣ୍ଡର

**ଦୁବାଇ, ୨୨।୫**

ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ସପ୍ତାହରୁ କମ୍ ସମୟ ଥିବାବେଳେ ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ଶ୍ରେଷ୍ଠ ଦିନିକିଆ ଅଲ୍‌ରାଉଣ୍ଡର ମାନ୍ୟତା ଲାଭ କରିଛନ୍ତି। ବୁଧବାର ଆଇସିସି ପକ୍ଷରୁ ପ୍ରକାଶିତ ଦିନିକିଆ ଅଲ୍‌ରାଉଣ୍ଡର ତାଲିକାରେ ଆଫଗାନିସ୍ତାନର ରଶିଦ ଖାଁଙ୍କୁ ହଟାଇ ଶାକିବ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆୟର୍ଲାଣ୍ଡରେ ସଦ୍ୟ ସମାପ୍ତ ତ୍ରି-ରାଷ୍ଟ୍ରୀୟ ସିରିଜରେ ୩୨ ବର୍ଷୀୟ ଶାକିବ ୧୪୦ ରନ କରିବା ସହ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏହି ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଶାକିବଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଘଟିଛି। ଅଲ୍‌ରାଉଣ୍ଡ ତାଲିକାରେ ଶାକିବଙ୍କୁ ୩୫୯ ପଏଣ୍ଟ ମିଳିଥିବାବେଳେ ୨ୟ ସ୍ଥାନରେ ରହିଥିବା



ରଶିଦ ୨୦ ପଏଣ୍ଟ ପଛରେ ରହିଛନ୍ତି। ଅନ୍ୟତମ ଆଫଗାନିସ୍ତାନ କ୍ରିକେଟର ମହମ୍ମଦ ନବି (୩୧୯ ପଏଣ୍ଟ) ଏହି ତାଲିକାର ୩ୟ ସ୍ଥାନରେ ରହିଛନ୍ତି। ଟପ୍-୧୦ ଅଲ୍‌ରାଉଣ୍ଡର ତାଲିକାରେ କୌଣସି ଭାରତୀୟ କ୍ରିକେଟର ସ୍ଥାନ ପାଇନାହାନ୍ତି।

# କ୍ରମାଗତ ପରାଜୟ ଧାରା ଭାଙ୍ଗିଲା ଶ୍ରୀଲଙ୍କା

**ଲଣ୍ଡନ,୨୨।୫(ଏଏଫ୍‌ପି)**

କ୍ରମାଗତ ୮ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ହାରିବା ପରେ ଶ୍ରୀଲଙ୍କା ବିଶ୍ୱକପ୍ ପୂର୍ବରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଏଡିନ୍‌ବର୍ଗଠାରେ ସ୍କଟଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚ୍‌କୁ ଶ୍ରୀଲଙ୍କା ଦଳ ୩୫ ରନ୍‌ରେ ଜିତି ନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା କାରଣରୁ ସମ୍ଭବ ହୋଇପାରି ନ ଥିଲା। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଶ୍ରୀଲଙ୍କା ୧-୦ ବ୍ୟବଧାନରେ ଜିତିନେଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଦଳ ଧାର୍ଯ୍ୟ ୫୦ ଓଭରରେ ୮ ଉଇକେଟ ହରାଇ ୩୨୨ ରନ୍ କରିଥିଲା। ଦଳର ନୂଆ ଅଧିନାୟକ ଦିମୁଥ କରୁଣାରତ୍ନେ ସର୍ବାଧିକ ୭୭ ରନ୍ କରିଥିଲେ। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ। ତାଙ୍କ ବ୍ୟତୀତ ଅଭିଶକା ଫର୍ନାଣ୍ଡୋ ୭୪, କୁସାଲ ମେଣ୍ଡିସ ଓ ଲାହିରୁ ଥିରିମାନେ ୪୪ ରନ୍ କରିଥିଲେ। ବୋଲିଂ ସ୍କଟଲାଣ୍ଡ ଲାଗି ବ୍ରାଡଲି ୱେଲ ୩ ଓ ସାଫ୍ୟାନ ଶାରିଫ ୨ ଉଇକେଟ ନେଇଥିଲେ। ବର୍ଷା କାରଣରୁ ସ୍କଟଲାଣ୍ଡ ଆଗରେ ୩୪ ଓଭରରେ ୨୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ନୂଆନ ପ୍ରଦୀପଙ୍କ ଘାତକ ବୋଲିଂ ଯୋଗୁ ସ୍କଟଲାଣ୍ଡ ୧୯୯ ରନ୍‌ରେ ସୀମିତ ରହିଥିଲା। ଘରୋଇ ଦଳ ପାଇଁ ମାଥ୍ୟୁ କ୍ରସ ୫୫ ଓ ଜର୍ଜ ମୁନ୍‌ସେ ୬୧ ରନ୍ କରିଥିବାବେଳେ ବିଜୟୀ ଦଳ ପକ୍ଷରୁ ପ୍ରଦୀପ ୪ ଉଇକେଟ ନେଇଥିଲେ।

# ସିରିଜ ଡ୍ର' କଲା ଆଫଗାନିସ୍ତାନ

**ବେଲ୍‌ଫାଷ୍ଟ, ୨୨।୫**

ଘରୋଇ ଆୟର୍ଲାଣ୍ଡ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୨ୟ ଦିନିକିଆ ମ୍ୟାଚ୍‌କୁ ଆଫଗାନିସ୍ତାନ ୧୨୬ ରନରେ ଜିତିନେଇଛି। ଏଥିସହ ଦୁଇ ଦଳ ମଧ୍ୟରେ ଚାଲିଥିବା ୨ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ୧-୧ରେ ସମାପ୍ତ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୭୨ ରନରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଓପନର୍ ତଥା ଉଇକେଟ୍‌କିପର ମହମ୍ମଦ ଶେହଜାଦଙ୍କ ଶତକ ବଳରେ ୭ ଉଇକେଟ୍ ହରାଇ ୩୦୫ ରନ କରିଥିଲା। ଶେହଜାଦ୍ ୮୮ ବଲରୁ ୧୬ ଚୌକା ବଳରେ ୧୦୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରହମତ୍ ଶାହ (୬୨), ନଜିବୁଲ୍ଲା ଜର୍ଡାନ (୬୦*) ଓ ହସ୍‌ମତଉଲ୍ଲା ଶାହିଦୀ (୪୭) ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ

**ଶାହାଜାଦ୍‌ଙ୍କ ଶତକ**

ମାର୍କ ଆଦିର ୩ ଓ ଆଣ୍ଡି ମ୍ୟାକ୍‌ବ୍ରାଇନ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ୪୧.୨ ଓଭରରେ ୧୭୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ପଲ୍ ଷ୍ଟିର୍ଲିଂ ୫୦, ଉଇକେଟ୍‌କିପର ଗେରୀ ୱିଲସନ ୩୪ ରନ କରିଥିଲେ। ବିଜୟୀ ଦଳର ଅଧିନାୟକ ଗୁଲାବଦିନ ନାଇବ ୪୩ ରନରେ ୬ଟି ଉଇକେଟ୍ ଅକ୍ତିଆର କରିଥିଲେ।

# ୨୦୦୩: ଭାରତ ରନର୍ସଅପ୍

ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି) ବିଶ୍ୱକପ୍‌ର ଅଷ୍ଟମ ସଂସ୍କରଣ ଆୟୋଜିତ ହୋଇଥିଲା ୨୦୦୩ରେ। ଦକ୍ଷିଣ ଆଫ୍ରିକା ସମେତ ଜିମ୍ବାୱେ ଓ କେନିଆ ମିଳିତ ଭାବେ ଏହି ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିଥିଲେ। ଏଥିସହିତ ଆଫ୍ରିକା ମହାଦେଶରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଅଷ୍ଟ୍ରେଲିଆ ଫାଇନାଲ ମ୍ୟାଚ୍‌ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତକୁ ୧୨୫ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ରିକି ପଣ୍ଟିଂଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଥି ସହିତ ବିଶ୍ୱର ପ୍ରଥମ ଦଳ ଭାବେ ତୃତୀୟଥର ପାଇଁ ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଥିଲା।

ଏହି ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ସର୍ବାଧିକ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ ଓ ମୋଟ ୫୪ଟି ମ୍ୟାଚ୍ ଖେଳାଯାଇଥିଲା। ୧୯୯୯ ସଂସ୍କରଣ ଫର୍ମାଟ୍ ଅନୁସାରେ ଏହି ବିଶ୍ୱକପ୍ ଖେଳାଯାଇଥିଲା। ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ଟି ଦଳ ସୁପରସିକ୍ସ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ଟୁର୍ନାମେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳଗୁଡ଼ିକ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବିଦାୟ ନେଇଥିଲେ। ପୁଣି ଥରେ ଦକ୍ଷିଣ ଆଫ୍ରିକା ହତଭାଗ୍ୟ ସାବ୍ୟସ୍ତ ହୋଇଥିଲା। ବର୍ଷାକାରଣରୁ ଡକ୍‌ୱର୍ଥ- ଲୁଇସ୍ ନିୟମକୁ ବୁଝିବାରେ ସକ୍ଷମ ହୋଇ ନ ପାରି ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ ପଛରେ ରହି ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଥିଲା। ସେହିପରି ରାଜନୈତିକ ଅସ୍ଥିରତା କାରଣରୁ ଇଂଲଣ୍ଡ ଜିମ୍ବାୱେ ଗସ୍ତ ନ କରି ମ୍ୟାଚ୍ ଖେଳି ନ ଥିଲା। ଫଳରେ ଇଂଲଣ୍ଡ ସୁପରସିକ୍ସକୁ ଉଠିବାରେ ବିଫଳ ହୋଇଥିଲା। ସେହିପରି ନ୍ୟୁଜିଲାଣ୍ଡ ସୁରକ୍ଷା ତଥା ନିରାପତ୍ତା କାରଣରୁ କେନିଆ ଗସ୍ତ କରି ନ ଥିଲା। ଫଳରେ କେନିଆ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା। ଟେଷ୍ଟ ଖେଳି ନ ଥିବା ଏକମାତ୍ର ଦେଶ ଭାବେ କେନିଆ ପ୍ରଥମଥର ପାଇଁ ସେମିରେ



ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ଭାରତୀୟ ଦଳ।

ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲା। ଡୋପ୍ ଟେଷ୍ଟରେ ବିଫଳ ହୋଇ ଅଷ୍ଟ୍ରେଲିଆ ତାରକା ସ୍ପିନର ସେନ ୱର୍ଣ୍ଣଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିଥିଲା।

ଟୁର୍ନାମେଣ୍ଟରେ ୧୦ଟି ଟେଷ୍ଟ ଖେଳୁଥିବା ଦେଶ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଏହି ଫୁଲ ମେମ୍ବର ଦେଶଗୁଡ଼ିକ ହେଲେ ବାଂଲାଦେଶ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଓ ଜିମ୍ବାୱେ। ସେହିପରି ଆଇସିସିର ଆସୋସିଏଟ ଦେଶ ଭାବେ କେନିଆ, ନାମ୍ବିଆ, କାନାଡ଼ା ଓ ନେଦରଲାଣ୍ଡ୍ସ ଏହି ବିଶ୍ୱକପ୍ ଖେଳିଥିଲେ। ଦକ୍ଷିଣ ଆଫ୍ରିକାର ୧୨, ଜିମ୍ବାୱେର ୨ ଓ କେନିଆର ଗୋଟିଏ ଭେନ୍ୟୁରେ ମ୍ୟାଚ ଖେଳାଯାଇଥିଲା। ପୁଲ୍ ଏ'ରେ ଅଷ୍ଟ୍ରେଲିଆ, ଭାରତ, ଜିମ୍ବାୱେ, ଇଂଲଣ୍ଡ, ପାକିସ୍ତାନ, ନେଦରଲାଣ୍ଡ୍ସ ଓ ନାମ୍ବିଆ ସ୍ଥାନିତ ହୋଇଥିଲେ। ସେହିପରି ପୁଲ ବି'ରେ ଶ୍ରୀଲଙ୍କା, କେନିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, କାନାଡ଼ା ଓ ବାଂଲାଦେଶ ସ୍ଥାନ ପାଇଥିଲେ।

ପୁଲ ଏ'ରେ ଅଷ୍ଟ୍ରେଲିଆ ସବୁ ୬ଟି ଯାକ ମ୍ୟାଚ୍ ଜିତି ୨୪ ପଏଣ୍ଟ ପାଇ ଶୀର୍ଷରେ, ଭାରତ ୬ରୁ ୫ଟି ମ୍ୟାଚ୍ ଜିତି ୨୦ ପଏଣ୍ଟ ପାଇ ଦ୍ୱିତୀୟ ଓ ଜିମ୍ବାୱେ ୬ରୁ ୩ଟି ମ୍ୟାଚ୍ ଜିତି ୧୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ସୁପର ସିକ୍ସକୁ ଉଠିଥିଲେ। ଭାରତ କେବଳ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ସେହିପରି ଗ୍ରୁପ୍ ବି'ରେ ୬ରୁ ୪ଟି ମ୍ୟାଚ୍ ଜିତି, ଗୋଟିଏ ପରାଜୟ ଓ ଗୋଟିଏ ଟାଇ ସହ ୧୮ ପଏଣ୍ଟ ପାଇ ଶ୍ରୀଲଙ୍କା ଶୀର୍ଷରେ, କେନିଆ ୬ରୁ ୪ଟି ମ୍ୟାଚ୍ ଜିତି ଓ ୨ଟି ମ୍ୟାଚ୍ ହାରି ୧୬ ପଏଣ୍ଟ ସହ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ୬ ମ୍ୟାଚ୍‌ରୁ ୪ଟି ବିଜୟ ଓ ୨ ପରାଜୟ ସହ ୧୬ ପଏଣ୍ଟ ପାଇ ନେଟ ରନ୍‌ରେଟ୍‌ରେ ପଛରେ ପଡ଼ି ତୃତୀୟ ସ୍ଥାନରେ ରହି ସୁପରସିକ୍ସକୁ ଉଠିଥିଲେ।

ସୁପରସିକ୍ସରେ ଅଷ୍ଟ୍ରେଲିଆ, ଭାରତ, କେନିଆ ଓ ଶ୍ରୀଲଙ୍କା ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ଓ ଭାରତ ୩ରୁ ୩ଟି ମ୍ୟାଚ୍ ଜିତି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭାରତ ନେଟ ରନ୍‌ରେଟ୍‌ରେ ପଛରେ ରହିଥିଲା। ଫଳରେ ଦ୍ୱିତୀୟ ସ୍ଥାନରେ ଭାରତ ରହିଥିଲା। ସେହିପରି କେନିଆ ଓ ଶ୍ରୀଲଙ୍କା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ।

ସେମିଫାଇନାଲରେ ଅଷ୍ଟ୍ରେଲିଆ ଡକ୍‌ୱର୍ଥ/ଲୁଇସ୍ ନିୟମରେ ଶ୍ରୀଲଙ୍କାକୁ ୪୮ ରନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଭାରତ ଦ୍ୱିତୀୟ ସେମିଫାଇନାଲରେ କେନିଆକୁ ୯୧ ରନରେ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୪ ଉଇକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା। ଜବାବରେ କେନିଆ ୪୬.୨ ଓଭରରେ ୧୭୯ ରନକରି ଅଲଆଉଟ୍ ହେବା ସହ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ୧୧୧ ରନର ଅପରାଜିତ ଶତକୀୟ ପାଳି ଖେଳିଥିବା ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଟାଇଟଲ ଫାଇନାଲ ପାଇଁ ଅଷ୍ଟ୍ରେଲିଆ ଓ ଭାରତ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ୍ ଭାରତ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଥିଲା। ୧୨୫ ରନରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ବାଜି ମାରିଥିଲା। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ରିକି ପଣ୍ଟିଂଙ୍କ ୧୪୦ ରନର ଶତକୀୟ ପାଳି (୧୨୨ ବଲ, ୪ ଚୌକା, ୮ ଛକା) ସହ ୫୦ ଓଭରରେ ୨ ଉଇକେଟ ହରାଇ ୩୫୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ଆରମ୍ଭରୁ ଇନ୍‌ଫର୍ମ ତଥା ତାରକା ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତ ୩୯.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇ ପରାସ୍ତ ହେବା ସହ ରନର୍ସଅପ୍ ହୋଇଥିଲା। ଶତକୀୟ ଇନିଂସ ପାଇଁ ପଣ୍ଟିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେନ୍ଦୁଲକର ପ୍ଲେୟାର ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ତେନ୍ଦୁଲକର ସର୍ବାଧିକ ୬୭୩ ରନ ସଂଗ୍ରହ କରିଥିଲେ। ସେହିପରି ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ଚାମୁଣ୍ଡା ଭାସ୍ ସର୍ବାଧିକ ୨୩ଟି ଉଇକେଟ ହାସଲ କରିଥିଲେ।

ଆଇସିସି ବିଶ୍ୱକପ
ଆଉ ୬ ଦିନ



“ମୁଁ ଦେଖିଥିବା ଇଂଲଣ୍ଡ ଦଳ ମଧ୍ୟରୁ ଏହା ସବୁଠୁ ଶ୍ରେଷ୍ଠ। ଆଇସିସି ଦିନିକିଆ ବିଶ୍ୱକପ ଜିତିବା ଲାଗି ଇଂଲଣ୍ଡ ନିକଟରେ ଭଲ ସୁଯୋଗ ରହିଛି।

–ମାଇକେଲ ଭନ, ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ



“ଇଂଲଣ୍ଡ ବିଶ୍ୱକପ୍ ଦଳରେ ଅନେକ ମ୍ୟାଚ୍ ବିଜେତା ରହିଥିଲେ ମଧ୍ୟ ଜୋଶ୍ ବଟ୍‌ଲର ସେମାନଙ୍କ ମଧ୍ୟରୁ ବିପଜ୍ଜନକ ଖେଳାଳି।

–ରିକି ପଣ୍ଟିଂ, ପ୍ରାକ୍ତନ ଅଷ୍ଟ୍ରେଲିଆ କ୍ରିକେଟର

## ସଂକ୍ଷେପରେ

### ସୁଦିରମାନ କପରୁ ଭାରତର ବିଦାୟ

ନାନ୍‌ଜିଂ(ଚାଇନା),୨୨।୫(ପିଟି)- ସୁଦିରମାନ କପ୍ ଦଳଗତ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ଭାରତ ବିଦାୟ ନେଇଛି। ବୁଧବାର ଅନୁଷ୍ଠିତ ଚାଇନା ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଏକତରଫା ଭାବେ ୦-୫ ବ୍ୟବଧାନରେ ପରାସ୍ତ ହୋଇଛି। ମାଲେସିଆଠାରୁ ୩-୨ରେ ପରାସ୍ତ ହୋଇଥିବା ଭାରତକୁ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା ପାଇଁ ୧୦ ଥର ଚାମ୍ପିୟନ ଚାଇନାକୁ ହରାଇବାର ଆବଶ୍ୟକତା ଥିଲା। ପ୍ରଥମେ ଭାରତୀୟ ମିକ୍ସଡ୍ ଡବଲ୍ସ ବର୍ଗରେ ଜେରି ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀଙ୍କ ଯୋଡ଼ି ପରାସ୍ତ ହୋଇଥିଲେ। କିଡାମ୍ବି ଶ୍ରୀକାନ୍ତ ଆହତ ହେବାରୁ ସମୀର ବର୍ମା ପୁଣି ପୁରୁଷ ସିଙ୍ଗଲ୍ସ ମ୍ୟାଚ୍ ଖେଳିଥିଲେ। ସମୀର ୧୭-୨୧, ୨୦-୨୨ ସିଧାସଳଖ ଗେମ୍‌ରେ ଅଲିମ୍ପିକ୍ ଚାମ୍ପିୟନ ଚେନ ଲଙ୍ଗଙ୍କଠାରୁ ହାରି ଯାଇଥିଲେ। ଫଳରେ ମୁକାବିଲାରେ ଭାରତ ୦-୨ରେ ପଛୁଆ ଥିଲା। ପୁରୁଷ ଡବଲ୍ସ ବର୍ଗରେ ନିଶ୍ଚିତ ବିଜୟ ଆବଶ୍ୟକ ଥିଲା। କିନ୍ତୁ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟିଙ୍କ ଯୋଡ଼ିର ପରାଜୟ ସହ ଟୁର୍ନାମେଣ୍ଟରୁ ଭାରତର ବିଦାୟ ହୋଇଛି। ଏହାପରେ ମହିଳା ସିଙ୍ଗଲ୍ସ ବର୍ଗରେ ସାଇନା ନେହ୍ୱାଲ ଓ ଡବଲ୍ସ ବର୍ଗରେ ଅଶ୍ୱିନି ପୁନାପ୍ପା-ସିକ୍କି ମଧ୍ୟ କିଛି କମାଲ କରିପାରି ନ ଥିଲେ। ୨୦୧୧ ଓ ୨୦୧୭ ସଂସ୍କରଣରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା, ଯାହାକି ଶ୍ରେଷ୍ଠ ପ୍ରଦର୍ଶନ।

### କାଉଣ୍ଟି ପଦାର୍ପଣରେ ରାହାନେଙ୍କ ଶତକ

ନ୍ୟୁପୋର୍ଟ, ୨୨।୫(ପି.ଟି.): ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଚମତ୍କାରଭାବେ କାଉଣ୍ଟି କ୍ରିକେଟରେ ପଦାର୍ପଣ କରିଛନ୍ତି। ହାମ୍ପଶାୟାର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରାହାନେ ନିଜ ପ୍ରଥମ ମ୍ୟାଚରେ ନଟିଂହାମଶାୟାର ବିପକ୍ଷରେ ଶତକ ହାସଲ କରିଛନ୍ତି। ଭାରତର ତୃତୀୟ ବ୍ୟାଟ୍ସମ୍ୟାନଭାବେ ରାହାନେ କାଉଣ୍ଟି କ୍ରିକେଟ ପଦାର୍ପଣରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ପୀୟୂଷ ଚାୱଲା ସସେକ୍ସ ପକ୍ଷରୁ ଖେଳି ୱର୍ସେଷ୍ଟରଶାୟାର ବିପକ୍ଷରେ ଏବଂ ମୁରଲୀ ବିଜୟ ଇସେକ୍ସ ପକ୍ଷରୁ ଖେଳି ନଟିଂହାମଶାୟାର ବିପକ୍ଷରେ ଏହି ସଫଳତା ପାଇଥିଲେ। ନଟିଂହାମଶାୟାର ବିପକ୍ଷ ଡିଭିଜନ-୧ ଗେମ୍‌ରେ ହାମ୍ପଶାୟାର ପକ୍ଷରୁ ପ୍ରଥମ ଇନିଂସରେ ମାତ୍ର ୧୦ ରନ କରିଥିବା ରାହାନେ ଦ୍ୱିତୀୟ ଇନିଂସରେ ୨୬୦ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୧୧୯ ରନର ଇନିଂସ ଖେଳିଥିଲେ। ଏହା ମଧ୍ୟରେ ସେ ୧୪ ଚୌକା ମାରିଥିଲେ। ତୃତୀୟ ଉଇକେଟ ଭାଗୀଦାରିରେ ସେ ସାମ୍ ନର୍ଥଇଷ୍ଟଙ୍କ ବିପକ୍ଷରେ ୨୫୭ ରନର ଭାଗୀଦାରି ଗଢ଼ିଥିଲେ। ଇନିଂସର ୫ମ ଓଭରରେ ୩ ନମ୍ବର ବ୍ୟାଟ୍ସମ୍ୟାନଭାବେ କ୍ରିଜକୁ ଆସିଥିବା ରାହାନେ ୭୦ତମ ଓଭରରେ ଅଫ୍-ସ୍ପିନର ମାଥ୍ୟୁ କାର୍ଟଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏଠାରେ ସେ କ୍ୟାରିୟରର ୩୦ତମ ଶତକ ଅର୍ଜନ କରିଥିଲେ। ରାହାନେଙ୍କ ବ୍ୟତୀତ କାଉଣ୍ଟି କ୍ରିକେଟର ଡିଭିଜନ-୧ରେ ଭାରତର ଚେତେଶ୍ୱର ପୂଜାରା ଓ ରବିଚନ୍ଦ୍ରନ ଅଶ୍ୱିନ୍ ଯଥାକ୍ରମେ ୟର୍କଶାୟାର ଓ ନଟିଂହାମଶାୟାର ପକ୍ଷରୁ ଖେଳୁଛନ୍ତି। ବିଶ୍ୱକପ ପରେ ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ୨ଟି ଟେଷ୍ଟ ଖେଳିବ। ତେଣୁ ଟେଷ୍ଟ ସ୍ପେଶାଲିଷ୍ଟ ଖେଳାଳିମାନେ ଅଧିକରୁ ଅଧିକ ମ୍ୟାଚ ଖେଳି ଅଭ୍ୟାସ ଜାରି ରଖନ୍ତୁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାହୁଁଛି।

## ଜାତୀୟ ସବ୍‌ଜୁନିୟର ହକି

# ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୨୨।୫(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର(ଡିଭିଜନ-ଏ) ହକି ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ଶୁଟ୍‌ଆଉଟ୍ ୩-୧ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ପ୍ରକାଶଯୋଗ୍ୟ ଯେ, ଏହାକୁ ମିଶାଇ ଓଡ଼ିଶା ୭ମ ଥର ପାଇଁ ଜାତୀୟ ଚାମ୍ପିୟନ ହୋଇ ଇତିହାସ ରଚିଛି।

ଓଡ଼ିଶା-ଉତ୍ତର ପ୍ରଦେଶ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୪ତମ ମିନିଟରେ ପେନାଲ୍ଟି କର୍ନରରୁ ଓଡ଼ିଶା ପାଇଁ ଗୋଲ ଦେଇଥିଲେ ଅଧିନାୟକ ଲବନ ଲୁଗୁନ। ତୃତୀୟ କ୍ୱାର୍ଟରରେ ୩୮ତମ ମିନିଟରେ ଉତ୍ତର ପ୍ରଦେଶ ଅଧିନାୟକ ସୌରଭ ଆନନ୍ଦ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୪ର୍ଥ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲା। ୪୯ତମ ମିନିଟରେ ଅଙ୍କିତ୍ ପ୍ରଜାପତିଙ୍କ ଗୋଲ ବଳରେ ଉତ୍ତର ପ୍ରଦେଶ ଅଗ୍ରଣୀ ନେଇଥିଲା। ମାତ୍ର ଦଳର ଖୁସି ବେଶି ସମୟ ତିଷ୍ଠି ନ ଥିଲା। ଏହାର ୩ ମିନିଟ ପରେ ଅର୍ଥାତ୍ ୫୨ତମ ମିନିଟରେ ଓଡ଼ିଶାର ପ୍ରବୀନ୍ ଇନ୍ଦୱାର ଗୋଲ ପରିଶୋଧ କରିବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ ସ୍ଥିତିରେ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଓଡ଼ିଶା ପକ୍ଷରୁ ଲବନ ଲୁଗୁନ, ରାଜମନ ତେଲି ଓ ରୋଶନ କୁଜୁର ଗୋଲ ଦେଇଥିବାବେଳେ ଉତ୍ତର ପ୍ରଦେଶ ପକ୍ଷରୁ ଚନ୍ଦନ ଯାଦବ ଏକମାତ୍ର ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଅଜୟ ଯାଦବ, ସୁଜିତ କୁମାର ଓ ମହମ୍ମଦ ହାରିସ ଗୋଲ ଦେବାରେ ବିଫଳ ହେବାରୁ ଓଡ଼ିଶା ବିଜୟ ମୁକୁଟ ପିନ୍ଧିଥିଲା। ହକି ଓଡ଼ିଶା ସଭାପତି ଜଷ୍ଟିସ୍ ଏ.ଏସ. ନାଇଡୁ ଓ ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ଓଡ଼ିଶା ଦଳର ଖେଳାଳି, କୋଚ୍ ଓ ମ୍ୟାନେଜରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆକୁ ୩-୦ ଗୋଲରେ ହରାଇ ଝାଡ଼ଖଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ବିପକ୍ଷରେ ଝାଡ଼ଖଣ୍ଡ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ବିଜୟୀ ଦଳ ପକ୍ଷରୁ ୯ମ ମିନିଟରେ ଫ୍ଲାବିଅସ ତିର୍କୀ ପ୍ରଥମ ଗୋଲଟି ଦେଇଥିବାବେଳେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଅର୍ଥାତ୍ ୪୮ତମ ମିନିଟରେ ଦୀପକ ସୋରେଙ୍ଗ ଓ ୫୨ତମ ମିନିଟରେ ଜୋସେଫ ଟପ୍ପୋ ଗୋଲ ଦେଇ ଝାଡ଼ଖଣ୍ଡକୁ ଏକପାଖିଆ ଭାବେ ବିଜୟୀ କରାଇଥିଲେ।



ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ୨୨ ବର୍ଷୀୟା ଆଥ୍‌ଲେଟଙ୍କ ଅବସର

ଭିଲନିଅସ(ଲିଥୁଆନିଆ),୨୨।୫

ପୂର୍ବତନ ଅଲିମ୍ପିକ୍ ସନ୍ତରଣ ଚାମ୍ପିୟନ ରୁଟା ମେଇଲୁଟାଇଟ ବୁଧବାର ଅବସର ଗ୍ରହଣ କରିଛନ୍ତି। କ୍ରମାଗତ ୩ଟି ଡୋପ ଟେଷ୍ଟର ସମ୍ମୁଖୀନ ହୋଇ ନ ପାରିବାରୁ ୨୨ ବର୍ଷୀୟା ଆଥ୍‌ଲେଟ୍ ଅବସର ନେଇଛନ୍ତି। ଆଗାମୀ ଅଲିମ୍ପିକ୍ ପରିବର୍ତ୍ତେ ନିଜ ପାଠପଢ଼ା ଓ ଅନ୍ୟ ଇଚ୍ଛାକୁ ଗୁରୁତ୍ୱ ଦେବା ପାଇଁ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ମୁଁ ସନ୍ତରଣ ପାଇଁ ସବୁ କିଛି କରିସାରିଛି। ବ୍ୟସ୍ତବହୁଳ ୱାର୍କ ଆଉଟ୍ ଯୋଗୁ ମୋତେ ପାଠପଢ଼ା ସହ ବୁଝାମଣା କରିବାକୁ ପଡ଼ିଥିଲା। କିନ୍ତୁ ଏବେ ମୁଁ ପୁଣି ଆରମ୍ଭ କରିପାରିବି। ମୁଁ ବର୍ତ୍ତମାନଠାରୁ ସାଧାରଣ କାର୍ଯ୍ୟ କରିବାକୁ ଚାହେଁ ବୋଲି ସେ କହିଛନ୍ତି। ସେ ମାତ୍ର ୧୫ ବର୍ଷ ବୟସରେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପରବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ସ୍ୱର୍ଣ୍ଣ ପାଇଥିଲେ। ଏହାପରେ ସେ ନିଜ ସଫଳତା ପାଇଁ ଚାପର ସମ୍ମୁଖୀନ ହେଉଥିବା କହିଥିଲେ।


ପ୍ରଥମ ଜନ୍ମଦିନ ଶୁଭେଚ୍ଛା



Arshita Priyadarshini
(Payal)

ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା କରୁଛୁ, ସେ ତୋତେ ସହାୟ ହୁଅନ୍ତୁ ଏବଂ ସଦାସର୍ବଦା ତୋ ସହ ଥାଆନ୍ତୁ।

ଶୁଭେଚ୍ଛା ସହ
ବାବା, ମାମା, ଜେଜେ, ଜେଜେମା, ପିଇସୀ ମାମା, ପିଇସା, ପୁର୍ବି ଦିଦି, ଅଜା, ଆଇ, ମାମୁ, ମାଇଁ, ମାଉସୀ ଏବଂ ପରିବାର ବର୍ଗ

ଧ-୧୨୫୪୩

ପ୍ରଥମ ବର୍ଷର ଜନ୍ମଦିନର ଅଭିନନ୍ଦନ



(ବାପୁନ୍)

ଅଂଶୁମାନ କୁମାର
ସତ୍ୟନଗର, ଭୁବନେଶ୍ୱର

ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅପାର କରୁଣାରୁ ତାର ଚଲାପଥରେ ପୁଷ୍ପବୃଷ୍ଟି ହେବା ସଙ୍ଗେ ସଙ୍ଗେ ତାକୁ ଦୀର୍ଘାୟୁ କରିବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ କରିବା ପାଇଁ ପ୍ରାର୍ଥନା।

ଶୁଭେଚ୍ଛା ସହ:
ଠାକୁର ଆଇ, ଆଇ, ଅଜା, ବଡ଼ମାମୁ, ସାନମାମୁ

ଧ-୧୨୬୦୫


# ଶିବ, ଅମିତ୍ ସେମିରେ



ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ ମାରୁଛନ୍ତି ଭାରତର ଶିବ ଥାପ୍ପା (ଡାହାଣ)।

## ଇଣ୍ଡିଆ ଓପନ୍ ବକ୍ସିଂ

ଗୁଆହାଟୀ,୨୨।୫ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଇଣ୍ଡିଆ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ଦୁଇ ଭାରତୀୟ ବକ୍ସର ଶିବ ଥାପା ଓ ଅମିତ ପଙ୍ଘାଲ ଆଶାନୁରୂପ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ କର୍ମବୀର ନବିନ ଚନ୍ଦ୍ର ବୋର୍ଦୋଲୋଇ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତାରେ ଅନ୍ୟ ୫ ଭାରତୀୟ ବକ୍ସର ମଧ୍ୟ ସେମିରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଥାପା ୫-୦ ରେ ମରିସସ୍‌ର ହେଲେନ ଡାମିଏନ୍‌ଙ୍କୁ ହରାଇ ସେମିକୁ ଉଠିଛନ୍ତି। ୬୦ କେ.ଜି. ବର୍ଗ ସେମିରେ ସେ ୫-୦ରେ ହେଲେନ ଡାମିଏନଙ୍କୁ ଭେଟିବେ। ଗତ ମାସ ଥାପା ପ୍ରଥମ ଭାରତୀୟ ପୁରୁଷ ବକ୍ସର ଭାବେ କ୍ରମାଗତ ଚତୁର୍ଥଥର ପାଇଁ ଏସିଆନ୍ ପଦକ ହାସଲ କରିଥିଲେ। ସେହିପରି ଅଙ୍କିତ୍ ଓ ମନୀଷ କୌଶିକ ୫-୦ରେ ସେମାନଙ୍କ ପ୍ରତିପକ୍ଷ ଖେଳାଳିଙ୍କୁ ହରାଇ ୬୦ କେ.ଜି. ବର୍ଗ ସେମିରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ୩ ଖେଳାଳି ୬୦ କେ.ଜି. ବର୍ଗ ସେମିକୁ ଉଠିଛନ୍ତି। ୫୨ କେ.ଜି. ବର୍ଗରେ ଭାରତ ଅମିତ ପଙ୍ଘାଲ, ନ୍ୟାଶନାଲ ଚାମ୍ପିୟନ ପି.ଏଲ. ପ୍ରସାଦ, ପୂର୍ବତନ ବିଶ୍ୱ ଯୁବ ଚାମ୍ପିୟନ ସଚିନ ସିୱାଚ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୌରବ ସୋଲାଙ୍କି ସେମିରେ ପ୍ରବେଶ କରିଛନ୍ତି। ଫଳରେ ୪ ଭାରତୀୟ ସେମିରେ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇଛି। ଅମିତ୍ ୫-୦ରେ ଥାଇଲାଣ୍ଡର ଚକାପୋଙ୍ଗ ଚାନପିରୋମଙ୍କୁ ହରାଇଥିଲେ। ସେମିରେ ଅମିତ ଏବେ ପ୍ରସାଦଙ୍କୁ ଭେଟିବେ।

# ‘ବିରାଟ ଏକା ବିଶ୍ୱକପ୍ ଜିତାଇ ପାରିବେନି’

ନୂଆଦିଲ୍ଲୀ, ୨୨।୫(ପି.ଟି.)

କ୍ରିକେଟ ବିଶ୍ୱକପ କ୍ରମେ ପାଖେଇ ଆସିଥିବାବେଳେ ଭାରତର ସମ୍ଭାବନାକୁ ନେଇ ମତ ରଖିଛନ୍ତି ପୂର୍ବତନ ଅଧିନାୟକ ସଚିନ ତେନ୍ଦୁଲକର। ବିରାଟ କୋହଲିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ନାହିଁ। ମାତ୍ର ସାଥୀ ଖେଳାଳିଙ୍କ ବିନା ସହଯୋଗରେ ଏକାକୀ ବିରାଟ ବିଶ୍ୱକପ ଜିତି ପାରିବେନି ବୋଲି କହିଛନ୍ତି ଏହି କିମ୍ବଦନ୍ତୀ କ୍ରିକେଟର। ୧୯୯୬, ୧୯୯୯ ଓ ୨୦୦୩ ବିଶ୍ୱକପରେ ତୁମପରି ଆଗାମୀ ବିଶ୍ୱକପରେ ବିରାଟ ଦାୟିତ୍ୱ ନିର୍ବାହ କରିପାରିବେ କି ପ୍ରଶ୍ନର ଉତ୍ତରରେ ସଚିନ କହିଲେ ଯେ, ‘‘ପ୍ରତି ମ୍ୟାଚରେ କିଛି ଖେଳାଳିଙ୍କୁ ବ୍ୟକ୍ତିଗତଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ କୌଣସି ଜଣେ ଖେଳାଳିଙ୍କ ପ୍ରଦର୍ଶନ ବଳରେ କେବେହେଲେ ଟୁର୍ନାମେଣ୍ଟ ଜିତି ହୁଏନି। ଘଡ଼ିସନ୍ଧି ମୁହୂର୍ତ୍ତରେ କେହି ନା କେହି ଭଲ ଖେଳିବାକୁ ପଡ଼ିବ। ଏହା ନ ହେଲେ ନୈରାଶ୍ୟ ଦେଖିବାକୁ ମିଳିବ’’। ବ୍ୟାଟିଂ ଲାଇନ୍‌ଅପ୍‌ର ୪ ନମ୍ବର ସ୍ଥାନ ପାଇଁ ଭାରତ ପକ୍ଷରୁ ସ୍ଥାୟୀଭାବେ ବ୍ୟାଟ୍ସମ୍ୟାନ ଚୟନ କରାଯାଇପାରି ନ ଥିବାରୁ ବିଶେଷ ଚିନ୍ତା ପ୍ରକଟ କରିନାହାନ୍ତି ସଚିନ। ମ୍ୟାଚର ପରିସ୍ଥିତି ଅନୁସାରେ ଏହି ସ୍ଥାନରେ ବିଭିନ୍ନ ଖେଳାଳିଙ୍କୁ ବ୍ୟାଟିଂ ପାଇଁ ଛଡ଼ାଯିବ ବୋଲି ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। ‘‘ମୁଁ ଭାବୁଛି ଏହି ସ୍ଥାନ ପାଇଁ ଆମ ନିକଟରେ ଭଲ ବ୍ୟାଟ୍ସମ୍ୟାନ ଅଛନ୍ତି। ନମ୍ବର ୪ କେବଳ ଏକ ସଂଖ୍ୟା। ଏହାର ସମାଧାନ ହୋଇପାରିବ। ଭାରତର ୪ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ ନେଇ କୌଣସି ସମସ୍ୟା ଥିବା ମୁଁ ଭାବି ପାରୁନି। ଆମ ପିଲାମାନେ ଯଥେଷ୍ଟ ସଂଖ୍ୟକ ମ୍ୟାଚ ଖେଳି ସାରିଛନ୍ତି। ତେଣୁ ସେମାନେ ନମ୍ବର ୪ ହେଉ କି ୬ କିମ୍ବା ୮, ସେମାନେ ସେମାନଙ୍କ ଭୂମିକା ସମ୍ପର୍କରେ ଭଲଭାବେ ଅବଗତ ଅଛନ୍ତି। ପରିସ୍ଥିତି ଅନୁସାରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ’’ ବୋଲି ବିଶ୍ୱ କ୍ରିକେଟର ଟେଷ୍ଟ ଓ ଦିନିକିଆରେ ସର୍ବାଧିକ ରନ ସଂଗ୍ରହକାରୀ ସଚିନ ପ୍ରକାଶ କରିଛନ୍ତି।

ଏବେ ପିଚ୍‌ଗୁଡ଼ିକ ବ୍ୟାଟିଂ ଫ୍ରେଣ୍ଡଲୀ କରାଯାଉଥିବାରୁ ବିଶେଷ ଖୁସି ବ୍ୟକ୍ତ କରିନାହାନ୍ତି ସଚିନ। ବୋଲରଙ୍କ ପାଇଁ ମଧ ପିଚ୍‌ରେ କିଛି ରଖାଯିବା ଉଚିତ ବୋଲି ତାଙ୍କ ମତ। ‘‘ଫ୍ଲାଟ୍ ପିଚ୍‌ଗୁଡ଼ିକରେ ବୋଲରମାନଙ୍କ କାମ କଷ୍ଟକର ହୋଇ ପଡୁଛି। ଏକ ଟିମ୍ ୩୫୦ ରନ ସ୍କୋର କଲେ ପ୍ରତିପକ୍ଷ ଦଳ ତାହାକୁ ୪୫ ଓଭରରେ ଚେଜ୍ କରିଯାଉଛି ବୋଲି ଇଂଲଣ୍ଡ-ପାକିସ୍ତାନ ସିରିଜକୁ ଦୃଷ୍ଟିରେ ରଖି କହିଛନ୍ତି ସଚିନ। ଏଭଳି ପିଚ୍ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ସଦୃଶ ହେଉଛି ବୋଲି ସେ କହିଛନ୍ତି। ରିଭର୍ସ ସୁଇଂ ସମ୍ପର୍କରେ ମତ ଦେବାକୁ ଯାଇ ସେ କହିଛନ୍ତି ଯେ, ଆମେ ଖେଳୁଥିବାବେଳେ ୨୮ରୁ ୩୦ ଓଭର ମଧ୍ୟରେ ବଲ୍ ରିଭର୍ସ ସୁଇଂ ହେବା ଆରମ୍ଭ ହେଉଥିଲା। କେତେକ ମ୍ୟାଚରେ କିଛି ଓଭର ପୂର୍ବରୁ ବଲ୍ ରିଭର୍ସ ସୁଇଂ ହେଉଥିବା ଦେଖା ଯାଉଥିଲା। ଡେଥ୍ ଓଭର ବେଳକୁ ବଲ୍ ନରମ ହୋଇଯାଉଥିଲା, ଏପରି କି ଏଥିରୁ ରଙ୍ଗ ମଧ ଛାଡ଼ି ଯାଉଥିଲା। ତେଣୁ ସେତେବେଳେ ଏହି ସମୟରେ ଖେଳିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ମାତ୍ର ଏବେ ବଲ୍ ଶେଷ ପର୍ଯ୍ୟନ୍ତ କଠିନ ରହୁଛି ଏବଂ ବେଳକୁ ବେଳ ବ୍ୟାଟ୍ସମ୍ୟାନଙ୍କ ପାଇଁ ଖେଳିବା ସହଜ ହେଉଛି।

ନିକଟ ଅତୀତରେ ରିଷ୍ଟ ସ୍ପିନରମାନେ ବିଶେଷ ସଫଳ ହେଉଥିବା ଅନୁଭବ କରୁଛନ୍ତି ସଚିନ। ଭାରତ ନିକଟରେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ରୂପରେ ୨ ଜଣ ରିଷ୍ଟ ସ୍ପିନର ଅଛନ୍ତି। ଭାରତ ଗସ୍ତରେ ଆସିଥିବାବେଳେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ଭାରତର ଏହି ଦୁଇ ବୋଲରଙ୍କୁ ଭଲଭାବେ ବୁଝିପପାରିଥିଲେ ଏବଂ ସହଜରେ ଖେଳିଥିଲେ। ମାତ୍ର ଇଂଲଣ୍ଡ ପରିବେଶରେ ଏହାର କିଛି ମାନେ ରହିବ ନାହିଁ ବୋଲି ସଚିନ କହିଛନ୍ତି। ଅନେକ ବୋଲର ଅଛନ୍ତି, ଯାହାଙ୍କୁ ବ୍ୟାଟ୍ସମ୍ୟାନମାନେ ଭଲଭାବେ ବୁଝିପାରିଛନ୍ତି। ଏହା ସତ୍ତ୍ୱେ ଏହି ବୋଲରମାନେ ବେଶ୍ କିଛି ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ସିରିଜକୁ ନେଇ କୁଲଦୀପ ଏବଂ ଚହଲ ଚିନ୍ତିତ ହେବା ଉଚିତ ନୁହେଁ। ଭାରତ ପାଇଁ ମିଡଲ ଓଭରରେ ଏ ଦୁହେଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ କୁଲଦୀପ ଓ ଚହଲଙ୍କ ବୋଲିଂକୁ ବୁଝି ପାରିଛନ୍ତି ସତ, ମାତ୍ର ସେମାନେ ଯେ କିଛି ଭୁଲ କରିବେନି ତାହା କହିହେବନି। ଏ କ୍ଷେତ୍ରରେ ମୁଥୟା ମୁରଲୀଧରନଙ୍କୁ ଉଦାହରଣ ଭାବେ ନେଇଛନ୍ତି ସଚିନ। ‘‘ମୁରଲୀ ସାଧାରଣତଃ ୨ ପ୍ରକାର ବୋଲିଂ କରିଥାନ୍ତି। ଅଫ୍-ବ୍ରେକ୍ ଏବଂ ଦୁସ୍‌ରା। ଏମିତି ନୁହେଁ ଯେ ବ୍ୟାଟ୍ସମ୍ୟାନମାନେ ମୁରଲୀଙ୍କ ବୋଲିଂକୁ ବୁଝି ପାରି ନ ଥିଲେ, ମାତ୍ର କ୍ୟାରିୟରର ଶେଷ ପର୍ଯ୍ୟନ୍ତ ମୁରଲୀ ଉଇକେଟ ନେବାରେ ସକ୍ଷମ ହୋଇଥିଲେ’’ ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ।

ଭାରତୀୟ ଦଳ ଯୁବ ଏବଂ ଅଭିଜ୍ଞ ବ୍ୟାଟ୍ସମ୍ୟାନଙ୍କୁ ନେଇ ବେଶ୍ ସନ୍ତୁଳିତ। ୮-୧୦ ବର୍ଷର ଅଭିଜ୍ଞତା ଥିବା ଅନେକ ଖେଳାଳି ଦଳରେ ରହିଛନ୍ତି। ଏହା ବ୍ୟତୀତ ଆମ ନିକଟରେ କୁଲଦୀପ, ଲୋକେଶ ରାହୁଲ, ଚହଲ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମ୍‌ରାଙ୍କ ପରି ପ୍ରତିଭା ସମ୍ପନ୍ନ ଖେଳାଳି ଅଛନ୍ତି। ଏମାନେ ଅନ୍ତର୍ଜାତୀୟ କ୍ରିକେଟରେ ବେଶ୍ କିଛିଦିନ ଖେଳି ସାରିଛନ୍ତି। ତେଣୁ ଏଥର ଭାରତ ପାଇଁ ବହୁତ ସୁଯୋଗ ରହିବ ବୋଲି ତେନ୍ଦୁଲକର ପ୍ରକାଶ କରିଛନ୍ତି।



ବିରାଟ କୋହଲିଙ୍କ ସହ ସଚିନ ତେନ୍ଦୁଲକର।

# ଆଇଡବ୍ଲ୍ୟୁଏଲ୍ ଟ୍ରଫି ଜିତିଲା ସେଥୁ ଏଫ୍‌ସି

ଲୁଧିଆନା, ୨୨।୫(ପି.ଟି.)

ହିରୋ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ସେଥୁ ଏଫ୍‌ସି ଚାମ୍ପିୟନ ହୋଇଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସେଥୁ ଏଫ୍‌ସି ୩-୧ ଗୋଲରେ ମଣିପୁର ପୋଲିସକୁ ପରାସ୍ତ କରିଛି। ମଦୁରାଇ ବେସଡ୍ ଦଳ ସେଥୁ ଏଫ୍‌ସି ପକ୍ଷରୁ ସାବିତ୍ରା ଭଣ୍ଡାରୀ ୨ଟି ଗୋଲସ୍କୋର କରି ଦଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷଭାଗରେ ମଣିପୁର ପକ୍ଷରୁ ରାଧାରାଣୀ ଦେବୀ ପ୍ରଥମେ ଗୋଲସ୍କୋର କରି ଖାତା ଖୋଲିଥିଲେ। ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ରାଧାରାଣୀ ଏହି ଗୋଲ ଦେଇ ମଣିପୁର ପୋଲିସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ମଣିପୁର ଆଗରେ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସେଥୁ ଏଫ୍‌ସି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୫୬ତମ ମିନିଟ୍‌ରେ ମଣିପୁରର ଉମାପତି ଦେବୀଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ୍ ୧-୧ ବରାବର୍‌ସ୍ତରକୁ ଆସିଥିଲା। ଏହାପରେ ୧୦ ମିନିଟ୍ ଅନ୍ତରରେ ସେଥୁ ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନେପାଳ ଅନ୍ତର୍ଜାତୀୟ ତାରକା ସାବିତ୍ରା ୨ଟି ଗୋଲସ୍କୋର କରି ଦଳକୁ ୩-୧ରେ ଅଗ୍ରଣୀ ଦେଇଥିଲେ। ସେ ପ୍ରଥମେ ମ୍ୟାଚ୍‌ର ୬୦ତମ ଓ ପରେ ୭୦ତମ ମିନିଟ୍‌ରେ ଆଉ ଏକ ଗୋଲ ଦେଇଥିଲେ। ଏହାପରେ ଆଉ କୌଣସି ଗୋଲସ୍କୋର ନ ହେବାରୁ ସେଥୁ ଏଫ୍‌ସି ସହଜସାଧ୍ୟ ବିଜୟ ଲାଭ କରି ଚାମ୍ପିୟନ ମୁକୁଟ ପିନ୍ଧିଥିଲା। ସାବିତ୍ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ରତ୍ନବାଳା ଇମର୍ଜି ପ୍ଲେୟାର ବିବେଚିତ ହୋଇଥିଲେ।




ଚାମ୍ପିୟନ ଟ୍ରଫି ସହ ସେଥୁ ଏଫ୍‌ସି ଦଳ।

## କେନିଆ ଆଥଲେଟିକ୍ ଟିମ୍ ମ୍ୟାନେଜର ୧୦ ବର୍ଷ ବାସନ୍ଦ

ପ୍ୟାରିସ୍,୨୨।୫(ପି.ଟି.)

ପୂର୍ବତନ କେନିଆ ଆଥଲେଟ୍ ଟିମ୍ ମ୍ୟାନେଜର ମାଇକେଲ ରୋଟିଚ୍ ଦୁର୍ନୀତି ଅଭିଯୋଗରେ ୧୦ ବର୍ଷ ବାସନ୍ଦ ହୋଇଛନ୍ତି। ଅର୍ଥ ବଦଳରେ ଆଥଲେଟଙ୍କୁ ଆଗୁଆ ଡୋପ୍ ଟେଷ୍ଟ ନେଇ ସୂଚନା ଦେବାକୁ ସମ୍ମତି ପ୍ରକାଶ କରିଥିବାରୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ ଫେଡେରେଶନ (ଆଇଏଏଫ୍) ତରଫରୁ କୁହାଯାଇଛି। ସନଡେ ଟାଇମ୍ସର ଦୁଇଜଣ ଛଦ୍ମ ଖବରଦାତା ରୋଟିଚଙ୍କୁ ଧରାପକାଇଥିଲେ। ତାଙ୍କୁ କୋଚିଂ ଦାୟିତ୍ୱରୁ ସାମୟିକ ଭାବେ ବାସନ୍ଦ କରାଯାଇଛି । ରୋଟିଚ୍ ଦୁର୍ନୀତିରେ ଲିପ୍ତ ଥିବା ପ୍ରମାଣ ମିଳିଛି ଓ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ଥିଲା ବୋଲି ଆଇଏଏଏଫ୍ କହିଛି।


ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କଳ୍ପନା କୁମାରୀ ଦାଶ
Dash Glass Company MKD Associates, Police line, VIP Road
ଆବିର୍ଭାବ: ୨୮।୦୭।୧୯୫୦
ତିରୋଧାନ: ୧୫।୦୫।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ
Contact: 9438180180, 9861080180
ଧ-୬୩୭୬୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ
ଦିଘ୍, ତାଳଚେର
ପୂର୍ବତନ ଶିକ୍ଷାବିତ୍ ତଥା ସରକାରୀ ଅଧିକାରୀ
ଆବିର୍ଭାବ: ୧୦।୧୧।୧୯୩୭
ତିରୋଧାନ: ୦୪।୦୫।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ତଥା କର୍ତ୍ତବ୍ୟ ପରାୟଣତା ଏବଂ ସର୍ବୋପରି ଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ପାଥେୟକରି ଆମ୍ଭେମାନେ ଜୀବନରେ ଆଗେଇଚାଲୁ ଏତିକି ଆଶୀର୍ବାଦ କରୁଥାଅ। ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର-ଜ୍ଞାନ, ଭୂପେନ, ପୃଥିରାଜ, ପୁତ୍ରବଧୂ- ସୁମିତ୍ରା, ସୁନିତା, କନ୍ୟା- ସନ୍ଧ୍ୟା, ଶୋଭା, ଜ୍ୱାଇଁ- ସୁରେନ୍ଦ୍ର, ମନୋଜ ଓ ନାତି, ନାତୁଣୀ- ମଣ୍ଟୁ, ସୋମ, ମୁମୁ ସାନ, ସିଦ୍ଧି, ସୃଷ୍ଟି ଓ ପରିବାରବର୍ଗ।
ଧ-୧୨୬୧୦

୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ହରିଚନ୍ଦନ
ନୟାପଲ୍ଲୀ, ଗଡ଼ସାହି
ତିରୋଧାନ: ଜ୍ୟେଷ୍ଠ କୃଷ୍ଣପକ୍ଷ ପଞ୍ଚମୀ ତିଥି
ତୁମର ସ୍ୱଚ୍ଛ ଆନ୍ତରିକତା ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା ଆମକୁ ଅନୁପ୍ରାଣିତ କରୁଥାଉ। ଆମେ ପରମବ୍ରହ୍ମଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ- ରଘୁନାଥ, ଆରତୀ, ନାତୁଣୀ-ଲକି, ଲିକି ଓ ପରିବାରବର୍ଗ
ଧ-୧୨୫୮୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମେ ୨୩/୨୦୧୯ Sambalpur, Thursday, May 23/ 2019

## ସଂକ୍ଷେପରେ



### ଆକ୍ରମଣରେ ଯୁବକ ଗୁରୁତର

ମନମୁଣ୍ଡା,୨୨।୫(ଡି.ଏନ୍.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶିମିଳିପଦର ଗ୍ରାମର ସନାତନ ମଟାରୀ (୨୦)ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ସନାତନ ଏକ ବାଇକରେ ତାଙ୍କ ଭିଣୋଇ ସୁଶାନ୍ତ ଜାଲ ଓ ୪ ବର୍ଷର ଭଣଜାଙ୍କୁ ବସାଇ ଘରୁ ଭିଣୋଇଙ୍କ ଘର ପରତଲା ଅଭିମୁଖେ ଯାଉଥିଲେ। ଶିମିଳିପଦର ଗାଁ ମଝିରେ ଉକ୍ତ ଗ୍ରାମର ହିମାଂଶୁ ପୁଡ଼ ଏକ ଟାଙ୍ଗିଆରେ ସନାତନଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେଇଥିଲା। ଏହାପରେ ସମସ୍ତେ ତଳେ ପଡ଼ିଯାଇଥିଲେ। ଭିଣୋଇ ସୁଶାନ୍ତ, ବିକାଶ ମହାକୁଡ଼, ଦୀନବନ୍ଧୁ ମହାକୁଡ଼ ପ୍ରମୁଖ ସନାତନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୧୦୩/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଗୋପୀନାଥ ପ୍ରଧାନ କହିଛନ୍ତି।

### ବିଦ୍ୟୁତ୍ ତାର ଚୋରି, ୨ଭାଇ ଗିରଫ



କୋଲାବିରା,୨୨।୫(ଡି.ଏନ.ଏ.)
ବିଭିନ୍ନ ସ୍ଥାନରୁ ନିୟମିତ ଭାବେ ବିଦ୍ୟୁତ୍ ତାର ଚୋରି ହେଉଥିବା ଅଭିଯୋଗ ଆସିବା ପରେ କୋଲାବିରା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ୨ ଭାଇ। ସେମାନଙ୍କ ଠାରୁ ବହୁ ପରିମାଣର ବିଦ୍ୟୁତ୍ ତାର ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଜଣ ଫେରାର ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ତଳେ ଶ୍ରୀପୁରାରୁ ସୋଡ଼ାମାଲକୁ ଆସିଥିବା ୩୩ କେଭି ବିଦ୍ୟୁତ୍ ତାର ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ପଞ୍ଚାୟତ ବେଲମୁଣ୍ଡା ଗ୍ରାମରେ ସୋମବାର ରାତିରେ ଚଢାଉ କରି ଦୁଇ ଭାଇ ରିଙ୍କୁ ରୋହିଦାସ(୨୨) ଏବଂ ପିଣ୍ଟୁ ରୋହିଦାସ(୨୦)ଙ୍କୁ ଗିରଫ କରିଥିଲା। ସେମାନେ ଘରେ ଲୁଚାଇ ରଖିଥିବା ୪ କୁଇଣ୍ଟାଲ ଆଲୁମିନିୟମ ତାରକୁ ପୋଲିସ ଜବତ କରିଛି। ଜେରା ବେଳେ ସେମାନେ ବହୁ ପରିମାଣର ବିଦ୍ୟୁତ୍ ତାର ଚୋରି କରିଥିବା ସ୍ୱୀକାର କରିଛନ୍ତି। ଏହି ଚୋରି ର୍ୟାକେଟ୍‌ରେ ଅନ୍ୟ ୨ଜଣ ସାମିଲ ଥିବା ପୋଲିସକୁ ସୂଚନା ମିଳିଛି। ପୋଲିସ ଚଢ଼ାଉର ଆଗୁଆ ସୂଚନା ପାଇ ସେମାନେ ଫେରାର ଥିବା ଜଣାପଡିଛି।

# ଲୁଦୁପାଲିରେ ଝାଡ଼ାବାନ୍ତି: ୩୦ ଆକ୍ରାନ୍ତ

ଅମ୍ବାଭୋନା, ୨୨।୫ (ଡି.ଏନ.ଏ.)
ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧିନସ୍ଥ ଲୁଦୁପାଲି ଗ୍ରାମର ପାତିକାର ପଡାରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୩୦ଜଣ ଆକ୍ରାନ୍ତ ହୋଇ ସ୍ଥାନୀୟ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବୁଧବାର ୧୫ଜଣ ରୋଗୀଙ୍କୁ ଛାଡ଼ି ଦିଆଯାଇଥିବାବେଳେ ଆହୁରି ୧୫ଜଣ ଆକ୍ରାନ୍ତ ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭୁକ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ହିତାକାଂକ୍ଷୀ ପଧାନ, ଡା. ବିଷ୍ଣୁ ପ୍ରସାଦ ଚିନ୍ନାରା, ଡା. କମଳ ମଲ୍ଲିକ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇଥିବାବେଳେ ନର୍ସ ସସ୍ମିତା ଚୌହାନ, ନିବେଦିତା ସାହୁ, ଅଞ୍ଜଳୀ ପଧାନ ଏବଂ ଫାର୍ମାସିଷ୍ଟ କିଶୋର ଚନ୍ଦ୍ର ପଧାନ ଚିକିତ୍ସାରେ ସହାୟତା କରିଥିଲେ। ଏହି ଗ୍ରାମର କନ୍ଦଳ ପାତିକାର, ଯୁଗେଶ୍ୱର ପାତିକାର, ପୁରୁଷୋତ୍ତମ ପାତିକାର, ସୁବଳ ପାତିକାର, ରାଧେଶ୍ୟାମ ପାତିକାର, ଜୟରାମ ପାତିକାର, ହିମାଂଶୁନି ପାତିକାର, ଲତା ପାତିକାର, ବିଜୁଳି ପାତିକାର, ପୁଷ୍ପା ପାତିକାର, ଟିକୁ ପାତିକାର, ଲଗନ ପାତିକାର, କନକ ପାତିକାର, ରାମ ପାତିକାର ପ୍ରମୁଖ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଦୂଷିତ ପାଣି କିମ୍ବା ଖାଦ୍ୟ ଦୂଷିତ ହେତୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ପିଇବା ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ମଧ ପଠାଯାଇଛି। ବର୍ତ୍ତମାନ ଝାଡ଼ାବାନ୍ତି ନିୟନ୍ତ୍ରଣାଧିନ ଥିବା ଡାକ୍ତର ପ୍ରକାଶ କରିଛନ୍ତି।



ଝାଡ଼ାବାନ୍ତିରେ ଆକ୍ରାନ୍ତ ବ୍ୟକ୍ତିମାନେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

### କଫ୍ ସିରପ ଜବତ୍, ଜଣେ ଗିରଫ

ବରଗଡ଼ ଅଫିସ୍,୨୨।୫
ବରଗଡ଼ ସଦର ଥାନା ପୋଲିସ କଫ୍ ସିରପ କାରବାର ଚଳାଇଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ, ସର୍ଯ୍ୟାଁ ଗ୍ରାମର ସୁବାସ ଖମାରୀ(୩୫)। ପୋଲିସ ତାଙ୍କ ପାଖରୁ ୯୩ଟି ସିଲ୍ଡ, ୧୦ଟି ଅନସିଲ୍ଡ ଏବଂ ୨୦ଟି ଖାଲି ଏସକଫ୍(କଫ ସିରପ) ଜବତ୍ କରିଛି। ଏହା ସହିତ ନିଶା ବଟିକା ମଧ୍ୟ ଜବତ୍ ହୋଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୮୩/୧୯) ରୁଜୁ ହୋଇଥିବାବେଳେ ବୁଧବାର ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

# ରାସ୍ତା ପାର୍ଶ୍ୱରେ ଗଦାହେଉଛି କାରଖାନା ବର୍ଜ୍ୟବସ୍ତୁ





ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ବାର୍ଜ୍ୟବସ୍ତୁ (ବାମ)। ଏକ ଟ୍ରକକୁ ବର୍ଜ୍ୟବସ୍ତୁ ଅନ୍‌ଲୋଡ କରାଯାଉଛି।

- ହାତବାନ୍ଧି ବସିଛି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ
- ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି
- ନଷ୍ଟ ହେଉଛି ସବୁଜ ବଳୟ

କୋଲାବିରା,୨୨।୫(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗଢି ଉଠିଥିବା କାରଖାନାରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ରାସ୍ତା ପାର୍ଶ୍ୱରେ ଗଦା ହେଉଛି। ଏଥିଯୋଗୁ ସବୁଜ ବଳୟ ଘେରା କୋଲାବିରା ବ୍ଲକ ଅଞ୍ଚଳର ପରିବେଶକୁ ତାହା ନଷ୍ଟ କରି ଚାଲିଛି। ଫଳରେ ପ୍ରଦୂଷଣର ବିଷ ବଳୟରେ ଲୋକେ ଅତିଷ୍ଠ ହୋଇପଡୁଥିବା ଅଭିଯୋଗ ହୋଇଛି।

୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଡମ୍ପିଂୟାର୍ଡ ପାଲଟିଛି। ବେଆଇନ ଭାବେ ବିଭିନ୍ନ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସେଠାରେ ଗଦା କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପତ୍ରାପାଲି ଛକରୁ ରଘୁନାଥପାଲି, କୁଲୁପାଲି ପର୍ଯ୍ୟନ୍ତ ରାଜପଥ ପାର୍ଶ୍ୱ ସରକାରୀ,ବେସରକାରୀ ଜମିରେ ବର୍ଜ୍ୟବସ୍ତୁ ପକାଯାଉଛି। ଏପରି କି ଛକ ସ୍ଥାନ ଏବଂ ଜନଗହଳି ଅଞ୍ଚଳ ଏଥିରୁ ବାଦ୍ ପଡୁନି। ବର୍ଜ୍ୟବସ୍ତୁ ପ୍ରଭାବରେ ଜୀବ ଜଗତ ପ୍ରଭାବିତ ହେଉଛନ୍ତି। ମଣିଷ ଓ ପଶୁପକ୍ଷୀ ସମସ୍ତଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଚାଷଜମି,ପାରମ୍ପରିକ ଜଳଉତ୍ସ ନଷ୍ଟ ହେବା ଯୋଗୁ ସ୍ୱଚ୍ଛ ପାନୀୟ ଜଳ ମିଳୁନି। ଖାଲି ପାଦରେ ଯାତାୟାତ କରୁଥିବା ଲୋକମାନେ ନାନା ରୋଗରେ ପୀଡିତ ହେଉଛନ୍ତି। ବର୍ଜ୍ୟବସ୍ତୁ ପରିବହନ ତଥା ପରିଚାଳନା ଦିଗରେ ଆବଶ୍ୟକ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ମଧ୍ୟ ପାଳନ କରାଯାଉନାହିଁ। ଏଥିପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ଗାତ ଖୋଳାଯାଇ ଏପରି ବର୍ଜ୍ୟବସ୍ତୁ ପକାଯିବାର ନିୟମ ରହିଛି। ସେହି ସ୍ଥାନରେ ବୃକ୍ଷରୋପଣ କରାଯିବା କଥା। ହେଲେ ସେହି ନୀତି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡ଼ା ଆଞ୍ଚଳିକ ଅଧିକାରୀ ନିରଞ୍ଜନ ମଲ୍ଲିକ କହିଛନ୍ତି, ମୋ ପାଖକୁ ଏ ନେଇ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଏ ବାବଦରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷେ ବର୍ଜ୍ୟବସ୍ତୁ ଗଦା କରିବା ଆଳରେ କେତେଜଣ ଅସାଧୁ ବ୍ୟକ୍ତି ଉକ୍ତ ସରକାରୀ ଜମିକୁ ଜବରଦଖଲ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଲୁପୁରସିଂହାରେ ଘରପୋଡ଼ି

## ପାୱାର ଟିଲର ସମେତ ବହୁ ସାମଗ୍ରୀ ନଷ୍ଟ

ଭେଡ଼େନ, ୨୨।୫ (ଡ଼ି.ଏନ.ଏ)
ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁପୁରସିଂହା ଗ୍ରାମରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଚାଷୀ ଶୁକ୍ରୁ ବାରିକଙ୍କ ଖଳାରେ ଥିବା ତିନିବଖରା ଘର ସହ ଚାଷ ଉପକରଣ ଓ ଅମଳ ହୋଇଥିବା ଧାନ ପୋଡ଼ିଯାଇଛି। ଅପରାହ୍ନରେ ଏହି ଖଳାଘରୁ ନିଆଁ ବାହାରୁଥିବା ଦେଖି ଗ୍ରାମବାସୀ ଶୁକ୍ରୁକୁ ଖବର ଦେଇଥିଲେ। ପରେ ଖବର ପାଇ ଭେଡ଼େନ ଖାନସମାକଟା ସ୍ଥିତ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଖଳାଘରେ ଥିବା ଏକ ପାୱାରଟିଲର, ୫ଏଚପିର ଏକ ପାଣିପମ୍ପ, ୫୦ପାକେଟ ଧାନ, ୫ଏକର ଜମିର ଅମଳ ହୋଇଥିବା ଚୁନାଧାନ, ୧୦ ବସ୍ତା ସାର ସହ ଅନ୍ୟାନ୍ୟ ଚାଷ ଉପକରଣ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଘର ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରରୁ ସର୍ଟସର୍କିଟ ହୋଇ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।



ଲୁପୁରସିଂହାରେ ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତି ମୃତ

ଫିରିଙ୍ଗିଆ, ୨୨।୫
କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ସାଣ୍ଡରମୁଣ୍ଡା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ବେଳେ ଅସାବଧାନତାରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦଶରଥ ଭୁକ୍ତା(୫୦) ଓ ସ୍ତ୍ରୀ ସରୋଜିନୀ(୪୨)। ଗ୍ରାମବାସୀଙ୍କଠାରୁ ଏହି ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଦମ୍ପତିଙ୍କ ମୃତ୍ୟୁ ପରେ ଝିଅ, ପୁଅ ଅନାଥ ହୋଇଯାଇଛନ୍ତି। ସେମାନଙ୍କୁ ବାଲିଗୁଡ଼ାସ୍ଥିତ ବନବାସୀ ସେବା କେନ୍ଦ୍ରରେ ଥଇଥାନ କରାଯିବାକୁ ନିଷ୍ପତ୍ତି ହୋଇଛି।

ସାଣ୍ଡରମୁଣ୍ଡା ଗ୍ରାମର ଦଶରଥ ଅତ୍ୟନ୍ତ ଗରିବ। ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ଏଥିସହ ଋତୁ ଅନୁଯାୟୀ ସ୍ତ୍ରୀ ସରୋଜିନୀଙ୍କ ସହ ମିଶି ଫଳମୂଳ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି। ଏବେ ଆମ୍ବ ପାଚିବା ସମୟ। ରାସ୍ତା ପାର୍ଶ୍ୱ ଗଛରୁ ଆମ୍ବ ତୋଳିବା ପାଇଁ ବୁଧବାର ସକାଳେ ଦମ୍ପତି



ଗ୍ରାମବାସୀଙ୍କ ଗହଣରେ ମୃତ ଦମ୍ପତିଙ୍କ ଝିଅ-ପୁଅ।

### ଆମ୍ବ ତୋଳିବା କାଳ ହେଲା

ଏକ ବାଉଁଶ ନେଇ ଘରୁ ବାହାରିଥିଲେ। ଶୁଖି ନ ଥିବା ଉକ୍ତ ବାଉଁଶ ଉପର ଭାଗରେ ଲୁହାର ଏକ ଆଙ୍କୁଡ଼ି ଲଗାଯାଇଥିଲା। ଘରଠାରୁ କିଛି ଦୂରରେ ଥିବା ଗଛରେ ଆଙ୍କୁଡ଼ି ଲଗାଇ ସରୋଜିନୀ ଆମ୍ବ ତୋଳୁଥିବା ବେଳେ ଉପରେ ଯାଇଥିବା ୩୩ କେଭି ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଏହାଦେଖି ଦଶରଥ ତାଙ୍କୁ ବଞ୍ଚାଇବାକୁ ଯାଇଥିବା ବେଳେ ସେ ବି ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ଫିରିଙ୍ଗିଆ ଥାନା ପୋଲିସକୁ ଖବର ଦେଇଥିଲେ। ମୃତ ଦମ୍ପତିଙ୍କ ପୁଅ ଶ୍ରବଣ (୧୩) ଅଷ୍ଟମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଝିଅ ଚୁନି(୧୫) ମାନସିକ ବିକାରଗ୍ରସ୍ତ। ପରିବାରରେ ଆଉ କେହି ନ ଥିବାରୁ ସେମାନଙ୍କୁ ବନବାସୀ ସେବା କେନ୍ଦ୍ରରେ ରଖିବା ନିମନ୍ତେ ଗ୍ରାମବାସୀ, ପୋଲିସ ଏବଂ ଚାଇଲ୍ଡ ଲାଇନ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଛି।

# ବ୍ରିଟିଶ ଓପନ୍ ସ୍କ୍ୱାଶ: କ୍ୱାର୍ଟରରେ ଜ୍ୟୋତ୍ସ୍ନା

ହଲ୍ (ଇଂଲଣ୍ଡ), ୨୨।୫(ପି.ଟି.)- ଏଠାରେ ଚାଲିଥିବା ପିଏସ୍ଏ ୱାର୍ଲ୍ଡ ଟୁର୍ ପ୍ଲାଟିନମ ଇଭେଣ୍ଟ ବ୍ରିଟିଶ ଓପନ୍ ସ୍କ୍ୱାଶରେ ଭାରତର ଜ୍ୟୋତ୍ସ୍ନା ଚିନାପ୍ପା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଜ୍ୟୋତ୍ସ୍ନା ୧୨-୧୦, ୧୧-୩, ୧୧-୯ରେ ଇଂଲଣ୍ଡର ମିଲିଏ ତୋମଲିନସନଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ସୌରଭ ଘୋଷାଲ ଓ ରମିତ୍ ଟଣ୍ଡନ ପରାଜୟବରଣ କରିଥିବାରୁ ଜ୍ୟୋତ୍ସ୍ନା ଏବେ ଭାରତର ଏକମାତ୍ର ପଦକ ଆଶା ରହିଛନ୍ତି। ଜ୍ୟୋତ୍ସ୍ନା ତାଙ୍କ ପରବର୍ତ୍ତୀ ମ୍ୟାଚ୍‌ରେ ଅନ୍ୟତମ ଇଂଲଣ୍ଡ ଖେଳାଳି ସାରାହ-ଜାନେ ପେରୀଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଘୋଷାଲ ୯-୧୧, ୪-୧୧, ୧୧-୭, ୬-୧୧ରେ ଇଜିପ୍ଟର କରିମ ଅବଦିଲ ଗାୱାଡଙ୍କ ନିକଟରୁ ପରାସ୍ତ ହୋଇଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



“ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ଭୋଟ ଗଣତି ପାଇଁ ସୁରକ୍ଷା କଡ଼ାକଡ଼ି

**ବରଗଡ଼ ଅଫିସ୍,୨୨।୫:** ଗୁରୁବାର ଭୋଟ ଗଣତି ହେବ। ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବରଗଡ଼, ଅତାବିରା ଏବଂ ଭଟିଲି ନିର୍ବାଚନ ମଣ୍ଡଳୀର ଗଣତି ବରଗଡ଼ ପଞ୍ଚାୟତ କଲେଜ ଏବଂ ଅନ୍ୟ ଦୁଇଟି ପଦ୍ମପୁର ଓ ବିଜେପୁରର ଭୋଟ ଗଣତି ପଦ୍ମପୁର ଆରଏମ୍‌ସି ଗୋଦାମରେ କରାଯିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଭୋଟ ଗଣତି କେନ୍ଦ୍ରଗୁଡ଼ିକୁ ସକାଳ ୬ଟା ସୁଦ୍ଧା ବିଭାଗୀୟ କର୍ମଚାରୀମାନେ ପହଞ୍ଚିବେ ଏବଂ ପୂର୍ବାହ୍ନ ୮ଟାରୁ ପ୍ରଥମେ ପୋଷ୍ଟାଲ ଭୋଟ୍ ଗଣତି ହେବ ଏବଂ ପରେ ସାଢ଼େ ୮ଟାରୁ ଇଭିଏମ ଭିଭିପିଏଟିର ଭୋଟ ଗଣତି କରାଯିବ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସୁରକ୍ଷା ପାଇଁ ବ୍ୟାରିକେଡ୍ ହେବା ସହିତ ପୋଲିସ, ସିଆର୍‌ପିଏଫ୍ ନିୟୋଜିତ ହେବେ ବୋଲି ଏସପି ମୁକେଶ କୁମାର ଭାମୁ କହିଛନ୍ତି। ଏଥିପାଇଁ ୬ଡିଏସପି, ୧୬ଇନ୍ସପେକ୍ଟର, ୩୫ଏସଆଇ, ୧୩ ପ୍ଲାଟୁନ ଫୋର୍ସ ମୁତୟନ ସହିତ ସିସିଟିଭି ଦ୍ୱାରା ନଜର ରଖାଯିବ ବୋଲି ଏସ୍‌ପି କହିଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ୪୬ରାଉଣ୍ଡରେ ସରିବ। ସେହିପରି ବିଜେପୁର ନିର୍ବାଚନ ମଣ୍ଡଳୀର ୪୧, ଭଟଲିର ୪୨, ଅତାବିରାର ୩୬ ଏବଂ ବରଗଡ଼ର ଭୋଟ ଗଣତି ୩୩ ରାଉଣ୍ଡରେ ସରିବ ବୋଲି ସୂଚନା ମିଳିଛି।

# ତାତିରେ ବଢ଼ୁଛି ଦେଶୀ ପାନୀୟର ଆଦର



ଏକ ଆଖୁରସ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଛି।

**ସୋହେଲା,୨୨।୫(ଡି.ଏନ୍.ଏ.)**

ଅସହ୍ୟ ଖରା। ଉପର, ତଳ ଚାରିଆଡ଼େ ତାତି। ଦୀର୍ଘଦିନ ଜାରି ରହିଥିବା ତାତିର ପ୍ରକୋପରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଅତି ଜରୁରୀ କାମ ନ ପଡ଼ିଲେ ଲୋକେ ଘରୁ ବାହାରୁନାହାନ୍ତି। ଶୀଘ୍ର କାମ ସାରି ଘରକୁ ଫେରି ଆସୁଛନ୍ତିଷ। ଚଳିତବର୍ଷ ତାତିର ପ୍ରକୋପ ବଢ଼ିବାରେ ଲାଗିଛି। ତାତିରୁ ସାମାନ୍ୟ ଆଶ୍ୱସ୍ତି ପାଇଁ ଲୋକେ ଦେଶୀ ପାନୀୟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ବସ୍‌ଷ୍ଟାଣ୍ଡ ହେଉ କି ରାସ୍ତାକଡ଼ରେ ଲସି ସର୍ବତ, ଦହିବରା, ଚୁସ୍‌କି, ଆଖୁରସ ଆଦି ଦେଶୀ ପାନୀୟର ଆଦର ବଢ଼ିବାରେ ଲାଗିଛି। ତେଣୁ ବେପାରୀ ମାନେ ବେଶ୍ ଲାଭବାନ ହେଉଛନ୍ତି।

### ସେମାନେ ଯାହା କୁହନ୍ତି

“ଚଳିତବର୍ଷ ଲସି ଓ ଦେଶୀ ପାନୀୟର ବେପାର ଭଲ ଜମିଛି। ଆମେ ବହୁବର୍ଷ ହେଲା ଏହି ବେପାର କରି ଆସୁଛୁ। ଚଳିତବର୍ଷ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଘୋଳଦହି ତଥା ଲସିର ଚାହିଦା ବୃଦ୍ଧି ପାଇଛି। ସକାଳୁ ରାତି ୧୦ଟା ଯାଏ ଗ୍ରାହକଙ୍କ ଭିଡ଼ ଜମୁଛି। ଆମ ଦୋକାନରେ ଦିନକୁ ୪୦ରୁ ୫୦ କେ.ଜି ଦହି ସରୁଛି। ଭଲ ଦୁଇପଇସା ରୋଜଗାର ହେଉଛି।

**ସନ୍ତୋଷ କୁମାର ସାହୁ, ଲସି ବ୍ୟବସାୟୀ**

“ଗରମରୁ ତ୍ରାହି ପାଇବା ପାଇଁ ଲୋକେ ଆଇସ୍‌କ୍ରିମ ଖାଆନ୍ତି। କିନ୍ତୁ ଚୁସ୍‌କିର ସ୍ୱାଦ ନିଆରା। ପ୍ରଚଣ୍ଡ ଖରାରେ ଏହାର ଚାହିଦା ବଢ଼ିଯାଇଛି। ଦିନ ସାରା ଆମେ ବେପାର କରୁଛୁ। ଏହି ବେପାର ଆମେ ୧୦ ବର୍ଷ ହେଲା କରି ଆସୁଛୁ। ବିଗତ ବର୍ଷଗୁଡ଼ିକ ତୁଳନାରେ ଏ ବର୍ଷ ଭଲ ବେପାର ହେଉଛି।

**ସଞ୍ଜୟ ଚୌଧୁରୀ, ଚୁସ୍‌କି ବ୍ୟବସାୟୀ**

“ମୁଁ ବରଗଡ଼ ଥାନା ଏସ୍. ଡୁମେରପାଲି ଗ୍ରାମରୁ ପ୍ରତିଦିନ ଏକ ବାଇକରେ ୩ବର୍ଷ ହେଲା ସୋହେଲାକୁ ଦହିବରା-ଆଳୁଦମ ବେପାର କରିବାକୁ ଆସୁଛି। ଚଳିତବର୍ଷ ପ୍ରଚଣ୍ଡ ଗରମ ଯୋଗୁ ଖାଦ୍ୟ ଭାବରେ ଲୋକେ ଦହିବର-ଆଳୁଦମକୁ ଅଧିକ ପସନ୍ଦ କରୁଛନ୍ତି। ଅନ୍ୟ ବର୍ଷ ଆମେ ଦିନସାରା ବେପାର କରୁଥିବାବେଳେ ଚଳିତବର୍ଷ ମଧ୍ୟାହ୍ନ ୧୨ଟା ସୁଦ୍ଧା ବେପାର ସରିଯାଉଛି। ଭଲ ଦୁଇ ପଇସା ରୋଜଗାର ହେଉଥିବାରୁ ଖୁସି ଲାଗୁଛି।

**ଭଗବାନ ସାହୁ, ଦହିବରା-ଆଳୁଦମ ବ୍ୟବସାୟୀ**

“ଦୀର୍ଘ ୧୦ବର୍ଷ ହେଲା ନୂଆପଡ଼ାରୁ ଆସି ସୋହେଲାରେ ଆଖୁରସ ବେପାର କରୁଛି। ଚଳିତବର୍ଷ ତାତିର ପ୍ରକୋପ ଯୋଗୁ ଆଖୁରସର ଚାହିଦା ବଢ଼ିଯାଇଛି। ଦୈନିକ ଦେଢ଼ କୁଇଣ୍ଟାଲ ଆଖୁ ସରୁଛି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବେପାର ଚାଲୁଛି। ଭଲ ରୋଜଗାର ହେଉଥିବାରୁ ଖୁସି ଲାଗୁଛି।

**ଲୋଚନ ବେହେରା, ଆଖୁରସ ବ୍ୟବସାୟୀ**

■ ଭେଡେନ ବ୍ଲକ ମାଟ୍ରିକ ପରୀକ୍ଷାଫଳ

# ଜଣେ ବି ପାଇନାହାନ୍ତି ଏ-୧ ଗ୍ରେଡ୍

**ଭେଡେନ,୨୨।୫(ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲର ଫଳାଫଳ ନୈରାଶ୍ୟଜନକ ହୋଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ବ୍ଲକର ୨୭ ସରକାରୀ ହାଇସ୍କୁଲର ୧୩୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୯.୬୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ତେବେ ଜଣେ ମଧ୍ୟ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇନାହାନ୍ତି। ୧୨ଜଣ ଏ-୨ ଗ୍ରେଡ୍‌ରେ ପାସ୍ କରିଛନ୍ତି। ଗଣ୍ଡତୁରୁମ ହାଇସ୍କୁଲ, ଚିଚିଣ୍ଡା ଏବଂ ରେମଣ୍ଡା ବାଳିକା ହାଇସ୍କୁଲର ୨ ଜଣ ଲେଖାଏଁ, ଭେଡେନ ସୂର୍ଯ୍ୟମଣି ଜନତା ହାଇସ୍କୁଲ, ତେନ୍ତୁଲିଟିକ୍ରା ହାଇସ୍କୁଲ, ରେଶମ, ରୁଷୁଡ଼ା, ରେମଣ୍ଡା, ସିଆଲଖଣ୍ଡହଥା ହାଇସ୍କୁଲର ଜଣେ ଲେଖାଏଁ ଛାତ୍ରୀଛାତ୍ର ଏ-୨ ଗ୍ରେଡ୍ ପାଇଛନ୍ତି। ସେହିପରି ବ୍ଲକର ମୋଟ ୩୮ ଜଣ ବି-୧, ୧୦୨ ଜଣ ବି-୨, ୧୮୦ ଜଣ ସି, ୨୯୪ ଜଣ ଡି ଏବଂ ୩୧୭ ଜଣ ଇ ଗ୍ରେଡ୍ ପାଇଛନ୍ତି। ବ୍ଲକର ଏକମାତ୍ର ଘରୋଇ ବିଦ୍ୟାଳୟ ଭେଡେନ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୮ ଜଣ ପାସ୍ କରିଛନ୍ତି। ସେଥିମଧ୍ୟରୁ ୬ଜଣ ଏ-୨, ୪ଜଣ ବି-୧ ଗ୍ରେଡ୍ ପାଇଛନ୍ତି। ବ୍ଲକର ଗୋଟିଏ ବି ସ୍କୁଲକୁ ଶତପ୍ରତିଶତ ସଫଳତା ମିଳି ନ ଥିବାବେଳେ କୌଣସି ସ୍କୁଲର ଫଳାଫଳ ଶୂନ ହୋଇନାହିଁ।

# ବେକରେ ରଶି ଲଗାଇ ଆତ୍ମହତ୍ୟା

**ପଦ୍ମପୁର,୨୨।୫(ଡି.ଏନ୍.ଏ.)**

ପଦ୍ମପୁର ଥାନା ସିଂହନପୁର ଗ୍ରାମର ଫିରୋଜ ସାହୁ (୨୩) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଫିରୋଜ ପୁଟୁଡେରା ନିକଟ ନଦୀକୂଳ କନିଆପୁତୁଲିଠାରେ ଏକ ମହୁଲ ଗଛରେ ଚଢ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି, ୨୨।୫ (ଡି.ଏନ.ଏ)**

ବରପାଲି ସହରର ତେଲିପଡା ସ୍ଥିତ ନବନିର୍ମିତ ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଆରମ୍ଭ ହୋଇଛି। ୩ ଦିନ ବ୍ୟାପି ହେବାକୁ ଥିବା ଏହି ଉପଲକ୍ଷେ ସକାଳେ ମହିଳା ଓ ପୁରୁଷଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ପାରମ୍ପରିକ ରୀତିରେ ପୂଜାମଣ୍ଡପରେ କଳସ ସ୍ଥାପନ ପୂର୍ବକ ପୂଜାବିଧି ଆରମ୍ଭ ହୋଇଥିଲା। ଏଥିରେ ଜୟକୃଷ୍ଣ ଭୁଏ ସଂସ୍ଥୀକ ପୂଜାକର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ସହର ଉତ୍ସବ ମୁଖର ହୋଇପଡିଛି।



କଳସ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

**ଗାଇସିଲେଟ,୨୨।୫(ଡି.ଏନ୍.ଏ.)**

ଗାଇସିଲେଟ ବ୍ଲକ କନ୍ଦାଗାଡ଼ ପଞ୍ଚାୟତ କମଲାପଦର ଗ୍ରାମରେ ୨୦ ତାରିଖରୁ ଆରମ୍ଭ ହେଉଥିବା ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ କର୍ତ୍ତା ଭାବେ ନୀଳାମ୍ବର ସାହୁ ଓ ତାଙ୍କ ସ୍ତ୍ରୀ ଜାନକୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ, ନରେନ୍ଦ୍ର କୁମାର ପଣ୍ଡା ଓ ନବୀନ କୁମାର ଦାଶ ଯଜ୍ଞରେ ଆହୁତି ପ୍ରଦାନ କରିଥିବାବେଳେ ଗୋପୀନାଥ ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦମକିପାଲି, ବ୍ରାହ୍ମଣମାଲ, ଲେଣ୍ଡା, ଡଭଲା, ବାଲୁପାଲି, ବାହ୍ମନୀ ଓ କମଳାପଦର ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଲେଣ୍ଡା ଓ ଡଭଲା ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



କର୍ତ୍ତାଙ୍କ ଉପସ୍ଥିତିରେ ନାମଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି।

■ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ମାମଲା

# ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ଅମ୍ବାଭୋନା,୨୨।୫(ଡି.ଏନ୍.ଏ.)**

**ଆମରଣ ଅନଶନ ଚେତାବନୀ**

କଲେଜରେ ପାଠ ପଢୁଥିବାବେଳେ ଜଣେ ସହପାଠୀଙ୍କ ସହ ବଢ଼ିଲା ସମ୍ପର୍କ। ପରେ ଉଭୟ ପାଲଟିଗଲେ ପ୍ରେମିକାପ୍ରେମିକ। ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଯୁବତୀଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଚାଲିଲେ ପ୍ରେମିକ ବୈଗାପାଲିର ନରେଶ ନାୟକ (୨୯)। ହେଲେ ପରେ ଜାତିପ୍ରଥାର ଦ୍ୱାହି ଦେଇ ପରିବାର ଲୋକେ ବିବାହ ପାଇଁ ରାଜି ହେଉ ନ ଥିବା ଫୋନ୍‌ରେ ଯୁବତୀଙ୍କୁ କହି ଚମ୍ପଟ ମାରିଛନ୍ତି ସେ। ଏହାର ପ୍ରତିବାଦରେ ଯୁବତୀ ଜଣକ ନରେଶଙ୍କ ଘର ସମ୍ମୁଖରେ ଅନଶନ ମଧ୍ୟ କରିଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ନ୍ୟାୟ ପାଇଁ ପୀଡ଼ିତା ଗତ ୧୧ ତାରିଖରେ ଅମ୍ବାଭୋନା ଥାନା ଦ୍ୱାରସ୍ଥ ହୋଇ ନରେଶ, ତାଙ୍କ ବଡ଼ଭାଇ ସୁରେଶ ନାୟକ, ବାପା ରାମଲାଲ ନାୟକ ଓ ମାଆ ମାୟାବତୀ ନାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଆଲୋକ ବେହେରା ଦଫା ୩୭୬, ୩୪୧, ୩୨୩, ୫୦୬, ୩୫୪ (କ) ଏବଂ ୩୪ ଆଇପିସିରେ ମାମଲା (ନଂ. ୫୩/୧୯) ରୁଜୁ ରାମଲାଲ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଇତି ମଧ୍ୟରେ ରାମଲାଲ ଜାମିନରେ ମୁକୁଳିଛନ୍ତି। ହେଲେ ନରେଶ, ସୁରେଶ ଓ ମାୟାବତୀ ଫେରାର ହୋଇଯାଇଥିବା ପୋଲିସ କହୁଛି। ଅଭିଯୋଗକୁ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ବାଧ୍ୟ ହୋଇ ପୀଡ଼ିତା ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୁକ୍ତମାନେ ଦିବାଲୋକରେ ବୁଲୁଥିଲେ ମଧ୍ୟ ଅମ୍ବାଭୋନା ପୋଲିସ ସେମାନଙ୍କୁ ଅନୁକମ୍ପା ଦେଖାଇ ଗିରଫ କରୁ ନ ଥିବା ଅଭିଯୋଗ କରି ପୀଡ଼ିତା ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ତଥାପି ଯଦି ସୁଫଳ ନ ମିଳେ ତେବେ ପୀଡ଼ିତା ଆସନ୍ତା ୨୪ ତାରିଖ ପୂର୍ବାହ୍ନରୁ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସେ ବରଗଡ଼ ଜିଲାପାଳ ଏବଂ ମହିଳା କମିଶନଙ୍କୁ ମଧ୍ୟ ସେ ଲିଖିତ ଭାବେ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅମ୍ବାଭୋନା ଥାନାଧିକାରୀ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି। ନରେଶ ବାରମ୍ବାର ଫୋନ ନମ୍ବର ପରିବର୍ତ୍ତନ କରୁଥିବାରୁ ଟ୍ରାକିଂ ହୋଇପାରୁ ନ ଥିବା ବେହେରା କହିଛନ୍ତି।

■ ଅତାବିରା ବ୍ଲକ: ଭୁଶୁଡି ପଡୁଛି ଶିକ୍ଷା ବ୍ୟବସ୍ଥା

# ଘରୋଇ ସ୍କୁଲମୁହାଁ ଅଭିଭାବକ

**ଜାମଟିକ୍ରା, ୨୨।୫ (ଡି.ଏନ.ଏ)**

ସରକାର ବିଭିନ୍ନ ଯୋଜନାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବରଗଡ ଜିଲା ଅତାବିରା ବ୍ଲକରେ ଏହା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି। ବ୍ଲକ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ କିପରି ସଂସ୍କାର ଅଣାଯାଇ ପାରିବ ସେଥିପ୍ରତି କାହାରି ଦୃଷ୍ଟି ନାହିଁ। ପ୍ରତ୍ୟେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ପାଠପଢ଼ାଇ ମଣିଷ କରିବା ପାଇଁ ଇଚ୍ଛା କରି ଭଲ ସ୍କୁଲ ଖୋଜିଥାନ୍ତି। ଗ୍ରାମାଞ୍ଚଳ ଅଧିକାଂଶ ଅଭିଭାବକ ସହରମୁହାଁ ହୋଇ ବିଭିନ୍ନ ଘରୋଇ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳୁଛି। ଅଭିଭାବକମାନେ ବ୍ୟସ୍ତ ଓ ପ୍ରତିଯୋଗିତାମୂଳକ ଭାବେ ପିଲାଙ୍କୁ ଶିକ୍ଷାଦାନ ବ୍ୟବସ୍ଥା କରାଉଛନ୍ତି। କୁହାଯାଏ ଶିକ୍ଷାର ବିକାଶ ହେଲେ କୃଷି, ଶିଳ୍ପ, ସାମାଜିକ ବ୍ୟବସ୍ଥା ଓ ଅର୍ଥନୈତିକ ବିକାଶ ହୋଇପାରିବ। ମାତ୍ର ଦେଖା ଯାଉଛି ଶିକ୍ଷାର ବିକାଶକୁ ସର୍ବନିମ୍ନ ପ୍ରାଥମିକତା ମଧ୍ୟ ଦିଆଯାଉ ନାହିଁ। ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଅପେକ୍ଷା ଘରୋଇ ବିଦ୍ୟାଳୟରେ ପଢ଼ାଉଥିବା ଅଭିଭାବକମାନଙ୍କୁ ଅଧିକ ତତ୍ପର ହେଉଥିବା ଦେଖିବାକୁ ମିଳୁଛି। ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର କିପରି ଭଲ ଡିଭିଜନରେ ପାସ କରିପାରିବେ ସେଥିପ୍ରତି ମଧ୍ୟ ତର୍ଜମା କରିବାକୁ ପଡିଥାଏ। ପ୍ରାଥମିକ ଶିକ୍ଷା ପ୍ରକଳ୍ପ (ଡିପିଇପି), ସର୍ବଶିକ୍ଷା ଅଭିଯାନରେ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ, ଡ୍ରେସ, ବୋଟ, ସାଇକେଲ, ଷ୍ଟାଇପେଣ୍ଡ ପ୍ରଦାନ କରାଯାଉଛି। କିନ୍ତୁ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ଅଦ୍ୟାବଧି ବ୍ଲକସ୍ତରରେ ସମୀକ୍ଷା ହୋଇପାରିନାହିଁ। ପ୍ରାଥମିକ ସ୍ତରରେ ବାରମ୍ବାର ପାଠ୍ୟପୁସ୍ତକ ପରିବର୍ତ୍ତନ ଯୋଗୁ ଛାତ୍ରୀଛାତ୍ର ଭାରାକ୍ରାନ୍ତ ହୋଇ ପଡୁଛନ୍ତି। ତାଲିମପ୍ରାପ୍ତ ଶିକ୍ଷକମାନେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପାଠ୍ୟପୁସ୍ତକ ଶେଷ କରିପାରୁ ନ ଥିବାବେଳେ ପ୍ରାଥମିକ ସ୍ତରରେ ୮୦ ଭାଗ ଶିଶୁ ଟ୍ୟୁସନ ନେବାକୁ ବାଧ୍ୟ ହେଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନ ତୁଳନାରେ ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଭଲ ମାର୍କ ରଖି ସ୍କୁଲର ନାମ ରଖୁଥିବା ଦେଖିବାକୁ ମିଳୁଛି। ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଶତକଡା ୯୦ ପ୍ରତିଶତ ମାର୍କ ପାଇଥିବା ବେଳେ ସରକାରୀ ଶିକ୍ଷାନୁଷ୍ଠାନରେ ଆଶାନୁରୂପ ଫଳାଫଳ ମିଳିନାହିଁ। ଏବର୍ଷ ଅତାବିରା ବ୍ଲକରେ ଏସଆଇଇସି ସ୍କୁଲ ଲାଦରପାଲିର ପ୍ରିୟାଂଶୁ ପ୍ରିୟବ୍ରତ ରଥ ୫୪୮ ମାର୍କ, ୯୧.୩୩ ପ୍ରତିଶତ ମାର୍କ ରଖିଛନ୍ତି। ବରଗଡ ଜିଲାରେ ସରକାରୀ ନୀତି ନୀୟମକୁ ଉଲଂଘନ କରି ଶିକ୍ଷକମାନଙ୍କୁ ବଦଳି କରାଯିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡିଛନ୍ତି। ଏ ପରିସ୍ଥିତିରେ ସରକାରଙ୍କ ଶିକ୍ଷା ବିକାଶ ଯୋଜନା ଫଳବତୀ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

### ସେମାନେ ଯାହା କୁହନ୍ତି

“ଅତାବିରା ବ୍ଲକର ସ୍କୁଲଗୁଡିକରେ ଠିକ୍ ହିସାବରେ ଶିକ୍ଷାଦାନ ଚାଲିଛି। ତା ସତ୍ତ୍ୱେ ଅଭିଭାବକମାନଙ୍କୁ ମାନସିକତା ପରିବର୍ତ୍ତନ ନ ହେବାରୁ ସେମାନେ ଘରୋଇ ସ୍କୁଲ ମୁହାଁ ହେଉଛନ୍ତି।

**ରାଜାରାମ ମେହେର, ଅତାବିରା ବ୍ଲକ ଶିକ୍ଷା ଅଧିକାରୀ**

“ବର୍ତ୍ତମାନ ଓଡିଶା ସରକାରଙ୍କ ଶିକ୍ଷା ପଦ୍ଧତି ଠିକ ନୁହେଁ। ଫଳରେ ଆଗ ଅପେକ୍ଷା ଏବେ ଅଧିକାଂଶ ଅଭିଭାବକ ନିଜ ପିଲାଙ୍କୁ ବେସରକାରୀ ସ୍କୁଲରେ ପାଠ ପଢ଼ାଇବାକୁ ଇଚ୍ଛା କରୁଛନ୍ତି।

**ରବୀନ୍ଦ୍ର ଦନ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**

“ମୋ ଝିଅକୁ ସରକାରୀ ସ୍କୁଲରେ ପାଠ ପଢ଼ାଉଛି। ସରକାରୀ ସ୍କୁଲରେ ସବୁ ସୁବିଧା ଅଛି ସତ ହେଲେ ଭଲ ପାଠ ପଢ଼ାଯାଉନି। ତା ଛଡା ସରକାରୀ ସ୍କୁଲ ତ ଅଧାଦିନ ଛୁଟି। ଶିକ୍ଷକମାନେ ତ ସବୁବେଳେ ଧାରଣାରେ ଆଉ ପାଠ ପଢ଼ାଇବ କିଏ। ସରକାର ଯେତେ ସୁବିଧା କଲେ କଣ ହେବ ଶିକ୍ଷକମାନେ ପିଲାଙ୍କ ଭବିଷ୍ୟତ ପ୍ରତି ଆଖି ବୁଜି ଦେଉଛନ୍ତି।

**ରଞ୍ଜନ ଠାକୁର, ଅଭିଭାବକ ଅତାବିରା**

## ଫଟୋରେ ଖବର



ଭେଡେନ ଅଞ୍ଚଳରେ ଏବେ ଧାନ ଅମଳ ଚାଲିଛି। କୃଷକମାନେ ଧାନ ବିଡ଼ା ବୋହି ଖଳାକୁ ନେଉଛନ୍ତି।



■ ପ୍ରବଳ ଖରାରେ ଭେଡେନ ବସଷ୍ଟାଣ୍ଡ ଜନଶୂନ୍ୟ ହୋଇପଡ଼ିଛି।



■ ଭେଡେନ ବ୍ଲକ ପ୍ରଶାସନିକ ଅଧିକାରୀମାନେ କୁଦୋପାଲି ଗ୍ରାମରେ ନିର୍ମାଣାଧୀନ ଏକ ଇନ୍ଦିରା ଆବାସ ତଦାରଖ କରୁଛନ୍ତି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ସରସ୍ୱତୀ ଶିଶୁମନ୍ଦିରର ୯୯ ପ୍ରତିଶତ ଉତ୍ତୀର୍ଣ୍ଣ

**ବରପାଲି, ୨୨।୫ (ଡି.ଏନ.ଏ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମାଟ୍ରିକ ପରୀକ୍ଷାଫଳ ପ୍ରକାଶିତ ହୋଇଥିବାବେଳେ ଏଥିରେ ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏଥିରେ ସମୁଦାୟ ୯୮ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୭ ଛାତ୍ରୀଛାତ୍ର ବିଭିନ୍ନ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଏ- ଗ୍ରେଡ ପାଇଥିବା ୩ଜଣ ଛାତ୍ର ସାହିଲ ସାହୁ ଓ ଶୋଭନ କୁମାର ଦାଶ ୫୪୧ ମାର୍କ ରଖିଥିବା ବେଳେ ସଂସ୍କାର ପଣ୍ଡା ୫୪୦ ମାର୍କ ରଖି ପରିବାର ପାଇଁ ଗର୍ବ ଓ ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଶିଶୁ ମନ୍ଦିରରେ ପାସହାର ୯୯ ପ୍ରତିଶତ ରହିଥିବା ବେଳେ ଏହା ସ୍କୁଲ ପାଇଁ ବଡ ସଫଳତା ମିଳିଥିବା ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର ପୁଝାରୀ ସୂଚନା ଦେଇ ଉତ୍ସାହ ପ୍ରକାଶ କରିଛନ୍ତି ।

### ବିଜୟ ପାଇଁ ସମସ୍ତେ ଆଶାବାଦୀ

**ମନମୁଣ୍ଡା, ୨୨।୫ (ଡି.ଏନ.ଏ):** ରାତିପାହିଲେ ଅର୍ଥାତ୍ ଗୁରୁବାର ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ । କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ବିଜେଡି ପ୍ରାର୍ଥୀ ମହିଧର ରଣା, ବିଜେଡିର ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ତଥା ବୟନିକା ସଭାପତି ଶେଷ କୁମାର ମେହେର ଓ ଭାଜପା ପ୍ରାର୍ଥୀ କହ୍ନେଇଚରଣ ଡାଙ୍ଗଙ୍କ ମଧରେ ଏଥର କଡା ଟକ୍କର ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁଙ୍କୁ ଆଲୋଚନା ନାହିଁ। ବିଜେଡି, ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀ ଭୋଟ ପରେ ନିଜ ନିଜ ଏଜେଣ୍ଟ, କର୍ମୀମାନଙ୍କ ଜରିଆରେ ଲୋକମାନଙ୍କୁ ପଚାରି ଗଣିତ କଷୁଛନ୍ତି। ସମସ୍ତେ ବିଜୟୀ ହେବାର ଆଶାବାଦୀ ଥିବା ପ୍ରକାଶ କରିଛନ୍ତି । ବିଜେଡି ପ୍ରାୟ ୬୦୦ରୁ ୧୦୦୦ ଭୋଟରେ, ସ୍ୱାଧୀନ ପ୍ରାର୍ଥୀ ପ୍ରାୟ ୮ହଜାରରୁ ୯ ହଜାର ଭୋଟରେ ଏବଂ ଭାଜପା ପ୍ରାୟ ୧୦ହଜାର ଭୋଟରେ ବିଜୟୀ ହେବ ବୋଲି ସେମାନଙ୍କ ଦଳର ପ୍ରମୁଖ ନେତାମାନଙ୍କ ସୂତ୍ରରୁ ଜାଣିବାକୁ ମିଳିଛି। ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରମୁଖ କର୍ମୀ ଜୋନ ନଂ-୧ ଓ ୨ରେ ଥିବାରୁ ସେହି ଅଞ୍ଚଳରୁ ବେଶୀ ଭୋଟ ପାଇବା ଆଶା ରଖିଛନ୍ତି। ଭାଜପା ପ୍ରାର୍ଥୀ ଜୋନ-୪ ଓ ୫ରୁ ଅଧିକ ଭୋଟ ପାଇବାର ଆଶା ରଖିଛନ୍ତି। ବିଜେଡି ପ୍ରାର୍ଥୀ ସବୁ ଜୋନରୁ ମିଶାମିଶି ଭୋଟ ସହ ଖାସ ବିଜେଡି ସମର୍ଥିତ ତଥା ସିଏଚଜି ସଭ୍ୟାଙ୍କ ଭୋଟ ପାଇ ବିଜୟୀ ହେବାର ଆଶା ବାନ୍ଧିଛନ୍ତି। ନେତାମାନେ ବର୍ତ୍ତମାନ ଭଗବାନଙ୍କ ଆଶ୍ରାରେ। ଚିନ୍ତାରେ ଛାତି ଧକ୍‌ଧକ୍ ହେଉଛି। ଫଳାଫଳକୁ ନେଇ ଲୋକଙ୍କ ଭିତରେ ମଧ ଉତ୍ସାହ ବୃଦ୍ଧି ପାଇଛି।

### ମେ ମାସ ସରିବାକୁ ବସିଲାଣି, ଜଳଛତ୍ରର ନାଁ ଗନ୍ଧ ନାହିଁ

**ତଳଗାଁ, ୨୨।୫ (ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତରେ ପ୍ରତିବର୍ଷ ଅପ୍ରେଲ ମାସରେ ପଞ୍ଚାୟତର ନିର୍ଦ୍ଦିଷ୍ଟ ଛକ, ଜନଗହଳି ସ୍ଥାନ ଓ ପଞ୍ଚାୟତ ସମ୍ମୁଖରେ ବାଟୋଇଙ୍କ ପାଇଁ ପାଣି ପିଇବା ଲାଗି ଜଳଛତ୍ର ଖୋଲା ଯାଇଥାଏ। ପଞ୍ଚାୟତର ଗଣ୍ଡାପାଜୁ, ଗୋରଡାମୁଣ୍ଡା,ବେହେରାସାହି, ଗଣ୍ଡିସର, ପତକାବାଲିଛକ, ତଳଗାଁ ପଞ୍ଚାୟତ ସମ୍ମୁଖରେ ଜଳଛତ୍ର ଖୋଲା ଯାଇଥାଏ । ଯେଉଁମାନେ ପାନୀୟଜଳ ବଣ୍ଟନ କରିଥାନ୍ତି ସେହିମାନଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ କିଛି ପାରିଶ୍ରମିକ ଦେଇଥାନ୍ତି। କିନ୍ତୁ ଏଥର ପାଣି ଟିକକ ପାଇଁ ପଥଚାରୀ ହଇରାଣ ହେଉଛନ୍ତି। ଗତ ବର୍ଷ ପାଣି ଦେଇଥିବା ଲୋକଙ୍କୁ ବର୍ଷେ ଗତ ମାସରେ ୪୫୦୦ ଟଙ୍କା ଦିଆଯାଇଛି। ବର୍ଷ ମେ ମାସ ସରିବାକୁ ବସିଲାଣି ଅଥଚ ଜଳଛତ୍ର ଖୋଲା ଯାଇନାହିଁ। ଏ ନେଇ ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ଗୁରୁଚରଣ ସେଠୀଙ୍କୁ ପଚାରିବାରୁ ଜଳଛତ୍ର ଖୋଲା ଯାଇଥିବା ପ୍ରକାଶ କରିଛନ୍ତି।

### ସଜଡ଼ା ହେଲା ନଳକୂଅ

**ତଳଗାଁ, ୨୨।୫ (ଡି.ଏନ.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର ଗଣ୍ଡାପାଜୁରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଲୋକେ ନାଳରୁ ଚୁଆ କରି ପାଣି ସଂଗ୍ରହ କରୁଛନ୍ତି। ଗାଁରେ ଏକମାତ୍ର ନଳକୂଅ ଥିଲେ ବି ପାଣି ବାହାରେ ନାହିଁ। ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଆସୁଥିଲେ ସୁଧା କିଛି ସୁଫଳ ମିଳିପାରୁ ନ ଥିଲା । ଏ ନେଇ ଏକ ଖବର ଗତ ୧୮ରେ ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହାପରେ ପ୍ରଶାସନର ଦୃଷ୍ଟି ପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ଗାଁରେ ପହଞ୍ଚି ଖରାପ ଥିବା ନଳକୂଅକୁ ସଜାଡିଛି। ଗାଁର କୃଷ୍ଣଚନ୍ଦ୍ର ବାଘ, ଜଗନ୍ନାଥ କହଁର, ବିଭୀଷଣ ବାଘ ଓ ନୀଳାଞ୍ଚଳ କହଁର ଖୁସି ବ୍ୟକ୍ତ କରି ଧରିତ୍ରୀକୁ ଏଥିପାଇଁ ଧନ୍ୟବାଦ ଦେଇଛନ୍ତି।

# ଆଜି ଭୋଟ ଗଣତି: ଫଳାଫଳକୁ ସଭିଙ୍କ ଅପେକ୍ଷା

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୨୨।୫–**

ଗୁରୁବାର ସାଧାରଣ ନିର୍ବାଚନର ଭୋଟ୍ ଗଣତି। ଫଳାଫଳ ମଧ୍ୟ ଜଣାପଡ଼ିବ। ଫଳାଫଳ ଘୋଷଣା ପରେ ନିର୍ବାଚନକୁ ନେଇ ମାସାଧିକକାଳ ଧରି ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିବ। ଫଳରେ ଭୋଟ୍ ଗଣତି ଉପରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଭୋଟର, ପ୍ରାର୍ଥୀ ତଥା ସବୁଦଳର ନଜର ରହିଛି। ଇତିମଧ୍ୟରେ ଭୋଟ୍ ଗଣତି ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ ପ୍ରକାଶ ପାଇଛି। ତେବେ ପୂର୍ବରୁ ଅନେକ ନିର୍ବାଚନରେ ଏକ୍‌ଜିଟ୍ ପୋଲ୍ ଫେଲ ମାରିଥିବାବେଳେ ଅନେକ କ୍ଷେତ୍ରରେ ତାକୁ ଏଡ଼ାଇ ମଧ୍ୟ ଦିଆଯାଇ ପାରୁ ନାହିଁ । ଏହି ଦୃଷ୍ଟିରୁ ମଧ୍ୟ ନିର୍ବାଚନ ଫଳାଫଳକୁ ସଭିଁଏ ଅପେକ୍ଷା କରିଛନ୍ତି। ତେବେ ଫଳାଫଳରେ ମତଦାନ ହାର ପ୍ରମୁଖ ଭୂମିକା ନେଇଥାଏ, ଏହାକୁ ଏଡ଼ାଇ ଦେଇ ହେଉନାହିଁ। ମତଦାନ ହାର କମ୍, ବେଶୀ ହେବା ମଧ୍ୟ କିଛିଦଳକୁ ପ୍ରଭାବିତ କରିଥାଏ। ଫଳରେ ଏଥର ମତଦାନ ହାର ବିଗତବର୍ଷ ତୁଳନାରେ ସେଭଳି ହ୍ରାସ ପାଇ ନ ଥିବାବେଳେ ଆଶାନୁରୂପଭାବେ ବୃଦ୍ଧି ମଧ୍ୟ ପାଇନାହିଁ। ଫଳରେ ରାଜନୈତିକ ଦଳଙ୍କ ଅଙ୍କକଷା ମଧ୍ୟ କେତେଦୂର ଠିକ୍ ସାବ୍ୟସ୍ତ ହେବ, ତାହା କହିବା ମୁସ୍କିଲ ହୋଇପଡୁଛି। ୨୩୧ ବୁଥ ବିଶିଷ୍ଟ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୭୨.୪୪ ପ୍ରତିଶତ ମତଦାନ ହୋଇଛି। ସମୁଦାୟ ୨ଲକ୍ଷ ୨୧ହଜାର ୬୮୫ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୬୦ହଜାର ୫୮୭ଜଣ ଭୋଟ୍ ଦେଇଛନ୍ତି। ସେଥିରୁ ପୁରୁଷ ଭୋଟରଙ୍କ ମତଦାନ ହାର ୭୩.୫୧ ଏବଂ ମହିଳା ଭୋଟରଙ୍କ ମତଦାନ ହାର ୭୧.୩୨ ପ୍ରତିଶତ ରହିଛି। ଅନ୍ୟାନ୍ୟ ବର୍ଗର ୧୧.୭୬ ପ୍ରତିଶତ ମତଦାନ କରିଥିଲେ । ତେବେ ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଅଧିକ ୧.୦୫ ପ୍ରତିଶତ ଅର୍ଥାତ୍ ୭୩.୪୯ ପ୍ରତିଶତ ମତଦାନ ହୋଇଥିଲା ଏବଂ ସେତେବେଳେ ବିଜେଡ଼ି ସପକ୍ଷରେ ସର୍ବାଧିକ ୪୦.୬୭ ପ୍ରତିଶତ ମତଦାନ ହୋଇଥିବାରୁ ବିଜୟୀ ହୋଇଥିଲା । ଯାହାକି ୨୦୦୯ ନିର୍ବାଚନ ତୁଳନାରେ ବିଜେଡ଼ି ସପକ୍ଷରେ ଅଧିକ ମାତ୍ର ୧.୯୯ ପ୍ରତିଶତ ହୋଇଥିଲା । ଅନ୍ୟପଟେ ସେତେବେଳେ ୨୦୦୯ ତୁଳନାରେ କଂଗ୍ରେସର ଭୋଟ ହାର ୮.୭୬ କମି ୩୧.୬୨ ପ୍ରତିଶତରେ ପହଞ୍ଚି ଥିବାବେଳେ ଭାଜପା ସପକ୍ଷରେ ୨୦୦୯ ତୁଳନାରେ ଅଧିକ ୬.୪୧ ପ୍ରତିଶତ ମତଦାନ ହୋଇଥିଲା। ଏହି ଦୃଷ୍ଟିରୁ ଉଭୟ ବିଜେଡ଼ି ଓ ଭାଜପା ସେମାନଙ୍କ ଭୋଟ ହାର ବଢ଼ିବ ବୋଲି ଆଶା ବାନ୍ଧି ଥିବାବେଳେ କଂଗ୍ରେସ ୨୦୦୯ ଫଳାଫଳର ପୁନରାବୃତ୍ତି ଆଶା ରଖିଛି । ଭଟଲି ନିର୍ବାଚନ ମଣ୍ଡଳୀର ଫଳାଫଳକୁ ମଧ୍ୟ ଲୋକେ ଚାହିଁ ବସିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମତଦାନ ଅନ୍ୟ ନିର୍ବାଚନ ମଣ୍ଡଳୀ ତୁଳନାରେ ଅଧିକ ରହିଛି । ୨୩୧ ବୁଥ୍ ବିଶିଷ୍ଟ ଏହି ନିର୍ବାଚନ ମଣ୍ଡଳୀରେ ଏଥର ୮୦.୯୭ ପ୍ରତିଶତ ମତଦାନ ହୋଇଛି । ସମୁଦାୟ ୨ଲକ୍ଷ ୩୦ହଜାର ୪୮୭ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୮୬ହଜାର ୬୨୮ ଭୋଟର ମତଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୮୨.୨୦ ପ୍ରତିଶତ ପୁରୁଷ ଏବଂ ୭୯.୬ ପ୍ରତିଶତ ମହିଳା ଭୋଟର ରହିଛନ୍ତି । ୨୦୧୪ ନିର୍ବାଚନରେ ସର୍ବାଧିକ ୪୩ ପ୍ରତିଶତ ଭୋଟ ପାଇ ବିଜେଡ଼ି ଏଠାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା । ଏଥର ଏଠାରୁ ଦଳ ହ୍ୟାଟ୍ରିକ ମାରିବ ବୋଲି ବିଜେଡ଼ି ଆଶା ରଖିଛି । ମାତ୍ର ୨୦୧୪ ଅପେକ୍ଷା ଏଥର ଦଳର ସ୍ଥିତି ଯଥେଷ୍ଟ ଭଲ ଥିବା ଯୋଗୁ ଭାଜପା ମଧ୍ୟ ଏଥର ନିର୍ବାଚନୀ ବୈତରଣୀ ପାରିହେବାକୁ ଆଶା ବାନ୍ଧି ଥିବାବେଳେ କଂଗ୍ରେସ ମଧ୍ୟ ପଛରେ ନ ପଡ଼ି ବିଜୟ ଆଶା ଦୌଡ଼ରେ ଅଛି । ଅତାବିରା ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ ରହିଛି । ଏଠାରେ ଏଥର ମତଦାନ ହାର ୭୧.୧୬ ପ୍ରତିଶତ ରହିଛି। ଯାହାକି ୨୦୧୪ ନିର୍ବାଚନ ତୁଳନାରେ ୫.୫୪ ପ୍ରତିଶତ କମ୍ ଅଟେ । ଏଭଳି ମତଦାନ ହାର ହ୍ରାସ ପାଇବା ଫଳାଫଳରେ କେଉଁଦଳକୁ ପ୍ରଭାବିତ କରିବ, ତାକୁ ନେଇ ଅଙ୍କକଷା ଚାଲିଛି । ୨୦୦୯ ନିର୍ବାଚନ ତୁଳନାରେ ଅଧିକ ୧୫.୯୭ ପ୍ରତିଶତ ମତଦାନ ନିଜ ସପକ୍ଷକୁ ଆଣିବାରେ ସକ୍ଷମ ହୋଇ ସେତେବେଳେ ବିଜେଡ଼ି ବିଜୟ ସ୍ୱାଦ ଚାଖିଥିଲା । ସେହିପରି ୨୦୦୯ ତୁଳନାରେ ସେତେବେଳେ କଂଗ୍ରେସର ଭୋଟହାର ୧୧.୧୭ ପ୍ରତିଶତ କମିଥିବାବେଳେ ଭାଜପାର ଭୋଟହାର ୧୨.୮୯ ପ୍ରତିଶତ ବଢ଼ିଥିଲା । ଫଳରେ ଏଥର କେଉଁଦଳ ନିଜ ଭୋଟହାରକୁ କେତେ ବଢ଼ାଇବାରେ ସକ୍ଷମ ହୋଇଛନ୍ତି, ତାହା ଭୋଟ ଗଣତି ପରେ ଜଣାପଡ଼ିବ ଏବଂ ତାହା ହିଁ ସେମାନଙ୍କ ପାଇଁ ଜୟ, ପରାଜୟର କାରଣ ସାଜିବ। ୩୧୯ ବୁଥ୍ ବିଶିଷ୍ଟ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୨୦୧୪ ନିର୍ବାଚନ ତୁଳନାରେ ଏଥର ମତଦାନ ହାର କମିଛି । ୨୦୧୪ରେ ଏହି ହାର ୭୯.୧୬ ପ୍ରତିଶତ ଥିଲା, ମାତ୍ର ଏଥର ତାହା ୭୮.୪୮ ପ୍ରତିଶତକୁ ଖସି ଆସିଛି । ସେତେବେଳେ ୨୦୦୯ ନିର୍ବାଚନ ତୁଳନାରେ ନିଜ ସପକ୍ଷରେ ଅଧିକ ୨୦.୬୬ ପ୍ରତିଶତ ଭୋଟହାର ବଢ଼ାଇ ଭାଜପା ବିଜୟୀ ହୋଇଥିବାବେଳେ ପୂର୍ବ ନିର୍ବାଚନଠାରୁ ୭.୭୬ ପ୍ରତିଶତ ଭୋଟ କମିଯିବାରୁ ବିଜେଡ଼ିକୁ ହାରିବାକୁ ପଡ଼ିଥିଲା । ସେହିପରି ୨୦୦୯ ତୁଳନାରେ ୨୦୧୪ରେ କଂଗ୍ରେସ ୧୪.୮ ପ୍ରତିଶତ କମ୍ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲା । ମାତ୍ର ଏଥର ସବୁଦଳ ଏଠାରୁ ବାଜିମାତ୍ ଆଶା ରଖିଛନ୍ତି। ତେବେ ଉପରୋକ୍ତ ୪ନିର୍ବାଚନ ମଣ୍ଡଳୀ ଅପେକ୍ଷା ଏଥର ବିଜେପୁର ନିର୍ବାଚନ ମଣ୍ଡଳୀ ଫଳାଫଳ ପ୍ରତି ସାରାରାଜ୍ୟର ନଜର ରହିଛି । ଏଠାରୁ ବିଜେଡ଼ି ପକ୍ଷରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦିତା କରୁଥିବା ଯୋଗୁ ଗତ ଉପନିର୍ବାଚନ ଭଳି ସାଧାରଣ ନିର୍ବାଚନରେ ମଧ୍ୟ ବିଜେପୁର ଚର୍ଚ୍ଚାରେ ରହିଛି । ଏହି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ଖାତା ଖୋଲି ପାରୁ ନଥିବା ବିଜେଡ଼ି ତତ୍କାଳୀନ କଂଗ୍ରେସ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ଦଳୀୟ ପ୍ରାର୍ଥିନୀ କରି ରେକର୍ଡ଼ ସଂଖ୍ୟକ ଭୋଟ୍ ସହିତ ବିଜୟ ସ୍ୱାଦ ଚାଖିଥିଲା । କିନ୍ତୁ ସାଧାରଣ ନିର୍ବାଚନରେ ରୀତାଙ୍କ ବଦଳରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି । ଏଠାରେ ଏଥର ୭୮.୯୨ ପ୍ରତିଶତ ମତଦାନ ହୋଇଛି । ଉପନିର୍ବାଚନ ବିଜୟକୁ ବିଜେଡ଼ି ଦୋହରାଇବକୁ ଆଶା ରଖିଥିବାବେଳେ କଂଗ୍ରେସ ନିଜ ଗଡ଼କୁ ପୁଣି ଫେରିବ ବୋଲି ଆଶା ବାନ୍ଧିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କୁ ହରାଇ ଭାଜପା ଏଠାରୁ ଇତିହାସ ରଚିବ ବୋଲି ଦଳୀୟ ନେତାମାନେ ଦୃଢ଼ୋକ୍ତି କରୁଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଉଣୀ ରାଣୀ ହେଲେ**
**ରଜା ନୁହେଁ ଭାଇ,**
**ଅତି ସେରନ୍ତାରେ ଡାକନ୍ତି**
**ଆମ ରାଣୀଙ୍କ ଭାଇ !**

ଭଉଣୀ ଯେତେ ବଡ଼ ଘରେ ବିଭା ହେଲେ ମଧ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇ ନିଜ ଗୁରୁତ୍ୱ ବା ମର୍ଯ୍ୟାଦା ହରାଇ ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାର ବୋହୁଥିବ ଗୋଦରା ତନ୍ତୀ**
**ଲାଭ ମାରୁଥିବ ମାଧ ମହାନ୍ତି ।**

ଜଣେ କଷ୍ଟ କରି କାମ କରେ ଆଉ ଜଣେ ସେ ଶ୍ରମର ଫଳ ଅନାୟାସରେ ଭୋଗ କରେ। ସମାଜରେ ଏଭଳି ଅନ୍ୟାୟର ଚିତ୍ର ଆଜି ଅନେକ ପରିମାଣରେ ଜୀବନକୁ ଗ୍ରାସ କରିଚାଲିଛି। ଶାରୀରିକ ସ୍ତରରେ ଅକ୍ଷମ, ଦୁର୍ବଳ ତଥା ଦରିଦ୍ର ଲୋକଙ୍କୁ ପ୍ରୟୋଗ କରି ସବଳ ଲୋକେ ଫାଇଦା ଉଠାଇ ଚାଲିଥିବା ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବୌଦ୍ଧରେ ପଲିଥିନ ଚଢ଼ାଉ

**ବୌଦ୍ଧ,୨୨।୫ (ସ୍ୱ.ପ୍ର.)**

ପଲିଥିନ ବ୍ୟବହାର ନେଇ ସାରା ବିଶ୍ୱବାସୀ ଏବେ ଚିନ୍ତାରେ। ପଲିଥିନ ବ୍ୟବହାର ବଢୁଥିବାରୁ ପରିବେଶ ଦୂଷିତ ହେଉଛି। ତେବେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଗତ ମାର୍ଚ୍ଚ ପହିଲାରୁ ପଲିଥିନ ବନ୍ଦ ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏଥି ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଓ ବନ ବିଭାଗର ମିଳିତ ସହାୟତାରେ ଏକ ସ୍କ୍ୱାଡ୍ ଗଠନ କରାଯାଇଥିଲା । ଦୀର୍ଘ ଦୁଇମାସ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି କିମଟି ବୁଧବାର ତତ୍ପର ହୋଇ ଉଠିଛି। ଏନସିର ନୋଡାଲ ଅଫିସର ରବୀନ୍ଦ୍ର କୁମାର ମାହାପାତ୍ରଙ୍କ ନେତୃତ୍ୱରେ ସହରର ବିଭିନ୍ନ ଦୋକନ ଚଢାଉ କରାଯାଇଥିଲା। ଚଢାଉ ସମୟରେ ପଲିଥିନ, ସୋଲର ପ୍ରସ୍ତୁତ ଖାଇବା ସାମଗ୍ରୀ ଓ ପାଣି ପାଉଚ ଜବତ କରିବା ସହ ଜୋରିମାନେ ବାବଦକୁ ୧୪ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି। ଚଢାଉରେ ଯୋଗାଣ ନୀରିକ୍ଷକ ଦୀପକ କହଁର, ଡେପୁଟି ରେଞ୍ଜର ପଦୋଷ ମହାରଣା ଓ ଏନଏସି କର୍ମଚାରୀ ସାମିଲ ଥିଲେ।

# ବୌଦ୍ଧ ପାଇଁ ୮, କନ୍ଧମାଳ ପାଇଁ ୯ ଟେବୁଲ

**ବୌଦ୍ଧ,୨୨।୫ (ସ୍ୱ.ପ୍ର.)**

ଗୁରୁବାର ଦିନ ଗଣତନ୍ତ୍ରର ମହାନପର୍ବର ଫଳାଫଳ ଆସିବ। ନିର୍ବାଚନର ଗଣତି ଥିବାରୁ ଜିଲା ପ୍ରଶାସନ ଗଣତି ପାଇଁ ପ୍ରସ୍ତୁତ ହୋଇସାରିଛି। ଏ ନେଇ ବୁଧବାର ଅପରାହ୍ନରେ ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳିନୀରେ ସୂଚନା ଦିଆଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୀତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ଏହି ସମ୍ମିଳନୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ସମ୍ମିଳୀରେ ଜିଲାପାଳ ରାଉତ କହିଛନ୍ତି ଯେ, ନିର୍ବାଚନର ଫଳାଫଳ ଗଣତି ନେଇ ପ୍ରସ୍ତୁତ ସରିଛି। ନିର୍ବାଚନ କମିଶନରଙ୍କ ନିୟମ ଅନୁଯାୟୀ ଗଣନା କରାଯିବ। ଜିଲାରେ ଦୁଇଟି ନିର୍ବାଚନ ମଣ୍ଡଳି ବୌଦ୍ଧ ଓ କଣ୍ଟମାଳ ଥିବା ବେଳେ କନ୍ଧମାଳ ଲୋକସଭା ଆସନ ପାଇଁ ମଧ୍ୟ ଗଣତି ହେବ । ଗଣତି ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ସମସ୍ତ ପ୍ରସ୍ତୁତି କରାଯାଇଛି। ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ୮ଟି ଟେବୁଲ ଓ କଣ୍ଟମାଳ ନିର୍ବାଚନ ମଣ୍ଡଳି ପାଇଁ ୯ଟି ଟେବୁଲରେ ଗଣନା ହେବ । ଗଣନା ସମୟରେ ପ୍ରାର୍ଥୀଙ୍କ ଏଜେଣ୍ଟ ଓ କାଉଣ୍ଟିଂ ଅବଜରଭର ଓ ରିଟର୍ଣ୍ଣିଂ ଅଧିକାରୀ ଗଣନା କେନ୍ଦ୍ରରେ ରହିପାରିବେ । ଗଣନା କେନ୍ଦ୍ର ମଧ୍ୟକୁ ମୋବାଇଲ, କ୍ୟାମେରା ଓ ଇଲେକଟ୍ରୋନିକ ଉପକରଣକୁ ବାରଣ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ । ସକାଳ ୭.୩୦ରେ ଷ୍ଟ୍ରଙ୍ଗ ରୁମ୍ ଖୋଲାଯିବା ପରେ ପୋଷ୍ଟାଲ ବାଲାଟକୁ ଗଣନା କରାଯିବ । ବୌଦ୍ଧ ନିର୍ବାଚନ ମଣ୍ଡଳି ପାଇଁ ୪୫୩ଟି ପୋଷ୍ଟାଲ ବାଲାଟ ଥିବା ବେଳେ କଣ୍ଟାଳ ନିର୍ବାଚନି ମଣ୍ଡଳି ପାଇଁ ୪୫୫ଟି ପୋଷ୍ଟାଲ ବାଲାଟ ଭୋଟ ହୋଇଛି। କନ୍ଧମାଳ ଏମ୍‌ପି ସିଟ୍ ଭୋଟ ପାଇଁ ହୋଇଥିବା ପୋଷ୍ଟାଲ ବାଲାଟକୁ କନ୍ଧମାଳ ପଠାଯାଇଛି। ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ ଗଣାଯିବ । ଯଦି ମେଶିନ ଖୋଲିଲା ନାହିଁ କିମ୍ବା ତ୍ରୁଟି ଦେଖାଦିଏ ତାହା ଉପରେ ନିର୍ବାଚନ କମିଶନକୁ ଜଣାଇବା ପରେ ଫଳାଫଳ ଜାଣିବା ପାଇଁ ଭିଭିପିଏଟିରେ ଥିବା ସ୍ଲିପ ପେପର ଗଣାଯାଇ ଫଳାଫଳ ଘୋଷଣା କରାଯିବ। ତେବେ ଗଣତିକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଗଣନା କେନ୍ଦ୍ର ଆଗରେ ଓ ସହରର ବିଭିନ୍ନ ଛକରେ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏଡିଏମ ରମାକାନ୍ତ ସେଠୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ , ଉପଜିଲାପାଳ ଏନ.ସି. ଜ୍ୟୋତିରଂଜନ ନାଏକ, ଡିଆଇପିଆରଓ ଶିଶିର ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070




BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993




ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର




ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

ଖର୍ଚ୍ଚ ଋଣରୁ କଟିବ
Mudra Finance
(Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ



## ସଂକ୍ଷେପରେ



### ହାତୀ ଉପଦ୍ରବ: ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ଉଲୁଣ୍ଡା ୨୨।୫ (ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧୀନରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ହେଲେ ହାତୀ ଘଉଡାଇବାରେ ବନ ବିଭାଗ ବିଫଳ ହେଉଥିବା ହୋଇଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ରାତ୍ରିରେ ଉଲୁଣ୍ଡା ବ୍ଲକ ସୁଲିଆ ଗ୍ରାମରେ ଏକ ହାତୀପଲ ପାଇ ବ୍ୟାପକ ଉପଦ୍ରବ କରିଥିଲା। ଏପରି କି ହାତୀପଲ ଗାଁର ହରିହର ମହାନ୍ତଙ୍କ ଘର ଭାଙ୍ଗିବା ସହ ଆସବାପତ୍ର ନଷ୍ଟ କରି ଧାନ, ଚାଉଳ ଆଦି ଖାଇ ଦେଇଥିଲା। ଅନ୍ୟପକ୍ଷେ ପରିବାର ଲୋକେ ହାତୀ ଆକ୍ରମଣରେ ଅଳ୍ପକେ ବର୍ତ୍ତିଯାଇଥିଲେ। ଏନେଇ ବିଭାଗୀୟ ଅଧିକାରୀ ଶିବ ପ୍ରସାଦ ନାଏକଙ୍କୁ ପଚରାଯିବାରୁ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ହାତୀ ଘଉଡାଇବାରେ ପ୍ରଶାସନ ସହଯୋଗ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

### ପୂର୍ବ ଶତ୍ରୁତା: ଯୁବକଙ୍କୁ ପିଟିପିଟି ହତ୍ୟା

**ଉଲୁଣ୍ଡା ୨୨।୫ (ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଜଉଁରାଭଉଁରା ପଞ୍ଚାୟତ ସୁଲିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ପିଟି ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ଉଲୁଣ୍ଡା ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧୮ ତାରିଖରେ ଗ୍ରାମର ନରସିଂହ ଘୁଟାଙ୍କୁ ଆଦିକନ୍ଦ ଭୋଇ, ବୁଲୁ ଭୋଇ, ବାବୁଲୁ ଭୋଇ ପ୍ରମୁଖ ଆକ୍ରମଣ କରି ନିଶ୍ଚୁକ ମାଡ ମାରିଥିଲେ। ଫଳରେ ନରସିଂହଙ୍କୁ ଗୁରୁତର ଅବସ୍ଥାରେ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୮ଟାରେ ନରସିଂହଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଉଲୁଣ୍ଡା ଥାନାରେ ଏକ ହତ୍ୟା ମାମଲା(ନଂ.୪୬/୧୯) ରୁଜୁ ହୋଇଛି। ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ନେଇ ଉଦ୍ୟମ ଚଳାଇଥିବା ଥାନା ଆଇଆଇସି ବିଦ୍ୟୁଭୂଷଣ ପୁଟା ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ପ୍ରକୃଷ୍ଟ ଜଳବାୟୁ, ଭିତ୍ତିଭୂମି ରହିଛି

# କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ଶିଥିଳ

**ସୋନପୁର,୨୨।୫(ନି.ପ୍ର.)**

ଓଡ଼ିଶାର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସକାଶେ ସୁବର୍ଣ୍ଣପୁର ଜିଲା ପ୍ରକୃଷ୍ଟ ସ୍ଥାନ । ତେବେ ରାଜ୍ୟ ସରକାର ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ଆଉ ବିଶେଷ ଆଗ୍ରହ ଦେଖାଉ ନାହାନ୍ତି। ଏହା ଜିଲାବାସୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରିଛି । ସୁବର୍ଣ୍ଣପୁର ଜିଲାରେ ଚିରସ୍ରୋତା ମହାନଦୀ ୧୦୦ କିଲୋମିଟର ବ୍ୟାପୀ ପ୍ରବାହିତ ହେଉଛି। ତେଲ, ଅଙ୍ଗ, ସୁକତେଲ ଭଳି ଅନେକ ଛୋଟ ବଡ ନଦୀ ମଧ୍ୟ ରହିଛି । ବୃହତ, ମଧ୍ୟମ, କ୍ଷୁଦ୍ର, ମେଗା ଉଠା ଜଳସେଚନ ଓ ଉଠା ଜଳସେଚନ ଭଳି ବହୁ ସେଚ ପ୍ରକଳ୍ପ ଅଛି । ଧାନ ଉତ୍ପାଦନରେ ଜିଲା କ୍ରମାଗତ ଭାବେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ରାଷ୍ଟ୍ରପତିଙ୍କଠାରୁ ପ୍ରଥମ କୃଷି କର୍ମଣ ପୁରସ୍କାର ପାଇବାରେ ଜିଲାର ୨ ଚାଷୀଙ୍କୁ ସୌଭାଗ୍ୟ ମିଳିଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ପାଇଁ ଏଠାରେ ଯଥେଷ୍ଟ ସୁଯୋଗ ରହିଛି । ଜିଲାରେ ବିବିଧ ପ୍ରକାରର ମାଟି ଥିବାରୁ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ଥିବା ଛାତ୍ରୀଛାତ୍ରଙ୍କ ଗବେଷଣା ଓ ସମ୍ପ୍ରସାରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିବ । ତେବେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦାବି ଏବେ ଶିଥିଳ ହୋଇଯାଇଛି।

କେବିକେର ଏହି ଶିଳ୍ପ ବିହୀନ ପଛୁଆ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସକାଶେ ପୂର୍ବରୁ ଦାବି ଜୋରଦାର ହୋଇଥିଲା । କୃଷିମନ୍ତ୍ରୀ ପ୍ରଦୀପ ମହାରଥିଙ୍କୁ ଦାବିପତ୍ର ଦିଆ ଯାଇଥିଲା। ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜନସଚେତନତା ପାଇଁ ଆଲୋଚନାଚକ୍ର ହୋଇଥିଲା । ଜିଲାର କୃଷି ସମ୍ପର୍କିତ ତଥ୍ୟ ରଖାଯାଇଥିଲା । ଜିଲାର ୮୩, ୩୧୦ଟି ପରିବାର ସମ୍ପୂର୍ଣ୍ଣ ଭାବେ କୃଷି ଉପରେ ନିର୍ଭରଶୀଳ । ଯାହାକି ଜନସଂଖ୍ୟା ହିସାବରେ ଶତକଡା ୬୫ ଭାଗ । ପାରମ୍ପରିକ ଶୈଳୀରେ ପ୍ରାୟ ୫୦ରୁ ୬୦ ପ୍ରକାରର ପାରମ୍ପରିକ ଧାନ ଏହି ଜିଲାରେ ଉତ୍ପାଦନ ହୁଏ। ସେହିପରି ରବି ଫସଲ ଯଥା ଡାଲି, ଚଣା ସହିତ କପା, କୋଷା, ପାନପତ୍ର, ପନିପରିବା, ଫଳମୂଳ ଓ ବିଶେଷ ଭାବରେ ଫୁଲ ଉତ୍ପାଦନ ପାଇଁ ଜିଲାର ବିଭିନ୍ନ ସ୍ଥାନରେ କୃଷି ପାଇଁ ମୃତ୍ତିକା ରହିଛି । ଏଠାକାର କଳା ମୁଗ ଖୁବ୍ ସ୍ୱାଦିଷ୍ଟ । ସ୍ୱାଧୀନତା ପୂର୍ବରୁ ଏବଂ ବର୍ତ୍ତମାନ ମଧ୍ୟ ଜିଲାରୁ ବାହାରକୁ କଳା ମୁଗ ରପ୍ତାନି କରାଯାଏ । ଧଳା ହୀରା କୁହାଯାଉଥିବା କପା ଉତ୍ପାଦନରେ ଭରପୂର ସୁଯୋଗ ରହିଛି । ଦେଶର ଅନ୍ୟାନ୍ୟ ସ୍ଥାନରେ ଉତ୍ପାଦିତ କପାଠାରୁ ଏଠାରେ ଉତ୍ପାଦିତ କପାରମାନ ଉନ୍ନତ । ଉତ୍ପାଦନ କ୍ଷମତା ଅନ୍ୟାନ୍ୟ ଅଞ୍ଚଳଠାରୁ ୪ ଗୁଣା ଅଧିକ । ବର୍ତ୍ତମାନ ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲା ସମଗ୍ର ରାଜ୍ୟର ଉତ୍ପାଦନ ହାରକୁ ପଛରେ ପକାଇ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି। ସେହିପରି ଖାଦ୍ୟଶସ୍ୟ ଉତ୍ପାଦନରେ ରାଜ୍ୟର ହାର ୧୭.୩୭ ଥିବା ବେଳେ ଏହି ଜିଲାର ହାର ୩୨.୫୫କୁ ଟପି ସାରିଛି। ଏଠାରେ ପରିବେଶ ଓ ଆବଶ୍ୟକ ଭିତ୍ତିଭୂମି ଅଛି । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଜିଲା ତଥା ରାଜ୍ୟବାସୀଙ୍କ ଲାଭ ହେବ । ଆଞ୍ଚଳିକ ବୈଷମ୍ୟ ମଧ୍ୟ ଦୂର ହୋଇପାରିବ। ଏନେଇ ସରକାର ଦୃଷ୍ଟି ଦେବା ଆବଶ୍ୟକ । ନ୍ୟାୟପୂର୍ଣ୍ଣ ବିଚାରରେ ବିଶ୍ୱବିଦ୍ୟାଳୟ ଜିଲାର ହକ୍ । ସ୍ୱାଧୀନତା ପରଠାରୁ ଜିଲାରେ କୌଣସି ବୃହତ ଅନୁଷ୍ଠାନ ସରକାର ପ୍ରତିଷ୍ଠା କରି ନ ଥିବାରୁ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ମୂଳ ଆଧାର। ତେଣୁ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ସଚେତନଶୀଳ ନାଗରିକ ମତପ୍ରକାଶ କରିଛନ୍ତି।




ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହାୟତା

**ସୋନପୁର,୨୨।୫(ନି.ପ୍ର.)**

ଫନୀ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସହାୟତାର ହାତ ବଢାଇଛନ୍ତି ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ । କର୍ମଚାରୀଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ୪ ଲକ୍ଷ ୧୪ ହଜାର ୪୧୪ ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ବୁଧବାର ସିଡିଏମ୍ ପିଏଚ୍ଓ ଡାକ୍ତର ନାୟକଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ ନିରୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଟିବି) ଡାକ୍ତର ପଦ୍ମହଂସା ଦୋରା, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ ସାହୁ, ଫାର୍ମାସିଷ୍ଟ ତାରିଣୀ ଚରଣ ପାତ୍ର, ଜିଲା ଜରୁରୀକାଳିନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଦୀନେଶ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବଇରାସର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ତରଭା,୨୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବଇରାସର ଡାକବଙ୍ଗଳା ପରିସରରେ ବଇରାସର କ୍ରିକେଟ କ୍ଲବ ପକ୍ଷରୁ ବଇରାସର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଇରାସର ପ୍ୟାକ୍ସ ସଭାପତି ଶ୍ରୀପତି ବାଘ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଶୀଲ ଅଗ୍ରୱାଲ ଯୋଗଦେଇ ଟୁର୍ନାମଣ୍ଟେର ଉଦ୍‌ଘାଟନ କରିଥିଲେ। ୬ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଷ୍ଟାର୍ଟନ୍ସ ଓ ଦେଶୀ ବଏଜ୍ ଦଳ ମଧ୍ୟରେ ହୋଇଥିଲା । ଷ୍ଟାର୍ଟନ୍ସ ଦଳ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୧ ଉଇକେଟ ବିନିମୟରେ ୭୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଦେଶୀ ବଏଜ୍ ଦଳ ନିର୍ଦ୍ଧାରିତ ୬ ଓଭରରେ ୩ ଉଇକେଟ ବିନିମୟରେ ୫୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଷ୍ଟାର୍ଟନ୍ସ ଦଳର ଲିକୁନ ୧୮ ବଲରେ ୩୬ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ । ଅମ୍ପାୟର ଭାବେ ରାମଜୀ ମାହାଣା, ଘନ ହାତୀ କାର୍ଯ୍ୟ ତୁଲାଇ ଥିଲେ। ଅଙ୍କିତ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଦୁର୍ଗା ସାହୁ ସ୍କୋର ଦାୟିତ୍ୱ ନିର୍ବାହ କରିଥିଲେ। ରାଜା, ସୁରେନ, ତପନ, ପୀୟୂଷ, ସିଦ୍ଧାର୍ଥ, ମାନସ, ଭୈରବଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏପରି କି ଉଦ୍‌ଘାଟନୀ ଉତ୍ସବରେ ପ୍ରିମିୟର ଲିଗ୍ କିଣିଥିବା ସମସ୍ତ ଦଳର ମୁଖ୍ୟ ଉପସ୍ଥିତ ଥିଲେ।



ବଇରାସର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରୁଛନ୍ତି।

# ଭୋଟ ଗଣତି ନେଇ ପ୍ରସ୍ତୁତି ଶେଷ

**ବୀରମହାରାଜପୁର,୨୨।୫(ଡି.ଏନ୍.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୬୪-ବୀରମହାରାଜପୁର ନିର୍ବାଚନମଣ୍ଡଳୀ (ସଂରକ୍ଷିତ) ପାଇଁ ସ୍ଥାନୀୟ ଉପଖଣ୍ଡ ମୁଖ୍ୟାଳୟ ଠାରେ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଉପର ମହଲା ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ଚୁଡାନ୍ତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଥର ପ୍ରଥମକରି ଏହି କକ୍ଷକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିର୍ବାଚନମଣ୍ଡଳୀର ସର୍ବମୋଟ ୨ ଲକ୍ଷ ୮ ହଜାର ୯୪୧ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୬୭ ହଜାର ୩୮୬ ଜଣ ମତାଧିକାର ସାବ୍ୟସ୍ତ କରିଛନ୍ତି। ଯାହାକି ଇଭିଏମ୍ / ଭିଭିପିଏଟି ଭିତରେ ସିଲ୍ ହୋଇ ରହିଛି। ଦୀର୍ଘ ୩୪ ଦିନଧରି କଡା ସୁରକ୍ଷା ବଳୟ ମଧ୍ୟରେ ରହିଥିବା ସମସ୍ତ ଇଭିଏମ୍ ସାଙ୍ଗକୁ ୫ଟି ଲେଖାଏଁ ଭିଭିପିଏଟି ମାଧ୍ୟମରେ ଭୋଟ ଗଣତି କରାଯିବାକୁ ନିର୍ଦ୍ଦେଶ ରହିଛି । ଏଥି ସକାଶେ ଉଭୟ ଲୋକସଭା ଓ ବିଧାନସଭା ଆସନ ପାଇଁ ୭ ଟି ଲେଖାଏଁ ଗଣତି ଟେବୁଲ ରଖାଯାଇଛି। ଏତଦ୍‌ବ୍ୟତୀତ ରିଟର୍ନିଂ ଅଫିସର ତଥା ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିମନ୍ତେ ସ୍ୱତନ୍ତ୍ର ଟେବୁଲ ରହିଥିବା ବେଳେ ଅଧିକୃତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସକାଶେ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା କରାଯାଇଛି।

ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ସକାଳ ୮ରୁ ଭୋଟ ଗଣତି ଆରମ୍ଭ ହୋଇ ଶେଷ ଯାଏ ଏହି ପ୍ରକ୍ରିୟା ବଜାୟ ରହିବ। ପ୍ରଥମେ ପୋଷ୍ଟାଲ ବାଲେଟ ଗୁଡିକ ଗଣତି କରାଯିବା ପରେ ଇଭିଏମ୍‌ଗୁଡିକ କ୍ରମାନୟରେ ଗଣତି ହେବ । ତେବେ ନିର୍ବାଚନ କମିଶନରଙ୍କ ନିଷ୍ପତ୍ତିକୁ ଆଧାରକରି ଲଟେରି ମାଧ୍ୟମରେ ସ୍ଥିରିକୃତ ୫ଟି ବୁଥ୍ ( ଉଭୟ ଲୋକସଭା ଓ ବିଧାନସଭା ) ର ଗଣତି ଅନ୍ତିମ ପର୍ଯ୍ୟାୟରେ କରାଯିବ ବୋଲି ଜଣାଯାଇଛି। ଏହି ୫ଟି ବୁଥ୍‌ର ଇଭିଏମ୍ ତଥା ଭିଭିପିଏଟିର ଭୋଟ ମେଳ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ଭୋଟ ଗଣତି ପ୍ରକ୍ରିୟାରେ ବିଭିନ୍ନ ପ୍ରାର୍ଥୀଙ୍କ ଏଜେଣ୍ଟ ଉପସ୍ଥିତ ରହିବାର ବିଧିବ୍ୟବସ୍ଥା ଥିବାରୁ ଏଥି ନିମନ୍ତେ ପ୍ରାର୍ଥୀଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନଙ୍କୁ ପରିଚୟପତ୍ର ଯୋଗାଇ ଦିଆଯାଇଛି। ଭୋଟ ଗଣତିର ଅବ୍ୟବହିତ ପୂର୍ବରୁ ବୁଧବାର ଜିଲାପାଳ ମଧୁସୂଦନ ମିଶ୍ର ଏବଂ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ଭୋଟ ଗଣତିକକ୍ଷ ତଥା ଆନୁସଙ୍ଗିକ ପ୍ରସ୍ତୁତି ତଦାରଖ କରି ଫେରିଛନ୍ତି। ସନ୍ଧ୍ୟାରେ ନିର୍ବାଚନ କମିଶନରଙ୍କ ସାଧାରଣ ପର୍ଯ୍ୟବେକ୍ଷକ ଏନ୍.ବି.ପ୍ରଶନ୍ନ କୁମାର ପରିଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଶାନ୍ତି ଶୃଙ୍ଖଳାର ସହ ଏହି କାର୍ଯ୍ୟକୁ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ଜଣାଯାଇଛି।



ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତି ପାଇଁ କରାଯାଇଥବା ଏସି ହଲ।

**ବୀରମହାରାଜପୁର ନିର୍ବାଚନମଣ୍ଡଳୀ**

- ଇଭିଏମ୍ ଭିତରେ ୧ଲକ୍ଷ ୬୭ହଜାର ୩୮୬ ଭୋଟ
- ୨୬୭ ବୁଥ୍ ପାଇଁ ୩୯ ରାଉଣ୍ଡ ଗଣନା
- ଲୋକସଭା, ବିଧାନସଭା ପାଇଁ ୭ ଲେଖାଏଁ ଟେବୁଲ

## ଓଲଟିଲା ତେଲ ଟ୍ୟାଙ୍କର, ଡ୍ରାଇଭର ମୃତ

**ଭବାନାପାଟଣା,୨୨।୫(ଡି.ଏନ.ଏ.)**

ମ.ରାମପୁର ଥାନା ଅନ୍ତର୍ଗତ ୫୯ ନଂ. ଜାତୀୟ ରାଜପଥ କେନ୍ଦୁଘାଟିଠାରେ ମଙ୍ଗଳବାର ଭୋରେ ଏକ ତେଲ ଟ୍ୟାଙ୍କର ଓଲଟି ପଡିଛି। ଫଳରେ ଡ୍ରାଇଭର ନାଇଡୁ ଧର୍ମୀ ରେଡ୍ଡି (୪୫)ଙ୍କ ମୃତ୍ୟୁ ଘଟିଛି। ରେଡ୍ଡିଙ୍କ ଘର ବିଶାଖାପାଟଣାର ଅଚୁଥପୁରମ୍ ବୋଲି ଜଣାଯାଇଛି। ଅନ୍ୟପକ୍ଷେ ହେଲପର କେ. ସୁବ୍ରମଣ୍ୟମ୍ ଗୁରୁତର ଆହତ ହେଇଥିବା ଜଣାଯାଇଛି।

## ବ୍ୟବଚ୍ଛେଦ ନ ହୋଇ ଦୀର୍ଘ ସମୟ ପଡ଼ିରହିଲା ମୃତଦେହ

**ଭବାନାପାଟଣା,୨୨।୫ (ଡି.ଏନ.ଏ.)**

ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ସୋମବାର ରାତିରେ ପଡୋଶୀ ଛତିଶଗଡ ଦେଭୋଗର ଜଣେ ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁର ଦୀର୍ଘ ସମୟ ପରେ ମଧ୍ୟ ଶବ ବ୍ୟବଚ୍ଛେଦ ନ ହୋଇ ଶବଗୃହରେ ପଡି ରହିବା ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରାକାଶ ପାଇଛି।

## ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ପ୍ରସ୍ତୁତି ବୈଠକ

**ବିନିକା,୨୨।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଚଳିତବର୍ଷ ଶିବପାର୍ବତୀଙ୍କ ବିବାହ ମହୋତ୍ସବ ପାଳନ ନେଇ ବୁଧବାର ସନ୍ଧ୍ୟାରେ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖରେ ଶୀତଳଷଷ୍ଠୀ ଅନୁଷ୍ଠିତ ହେବ। ଏନେଇ ବୈଠକରେ ମହୋତ୍ସବ ଆୟୋଜନ ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ସୁଧାଂଶୁ ଶେଖର ଦାଶ ସଭାପତି, ଅଜିତ କୁମାର ସାମନ୍ତରା କାର୍ଯ୍ୟକାରୀ ସଭାପତି, ମାନଗୋବିନ୍ଦ ମେହେର ସମ୍ପାଦକ, ସନ୍ତୋଷ କୁମାର ମହାକୁର ଉପ ସଭାପତି, ସମ୍ବିତ କୁମାର ନେପାକ ସହ ସମ୍ପାଦକ ଏବଂ ହରିଭକ୍ତ ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା କମିଟିରେ ଅଶୋକ ପଟ୍ଟନାୟକ, ଦୀନବନ୍ଧୁ ଦାଶ, ବିଭୀଷଣ ମେହେର, ପଞ୍ଚାନନ ମେହେର, ଚରଣ ମେହେର, ହାଡିବନ୍ଧୁ ମେହେର ଏବଂ ରାଜେନ୍ଦ୍ର ମେହେର ରହିଛନ୍ତି।

## ବ୍ଲକସ୍ତରୀୟ ଆଦିବାସୀ ଶିକ୍ଷକ ସଂଘର ବୈଠକ

**ଉଲୁଣ୍ଡା,୨୨।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ କାର୍ଯ୍ୟରତ ଆଦିବାସୀ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ନେଇ ଖଲିଆପାଲିଠାରେ ବୁଧୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁସାନ୍ତ ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାୟ ୮୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବିଶେଷକରି ଆଦିବାସୀ ଶିକ୍ଷକଙ୍କ ରହିଥିବା ବିଭିନ୍ନ ସମସ୍ୟା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଦିବାସୀମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିବା ପାଇଁ ସଂଘ ଗଠନ କରାଯାଇଥିଲା। ଏଥିରେ ସତ୍ୟନାରାୟଣ ବିଶ୍ୱାଳ ସଭାପତି, ଅଚ୍ୟୁତ ପଧାନ ଉପସଭାପତି, ଶୁସାନ୍ତ ଭୋଇ ସମ୍ପାଦକ, ବଳରାମ ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ବେଳେ ନାଗେଶ୍ୱର ବାଘ, ପ୍ରଦୀପ ଗଣିକ, ଗଣ୍ଡାରାମ ହାତୀଖୁଜିଆ, ଇଶ୍ୱର ଭୋଇ ପ୍ରମୁଖ ପରାମର୍ଶଦାତା ଭାବେ ରହିଛନ୍ତି। ଶେଷରେ ଜିବର୍ଦ୍ଧନ ଭୋଇ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଆଦିବାସୀ ଶିକ୍ଷକ ସଂଘର କର୍ମକର୍ତ୍ତା ଏବଂ ଶିକ୍ଷୟିତ୍ରୀ।

# ଭଗବତୀ କ୍ରିକେଟ ଟୁର୍ନାମେଣ୍ଟ: ମିଛାପାଲି ଚାମ୍ପିୟନ

**ତରଭା,୨୨।୫ (ଡି.ଏନ.ଏ.)**

ମିଛାପାଲି ଭଗବତୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ରାତ୍ରୀକାଳୀନ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ମିଛାପାଲି କ୍ରିକେଟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୪୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମିଛାପାଲି ଭଗବତୀ କ୍ରିକେଟ କ୍ଲବ ଏବଂ ତଲଗଜ ଦଳ ମଧ୍ୟରେ ହୋଇଥିଲା। ତଲଗଜ ଦଳ ଟସ୍ ଜିତି ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ମିଛାପାଲି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ବିନିମୟରେ ୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ତଲଗଜ ଦଳ ୫ ଉଇକେଟ ବିନିମୟରେ ୪୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପୂର୍ବରୁ ପ୍ରଥମ ସେମିଫାଇନାଲ ମ୍ୟାଚ ମିଛାପାଲି ଓ ଅନ୍ତର୍ଡା ଦଳ ମଧ୍ୟରେ ହୋଇଥିଲା । ଏଥିରେ ମିଛାପାଲି ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନିତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ତଲଗଜ ଓ ଭାଲେର ମଧ୍ୟରେ ହୋଇଥିଲ। ଏଥିରେ ତଲଗଜ ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଇରାସର ପ୍ୟାକ୍ସ ସଭାପତି ଶ୍ରୀପତି ବାଘ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ୟାକ୍ସ ସଭାପତି ଅଶୋକ ନାଏକ, ଶ୍ରୀହରି ପରିଚାଳନା ନିର୍ଦ୍ଦେଶକ ରାଜେଶ ମେହେର, ଶିକ୍ଷକ ସୁରଜ ସେଠୀ, ସତ୍ୟବ୍ରତ ମିଶ୍ର, ବାଲାଜୀ ଟ୍ରେଡର୍ସ ପଙ୍କଜ ଅଗ୍ରୱାଲ, ହିରଣ୍ମୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ବିଜେତା ମିଛାପାଲି ଭଗବତି କ୍ଲବକୁ ଟ୍ରଫି ସହ ୭ ହଜାର ଟଙ୍କା ଏବଂ ରନ୍‌ର୍ସଅପ୍ ତଲଗଜ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫଦି ସିରିଜ ପ୍ରକାଶ ନାଏକ, ମ୍ୟାନ ଅଫ ଦି ମ୍ୟାଚ ଜ୍ଞାନ ନାଏକ, ବେଷ୍ଟ ବୋଲର ବୃନ୍ଦାବନ, ବେଷ୍ଟ ଫିଲ୍ଡର ଅଶ୍ୱିନୀ, ବେଷ୍ଟ ବ୍ୟାଟ୍ସ ମ୍ୟାନ ଓ ଉଇକେଟ କିପର ଆନନ୍ଦକୁ ପୁରସ୍କୃତ କରାଯାଇଥିଲା। ନବାବ ଖାନ ଏବଂ ନସାଦ ମହମ୍ମଦ ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ବିରୋଧ ତାଣ୍ଡି ଏବଂ ନୁଜାର ମହମ୍ମଦ ପ୍ରଦାନ କରିଥିବା ବେଳେ କୁନା ଏବଂ ଇମରାନ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଶାନ୍ତ ନାଏକ, ରୂପେଶ ଦରୁଆନ, ଶ୍ରୀକାନ୍ତ ଗୁରୁ, ଜିତୁ ନାଏକ, ଜ୍ୟୋତି ନାଏକ, ଆଦିତ୍ୟ ଦରୁଆନ, ଅରୁନ ଦରୁଆନ, ଟିଙ୍କୁ ଦରୁଆନ, ସୁଧୀର ଗୁରୁ, ବିକ୍ରମ ନାଏକ, ସୁଶାନ୍ତ ନାଏକ, କଷ୍ଟ ତାଣ୍ଡିଙ୍କ ସହ ଭଗବତୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ସ୍କୁଲ, କଲେଜର ଖରାଛୁଟି ଅଙ୍ଗନୱାଡି ଶିଶୁଙ୍କ ଛୁଟି ହେଉନି

ଭବାନୀପାଟଣା,୨୨।୫(ଡି.ଏନ.ଏ.) ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଚଳିତବର୍ଷ ରାଜ୍ୟ ସରକାର ସମସ୍ତ ସ୍କୁଲ, କଲେଜଗୁଡିକ ଆଗୁଆ ଛୁଟି ଘୋଷଣା କରିଛନ୍ତି। ଫଳରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଖରାଛୁଟି ପାଇବା ସଙ୍ଗେ ଶିକ୍ଷକଶିକ୍ଷୟିତ୍ରୀ ମଧ ଖରାଛୁଟି ପାଉଛନ୍ତି। କିନ୍ତୁ ଏଥିରୁ ବଞ୍ଚିତ ହୋଇଛନ୍ତି ଅଙ୍ଗନୱାଡି କେନ୍ଦ୍ରର କୁନି ପିଲାଙ୍କ ସହିତ ଅଙ୍ଗନୱାଡି କର୍ମୀ । ଏହି କେନ୍ଦ୍ରଗୁଡିକରେ ବର୍ତ୍ତମାନ ସୁଦ୍ଧା ଖରାଛୁଟି ଘୋଷଣା ହୋଇନାହିଁ । ଫଳରେ ଭବାନୀପାଟଣା ବ୍ଲକ ଅଙ୍ଗନୱାଡି କେନ୍ଦ୍ରର ଶହ ଶହ ଶିଶୁ ଏବେ ମଧ ଖରାରେ ସ୍କୁଲ ଆସିବାକୁ ବାଧ ହେଉଛନ୍ତି। ସେହିପରି ପାଚିକାମାନଙ୍କ କାର୍ଯ୍ୟ ଅସହ୍ୟ ଗୁଳୁଗୁଳିରେ ବହୁ ଅଙ୍ଗନୱାଡି କେନ୍ଦ୍ରରେ ଏବେ ମଧ ଚୁଲି ଓ କାଠ ଜାଳରେ ପିଲାଙ୍କା ପାଇଁ ରୋଷେଇ ଚାଲିଛି। ଏ ନେଇ ଭବାନୀପାଟଣା ସିଡିପିଓ ଏମ. ସୁଧାରାଣୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଗତ ଦୁଇ ଦିନ ତଳେ ଏ ନେଇ ଜିଲା ଏବଂ ରାଜ୍ୟ ଶିଶୁ ମଙ୍ଗଳ ଅଧିକାରୀଙ୍କ ସମେତ ଭିଡିଓ କନ୍‌ଫେରେନ୍ସ ଜରିଆରେ ଆଲୋଚନା ହୋଇଥିଲା। ତେବେ ନିର୍ଦ୍ଦିଷ୍ଟ ଭାବେ କୌଣସି ତାରିଖ ଘୋଷଣା ହୋଇ ନ ଥିଲେ ମଧ କେବଳ ଗୀଷ୍ମ ପ୍ରବାହ ପାଇଁ ୧୫ ଦିନ ଅଙ୍ଗନୱାଡି କେନ୍ଦ୍ର ଛୁଟି କରିବାରୁ ସରକାର ଚିଠି କରିଥିବା ସୁଧାରାଣୀ କହିଛନ୍ତି। ଭବାନୀପାଟଣା ସମେତ ସମଗ୍ର କଳାହାଣ୍ଡି ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଧବାର ପାରଦ ୪୩.୫ ଡିଗ୍ରୀରେ ପହଞ୍ଚି ଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଅଙ୍ଗନୱାଡି ବନ୍ଦ କରାଯାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଅସହ୍ୟ ତାରିରୁ ପିଲାଙ୍କ ରକ୍ଷା ପାଇଁ ତୁରନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

### ଇତମା ନୂଆପଡ଼ାରେ ପାନୀୟଜଳ ସଙ୍କଟ

ବଡ଼ଗାଁ, ୨୨।୫ (ଡି.ଏନ.ଏ)-ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ନୂଆପଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଦେଢ଼ଶହ ପରିବାର ରହୁଥିବା ଏହି ପଡାରେ ୫ଟି ନଳକୂଅ ଓ ଗୋଟିଏ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ ବିଭାଗୀୟ କର୍ମଚାରୀଙ୍କ ପରିଚାଳନା ଗତ ତ୍ରୁଟି ଯୋଗୁ ଏହି ସମସ୍ୟା ଉପୁଜିଛି। ଏହି ସମସ୍ୟା ଉପରେ ଗ୍ରାମବାସୀ ପଞ୍ଚାୟତ କର୍ମଚାରୀଙ୍କୁ ଜଣାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବଡଗାଁ ଜଳ ଓ ପରିମଳ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ ହୋଇ ନ ଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ବିଭାଗୀୟ କର୍ମଚାରୀମାନେ ଗ୍ରାମବାସୀଙ୍କ କଥା ଶୁଣୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏହାକୁ ନେଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗାଁରେ ୫ଟି ନଳକୂଅ ଥିଲେ ସୁଦ୍ଧା ପ୍ରତ୍ୟେକରୁ ୫ରୁ ୬ ବାଲଟି ବାହାରିଲା ପରେ ଆଉ ପାଣି ବାହାରୁନାହିଁ। ନଳକୂଅରୁ ସ୍ୱଳ୍ପ ବାହାରୁଥିବା ବେଳେ ୫ ଦିନ ହେଲା ପାନୀୟ ଜଳର ଆବଶ୍ୟକତା ପୂରଣ କରୁଥିବା ପାଇପଜଳ ଯୋଗାଣର ମୋଟର ଖରାପ ଥିବାରୁ ପାନୀୟ ଜଳ ସଂକଟ ଦେଖାଦେଇଛି।

# ନିଷ୍ଠା, ଅଧ୍ୟବସାୟ ସଫଳତାର ଚାବିକାଠି

## ■ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲା ପ୍ରଶାସନ

ନୂଆପଡା ଅଫିସ,୨୨।୫



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦେବା ଅବସରରେ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ ।

- ୭ ଏ ୨ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ
- ଜିଲାରେ ପାସ୍ ହାର ୫୮ ପ୍ରତିଶତ

ଛାତ୍ରୀଛାତ୍ରମାନଙ୍କ ସକାଶେ ମାଟ୍ରିକ ପରୀକ୍ଷା ପ୍ରଥମ ସିଡି । ଏହା ପରେ ପ୍ରତ୍ୟେକ ସିଡିକୁ ସଫଳତାର ସହ ଚଢିବାକୁ ପଡିବ । ଛାତ୍ରୀଛାତ୍ରମାନଙ୍କ ନିଷ୍ଠା ଏବଂ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି । ବୁଧବାର ସ୍ଥାନୀୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ଅବସରରେ ଅତିଥିମାନେ ଏହା କହିଛନ୍ତି ।

ପୂର୍ବାହ୍ନ ୧୦ଟାରେ ଜିଲା ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହିକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦାସ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବର୍ତ୍ତମାନ ଯାହା କୃତୀତ୍ୱ ହାସଲ କରିଛନ୍ତି । ତାକୁ ଆଗାମୀ ଦିନରେ ଦ୍ୱିଗୁଣା କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଜିଲା ଶିକ୍ଷାଧିକାରୀ ଭୋଇ ଛାତ୍ରୀମାନଙ୍କ ସଫଳତା ଜିଲା ପାଇଁ ନିଶ୍ଚିତ ଭାବେ ଗୌରବ ଆଣିଦେଇଛି । ସେମାନଙ୍କ ନିଷ୍ଠା ଏବଂ ଅଧ୍ୟବସାୟ ଆଗାମୀ ଦିନରେ ସଫଳତାର ଶିଖରକୁ ନେଇ ପହଞ୍ଚାଇଦେବ ବୋଲି କହିଥିଲେ। ଏଥିପାଇଁ ଅଭିଭାବକ ଏବଂ ସମ୍ପୃକ୍ତ ବିଦ୍ୟାଳୟ ଶିକ୍ଷକମାନଙ୍କୁ ମଧ୍ୟ ସାଧୁବାଦ ଦେଇଥିଲେ। ଏହି ଅବସରରେ ଜିଲାରେ ସର୍ବାଧିକ ନମ୍ବର ରଖି ଏ ୨ରେ ପାସ ହୋଇଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ମୃତିସ୍ମିତା ମହାନ୍ତି (୫୩୪ ମାର୍କ), ସୁଭଶ୍ରୀ ପଣ୍ଡା (୫୩୩), ଖଡିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଞ୍ଜନ ସାହୁ (୫୧୬), ସାରାବଙ୍ଗ ନୋଡାଲ ହାଇସ୍କୁଲର ଅମିଶା ସାହୁ (୫୧୦), ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖଡିଆଳର ଆସ୍ଥା ଆକାଂକ୍ଷା ଦାସ (୫୦୭), ରୁଦ୍ରପଦ୍ମିନୀ ଉଚ୍ଚବିଦ୍ୟାଳୟ ଚିନ୍ଦାଗୁଡାର ମାନସ ରଞ୍ଜନ ସାହୁ (୪୯୭)ଙ୍କୁ ମାନପତ୍ର ସହ ଫୁଲ ତୋଡା ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ତୋର୍ଗା ହାଇସ୍କୁଲ ପ୍ରଧାନଶିକ୍ଷକ କିଶୋର କୁମାର ପରିଡାଙ୍କ ସହ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ଜିଲାରେ ୨୦୧୯ ବାର୍ଷିକ ପରୀକ୍ଷାରେ ୧୪୫ ହାଇସ୍କୁଲର ୫୦ଟି କେନ୍ଦ୍ରରେ ମୋଟ ୮୭୩୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୨୬୦୫ ଜଣ ଛାତ୍ରୀ ଓ ୨୪୪୯ଛାତ୍ର ମୋଟ ୫୦୫୪ଜଣ ପାସ କରିଛନ୍ତ। ଏଥର ଏ ୱାନରେ କୌଣସି ସଫଳତା ମିଳି ନ ଥିବାବେଳେ ଏ ଟୁରେ ୭ଜଣ, ବି ୱାନରେ ୪୮, ବି ଟୁରେ ୧୯୨ଜଣ, ସି ଗ୍ରେଡରେ ୬୨୮, ଡି ଗ୍ରେଡରେ ୧୬୮୪ଜଣ, ଇ ଗ୍ରେଡରେ ୨୪୯୫ ଏନଂ ଏଫ ଗ୍ରେଡରେ ୩୬୨୮ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ଆଗାମୀ ବର୍ଷରେ ଆହୁରି ପରିଶ୍ରମ କରି ଜିଲା ପାଇଁ ଗୋଟିଏ ପାଦକୁ ଟାଣି ନେବାକୁ ଜିଲା ଶିକ୍ଷାଧିକାରୀ ଭୋଇ ଆହ୍ୱାନ ଦେଇଥିଲେ ।

# କ୍ୟାନ୍‌ସର ପୀଡ଼ିତ ଶିଶୁଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର

ନୂଆପଡା ଅଫିସ/ସିନାପାଲି, ୨୨।୫ (ଡି.ଏନ.ଏ.)



କ୍ୟାନ୍‌ସର ପୀଡ଼ିତ ମଳୟ।

ନୂଆପଡା ଜିଲା ସିନାପାଲି ବ୍ଲକ ଖାରବନ୍ଧ ଗ୍ରାମପଞ୍ଚାୟତ ତିଲେଇମାଲ ଗ୍ରାମର ବୁଧୁରାମ ବାଗଙ୍କ ପୁଅ ମଳୟ (୯) ଆଖି କ୍ୟାନ୍ସରରେ ପୀଡିତ । ତାଙ୍କ ମା'ବାପା ପୁଅର ଚିକିତ୍ସା ଖର୍ଚ୍ଚ ତୁଲାଇପାରୁ ନ ଥିବାରୁ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଏହି ଖବର ଶୁଣି ସିନାପାଲି ଗ୍ରାମବାସୀ ବିଭିନ୍ନ ସଙ୍ଗଠନଠାରୁ ଅର୍ଥ ସଂଗ୍ରହ କରି ଶିଶୁଙ୍କୁ କଟକ ବଡମେଡିକାଲକୁ ଚିକିତ୍ସା ସକାଶେ ପଠାଇଛନ୍ତି । ପ୍ରକାଶ ଯେ, ଆଜକୁ ୭ ମାସ ତଳେ ମଳୟ ଗାଁ ସାଥୀଙ୍କ ସହ ଖେଳୁଥିବା ସମୟରେ ଡାହାଣ ଆଖିରେ ଆଘାତ ଲାଗିଥିଲା । ଠିକ ସମୟରେ ଚିକିତ୍ସିତ ନ ହେବାରୁ ଆଖିର ଅବସ୍ଥା ଖରାପ ହେଲା । ବୁଧୁରାମ ଘରର ସବୁ ଆସବାବ ବିକ୍ରି କରି ପ୍ରଥମେ ବୁର୍ଲା ଏବଂ ପରେ ବିଶାଖାପାଟଣାକୁ ନେଇଥିଲେ । ହେଲେ ଅର୍ଥ ଅଭାବରୁ ଚିକିତ୍ସା ହୋଇପାରିଲା ନାହିଁ । ଡାକ୍ତର ଏହା କ୍ୟାନ୍ସର ହୋଇଥିବା ଜଣାଇଥିଲେ । ସେଠାରୁ ବୁଧୁରାମ ନିରାଶ ହୋଇ ଘରକୁ ଫେରି ଆସିଥିଲେ। ସେହି ଦିନଠାରୁ ସେ ପ୍ରମାଦ ଗଣୁଥିଲେ । ହେଲେ ଠିକ ସମୟରେ ପ୍ରଦେଶ କଂଗ୍ରେସ (ଯୁବ) ସାଧାରଣ ସମ୍ପାଦକ କମଳ ଚରଣ ତାଣ୍ଡି ଏବିଷୟରେ ଜାଣି ତୁରନ୍ତ ପହଞ୍ଚି ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଅନ୍ୟପକ୍ଷେ ସିନାପାଲି ସହରର ସମସ୍ତ ସାମାଜିକ ସଙ୍ଗଠନ, କ୍ଲବ କର୍ମକର୍ତ୍ତା ପାଣ୍ଠି ସଂଗ୍ରହ କରି ମୋଟ ୨୭ ହଜାର ଟଙ୍କାଠୁଳ କରିଥିଲେ। ତେବେ ପ୍ରଥମେ ମଳୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ପାଣ୍ଠି ମିଶାଇ ବୁଧୁରାମ କଟକକୁ ଯାଇଥିବା ଜଣାପଡ଼ିଛି। ତେବେ ଏହି ପରିପ୍ରେକ୍ଷୀରେ ମଳୟଙ୍କ ଆଶୁ ଚିକିତ୍ସା ସକାଶେ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ଆହୁରି ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।





ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ଦିଆଯାଉଛି।

# ଥୁ.ରାମପୁର ବ୍ଲକରେ ଅଙ୍ଗନୱାଡି କର୍ମୀଙ୍କ ତାଲିମ

ଭବାନୀପାଟଣା,୨୨।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଆସିଡିଏସ୍ ସମ୍ମିଳନୀ କକ୍ଷରେ ବୁଧବାର ଅଙ୍ଗନୱାଡି କର୍ମୀମାନଙ୍କ ଏକ ଦିନକିଆ ତାଲିମ ଶିବିର ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଯାଇଛି । ୟୁନିସେଫ ସହାୟତାରେ ସମ୍ପୂର୍ଣ୍ଣବାର୍ତ୍ତା ପ୍ରକଳ୍ପ ଅଧୀନରେ ଆୟୋଜିତ ଏହି ତାଲିମରେ ବ୍ଲକର ଅଡ୍ରି, ଗୋପୀନାଥପୁର, ମାଲିଗାଁ, ଡୁମେରପଦର, ତଳଝାପି ଓ ଥୁଆମୂଳ ରାମପୁର ପଞ୍ଚାୟତ ଆଦି ୬ଟି ପଞ୍ଚାୟତର ୫୦ ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି । ଶିଶୁ ଓ ମାତୃ ମୃତ୍ୟୁହାର କମାଇବା, ଶିଶୁ, ଗର୍ଭବତୀ ମା', ପ୍ରସୂତି ମା'ମାନଙ୍କ ଯତ୍ନ ଦିଗରେ ସଫଳ ଯୋଗାଯୋଗ ସମ୍ବନ୍ଧରେ ତାଲିମ ଦିଆଯାଇଛି । ଠିକ ଯୋଗାଯୋଗ ଦ୍ୱାରା ସମାଜରେ ଥିବା ଭୁଲ ଅଭ୍ୟାସଗୁଡିକୁ ଦୂର କରିପାରିଲେ ପୁଷ୍ଟିହୀନତା ଦୂର କରିହେବା ସହିତ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଓ ସମାଜରେ ଥିବା କୁସଂସ୍କାର ଗୁଡିକୁ ଦୂର କରିବା ସମ୍ଭବ ବିଷୟକୁ ଏହି ତାଲିମରେ ଗୁରୁତ୍ୱ ଦିଆଯାଇଛି । ଏଥିରେ ଥୁ.ରାମପୁର ସିଡିପିଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ତ୍ୟୋଦୟର ସଞ୍ଜୀବ ଶତପଥି, ବୀଣାକାର ନାଏକ, ରବିନାରାୟଣ ସିଂହ, ଅମରସିଂ ମାଝି ଏବଂ ରାଜକିଶୋର ଦଣ୍ଡସେନା ଓ ଆଇସିଡିଏସ୍ ସୁପରଭାଇଜର ତାଲିମଦାତା ଭାବେ ତାଲିମ ପ୍ରଦାନ କରିଛନ୍ତି। କ୍ରମାନ୍ୱୟରେ ଥୁଆମୂଳ ରାମପୁର ବ୍ଲକର ସମସ୍ତ ୧୮୭ ଜଣ ଅଙ୍ଗନୱାଡି କର୍ମୀଙ୍କୁ ଅନ୍ତ୍ୟୋଦୟ ପକ୍ଷରୁ ତାଲିମ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ଅଧକ୍ଷ ଦିଲୀପ କୁମାର ଦାସ ପ୍ରକାଶ କରିଛନ୍ତି ।

### ବ୍ୟବଚ୍ଛେଦ ନ ହୋଇ ଦୀର୍ଘ ସମୟ ପଡ଼ିରହିଲା ମୃତଦେହ

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ସୋମବାର ରାତିରେ ପଡୋଶୀ ଛତିଶଗଡ ଦେଭୋଗର ଜଣେ ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁର ଦୀର୍ଘ ସମୟ ପରେ ମଧ ଶବ ବ୍ୟବଚ୍ଛେଦ ନ ହୋଇ ଶବଗୃହରେ ପଡି ରହିବା ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରାକାଶ ପାଇଛି। ସୂଚନା ମୁତାବକ, ଛତିଶଗଡର ଦେଭୋଗ ଗ୍ରାମର ବାଳମତି ମାଝି (୨୪) ପୋଡି ହୋଇ ଗୁରୁତର ଅବସ୍ଥାରେ ସୋମବାର ସନ୍ଧ୍ୟାରେ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦେଭୋଗ ଗ୍ରାମର ଏହି ଘଟଣା ହୋଇଥିବା ଯୋଗୁ ଦେଭୋଗ ପୋଲିସ ନ ଆସିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହୋଇପାରିବ ନାହିଁ ବୋଲି ପରିବାରବର୍ଗ ଜାଣିବା ପରେ ଅଡୁଆରେ ପଡିଥିଲେ। ଦୀର୍ଘ ସମୟ ଧରି ଶବକୁ ଡାକ୍ତରଖାନା ଶବ ଗୃହରେ ରଖାଯାଇଛି। ପୋଲିସ ପହଞ୍ଚି ନ ଥିବା ଯୋଗୁ ବ୍ୟବଚ୍ଛେଦ ହୋଇ ପାରୁନାହିଁ। ପରିବାରବର୍ଗ ଶବ ଗୃହ ସମ୍ମୁଖରେ ଶବ ବ୍ୟବଚ୍ଛେଦ ପାଇଁ ଅଖିଆ ଅପିଆ ପଡି ରହିଛନ୍ତି। ଏହି ଘଟଣା ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ଭବାନୀପାଟଣା ଟାଉନ ଥାନା ଆଇଆଇସିଙ୍କୁ ପଚାରିବାରୁ ଦେଭୋଗ ପୋଲିସ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କହିଛନ୍ତି। ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଏଭଳି ଘଟଣା ନୂଆ ନୁହେଁ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ଡାକ୍ତରଖାନା ଓ ପୋଲିସର ଭୂମିକା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।



ଦର୍ଲିପଡା ପ୍ରାଥମିକ ଚିକିତ୍ସାଳୟ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ଦର୍ଲିପଡ଼ା ପ୍ରାଥମିକ ଚିକିତ୍ସାଳୟ

# ଡାକ୍ତରଙ୍କ ଅବହେଳା ପ୍ରତିବାଦରେ ଧାରଣା

ନୂଆପଡ଼ା ଅଫିସ,୨୨।୫

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର ସହ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ହେଲେ ଠିକ ସମୟରେ କାର୍ଯ୍ୟକୁ ଆସ ନ ଥିବାରୁ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି ବୁଧବାର ସ୍ଥାନୀୟ ଲୋକେ ଠୁଳ ହୋଇ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ । ସ୍ଥାନୀୟ ଗ୍ରାମବାସୀ ତୁଳାରାମ ସୋନି, ତୁଳାରାମ ମାଝି, କୋକିଲ ମାଝିଙ୍କ ନେତୃତ୍ୱରେ ଶତାଧିକ ଲୋକ ହସ୍ପିଟାଲ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ । ଅଭିଯୋଗ କରିଛନ୍ତି ଯେ, ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଏଠିକାର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସରକାର ଏହି ହସ୍ପିଟାଲ ଅବସ୍ଥାପିତ କରିଛନ୍ତି । ହେଲେ ଡାକ୍ତର କି ଅନ୍ୟାନ୍ୟ କର୍ମଚାରୀ ଠିକ ଭାବରେ ଡ୍ୟୁଟିରେ ଆସୁ ନ ଥିବାରୁ ଲୋକେ ସ୍ୱାସ୍ଥ୍ୟ ସେବା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେ ଲେ ଆଗାମୀ ଦିନରେ ପଞ୍ଚାୟତବ୍ୟାପି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଦୀର୍ଘ ଦୁଇ ଘଣ୍ଟା ଧରି ଧାରଣା ଦେବା ପରେ ଏହାକୁ ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି । ଏହା ଉପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ରାଜସ୍ୱ କାର୍ଯ୍ୟାଳୟକୁ ପାଇପଜଳ ସଂଯୋଗ ଦାବି

ବଡ଼ଗାଁ, ୨୨।୫ (ଡି.ଏନ.ଏ)

ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଲୋକଙ୍କ ସମସ୍ୟା, ଆପତ୍ତି ଅଭିଯୋଗ ଶୁଣୁନାହାନ୍ତି। ମନମୁଖି କାର୍ଯ୍ୟ କରିଚାଲିଥିଲେ ମଧ ସରକାର ଅଂକୁଶ ଲଗାଇ ପାରୁନାହାନ୍ତି। ଏଭଳି ଅଭିଯୋଗ ଜନସାଧାରଣରେ ଶୁଣାଯାଉଥିଲା ବେଳେ ସରକାରୀ କର୍ମଚାରୀମାନେ ମଧ ଜଳସଙ୍କଟରେ ପଡି ବାରମ୍ବାର ଜଣାଇ ନିରାଶ ହେଉଛନ୍ତି। ଏମାନେ ସିଧାସଳଖ ସରକାର ଓ କର୍ମଚାରୀଙ୍କୁ ଦୋଷାରୋପ କରୁ ନ ଥିଲେ ମଧ ଅସନ୍ତୋଷ ଥିବା ଜଣାପଡିଛି। ସୁନ୍ଦରଗଡ ଜିଲା ବଡଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପାଇପ ଜଳଯୋଗାଣ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି କରି ଜଣାଇଥିଲେ ମଧ ମାସେ ହେଲା ସଂଯୋଗ ଦିଆଯାଇ ପାରିନାହିଁ। ଏହା ଉପରେ ରାଜସ୍ୱ ନିରୀକ୍ଷକ (ଆରଆଇ) ବବିତା ନାଏକ ଜିଲାପାଳଙ୍କୁ ଚିଠି ମାଧମରେ ଜଣାଇଥିବା କହିଛନ୍ତି।

# ଜଣେ ଡାକ୍ତରରେ ଚାଲିଛି ରୋଗୀ ସେବା

ଭବାନୀପାଟଣା,୨୨।୫ (ଡି.ଏନ.ଏ.)



ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

**ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ଟେକ୍ନିସିଆନ ଅଭାବ
- ପରୀକ୍ଷାଗାରରେ ବିଭିନ୍ନ ଯନ୍ତ୍ରାଂଶ ଖତ ଖାଉଛି
- ଆବଶ୍ୟକ ଷ୍ଟାଫ ନର୍ସ, କର୍ମଚାରୀ ଅଭାବ

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଭବାନୀପାଟଣା ସଦର ବ୍ଲକରେ ଥିବା ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏହା ସମସ୍ୟା ଘେରରେ ଗତି କରୁଛି। ଆବଶ୍ୟକ ଭିତ୍ତିଭୂମିର ଅଭାବ, ପାନୀୟ ଜଳ ସମସ୍ୟା, ଡାକ୍ତର ଓ କର୍ମଚାରୀ ତଥା ବିଦ୍ୟୁତ ସମସ୍ୟା ଯୋଗୁ ଲୋକେ ସେବା ପାଇପାରୁ ନାହାନ୍ତି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୬୪ରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସଦର ବ୍ଲକର ୧୬ଟି ପଞ୍ଚାୟତ ଓ ଗୋଲାମୁଣ୍ଡା ବ୍ଲକର ୩ଟି ପଞ୍ଚାୟତ ଜନସାଧାରଣ ନିର୍ଭର କରିଥାନ୍ତି। ତେବେ ଏଠାରେ ଜଣେ ମେଡିକାଲ ଅଫିସର ଇନଚାର୍ଜ ସହିତ ୬ ଜଣ ଡାକ୍ତର ରହିବା କଥା । କିନ୍ତୁ ଏଠାରେ ଦୀର୍ଘଦିନ ହେଲା ଜଣେ ଡାକ୍ତରରେ ରୋଗୀ ସେବା ଚାଲିଛି। ଏଠାରେ ନିଯୁକ୍ତ ପାଇଥିବା ସ୍ତ୍ରୀ ଓ ପ୍ରସୂତୀ ରୋଗୀ ବିଶେଷଜ୍ଞଙ୍କୁ ଜୁନାଗଡ ଡାକ୍ତରଖାନାକୁ ଡେପୁଟେସଶନ କରାଯାଇଥିବା ବେଳେ ଦାନ୍ତ ରୋଗ ବିଶେଷଜ୍ଞ ଡା. ସ୍ୱପ୍ନାଶ୍ରୀ ବେହେରାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଅନ୍ୟତ୍ର ବଦଳି କରାଯାଇଛି। ପୁଣି ଏଠାରେ କାର୍ଯ୍ୟରତ ଅନ୍ୟ ୨ ଜଣ ଡାକ୍ତରଙ୍କୁ ଗୋଟିଏ ମାସରେ ଅନ୍ୟତ୍ର ଡେପୁଟେଶନରେ ପଠାଇ ଦିଆଯାଇଛି। ଫଳରେ ରୋଗୀ ସେବା ବ୍ୟାହତ ହୋଇଛି। ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ଡାକ୍ତର ଓ କର୍ମଚାରୀ ରହିବା ପାଇଁ ଘରର ଅଭାବ ଯୋଗୁ ଗୋଟିଏ କୋଠରିରେ ୪ ଜଣ ଷ୍ଟାଫ ନର୍ସ ରହୁଛନ୍ତି। ବିଶେଷ କରି ପାନୀୟ ଜଳ ସମସ୍ୟା ଉଭୟ ରୋଗୀ ଓ କର୍ମଚାରୀଙ୍କ ପାଇଁ ଚିନ୍ତା ବିଷୟ ହୋଇଛି। ଏହାଛଡା ମେଡିକାଲ ପରିସରରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ସାଙ୍ଗକୁ ଲୋଭୋଲ୍ଟେଜ ସମସ୍ୟା ଯୋଗୁ କୁଲର କିମ୍ବା ଫ୍ୟାନ ଠିକ ଭାବେ ଚାଲି ପାରୁ ନ ଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ଏପରିକି ସିଏଚସି ପରିସରରେ ଏକ ଟ୍ରାନ୍ସଫର୍ମର ବସାଯାଇଥିଲେ ମଧ ଆଜି ଯାଏଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଡାକ୍ତରଖାନାରେ ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ଏଠାରେ ଟେକ୍ନିସିଆନ ଅଭାବ ଯୋଗୁ ପରୀକ୍ଷା ଗାରରେ ବିଭିନ୍ନ ଯନ୍ତ୍ରାଂଶ ଖତ ଖାଉଛି। ଆବଶ୍ୟକ ଷ୍ଟାଫ ନର୍ସ ଓ କର୍ମଚାରୀ ଅଭାବ ରୋଗୀଙ୍କୁ ସେବା ଯୋଗାଇବାରେ ଅନ୍ତରାୟ ସୃଷ୍ଟି କରୁଛି। ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କାଳବୈଶାଖୀରେ କଦଳୀଚାଷ ନଷ୍ଟ

ନୂଆପଡା ଅଫିସ,୨୨।୫

ନୂଆପଡା ଜିଲା କୋମନା ବ୍ଲକ ସିଆଲଟି ଗାଁରେ କାଳବୈଶାଖୀ ଯୋଗୁ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ କାଳବୈଶାଖୀ ମାଡି ଆସିଥିଲା । ଏଥିରେ ଗାଁର କଦଳୀ ଚାଷୀ ଦୁର୍ଯ୍ୟୋଧନ ସାହୁଙ୍କ ଦୁଇ ହଜାରରୁ ଊର୍ଦ୍ଧ୍ୱ କଦଳୀ ଗଛ ଭାଙ୍ଗି ପଡିଥିଲା । ଏହିଭଳି ବହୁ ଚାଷୀଙ୍କ ଅନ୍ୟାନ୍ୟ ଫସଲ, ପନିପରିବା ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ଏ ବିଷୟରେ କୋମନା ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ପରେ ରାଜସ୍ୱ ବିଭାଗ କର୍ମଚାରୀ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ତେବେ ତୁରନ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।



କାଳବୈଶାଖୀ ଯୋଗୁ ନଷ୍ଟ ହୋଇଥିବା କଦଳୀ ବାଡ଼ିରେ ଚାଷୀମାନେ।



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍ବର୍ଟ ସାଇମନ୍ସ



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ବିକାଶ କର୍ମଶାଳା ଉଦ୍‌ଯାପିତ

**ଲୋଇସିଂହା,୨୨।୫(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଏଡିପି ୱାଲ୍ଡଭିଜନ ପକ୍ଷରୁ ବିଭିନ୍ନସ୍ଥାନରେ ଚାଲିଥିବା ଜୀବନ ପରିବର୍ତ୍ତନଶୀଳ ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ପଞ୍ଚାୟତର ଛାତ୍ରୀଛାତ୍ରମାନଙ୍କୁ ପରିବେଶ, ଶିଶୁ ସୁରକ୍ଷା, ଜୀବନୀ ଓ ଆଦର୍ଶ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଗୋପାଳପୁର ଏବଂ କେଉଁଟିପାଲି କର୍ମଶାଳାର ଉଦ୍‌ଯାପନୀ ଦିବସରେ ସଂସ୍ଥାର ପ୍ରବନ୍ଧକ ଅମିନ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସିଡିପିଓ ପ୍ରଜ୍ଞା ବାରିକ, ପୂର୍ବତନ ସରପଞ୍ଚ ବିଜୁଳି ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଆୟୋଜକ ସ୍କୁଲର ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସି.ସାମ ଇସମାଲ, ସିଡିଏଫ୍ ଚିତ୍ତରଞ୍ଜନ ସୁନା, ଅଶୋକ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବୁର୍ଡା ପ୍ରାଥମିକ କୃଷି ସମବାୟ ବୋର୍ଡ ବୈଠକ ବନ୍ଦ

**ଲୋଇସିଂହା,୨୨।୫(ଡି.ଏନ୍.ଏ):** ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ବୁଧବାର ବୋର୍ଡ ବୈଠକ ବନ୍ଦ ହୋଇଯାଇଛି। ବୋର୍ଡ ସଭାପତିଙ୍କ ସହ କେତେଜଣ ନିର୍ଦ୍ଦେଶକଙ୍କ ଅନୁପସ୍ଥିତି ଯୋଗୁ ବୈଠକ ହୋଇପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ପ୍ୟାକ୍ସରେ ଧାନ କିଣା ସହ ଋଣ ପ୍ରଦାନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ହେଲେ ସମସ୍ୟାକୁ ଏଡାଇବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଭିଯୋଗ ମୁତାବକ, ୨୦୧୭-୧୮ ଖରିଫ ଧାନ କିଣା ଗତ ଜାନୁୟାରୀ ମାସରେ ଶେଷ ହୋଇଛି। ଧାନ କିଣା ପରେ ଆୟବ୍ୟୟ ସଂକ୍ରାନ୍ତରେ ବୋର୍ଡକୁ ସମିତି ଜଣାଇବାର ଆବଶ୍ୟକତା ରହିଛି। ଇତି ମଧ୍ୟରେ ଧାନ କିଣା ୫ ମାସ ବିତି ଯାଇଛି। ହେଲେ ସମିତି ପକ୍ଷରୁ ଆୟବ୍ୟୟର ହିସାବ ନ ଦେଇ ବୋର୍ଡ ନିର୍ଦ୍ଦେଶକଙ୍କୁ ଅନ୍ଧାରରେ ରଖାଯାଇଛି। ଫଳରେ ଏହା ଏକ ମନମୁଖୀ କାର୍ଯ୍ୟ ବୋଲି ଅଭିଯୋଗ ହେଉଛି। ୨୦୧୯-୨୦ ଖରିଫ ଋଣ ନେବା ନେଇ ଚଳିତ ମାସ ୩ ତାରିଖରେ ବୋର୍ଡ ବୈଠକ ନେଇ ନୋଟିସ କରାଯାଇଥିଲା। ହେଲେ କୋରମ ଅଭାବରୁ ବୋର୍ଡ ବୈଠକ ହୋଇପାରି ନ ଥିଲା। ୨୩ ତାରିଖରେ ପରବର୍ତ୍ତି ବୈଠକ ବସିବା ନେଇ ଉପସ୍ଥିତ ନିର୍ଦ୍ଦେଶକଙ୍କୁ କୁହାଯାଇ ନୋଟିସ ଖାତାରେ ସ୍ୱାକ୍ଷର ନିଆଯାଇଥିଲା। ବୁଧବାର ବୋର୍ଡ ବୈଠକ ଥିବାରୁ କେତେଜଣ ନିର୍ଦ୍ଦେଶକ ନିର୍ଦ୍ଧାରିତ ସମୟରେ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ମଧ ବୋର୍ଡ ସଭାପତିଙ୍କ ସହ ଅନ୍ୟ କେତେଜଣ ନିର୍ଦ୍ଦେଶକ ଆସି ନ ଥିଲେ। ଫଳରେ କୋରମ ଅଭାବରୁ ବୋର୍ଡ ବୈଠକ ବାତିଲ କରାଗଲା ବୋଲି ସୂଚନା ଦିଆଯାଇଥିଲା। ଗତ ୧୭ ତାରିଖରେ ଏଆର୍‌ସିଏସ୍ ଅଭିଯୋଗର ତଦନ୍ତ ପାଇଁ ଆସିଥିଲେ। ବୋର୍ଡ ବୈଠକ ନ ହୋଇ ଚାଷୀଙ୍କ ଖରିଫ ଋଣ ପ୍ରଦାନ ସଂକ୍ରାନ୍ତରେ ବୋର୍ଡର ସଦସ୍ୟମାନେ ଆପତ୍ତି ଉଠାଇଥିଲେ। ଏନେଇ ଦାୟିତ୍ୱରେ ଥିବା ସମ୍ପାଦକ ସୁଦାମ ଚରଣ ସାହୁଙ୍କୁ ପଚାରିବାରୁ ସଭାପତି ଏକ ବାହାଘର ଉତ୍ସବରେ ଯୋଗାଦେବାକୁ ଯାଇଛନ୍ତି। ଫଳରେ ସେ ବୈଠକରେ ଅନୁପସ୍ଥିତ ଥିଲେ। ଏପରି କି କେତେଜଣ ନିର୍ଦ୍ଦେଶକ ନ ଆସିବାରୁ ବୈଠକ ବାତିଲ କରାଗଲା ବୋଲି କହିଛନ୍ତି।





ବଲାଙ୍ଗୀର ଏସ୍‌ପି କେ. ଶିବ୍ର ସୁବ୍ରମଣି ସରକାରୀ ଶିଳ୍ପତାଲିମ କେନ୍ଦ୍ରରେ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରୁଛନ୍ତି (ବାମ)। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ବଲାଙ୍ଗୀର ସରକାରୀ ଆଇଟିଆଇ ଭୋଟଗଣତି କେନ୍ଦ୍ରରେ ନିୟୋଜିତ ସୁରକ୍ଷାବଳ।

# ଆଜି ଭୋଟ ଗଣତି: ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

- ସକାଳ ୮ଟାରୁ ହେବ ଭୋଟ ଗଣନା
- ଏସ୍‌ପି, ଜିଲାପାଳ, ଉପଜିଲାପାଳ କଲେ ତଦାରଖ
- ଲୋଇସିଂହା ୩୩ ରାଉଣ୍ଡ, ବଲାଙ୍ଗୀର ୩୦ ରାଉଣ୍ଡ
- ଟିଟିଲାଗଡ଼ ୨୮ ରାଉଣ୍ଡ, କଣ୍ଟାବାଞ୍ଜି ୪୮ ରାଉଣ୍ଡ
- ପାଟଣାଗଡ଼ ୪୯ ରାଉଣ୍ଡ

**ବଲାଙ୍ଗୀର ଅଫିସ,୨୨।୫**

ଗୁରୁବାର ସକାଳ ୮ଟାରୁ ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ବଲାଙ୍ଗୀର ଜିଲାର ବଲାଙ୍ଗୀର, ଟିଟିଲାଗଡ଼ ଓ ପାଟଣାଗଡ଼ ଭୋଟଗଣତି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି। ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନିର୍ବାଚନ ଫଳାଫଳ ଘୋଷଣାକୁ ଆଖି ଆଗରେ ରଖି ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଫୋର୍ସ ବ୍ୟବସ୍ଥା କରାଯାଇଥିବା ଏସ୍‌ପି କହିଛନ୍ତି। ସୁଚାରୁରୂପେ ଭୋଟ ଗଣତି କରାଯିବା ସହ ଫଳାଫଳ ଘୋଷଣା ପରବର୍ତ୍ତୀ ପରିସ୍ଥିତି ପାଇଁ ପୋଲିସବାହିନୀ ସଜାଗ ରହିଛି। ବଲାଙ୍ଗୀର ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଥିବା ଭୋଟ ଗଣତି କେନ୍ଦ୍ର ସୁରକ୍ଷା ବ୍ୟବସ୍ଥାର ବୁଧବାର ଅପରାହ୍ନରେ ଏସ୍‌ପି ସୁବ୍ରମଣି ଯାଞ୍ଚ କରିଥିଲେ।

ବଲାଙ୍ଗୀର ଶିଳ୍ପ ତାଲିମ କେନ୍ଦ୍ରଠାରେ ହୋଇଥିବା ଭୋଟଗଣତି କେନ୍ଦ୍ରରେ ଲୋଇସିଂହା ଓ ବଲାଙ୍ଗୀର ବିଧାନସଭା ଆସନର ଭୋଟଗଣତି ହେବ। ଏଠାରେ ଦୁଇଟି ସ୍ୱତନ୍ତ୍ର ଭୋଟ ଗଣତି କେନ୍ଦ୍ର କରାଯାଇଛି। ପ୍ରଥମରେ ଲୋଇସିଂହା ନିର୍ବାଚନମଣ୍ଡଳୀର ୨୯୪ ବୁଥ୍ ପାଇଁ ଉଭୟ ବିଧାନସଭା ଓ ଲୋକ ସଭା ପାଇଁ ୧୮ଟି ଟେବୁଲରେ ଭୋଟ ଗଣତି ହେବ। ଏଠାରେ ସମୁଦାୟ ୩୩ ରାଉଣ୍ଡ ଭୋଟ ଗଣତି କରାଯିବ। ସେହିପରି ବଲାଙ୍ଗୀର ନିର୍ବାଚନମଣ୍ଡଳୀର ୨୬୬ ବୁଥ୍ ପାଇଁ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ୧୮ଟି ଟେବୁଲରେ ୩୦ ରାଉଣ୍ଡ ଭୋଟ ଗଣତି କରାଯିବ ବୋଲି ଉପଜିଲାପାଳ ଭୈରବ ସିଂ ପଟେଲ ସୂଚନା ଦେଇଛନ୍ତି। ଟିଟିଲାଗଡ଼ ଡିଏଭି କଲେଜରେ ଥିବା ଭୋଟଗଣତି କେନ୍ଦ୍ରରେ ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନର ଭୋଟଗଣତି ହେବ। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ୩୦୯ ବୁଥ୍ ପାଇଁ ଉଭୟ ଲୋକ ସଭା ଓ ବିଧାନସଭା ସକାଶେ ୨୨ଟି ଟେବୁଲରେ ୨୮ ରାଉଣ୍ଡ ଭୋଟ୍‌ଗଣତି ହେବ। ସେହିପରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ୩୩୪ଟି ବୁଥ୍ ପାଇଁ ଉଭୟ ବିଧାନସଭା ଓ ଲୋକସଭା ସକାଶେ ୧୪ଟି ଟେବୁଲରେ ୪୮ ରାଉଣ୍ଡ ଭୋଟଗଣତି କରାଯିବ। ପାଟଣାଗଡ ଜବାହାରଲାଲ କଲେଜ ଠାରେ ଥିବା ଭୋଟଗଣତି କେନ୍ଦ୍ରରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ସକାଶେ ୩୪୨ ବୁଥ୍ ପାଇଁ ଉଭୟ ଲୋକ ସଭା ଓ ବିଧାନସଭା ସକାଶେ ୪୯ ରାଉଣ୍ଡ ଭୋଟଗଣତି ହେବ ବୋଲି ସୂଚନା ଦିଆଯାଇଛି। ଭୋଟଗଣତି କେନ୍ଦ୍ରରେ ନିୟୋଜିତ ସମସ୍ତ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ଉପସ୍ଥିତ ରହିବେ।

## ଆମ୍ବଚାଷୀଙ୍କୁ ନେଇ ମେ ୨୭ରୁ ସ୍ୱତନ୍ତ୍ର ମେଳା

**ସମ୍ବଲପୁର,୨୨।୫(ବ୍ୟୁରୋ)**

ସମ୍ବଲପୁର ଜିଲାର ଆମ୍ବଚାଷୀଙ୍କୁ ନେଇ ମେ ୨୭ ତାରିଖଠାରୁ ଏକ ସ୍ୱତନ୍ତ୍ର ଆମ୍ବ ମେଳା ଆରମ୍ଭ ହେବ। ଜିଲା ଉଦ୍ୟାନ କୃଷି ବିଭାଗ, ଓର୍‌ମାସ ପକ୍ଷରୁ ଏହା ଆୟୋଜିତ ହେବ। ଭୀମ ଭୋଇ କଲ୍ୟାଣ ମଣ୍ଡପରେ ୧୫ ଦିନ ଧରି ଏହି ମେଳା ଚାଲିବ। ଏଥିରେ ଜିଲାର ବିଭିନ୍ନ ଆମ୍ବ ଚାଷୀ ନିଜର ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଉଚିତ ଦରରେ ବିକ୍ରି କରିପାରିବେ। ବଜାର ସୁବିଧା ନ ହେବାରୁ ସେମାନେ ବାଧ୍ୟ ହୋଇ ବେପାରୀଙ୍କୁ କମ୍ ଦରରେ ଆମ୍ବ ବିକ୍ରି କରୁଛନ୍ତି। ଅନ୍ୟପଟେ ବଜାରରୁ ମଧ ଖାଉଟି ଅଧିକ ଦରରେ ଆମ୍ବ କିଣୁଛନ୍ତି। ତେଣୁ ଏହି ମେଳା ଫଳରେ ଚାଷୀ ଓ ଖାଉଟି ଉଭୟ ଲାଭବାନ ହେବେ। ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଏହି ମେଳା ହେବ। ଚାଷୀମାନେ କମିଟି ବୈଠକ କରି ଆମ୍ବ କିସମର କେତେ ଦର ରହିବ ନିର୍ଦ୍ଧାରଣ କରିବେ। ଚାହିଦା ବଢିଲେ ମେଳା ଅଧିକ ଦିନ ହୋଇପାରେ ବୋଲି ଜିଲା ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର କହିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ପ୍ରାୟ ୬ ହଜାର ୫୬୦ ହେକ୍ଟର ଜମିରେ ଆମ୍ବ ଚାଷ କରାଯାଇଛି। ଏବେ ପ୍ରାୟ ୪ ହଜାର ହେକ୍ଟର ଜମିରେ ହୋଇଥିବା ଆମ୍ବ ଚାଷ ଉତ୍ପାଦନ ହେଉଛି। ବଜାର ଦର ଏବେ ପ୍ରାୟ ୫୦ରୁ ୬୦ ଟଙ୍କା କିଲୋ ରହିଛି। ହେଲେ ମେଳାରେ ଭଲ କିସମର ଆମ୍ବ ୨୦ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୪୦ ଟଙ୍କା ପର୍ଯ୍ୟନ୍ତ ରହିବ।

## ଦୁର୍ଦ୍ଦିନରେ ବାଉଁଶ କାରିଗର

**ଚିକ୍ରାପଡା,୨୨।୫(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ ଲାଫେର ଗ୍ରାମର ୨୫ ପରିବାର ଦୀର୍ଘ ବର୍ଷ ହେଲା ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ବର୍ତ୍ତମାନ ଜଙ୍ଗଲରେ ବାଉଁଶ ମିଳୁ ନ ଥିବାରୁ ସେମାନଙ୍କ ଚଳଣି ଏକ ପ୍ରକାର ଦୁର୍ବିଷହ ହୋଇପଡିଛି। ଅନ୍ୟପକ୍ଷେ ସେମାନେ ବାହାରୁ ବହୁ କଷ୍ଟରେ ବାଉଁଶ କିଣି ଲୋକଙ୍କ ଚାହିଦା ମୁତାବକ କୁଲା, ଭୁଗା, ଟୁପା, ହାତପଙ୍ଖା, ଝୁଡି, ଖେଳଣା ଆଦି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ହେଲେ ଅଞ୍ଚଳରେ ଉପଯୁକ୍ତ ବଜାର ସୁବିଧା ନ ଥିବାରୁ ବାଉଁଶ ତିଆରି ସାମଗ୍ରୀ ବିକ୍ରି ନ ହୋଇ ପଡିରହୁଛି। ଏପରି କି ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀ ବଜାରକୁ ଆସୁଥିବାରୁ ବାଉଁଶ ନିର୍ମିତ ଜିନିଷ ପ୍ରତି ଲୋକଙ୍କ ଆଗ୍ରହ ଆଗ ଭଳି ଆଉ ଦେଖିବାକୁ ମିଳୁନାହିଁ। ବିବାହ, ବ୍ରତ ବ୍ୟତିତ ଅନ୍ୟ ସମୟରେ ବାଉଁଶ ସାମଗ୍ରୀର ଚାହିଦା କମ୍ ରହୁଛି। ଫଳରେ ଏହି ଗରିବ ପରିବାରର ଲୋକେ ହାତ ବାନ୍ଧି ଦୁର୍ଦ୍ଦିନରେ ରହୁଛନ୍ତି। ଏପରି କି ସେମାନଙ୍କୁ ସରକାରୀ ସହଯୋଗ ସହ ଉନ୍ନତ ତାଲିମ ପ୍ରଦାନ କରାଗଲେ ବାଉଁଶ କାରୀଗର ଆଗକୁ ବଢିବା ସହ ହସ୍ତ ଶିଳ୍ପକୁ ବଞ୍ଚାଇ ରଖିବା ସହଜ ସାଧ୍ୟ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



କୋଲ୍ ସମ୍ପ୍ରଦାୟର ଏକ ପରିବାର ବାଉଁଶରେ ସାମଗ୍ରୀ ନିର୍ମାଣରେ ବ୍ୟସ୍ତ।

## ଫେଲ୍ ମାରିଲା ପରିବାର ନିୟୋଜନ ଅସ୍ତ୍ରୋପଚାର

**ସମ୍ବଲପୁର, ୨୨।୫ (ବ୍ୟୁରୋ)**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିବାର ନିୟୋଜନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମହିଳା ଓ ପୁରୁଷମାନଙ୍କୁ ସଚେତନ କରିବା ସହ ମାଗଣାରେ ଗର୍ଭନିରୋଧକ ବଟିକା ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। ଏପରିକି ପୁରୁଷ ବନ୍ଧ୍ୟାକରଣ ଓ ମହିଳାମାନଙ୍କୁ ଅସ୍ତ୍ରୋପଚାର କରାଯାଉଛି। ହେଲେ ଏହା ଫେଲ୍ ମାରୁଛି। ଅସ୍ତ୍ରୋପଚାର କରିଥିବା ଜଣେ ମହିଳା ପୁଣି ଗର୍ଭବତୀ ହୋଇଛନ୍ତି। ଏହାକୁ ନେଇ ସେ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୁମୁରା ବ୍ଲକ ନୂଆଁବରଙ୍ଗାମାଲ ପଞ୍ଚାୟତ ଗୋବର୍ଦ୍ଧନ ବଡମାଲ ଗ୍ରାମର ସୁବାଷ ସୁନାଙ୍କ ସ୍ତ୍ରୀ ଦୀପାଞ୍ଜଳି ଗର୍ଭବତୀ ଥିବା ଡାକ୍ତର କହିଛନ୍ତି। ପଡିଆବାହାଲ ଡାକ୍ତରଖାନାରେ ଗତ ଡିସେମ୍ବର ୩ରେ ସେ ପରିବାର ନିୟୋଜନ ଅସ୍ତ୍ରାପଚାର କରାଇଥିଲେ। କିଛି ଦିନ ହେବ ସେ ସନ୍ଦେହ କରି ପୁଣି ଡାକ୍ତରଖାନାରେ ପରୀକ୍ଷା କରିଥିଲେ। ହେଲେ ସେ ୪ମାସର ଗର୍ଭବତୀ ଥିବା ଡାକ୍ତର କହିଥିଲେ। ଏହାକୁ ନେଇ ଚିନ୍ତାରେ ପଡି ଯାଇଥିଲେ। ଗରିବ ପରିବାର ହୋଇଥିବାରୁ ଏବେ ସନ୍ତାନର ଲାଳନପାଳନ କରିବାର କଷ୍ଟକର। ଡାକ୍ତରଙ୍କ ଭୁଲ୍ ଯୋଗୁ ଏବେ ପୁଣି ସେ ଗର୍ଭବତୀ ହୋଇଛନ୍ତି। ତେଣୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି।



ପୁରୀ ଜିଲାର ଫନୀ ପୀଡିତ ଧାଉଡିଆ ଆଦିବାସୀ କଲୋନୀରେ ବଲାଙ୍ଗୀରର ସ୍ୱେଚ୍ଛାସେବୀମାନେ ରନ୍ଧା ଖାଦ୍ୟ ବଣ୍ଟନ କରୁଛନ୍ତି।

## ରନ୍ଧାଖାଦ୍ୟ ବାଣ୍ଟୁଛନ୍ତି ବିଙ୍ଗ ହ୍ୟୁମାନ୍ ସଙ୍ଗଠନ ସ୍ୱେଚ୍ଛାସେବୀ

**ବଲାଙ୍ଗୀର ଅଫିସ, ୨୨।୫**

ସାମୁଦ୍ରିକ୍ ଝଡ ଫନୀ ପ୍ରଭାବରେ ଉପକୂଳ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷ କରି ପୁରୀ ଜିଲାରେ ପ୍ରଭୁତ କ୍ଷୟକ୍ଷତି ହୋଇଛି। ଫନୀ ଝଡ ପରବର୍ତ୍ତୀ ଜୀବନ ଦୁର୍ବିସହ ହୋଇପଡିଛି। ଏଭଳି ସମୟରେ ବଲାଙ୍ଗୀର ଜିଲାର ସ୍ୱେଚ୍ଛାସେବୀମାନେ ଦୀର୍ଘ ୯ ଦିନ ହେଲା ଫନୀ ପ୍ରଭାବିତ ଗାଁଗୁଡିକରେ ସହଯୋଗର ହାତ ବଢ଼ାଇ ଲୋକଙ୍କୁ ଖାଦ୍ୟ, ପାନୀୟ ଯୋଗାଣ ଆସୁଛନ୍ତି। ବଲାଙ୍ଗୀରର ବିଶିଷ୍ଟ ସମାଜିକ କର୍ମୀ ତଥା ଶ୍ରମିକନେତା ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ୨୦ ଜଣିଆ ଘରୋଇ ବିଦ୍ୟୁତ୍ ଟିମ୍ ଓ ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ସ୍ୱେଚ୍ଛାସେବୀମାନେ ପୁରୀ ଜିଲା ସଦର ବ୍ଲକ୍‌ର ବିଭିନ୍ନ ଗାଁରେ ସହଯୋଗର ହାତ ବଢ଼ାଇଛନ୍ତି। ବଲାଙ୍ଗୀର ଜିଲାରୁ ନେଇଥିବା ଚାଉଳ, ଡାଲି, ପନିପରିବା, ଚୁଡା ବଣ୍ଟନ କରିବା ସହ ଅନେକ ସ୍ଥାନରେ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ବଣ୍ଟନ କରାଯାଉଛି। ଧାଉଡିଆ ଆଦିବାସୀ କଲୋନୀ, ମଧୁବନବାଲିଆ, ତଡାସ ଅଞ୍ଚଳ ଫନୀ ପୀଡିତଙ୍କୁ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଦେଉଛନ୍ତି। ଏହା ସହ ହରେକୃଷ୍ଣପୁର, ବୋଇଦାସନଗର, ଲିଆଖିଆ, ହେଙ୍ଗରା, ବାଙ୍ଗରା, ମାଳତିପାଟପୁର, ମୋହିନୀପୁର ଅଞ୍ଚଳରେ ପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି। ଏହି କାର୍ଯ୍ୟରେ ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ବିବେକାନନ୍ଦ ପଟେଲ, ବ୍ରଜଗୋପାଳ ସିଂ, ସନାତନ ଓ ଅନ୍ୟମାନେ ରହିଛନ୍ତି। ଘରୋଇ ବିଦ୍ୟୁତ୍ ଟିମ୍ ଏହି ଅଞ୍ଚଳରେ ନଷ୍ଟ ହୋଇଥିବା ବିଜୁଳି ମରାମତି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗତ ୧୫ ତାରିଖରୁ ଏହି ଟିମ୍ ସଦସ୍ୟମାନେ ସେବା କାର୍ଯ୍ୟ ଜାରି ରଖିଛନ୍ତି। ସମାଜସେବୀ ନାୟକ ଏବଂ ତାଙ୍କ ଦୁଇ ଟିମ୍ ସଦସ୍ୟଙ୍କ ଏଭଳି ସ୍ୱେଚ୍ଛାକୃତ ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ଆଜି ଭୋଟ ଗଣତି

## ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ଟିଟିଲାଗଡ଼,୨୨।୫(ଡି.ଏନ.ଏ.)**

ଟିଟିଲାଗଡ ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହେବ। ଏନେଇ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୋଟ ଗଣନା କେନ୍ଦ୍ର ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏପରି କି ଭୋଟ ଗ୍ରହଣ କେନ୍ଦ୍ର ସମ୍ମୁଖ ୫୯ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳକୁ ବନ୍ଦ କରାଯାଇଛି। ସହରକୁ ପ୍ରବେଶ କିମ୍ବା ବାହାରିବା ପାଇଁ ଯାନବାହାନ ବାଇପାସ୍ ରାସ୍ତାରେ ଚଳାଚଳ କରିବ। ଟିଟିଲାଗଡ଼ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁଧାକର ନାୟକ ଡିଏଭି କଲେଜ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଟିଟିଲାଗଡ ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ ହଲରେ ୧୧ଟି ଟେବୁଲରେ ୨୮ ରାଉଣ୍ଡ ଏବଂ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ପାଇଁ ଅନ୍ୟ ଏକ ହଲରେ ୭ଟି ଟେବୁଲରେ ୪୮ ରାଉଣ୍ଡ ଭୋଟ ଗଣତି ହେବ। ୨ଟି ନିର୍ବାଚନମଣ୍ଡଳୀର ଭୋଟ ଗଣନା ନେଇ ୧୫୦ଜଣ କର୍ମଚାରୀ କେନ୍ଦ୍ରରେ ନିୟୋଜିତ ରହିବେ। ଭୋଟ ଗଣନା କେନ୍ଦ୍ରକୁ ମୋବାଇଲ, ହାତଘଣ୍ଟା ସହ କୌଣସି ଇଲେକ୍ଟ୍ରୋନିକ ସାମଗ୍ରୀ ନେଇ ପାରିବେ ନାହିଁ। ସମସ୍ତ ଇଭିଏମ୍‌ରେ ଭୋଟ ଗଣନା ପରେ ଲଟେରି ଦ୍ୱାରା ଚୟନ ହୋଇଥିବା ୫ଟି ବୁଥର ଭିଭିପିଏଟି ଗଣନା କରାଯିବ। ଯେଉଁ ବୁଥରେ ଭୋଟ ଗ୍ରହଣ ପରେ କୌଣସି କାରଣ ବଶତଃ ଇଭିଏମ କ୍ଲୋଜ ହୋଇନି ତାହାର ମଧ ଭିଭିପିଏଟି ଗଣନା କରାଯାଇ ଇଭିଏମ୍ ସହ ମେଳ କରାଯିବ। ବୈଠକରେ ଏସ୍‌ଡିପିଆର୍‌ଓ ମନୋଜ ବେହେରା, ଟିଟିଲାଗଡ଼ ତହସିଲଦାର ସ୍ୱଦୀପ ଟପୋ, ବିଡିଓ ମୋତିଲାଲ ସୁଲିଆ, ସଇଁନ୍ତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ମୁରିବାହାଲ ବିଡିଓ ସିପକ ପାତ୍ର, କଣ୍ଟାବାଞ୍ଜି ତହସିଲଦାର ଅଶୋକ ମାଝି, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ରଥ, ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣୀ ସୁନାନୀ, ସିଆର୍‌ପିଏଫ ସବ୍‌ଇନ୍ସପେକ୍ଟର କେ.ସି. ରାୟ ଦୁଇ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ହିଜବୁଲ ରେହମାନ, ଖେମରାଜ ଅଗ୍ରୱାଲ, ସତ୍ୟନାରାୟଣ ବହିଦାର, ପ୍ରାର୍ଥୀଙ୍କ ପ୍ରତିନିଧି ଭବାନୀ ପ୍ରସାଦ ହୋତା, ଅରୁଣ ମିଶ୍ର, ପ୍ରଭାସ ବହିଦାର, ରାଜୁ ମିଶ୍ର, ଆଲୋକ ନାୟକ, କିଶୋର ସାହୁ, ପ୍ରବୀଣ ସାହୁ, ମୋହନଲାଲ ଜୈନ, ଜୟନ୍ତ ପଣ୍ଡା, ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀରେ କ୍ଷୟକ୍ଷତି ଅଭିଯୋଗ

- ଘର ଭାଙ୍ଗି ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ
- ଉପୁଡିପଡିଲା ଗଛ, ବିଦ୍ୟୁତ୍ ସରବରାହ ବ୍ୟାହତ
- ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି

**ଲାଠୋର,୨୨।୫ (ଡି.ଏନ.ଏ)**

କାଳବୈଶାଖୀ ପ୍ରଭାବରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧୀନ ମହୁଲପାଟି ପଞ୍ଚାୟତ ଅନ୍ତର୍ଗତ ଗଇନ୍ଦିମାଲ ଗ୍ରାମରେ ମଙ୍ଗଳବାର ରାତିରେ ଜୋରରେ ପବନ ବହିବା ସହ ବର୍ଷା ହୋଇ କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ଏପରି କି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବଡବଡ ଗଛ ଭାଙ୍ଗି ପଡିଛି। ଫଳରେ ଲାଠୋର କଣ୍ଟାବାଞ୍ଜି ମୁଖ୍ୟରାସ୍ତାରେ ଗାଡି ଚଳାଚଳ ବନ୍ଦ ହୋଇଛି। ଏପରି କି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଅନ୍ୟପକ୍ଷେ ଗ୍ରାମର ବିଧବା ମହିଳା ସୟା ବରିହାଙ୍କ ଘର ଉପରେ ଏକ ଗଛ ଉପୁଡିପଡିବାରୁ ଘରଟି ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୟାଙ୍କ ପରିବାର କହିଲେ ଝିଅ ବିମଳା, ୨ ପୁଅ କୁର୍ତ୍ତି ଏବଂ ମଧୁ। ବୋହୂ ରମାବତୀ, ନାତୁଣି ଫୁଲେଶ୍ୱରୀ, ବେବି, ପୂଜା, ନାତି ପାର୍ଥଙ୍କୁ ନେଇ ତାଙ୍କ ପରିବାର। ସେମାନେ ଗରିବ ଶ୍ରେଣୀର ହୋଇଥିବା ବେଳେ ପର ଘରେ ମୁଲ ଲାଗି ଚଳନ୍ତି। ବହୁ କଷ୍ଟରେ ଘର ଡିହ କିଣି ଏକ ଖପର ଘର କରି ରହୁଥିଲେ। ହେଲେ ମଙ୍ଗଳବାର ରାତିରେ କାଳବୈଶାଖୀରେ ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଫଳରେ ସେମାନେ କେଉଁଠି ରହିବେ ଏବଂ ଘର ଖଣ୍ଡିଏ କିପରି କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଖବର ପାଇ ମହୁଲପାଟି ସରପଞ୍ଚ ମିତା ସାହୁ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଖାଦ୍ୟ, ପାନୀୟଜଳର ବ୍ୟବସ୍ଥା କରିଥିଲେ।

ସେହିପରି କାଳବୈଶାଖୀରେ ଗ୍ରାମର ଯଦୁମଣି ନାଏକଙ୍କ ଗ୍ରୋସେରି ଦୋକାନ ଏବଂ ଗୁହାଳର ଆଜବେଷ୍ଟସ ଉଡିଯାଇଛି। ଏପରି କି ବର୍ଷା ପାଣିରେ ଗ୍ରାସେରୀ ସାମଗ୍ରୀ, ୮୦ ବସ୍ତା ସିମେଣ୍ଟ ସହ ଏକ ଲାପ୍‌ଟପ୍ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଗ୍ରାମର ରଘୁନାଥ ନାଏକ ଏବଂ ଗୁର ବାଗଙ୍କ ମଧ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ଏନେଇ କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝିଙ୍କୁ ପଚାରିବାରୁ ଘଟଣାର ଖବର ପାଇ ତୁରେକେଲା ରାଜସ୍ୱ ନିରୀକ୍ଷକଙ୍କୁ ଗାଁକୁ ପଠାଇ ତଦନ୍ତ କରାଯାଉଛି। କ୍ଷୟକ୍ଷତିର ରିପୋର୍ଟ ଆସିବା ପରେ ସରକାରୀଙ୍କ ନିୟମ ଅନୁଯାୟୀ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



କାଳବୈଶାଖୀରେ ସୟା ବରିହାଙ୍କ ଘର ଭାଙ୍ଗି ଯାଇଛି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଓଲଟିଲା ତେଲ ଟ୍ୟାଙ୍କର, ଡ୍ରାଇଭର ମୃତ

ଭବାନୀପାଟଣା,୨୨।୫(ଡି.ଏନ.ଏ.) କଳାହାଣ୍ଡି ଜିଲା ମ.ରାମପୁର ଥାନା ଅନ୍ତର୍ଗତ ୫୯ ନଂ. ଜାତୀୟ ରାଜପଥ କେନ୍ଦୁଘାଟିଠାରେ ମଙ୍ଗଳବାର ଭୋରେ ଏକ ତେଲ ଟ୍ୟାଙ୍କର ଓଲଟି ପଡିଛି। ଫଳରେ ଡ୍ରାଇଭର ନାଇଡୁ ଧର୍ମୀ ରେଡ୍ଡି (୪୫)ଙ୍କ ମୃତ୍ୟୁ ଘଟିଛି। ରେଡ୍ଡିଙ୍କ ଘର ବିଶାଖାପାଟଣାର ଅଚୁଥପୁରମ୍ ବୋଲି ଜଣାଯାଇଛି। ଅନ୍ୟପକ୍ଷେ ହେଲପର କେ. ସୁବ୍ରମଣ୍ୟମ୍ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ମ.ରାମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରେ ଚାପି ହୋଇ ରହି ଯାଇଥିବା ଡ୍ରାଇଭରଙ୍କ ଶବ ଜେସିବି ଯୋଗେ ଉଦ୍ଧାର କରାଯାଇଥିଲା। ଏହି ତେଲ ଟ୍ୟାଙ୍କର (ନଂ. ଏପି ୩୧ ଟିଏଫ୍ ୫୯୨୭) ବିଶାଖାପାଟଣାରୁ ରାଉରକେଲା ଅଭିମୁଖେ ଯାଉଥିଲା। କେନ୍ଦୁଘାଟିର ବୁଲାଣିଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ପୋଲ ତଳକୁ ଖସି ପଡିଥିଲା। ହେଲପରଙ୍କୁ ଉଦ୍ଧାର କରାଯାଇ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମ.ରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ମିଲର୍ସମାନେ ସହଯୋଗ ନ କଲେ କାର୍ଯ୍ୟାନୁଷ୍ଠାନ

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

ଜିଲା ପ୍ରଶାସନର ବାରମ୍ବାର ଅନୁରୋଧକୁ ଅଣଦେଖା କରି ପ୍ରତିବର୍ଷ ପରି ଏବର୍ଷ ରବି ଧାନ ସଂଗ୍ରହରେ କଳାହାଣ୍ଡି ଜିଲାର ମିଲର୍ସମାନେ ଅସହଯୋଗ କରିବାରୁ ବର୍ତ୍ତମାନ ସୁଦ୍ଧା ଧାନମଣ୍ଡି ଖୋଲା ଯାଇନାହିଁ। ଏଥିଯୋଗୁ ଚାଷୀମାନେ ବାଧ ହୋଇ ଦଲାଲମାନଙ୍କ ଶିକାର ହେଉଛନ୍ତି। ଜିଲାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା ଧାନ କ୍ରୟ କମିଟି ଉପସ୍ଥିତ ସଦସ୍ୟମାନଙ୍କ ନିଷ୍ପତ୍ତି ଅନୁଯାୟୀ ତୁରନ୍ତ ଜିଲା ପ୍ରଶାସନ ଯୁଦ୍ଧକାଳିନ ଭିତ୍ତିରେ ଜିଲା ବାହାରୁ ମିଲର୍ସମାନଙ୍କୁ ଆଣି ଧାନ ଉଠାଣ କାର୍ଯ୍ୟରେ ନିୟୋଜିତ କରିବେ। ବୈଠକରେ ସର୍ବସମ୍ମତିକ୍ରମେ ଯେଉଁ ମିଲର୍ସମାନେ ରବି ଧାନ ଉଠାଣରେ ଭାଗ ନେବେ ନାହିଁ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହିତ ଯଦି ସେମାନେ ଚଳିତ ରବିରେ ଋତୁରେ ଧାନ ନ ଉଠାନ୍ତି ତାହା ହେଲେ ତାଙ୍କୁ ଆସନ୍ତା ଖରିଫ୍ ଓ ରବିରେ ଧାନ ଉଠାଣ କାର୍ଯ୍ୟରୁ ଅବ୍ୟାହତ ଦିଆଯିବା

### ରବି ଧାନ ସଂଗ୍ରହ ନେଇ ପଦକ୍ଷେପ



ଖଳାରେ ଧାନବସ୍ତା ପଡ଼ିରହିଛି ।

### ପ୍ରଶାସନର ତାଗିଦ୍

ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା କହିଛନ୍ତି। କଳାହାଣ୍ଡି ଜିଲାରେ ଚଳିତ ରବି ଋତୁରେ ୨୦ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୭ ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଦେଇଛି। ଜିଲାରେ ରବି ଋତୁରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଅମଳ ହେବ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ମେ ପ୍ରଥମ ସପ୍ତାହରୁ ଧାନ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ଜିଲା ଧାନ କ୍ରୟ ପ୍ରସ୍ତୁତି ବୈଠକରେ ଏହା ମେ ୧୫ ତାରିଖରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଜିଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ୧୫ରୁ ଧାନ କ୍ରୟ ପାଇଁ ମଣ୍ଡି ଖୋଲିବା କଥା। କିନ୍ତୁ ମିଲର୍ସମାନଙ୍କ ଅସହଯୋଗ ଯୋଗୁ ଧାନ ଉଠାଣରେ ଜାଣିଶୁଣି ବିଳମ୍ବ ହେଉଥିବା ନେଇ ଚାଷୀ ଧାନ ବିକ୍ରି କରି ନ ପାରି ବାଧ ହୋଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଜିଲାର ୮୩ଟି ମଣ୍ଡିରେ ୫୧ଟି ପ୍ୟାକ୍ସ ଧାନ କ୍ରୟ କରିବା ପାଇଁ ପ୍ରସ୍ତୁତି ପାଇଁ ଚୂଡାନ୍ତ କରାଯାଇଛି । ରବିଋତୁ ଧାନ ଉଠାଣ ପାଇଁ ଜିଲାର ୫୯ ଜଣ ମିଲର୍ସମାନେ ଏଗ୍ରିମେଣ୍ଟ କରିଥିଲେ। ପୂର୍ବ ବର୍ଷ ପରି ଚଳିତ ରବି ଧାନ ସଂଗ୍ରହ ପାଇଁ ମିଲର୍ସମାନେ ସେମାନଙ୍କ ୧୧ ଦଫା ଦାବିକୁ ନେଇ ଧାନ ସଂଗ୍ରହ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରି ଜିଲା ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଆସିଥିଲେ। ଜିଲା ପ୍ରଶାସନର ବାରମ୍ବାର ଅନୁରୋଧ ଓ ମିଲର୍ସଙ୍କ ୧୧ ଦଫା ଦାବି ମଧ୍ୟରୁ କ୍ରମିକ ନମ୍ବର ୮ ଓ ୯ ଦାବିକୁ ଛାଡି ବାକି ୯ଟି ଦାବିରେ ମିଲର୍ସ ଆସୋସିଏଶନ୍ ଜିଲା ପ୍ରଶାସନ ସହ ବୁଝାମଣା କରିଥିଲା । ୨ଟି ଦାବିରେ ଅସହମତି ପ୍ରକାଶ କରିଥିଲେ। ଗତ ଖରିଫ ଋତୁରେ ମଣ୍ଡିରୁ ସଂଗୃହିତ ଧାନ ମିଲ ଗୋଦାମରେ ରକ୍ଷାବେକ୍ଷଣ ବାବଦକୁ କୁଇଣ୍ଟାଲ ପିଛା ୨ ଟଙ୍କା ୪୦ ପଇସା ଓ ଅଷ୍ଟମ ଚାଉଳ ହେଣ୍ଡିଲିଂ ଚାର୍ଜ ବାବଦକୁ କୁଇଣ୍ଟାଲ ପିଛା ୬ ଟଙ୍କା ଦେବାକୁ ମିଲର୍ସମାନେ ଦାବି କରିଥିଲେ। ରାଜ୍ୟ ଯୋଗଣ ବିଭାଗ ଏଥିରେ ସହମତ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ପୁର୍ନବାର ୧୬।୫.।୨୦୧୯, ୧୭।୫।୨୦୧୯ ଏବଂ ୧୮।୫।୨୦୧୯ ତାରିଖରେ ମିଲର୍ସ ଆସୋସିଏଶନ୍ ଜିଲା ପ୍ରଶାସନ ସହ ବୈଠକ ହୋଇଥିଲେ ମଧ୍ୟ କୌଣସି ସମାଧାନର ପନ୍ଥା ବାହାରି ପାରିନାହିଁ। କମିଟି ସଦସ୍ୟଙ୍କ ଦାବି ଅନୁଯାୟୀ ଯେଉଁ ମିଲର୍ସମାନେ ଚଳନ୍ତି ରବି ଧାନ ଉଠାଣରେ ଭାଗ ନେବେ ନାହିଁ ବାଧ ହୋଇ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚଳିତ ରବି ଓ ଆସନ୍ତା ଖରିଫ୍ ଏପରି ଦୁଇଟି ସିଜନ୍‌ରେ ଧାନ ଉଠାଣ କାର୍ଯ୍ୟରୁ ସେମାନଙ୍କୁ ଅବ୍ୟାହତ ଦିଆଯିବା ସହିତ ଜିଲାରେ ଥିବା ଅନ୍ୟ ମିଲର୍ସ ଓ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ଜିଲା ବାହାରୁ ବିଶେଷ କରି ନୂଆପଡା, ବଲାଙ୍ଗୀର ଓ ବରଗଡ ଆଦି ଜିଲାରେ ମିଲର୍ସମାନଙ୍କୁ ଡକାଯାୟୀ ଖୁବ୍‌ଶୀଘ୍ର ଧାନ କ୍ରୟ ଓ ଉଠାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି।



### ମାଓବାଦୀ ଭୟରେ ସିଆର୍‌ପିଏଫ୍ କ୍ୟାମ୍ପ ସମ୍ମୁଖରେ ଜେସିବି, ଟ୍ରାକ୍ଟର ରହୁଛି

ମୋହନଗିରି,୨୨।୫ (ଡି.ଏନ.ଏ.)

କଳାହଣ୍ଡି ଜିଲା ଉର୍ଲ୍ଲାଦାନୀ ପଞ୍ଚାୟତ ନୁଆଁମୁଣ୍ଡାଠାରେ ଗତ ୧୫ ତାରିଖରେ ମାଓବାଦୀମାନେ ଠିକା ସଂସ୍ଥାକୁ ବିରୋଧ କରି ଜେସିବି, ଟ୍ରାକ୍ଟର, ମିକ୍ସର ମେଶିନ ପୋଡି ଦେଇଥିଲେ। ଫଳରେ ମୋହନଗିରିସ୍ଥିତ ବାଲିଭଟା ଆଶ୍ରମର ନୂତନ କୋଠା ନିର୍ମାଣକାରୀ ଠିକା ସଂସ୍ଥା ଓ ମୋହନଗିରରୁ ଜାମୁଲି ଦେଇ ଲୁବେନେଗଡକୁ ସଂଯୋଗ ପାଇଁ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିୟୋଜିତ ଠିକା ସଂସ୍ଥା ମଧରେ ଛନକା ପଶିଯାଇଛି। ସେମାନେ ସନ୍ଧ୍ୟା ହେଲେ ଜେସିବି, ଟ୍ରକ୍ଟର ଆଦି ସମସ୍ତ ଯନ୍ତ୍ରପାତି ଆଣି ମୋହନଗିରିଠାରେ ଥିବା ସିଆପିଏଫ କ୍ୟାମ୍ପ ନିକଟରେ ରଖୁଥିବା ଦେଖିବାକୁ ମିଳୁଛି। ସୁରକ୍ଷା ଦୃଷ୍ଟିରୁ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଠିକାଦାରମାନେ ସମସ୍ତ ଗାଡି ଓ ଯନ୍ତ୍ରପାତି ସିଆପିଏଫ କ୍ୟାମ୍ପ ସାମନାରେ ଆଣି ରଖୁଛନ୍ତି ବୋଲି ମୋହନଗିରି ପୋଲିସ କହିଛି ।

### ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଭବାନୀପାଟଣା/ଜୟପାଟଣା, ୨୨।୫ (ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଢାବା ସମ୍ମୁଖରେ ବୁଧବାର ୧୧ଟାରେ ଏକ ପିକଅପ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ୍ ଆରୋହୀ ହେଲେ ଜୟପାଟଣା ଗାନ୍ଧୀଗ୍ରାମପଡ଼ାର ନିଳାଞ୍ଚଳ ନାଏକ (୨୫) ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁ ଖବର ଶୁଣି ପରିବାରବର୍ଗ ଓ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦିନ ୧୨ଟାରୁ ୨ଟା ଯାଏଁ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ୨ ଘଣ୍ଟା ଧରି ଜୟପାଟଣା ଓ ମୋଟେର ମଧ୍ୟରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଜୟପାଟଣା ଆଇଆଇସି ସୁଶାନ୍ତ କୁମାର ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ପିକଅପ୍ ଗାଡି ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୟପାଟଣା ଗାନ୍ଧୀଗ୍ରାମପଡ଼ାର ନିଳାଞ୍ଚଳ ପୂର୍ବାହ୍ନ ୧୧ଟା ବେଳେ ଗାଧୋଇବା ପାଇଁ ନିଜର ନମ୍ବର ବିହୀନ ବାଇକ୍ ଧରି ଅନ୍ୟଜଣେ ସମ୍ପର୍କୀୟ ଉରକୁଡ଼ଙ୍କ ସହିତ ପିପଲଗୁଡ଼ା ଯୋର ଅଭିମୁଖେ ଗାଧୋଇବା ପାଇଁ ଯାଉଥିଲେ। ଗୀତା ଭବନ ପାଖରେ ଏକ ପିକଅପ (ନଂ.ଓଡି୦୮-୨୫୫୬) ତାଙ୍କୁ ପଛ ପଟେ ଧକ୍କା ଦେଇଥିଲା। ଉଭୟେ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ନିଳାଞ୍ଚଳଙ୍କ ମୃତ୍ୟୁ ହୋଇଥିବା ବେଳେ ଉଡୁକୁଙ୍କୁ ଜୟପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୨୬ ତାରିଖରେ ନିଳାଞ୍ଚଳଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ପରିବାରବର୍ଗ ଏବେ ଶୋକରେ ଭାଙ୍ଗି ପଡ଼ିଛନ୍ତି।



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

### ଟିପ୍ପର ଧକ୍କାରେ ଯୁବକ ମୃତ

ନୂଆପଡା ଅଫିସ/କୋମନା, ୨୨।୫

ନୂଆପଡା ଜିଲା କୋମନା ଥାନା ହରିପୁର ଗାଁ ନିକଟ ଜାତୀୟ ରାଜପଥ ୩୫୩ରେ ଏକ ଟିପ୍ପରକୁ ପଛପଟୁ ଧକ୍କା ଦେଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିବାବେଳେ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା । ପ୍ରାପ୍ତ ସୂଚନା ଅନୁସାରେ ଧରମସାଗର ଗାଁର ରାମ ରଣା (୪୫) ନିଜସ୍ତ୍ରୀ ଚାର ରଣା (୩୫)ଙ୍କ ସହ ଏକ ବାଇକ୍‌ରେ ଖଡିଆଲକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରିବା ବାଟରେ ହରିପୁର ନିକଟରେ ଛିଡା ଥିବା ଏକ ଟିପ୍ପର ଗାଡିକୁ ରାମଙ୍କ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରାମଙ୍କ ମୃତ୍ୟୁ ଘଟିଥିଲା । ଚାରଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ନୂଆପଡାକୁ ଚିକିତ୍ସା ପାଇଁ ପଠାଇଥିଲେ । ତେବେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କୋମନା ଅତିରିକ୍ତ ତହସିଲଦାର ସତ୍ୟ କୁମାର ତାଣ୍ଡି ପହଞ୍ଚି ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣାକାରୀମାନେ ଉଠିଥିଲେ।

# ଛତିଶଗଡ଼ି ତରଭୁଜର ବେପାର

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

କାଳବୈଶାଖୀରେ ତରଭୁଜ ଚାଷ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। କଳାହାଣ୍ଡି ଜିଲାର ପ୍ରାୟ ଶହ ଶହ ତରଭୁଜ ଚାଷୀ ମୁଣ୍ଡରେ ହାତଦେଇ ବସିଥିବା ବେଳେ ଭବାନୀପାଟଣା ବଜାରକୁ ଆସିଛି ଛତିଶଗଡ ତରଭୁଜ। କିନ୍ତୁ ଭବାନୀପାଟଣା ବଜାର ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଫଳରେ ତରଭୁଜର ଦର ଆକାଶଛୁଆଁ ରହିଛି। ପୂର୍ବବର୍ଷ ଅପେକ୍ଷା ଏବେ ଭବାନୀପାଟଣାରେ ତରଭୁଜ ଦୁଇତିନି ଗୁଣ ଦରରେ ବିକ୍ରି ହେଉଛି। ବେପାରୀଙ୍କ କହିବାନୁଯାୟୀ ପୂର୍ବ ବର୍ଷଗୁଡିକରେ ସେମାନେ ତରଭୁଜ କୋଲି ପ୍ରତି ୮ ରୁ ୧୦ ଟଙ୍କାରେ କିଣୁଥିବା ବେଳେ ଏଥର ଛତିଶଗଡରୁ ଆସୁଥିବା ତରଭୁଜକୁ ୨୦ ରୁ ୨୨ ଟଙ୍କାରେ କିଣୁଛନ୍ତି। ଓଡିଶାର ଉପକୂଳବର୍ତ୍ତୀ ଜିଲାରେ ଖରାଦିନେ ତରଭୁଜ ଚାଷ ହୋଇଥାଏ। ଚଳିତବର୍ଷ ମଧ୍ୟ ପ୍ରଚୁର ପରିମାଣର ଚାଷ କରାଯାଇଥିଲା। ଚାଷୀ ଶହ ଶହ ଏକର ଜମିରେ ତରଭଭୁଜ ଚାଷ କରିଥିବା ବେଳେ ବାତ୍ୟା ଯୋଗୁ ସେଗୁଡିକ ଉଜୁଡିଯାଇଛି। କେତେକ ଚାଷ ଜମିରେ



ଜଣେ ବ୍ୟବସାୟୀ ତରଭୁଜ ବିକ୍ରି କରିବାକୁ ଗ୍ରାହକଙ୍କ ଅପେକ୍ଷାରେ ରହିଛନ୍ତି ।

ଅମଳ ହେବାକୁ ଥିବା ତରଭୁଜ ଶେଷ ସମୟରେ ନଷ୍ଟ ହୋଇଯାଇଥିବାରୁ ଜିଲାରେ ଏବେ ତରଭୁଜ ଅଭାବ ପରିଲକ୍ଷିତ ହୋଇଛି। ଖରାଦିନ ଆସିଲେ ଭବାନୀପାଟଣାରେ ପ୍ରତିବର୍ଷ ଶତାଧିକ ଛୋଟବଡ ବେପାରୀ ତରଭୁଜ ଧରି ରାସ୍ତାକଡରେ ବିକ୍ରି କରନ୍ତି। କିନ୍ତୁ ଏଥର ଛକଗୁଡିକରେ କାଁ ଭାଁ ତରଭୁଜ ବିକ୍ରି ହେଉଛି। ଚଳିତବର୍ଷ ଭବାନୀପାଟଣାରେ ମାତ୍ର ୩୦-୪୦ ତରଭୁଜ ଦୋକାନ ଲାଗିଛି। ସେମାନଙ୍କ ପାଖରେ ଆବଶ୍ୟକ ପରିମାଣର ତରଭୁଜ ମଧ୍ୟ ରହୁନାହିଁ। ତେଣୁ ଭବାନୀପାଟଣାବାସୀଙ୍କ ତରଭୁଜ ଚାହିଦା ଚଳିତବର୍ଷ ମେଣ୍ଟିପାରୁ ନାହିଁ। ତରଭୁଜ ଦର କାହିଁକି ଏତେ ଅଧିକ ରହିଛି ବୋଲି ଇନ୍ଦ୍ରଧନୁ ମାର୍କେଟ ଅଞ୍ଚଳର ତରଭୁଜ ବ୍ୟବସାୟୀ ଆକାଶ ଶବରଙ୍କୁ ପଚାରିବାରୁ ଏଥର ଓଡିଶାରୁ ତରଭୁଜ ଆସୁନାହିଁ। ଦଲାଲଙ୍କ ମାଧ୍ୟମରେ ଛତିଶଗଡରୁ ଆଣିବାକୁ ପଡୁଛି। ତାଙ୍କକହିବାନୁଯାୟୀ ପୂର୍ବବର୍ଷ ତରଭୁଜ କିଲୋଗ୍ରାମ ପ୍ରତି ଦର ୧୦ ଟଙ୍କା ଥିବା ବେଳେ ଏହି ବର୍ଷ ୨୫-୩୦ ଟଙ୍କାରେ ବିକ୍ରି ହେଉଛି। ତରଭୁଜର ଏତେ ଅଧିକ ରେଟ୍ ଯୋଗୁ ଭବାନୀପାଟଣାବାସୀ ତରଭୁଜ କିଣିବାରେ ଟିକିଏ ହିଚ୍‌କିଚୋଉଛନ୍ତି।

# ଲୋକ ସଭା, ବିଧାନସଭା ଭୋଟ ଗଣତି ଆଜି

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

ଗୁରୁବାର ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିପାଇଁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି। ୨୯୩ଟି ବୁଥର ଗଣତି ପାଇଁ ୫୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହେବେ। ଜିଲାରେ ପ୍ରଥମ ଥର ପାଇଁ ମାତ୍ର ଗୋଟିଏ କେନ୍ଦ୍ରରେ ଇଭିଏମ ଷ୍ଟ୍ରଙ୍ଗରୁମ ହେବା ସହିତ ଗଣତି ହେବ । ଭବାନୀପାଟଣା ସହର ନିକଟସ୍ଥ ବାନ୍ଦୋପଲା ସରକାରୀ ଯାନ୍ତ୍ରିକ କଲେଜରେ ଏଥି ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜିଲାର ୫ଟି ବିଧାନସଭା ନିର୍ବାଚନ ଓ ଲୋକ ସଭା ପାଇଁ ୫ଟି ଆଲଗା କୋଠରିରେ ଗଣତି ପାଇଁ ବନ୍ଦୋବସ୍ତ ହୋଇଛି । ପ୍ରତି ଟେବୁଲରେ ଜଣେ ଗଣତି ସୁପରଭାଇଜର, ଜଣେ ଗଣତି ସହାୟକ ଓ ଜଣେ ମାଇକ୍ରୋ ଅବଜରଭରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଟେବୁଲସନ ପାଇଁ ଉଭୟ ୪ ଜଣ କର୍ମଚାରୀ ରହିବେ । ୨୯୩ଟି ବୁଥ ପାଇଁ ପ୍ରାୟ ୪୨ ରାଉଣ୍ଡ ଗଣତି ହେବ । ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀମାନେ ୯ ଜଣ ଗଣତି ଏଜେଣ୍ଟ ପ୍ରଦାନ କରିବେ । ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଗଣତି କୋଠରିରେ ସମୁଦାୟ ୧୮ ଜଣ ଏଜେଣ୍ଟ ରହିବେ । ଲୋକ ସଭା ପାଇଁ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ରିଟର୍ଣ୍ଣିଂ ଅଫିସର ଥିବା ବେଳେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଜୁନାଗଡ ଓ ଧର୍ମଗଡ ନିର୍ବାଚନମଣ୍ଡଳୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଛପୋ ଲାଞ୍ଜିଗଡ, ଭବାନୀପାଟଣା ଓ ନର୍ଲା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଭାବରେ ଦାୟିତ୍ୱ ତୁଲାଇବେ। ଗଣିତ କେନ୍ଦ୍ରକୁ ମୋବାଇଲ ନେବାକୁ ବାରଣ କରାଯାଇଛି । ବର୍ତ୍ତମାନ ଷ୍ଟ୍ରଙ୍ଗରୁମରେ ତିନି ଥାକିଆ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ପାକଳ ଧାନରେ ମାଟିଆଗୁଣ୍ଡି ପୋକ

ଭବାନୀପାଟଣା,୨୨।୫ (ଡି.ଏନ.ଏ.)

ରବି ଧାନ ଅମଳ ଏବେ ଆରମ୍ଭ ହେଇଯାଇଛି। କିନ୍ତୁ ଅମଳ ହେବାକୁ ଥିବା ପାକଳ ଧାନରେ ଏବେ ମାଟିଆଗୁଣ୍ଡି ପୋକର ପ୍ରଭାବ ଦେଖିବାକୁ ମିଳୁଛି। ଫଳରେ ଅମଳ ପ୍ରଭାବିତ ହେବା ଆଶଙ୍କାରେ ଚାଷୀ ରହିଛନ୍ତି। ଦିନକୁ ଦିନ ଗ୍ରୀଷ୍ମ ତାପ ବୃଦ୍ଧି ପାଉଥିବା ବେଳେ ଅସହାୟ ଗୁଳୁଗୁଳି ଯୋଗୁ ମାଟିଆ ଗୁଣ୍ଡି ପୋକର ପ୍ରାର୍ଦୁଭାବ ବୃଦ୍ଧି ପାଉଛି। ଦିନକ ମଧ୍ୟରେ ଚାଷ ନଷ୍ଟ ହୋଇଯାଉଛି। କିଭଳି ପୋକର ନିୟନ୍ତ୍ରଣ କରାଯାଇ ପାରିବ ସେ ନଇ ସେମାନେ ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି କଳାହାଣ୍ଡି ଜିଲା କଲମପୁର ଆଦି ଅଞ୍ଚଳରେ ଥିବା ଚାଷ ଜମିର ପାକଳ ଅବସ୍ଥାକୁ ଆସିଥିବା ଧାନ ଚାଷରେ ମାଟିଆଗୁଣ୍ଡି ପୋକର ପ୍ରାର୍ଦ୍ରଭାବ ଦେଖିବାକୁ ମିଳୁଛି। ଆଗାମୀ ସପ୍ତାହକ ମଧ୍ୟରେ ଏ ସବୁ ପାକଳ ଧାନ ଅମଳ କରିବା ଅବସ୍ଥାକୁ ଆସିଥିଲେ ମଧ୍ୟ ଇନ୍ଦ୍ରାବତୀ ଜଳସେଚନ ବନ୍ଦ କରାଯାଇ ନ ଥିବାରୁ ଅମଳ ସମ୍ଭବ ହେଉନାହିଁ, କିମ୍ବା ଅମଳ ହେବାକୁ ଥିବା ଧାନରେ କୀଟନାଶକ ସିଞ୍ଚନ କରିବା ସମ୍ଭବ ହେଉନାହିଁ। ଅନ୍ୟପଟେ ବାତ୍ୟା ଫନୀର ଭୟରେ ବହୁ ଚାଷୀ ନିଜ ଅମଳ ହେବାକୁ ଥିବା ଧାନ କିଆରିରୁ ପାଣି ନିଷ୍କାସିତ କରି ନ ଥିଲେ। ଏହାର ପ୍ରଭାବ ଶୂନ୍ୟ ହେବା ବେଳକୁ ଗୁଳୁଗୁଳିଆ ପାଗ ପ୍ରଭାବ କାରଣରୁ ମାଟିଆଗୁଣ୍ଡି ପୋକର ପ୍ରଭାବ ହେଖାଦେଇଛି। ଦିନେ ଦୁଇ ଦିନେ ମଧ୍ୟରେ ଜଳସେଚନ ବନ୍ଦ ନ ହେଲେ ବହୁ ଅମଳ ହେବାକୁ ଥିବା ଧାନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

# ନିର୍ମାଣର ୨ ସପ୍ତାହ ନ ପୂରୁଣୁ ପିଚୁ ଉଠିଲା

କର୍ଲାମୁଣ୍ଡା,୨୨।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପିଡବ୍ଲ୍ୟୁଡି ରାସ୍ତା ରିଞ୍ଜା ଛକଠାରୁ ଟକାରୁମାଲ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକର ଉନ୍ନୟନ ପାଇଁ ଜଣେ ଠିକାଦାର ଟେଣ୍ଡର ନେଇଥିଲେ । ସମ୍ପୃକ୍ତ ଠିକାଦାରଙ୍କ ଜରିଆର ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୩ କି.ମି. ୬୦୦ ମିଟର ରାସ୍ତା ଉନ୍ନତିକରଣ ପାଇଁ ରାସ୍ତା ପ୍ରଶସ୍ତିକରଣ ସହ ପିଚୁ କାମ କରାଯାଇଥିଲା। ଦୁଇ ସପ୍ତାହ ନ ପୁରୁଣୁ ରାସ୍ତାରେ ପିଚୁ ଉଠୁଥିବା ଦେଖିବାକୁ ମିଳିଛି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣ ହେଉଥିବା ରାସ୍ତାଗୁଡିକରେ ପିଚୁ ଉଠୁଥିବା ଦେଖିବାକୁ ମିଳୁଛି। ସେହିଭଳି ବ୍ଲକର ଅଧିକାଂଶ ସ୍ଥାନରେ ଏହି ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଠିକାଦାରମାନେ ମାଲେମାଲ ହେଉଥିବା ବେଳେ ନିର୍ମାଣ ହେଉଥିବା ରାସ୍ତାଗୁଡିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ ଫୋନ ଗ୍ରହଣ କରୁ ନ ଥିବାରୁ ତାଙ୍କ ମତାମତ ନିଆଯାଇ ପାରିନାହିଁ। ଅନ୍ୟପଟେ ଉକ୍ତ ରାସ୍ତାର ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ତଦନ୍ତ ଦାବି



କର୍ଲାମୁଣ୍ଡା ପିଡବ୍ଲ୍ୟୁଡି ରାସ୍ତା ରିଞ୍ଜା ଛକଠାରୁ ଟକାରୁମାଲ ରାସ୍ତାର ଦୁଇ ସପ୍ତାହ ତଳେ ନିର୍ମାଣ ହୋଇଥିବା ପିଚୁ ରାସ୍ତା।

# ୧୫ ବର୍ଷ ପରେ ବି ବାଲିଘାଟ ନିଲାମ ହୋଇନି

ଜୁନାଗଡ଼,୨୨।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ତହସିଲ କାର୍ଯ୍ୟାଳୟ ଗତ ୨୦୦୪ରେ ସ୍ଥାପନ ହେବାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଜଣ ତହସିଲଦାର ବଦଳିଲେଣି। ହେଲେ ଦୀର୍ଘ ୧୫ ବର୍ଷ ପରେ ମଧ କୌଣସି ବାଲିଘାଟ ନିଲାମ (ଟେଣ୍ଡର) ହୋଇନାହିଁ। କେବଳ ମନଇଚ୍ଛା ଅସ୍ଥାୟୀ ପରିମିଟ ଦିଆଯାଇ ବାଲି ଉଠାଣ କରାଯାଉଛି। ପକଲିନ ମେଶିନ ଲଗାଇ ବାଲି ଉଠାଣ ବେଆଇନ ହୋଇଥିଲେ ମଧ ରାଜସ୍ୱ କର୍ମଚାରୀଙ୍କ ଅପାରଗତା ଯୋଗୁ ବାଲିମାଫିଆମାନେ ମନଇଚ୍ଛା ଦିନ ଦ୍ୱିପ୍ରହରେ ବାଲି ଚୋରାଚାଳନ କରୁଛନ୍ତି। ଫଳରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ପ୍ରକାଶ ଯେ, ଜୁନାଗଡରେ ଗତ ୨୦୦୪ରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ୨୦୦୪ ନଭେମ୍ବର ୨୬ରେ ପ୍ରଥମ ଅତିରିକ୍ତ ତହସିଲଦାର ଭାବେ ସୁଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ୧୧ଟି ତହସିଲଦାର ବଦଳି ହୋଇଥିଲେ ମଧ ବାଲିଘାଟର ରାଜସ୍ୱ ବୃଦ୍ଧି ଘଟି ନ ଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ୧୫ବର୍ଷ ପରେ ମଧ ଜୁନାଗଡ ତହସିଲ ଅଧୀନରେ ଥିବା ୯ଟି ବାଲିଘାଟ ଲିଜ ପାଇଁ ଟେଣ୍ଡର ହୋଇ ନ ଥିବା ନେଇ ବିଭାଗୀୟ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୬ରେ ବାଲିଘାଟ ଲିଜ ପାଇଁ ଟେଣ୍ଡର ଆହ୍ୱାନ କରାଯିବା ନିମନ୍ତେ ସରକାରଙ୍କୁ ଅବଗତ କରାଯାଇଥିଲା। ପରିବେଶ ସିକୃତି ନ ମିଳିବାରୁ ଏହି ଟେଣ୍ଡର ପ୍ରକ୍ରିୟା ଚୁଡାନ୍ତ ହୋଇପାରୁନାହିଁ। ସେହିଦିନଠାରୁ କେବଳ ସାମୟିକ ଭାବେ ବାଲିଘାଟଗୁଡିକୁ ଅସ୍ଥାୟୀ ଲିଜ ପ୍ରଦାନ କରାଯାଉଛି। ତହସିଲ କର୍ମଚାରୀ ଓ ବାଲିମାଫିଆଙ୍କ ଭିତିରିଆ ସଲାସୁତୁରା ଯୋଗୁ କମ୍ କମ୍ ଲିଜ ଦିଆଯାଇ ପରୋକ୍ଷ ଭାବରେ ଅଧିକ ମାତ୍ରାରେ ବାଲି

### ଜୁନାଗଡ଼ ତହସିଲ

- ୧୧ ତହସିଲଦାର ବଦଳିଲେଣି
- ଅସ୍ଥାୟୀ ପରମିଟରେ ଚାଲିଛି
- ବାଲିମାଫିଆଙ୍କୁ ସୁହାଉଛି

ଉଠାଣ କରୁଥିବା ଅଭିଯୋଗ ହୋଇଛି। ଜୁନାଗଡ ତହସିଲର ହାତୀ ନଦୀ ପାଣିଗାଁ ଘାଟ ଓ ବୁଡିପଦର ଘାଟରୁ ପକଲିନ ଯୋଗେ ଧାର୍ଯ୍ୟ ଲିଜରୁ ମାତ୍ରାଧିକ ପରିମାଣରେ ବାଲି ଉଠାଣ କରି ଜୁନାଗଡ ବ୍ଲକ ସମେତ ଭବାନୀପାଟଣା ବ୍ଲକକୁ ମଧ ଚାଲଣ ହୋଇଥାଏ। ପକଲିନ ମେଶିନ ନ ଲଗାଇବା ପାଇଁ ଅନୁମତି ନ ଥିଲେ ମଧ ବାଲି ମାଫିଆମାନେ କିଭଳି ମେଶିନ ଲଗାଉଛନ୍ତି ସେ ନେଇ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ବେଧଡକ ଭାବରେ ବାଲି ଉଠାଣ ଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିଲେ ମଧ ଜିଲା ପ୍ରଶାସନ ଏ ଦିଗରେ କୋଣସି କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ। କେବଳ ଲୋକ ଦେଖାଣିଆ ଭାବେ ବିଭିନ୍ନ ସମୟରେ ଚଢାଉ କରି କିଛି ଟଙ୍କା ରାଜସ୍ୱ ଆଦାୟ କରାଯାଇଥାଏ। ଏହି ବାଲିଘାଟଗୁଡିକ ଉପରେ ଉଚ୍ଚ କର୍ତ୍ତୃପକ୍ଷ ସରଜମିନ ତଦନ୍ତ କଲେ ସତ୍ୟ ସାମନାକୁ ଆସନ୍ତା ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ୯ଟି ବାଲିଘାଟର ଲିଜ ପାଇଁ ସୁପାରିଶ କରାଯାଇଛି। ଖୁବଶୀଘ୍ର ବେଆଇନ ବାଲି ଉଠାଣ କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୩ ମେ,୨୦୧୯



“ ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ



### ଅସହାୟଙ୍କ ମୃତଦେହ ସତ୍କାର

**ବାରକୋଟ,୨୨।୫(ଡି.ଏନ୍.ଏ.)** ଦେବଗଡ଼ ଜିଲା ବାରକୋଟ ବ୍ଲକ ରଞ୍ଜ ଗ୍ରାମର ଜଣେ ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରିଛନ୍ତି ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ତାଙ୍କ ସହଯୋଗୀ। ଗ୍ରାମର ବିରଞ୍ଚି ପାତ୍ର (୭୦)ଙ୍କୁ ତାଙ୍କ ଜାତି ସମାଜରୁ କୌଣସି କାରଣରୁ ବାସନ୍ଦ କରାଯାଇଥିଲା। ବୁଧବାର ତାଙ୍କର ମୃତ୍ୟୁ ହୋଇଥିବାବେଳେ କେହି ସତ୍କାର କରିବାକୁ ଆଗେଇ ଆସି ନ ଥିଲେ। ଫଳରେ ମୃତଦେହ ପ୍ରାୟ ୫ ଘଣ୍ଟା ପଡ଼ି ରହିଥିଲା। ଖବର ପାଇ ରୋମାଞ୍ଚ ଓ ତାଙ୍କ ସହଯୋଗୀମାନେ ଗ୍ରାମରେ ପହଞ୍ଚି ମୃତଦେହ ସତ୍କାର କରିଥିଲେ। ସୂଚନାଯୋଗ୍ୟ, ରୋମାଞ୍ଚ ଓ ତାଙ୍କ ସହଯୋଗୀମାନେ ମଙ୍ଗଳବାର ମଧ ବାସୁପାଲି ଗ୍ରାମର ଜଣେ ଅସହାୟ ବ୍ୟକ୍ତିଙ୍କ ମୃତଦେହ ସତ୍କାର କରି ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ।

### ରାଜସ୍ୱ କାର୍ଯ୍ୟାଳୟକୁ ପାଇପଜଳ ସଂଯୋଗ ଦାବି

**ବଡ଼ଗାଁ, ୨୨।୫ (ଡି.ଏନ.ଏ):** ରାଜ୍ୟ ସରକାରଙ୍କ କର୍ମଚାରୀମାନେ ଲୋକଙ୍କ ସମସ୍ୟା, ଆପତ୍ତି ଅଭିଯୋଗ ଶୁଣୁନାହାନ୍ତି। ମନମୁଖି କାର୍ଯ୍ୟ କରିଚାଲିଥିଲେ ମଧ ସରକାର ଅଂକୁଶ ଲଗାଇ ପାରୁନାହାନ୍ତି। ଏଭଳି ଅଭିଯୋଗ ଜନସାଧାରଣରେ ଶୁଣାଯାଉଥିଲା ବେଳେ ସରକାରୀ କର୍ମଚାରୀମାନେ ମଧ ଜଳସଙ୍କଟରେ ପଡି ବାରମ୍ୱାର ଜଣାଇ ନିରାଶ ହେଉଛନ୍ତି। ଏମାନେ ସିଧାସଳଖ ସରକାର ଓ କର୍ମଚାରୀଙ୍କୁ ଦୋଷାରୋପ କରୁ ନ ଥିଲେ ମଧ ଅସନ୍ତୋଷ ଥିବା ଜଣାପଡିଛି। ସୁନ୍ଦରଗଡ ଜିଲା ବଡଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପାଇପ ଜଳଯୋଗାଣ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି କରି ଜଣାଇଥିଲେ ମଧ ମାସେ ହେଲା ସଂଯୋଗ ଦିଆଯାଇ ପାରିନାହିଁ। ଏହା ଉପରେ ରାଜସ୍ୱ ନିରୀକ୍ଷକ (ଆରଆଇ) ବବିତା ନାଏକ ଜିଲାପାଳଙ୍କୁ ଚିଠି ମାଧମରେ ଜଣାଇଥିବା କହିଛନ୍ତି।

■ ସୁନ୍ଦରଗଡ଼ରେ ବଢୁଛି ଚୋରା ସ୍କ୍ରାପ୍ କାରବାର

# ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ: ଚାଳକ ଗିରଫ

**ବେଦବ୍ୟାସ, ୨୨।୫ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାରେ ବେଆଇନ ସ୍କ୍ରାପ୍ କାରବାର ବଢିଚାଲିଛି। ବାରମ୍ବାର ଚଢ଼ାଉ କରାଯାଇ ସ୍କ୍ରାପ ବୋଝେଇ ଗାଡ଼ି ଜବତ ହେଉଥିଲେ ମଧ୍ୟ କମୁ ନାହିଁ। ରାଉରକେଲା ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମଙ୍ଗଳବାର ଗାଡି ଚାଳକଙ୍କୁ ଗିରଫ କରିବା ସହ ସ୍କ୍ରାପ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏସ୍. କେ କୁତୁବୁଦିନ। ପୋଲିସ ସୂଚନାନୁଯାୟୀ ସ୍କ୍ରାପ୍ ଲୁହା ଚୋରା ଚାଲାଣ ହେଉଥିବା ନେଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଖବର ମିଳିଥିଲା । ଏନେଇ ଥାନାର ଏକ ପୋଲିସ ଦଳ ମଙ୍ଗଳବାର ସକାଳେ ବେଦବ୍ୟାସ ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ୍ ଭ୍ୟାନ (ନଂ. ଓଡି ୧୪ ଜି–୨୦୩୫)କୁ ଅଟକାଇ ଯାଞ୍ଚ କରିଥିଲା। ହେଲେ ଗାଡି ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବେଆଇନ ସ୍କ୍ରାପ ଲୁହା କାରବାର ଅଭିଯୋଗରେ ଗାଡି ଚାଳକକୁ ଗିରଫ କରିବା ସହ ପିକଅପ୍ ଭ୍ୟାନକୁ ଜବତ କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୧୪୨/୧୯) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ଜବତ ହୋଇଥିବା ସ୍କ୍ରାପ ପ୍ରାୟ ୨ଟନ ହେବ। ଚଢ଼ାଉରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ଏସଆଇ ବିକାଶ କଲେଟ, ଏଏସଆଇ କିଶୋର କୁମାର ମହାକୁଡ, ହାବିଲଦାର ବ୍ରଜମୋହନ ଖିଲାର, ଗୃହରକ୍ଷୀ ରୋହିତ ସା ପ୍ରମୁଖ ସାମିଲ ଥିଲେ। ଏହି ଚଢ଼ାଉକୁ ନେଇ ଅଞ୍ଚଳର ବୁଦ୍ଧିଜୀବି ମହଲରେ ସ୍ୱାଗତ କରାଯାଉଛି। ଏହା ଆଗାମୀ ଦିନରେ ମଧ ବଳବତ୍ତର ରଖିବାକୁ ଅନୁରୋଧ କରାଯାଇଛି।



ସ୍କ୍ରାପ ବୋଝେଇ ଗାଡ଼ି ସହ ଚାଳକ।

# ଇତମା ନୂଆପଡ଼ାରେ ପାନୀୟଜଳ ସଙ୍କଟ

**ବଡ଼ଗାଁ, ୨୨।୫ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ନୂଆପଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଦେଢ଼ଶହ ପରିବାର ରହୁଥିବା ଏହି ପଡାରେ ୫ଟି ନଳକୂଅ ଓ ଗୋଟିଏ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ ବିଭାଗୀୟ କର୍ମଚାରୀଙ୍କ ପରିଚାଳନା ଗତ ତ୍ରୁଟି ଯୋଗୁ ମନୁଷ୍ୟକୃତ ଏହି ସମସ୍ୟା ଉପୁଜିଛି। ଏହି ସମସ୍ୟା ଉପରେ ଗ୍ରାମବାସୀ ପଞ୍ଚାୟତ କର୍ମଚାରୀଙ୍କୁ ଜଣାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ବଡଗାଁ ଜଳ ଓ ପରିମଳ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ ପାଇଁ କର୍ମଚାରୀମାନେ ଘଟଣାସ୍ଥଳକୁ ସୁଦ୍ଧା ଯାଇ ନ ଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ବିଭାଗୀୟ କର୍ମଚାରୀମାନେ ଗ୍ରାମବାସୀଙ୍କ କଥା ଶୁଣୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ଏହାକୁ ନେଇ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

**ଶୁଣୁ ନାହାନ୍ତି କର୍ମଚାରୀ**

ଉଲ୍ଲେଖଯୋଗ୍ୟ ଯେ, ଗାଁରେ ୫ଟି ନଳକୂଅ ଥିଲେ ସୁଦ୍ଧା ପ୍ରତ୍ୟେକରୁ ୫ରୁ ୬ ବାଲଟି ବାହାରିଲା ପରେ ଆଉ ପାଣି ବାହାରୁନାହିଁ। ନଳକୂଅରୁ ସ୍ୱଳ୍ପ ବାହାରୁଥିଲା ବେଳେ ୫ ଦିନ ହେଲା ପାନୀୟ ଜଳର ଆବଶ୍ୟକତା ପୂରଣ କରୁଥିବା ପାଇପଜଳ ଯୋଗାଣର ମୋଟର ଖରାପ ଥିବାରୁ ପାନୀୟ ଜଳ ସଂକଟ ଦେଖାଦେଇଛି। ଗ୍ରୀଷ୍ମ ପୂର୍ବରୁ ନଳକୂଅ ଗୁଡିକୁ ଠିକ କରିବା ସହ ଗ୍ରୀଷ୍ମ ଋତୁରେ ନଳକୂଅ କିପରି ଚାଲୁଛି ତଦାରଖ ଯାଞ୍ଚ କରାଯାଉ ନ ଥିବାରୁ ପ୍ରତିବର୍ଷ ଜଳାଭାବ ଦେଖାଦେଉଛି। ସରକାର ଗାଁରେ ପାନୀୟଜଳ ବ୍ୟବସ୍ଥା କରିଥିଲେ ମଧ କର୍ମଚାରୀମାନଙ୍କ ପରିଚାଳନାରେ ତ୍ରୁଟି ଓ ମନମୁଖି କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। କର୍ମଚାରୀମାନେ ସମସ୍ୟା ଶୁଣୁ ନ ଥିବାରୁ ଆନ୍ଦୋଳନ ହିଁ ବିକଳ୍ପ ବୋଲି କହିଛନ୍ତି।

## ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନ

**ହେମଗିର, ୨୨।୫ (ଡି.ଏନ.ଏ)**

ସମଗ୍ର ଓଡିଶାରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ତାତି ଅନୁଭୂତ ହେଉଥିବା ବେଳେ ହେମଗିରରେ ମଧ ପାରଦ ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ରହିଛି। ଏହା ଦ୍ୱାରା ଲୋକେ ଶୋଷରେ ଆଉଟୁ ପାଉଟୁ ହୋଇ ଜଳଛତ୍ର ଆଡକୁ ମୁହାଁଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏହା କେବଳ ବୁଧବାର ବଣ୍ଟନ କରାଯାଇଥାଏ। କାରଣ ଏହି ଦିନ ହେମଗିରର ବଜାର ଥିବାରୁ ଶହଶହ ଲୋକଙ୍କ ଆଗମନ ହୋଇଥାଏ। ତେଣୁ ଅଧିକାଂଶ ଲୋକ ଏଥିରେ ଉପକୃତ ହୋଇପାରନ୍ତି। ହେମଗିର ଆଖପାଖ ଉସ୍ତାଳି, ଚିଲେଟମୁଣ୍ଡା, ଅର୍ଜୁଣ୍ଡ, ଝୁଲେନବର, ବାଦିବାହାଲ, କେନ୍ଦୁଡିଆ ପ୍ରଭୃତି ଗ୍ରାମରୁ ପ୍ରାୟ ଏଗାର ଶହରୁ ଅଧିକ ଜନସାଧାରଣ ସରବତ ପାନ କରିଥିଲେ । ଏହି କାର୍ଯ୍ୟକ୍ରମ ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପୋଲିସ ବାହିନୀ ପକ୍ଷରୁ ଏଏସଆଇ ସନ୍ତୋଷିନୀ ଧୁଆ, ଏଏସଆଇ ହରିହର ଦାସ, ଏସଆଇ ବୈଦ୍ୟନାଥ ସୋରେନ, କିଶୋର ପଟେଲ, ଜଗନ୍ନାଥ ବେହେରା, ରଶ୍ମିତା ମାଝି, ନାରାୟଣ ବେହେରା, ଡିଲେଶ୍ୱର କିଷାନ, ଅନିତା ଲାକ୍ରା, ଜେରମ ହିରୋ ପ୍ରଭୃତି ସହଯୋଗ କରିଥିଲେ।


ହେମଗିର ପୋଲିସ ପକ୍ଷରୁ ସରବତ ବଣ୍ଟନ କରାଯାଉଛି।

# ୨୮ରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

■ ସୁନ୍ଦର ମୋର ସୁନ୍ଦରଗଡ଼ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା

**ସୁନ୍ଦରଗଡ, ୨୨।୫ (ଡି.ଏନ.ଏ)**

ସୁନ୍ଦର ମୋର ସୁନ୍ଦରଗଡ ଅନୁଷ୍ଠାନ ତରଫରୁ ଆଗାମୀ ୨୮ ତାରିଖରେ ସ୍ଥାନୀୟ ଭବାନୀ ଭବନ ପଡିଆରେ ହେବାକୁ ଥିବା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପାଇଁ ଜିଲା ପ୍ରେସ କ୍ଲବ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇ ଅନୁଷ୍ଠାନର ସଭାପତି ରଣଜିତ ପ୍ରସାଦ ସମସ୍ତ ଖବରଦାତାଙ୍କୁ ସ୍ୱାଗତ ଜଣାଇବା ସହ ୨୮ରେ ହେବାକୁ ଥିବା ସମାରୋହ ସମ୍ପର୍କରେ ଧାରଣା ଦେଇଥିଲେ। ସମ୍ପାଦିକା ସୋନାଲିକା ହୋତା କହିଥିଲେ ଯେ, ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସ୍କୃତିକ ଦଳଗୁଡିକ ଦ୍ୱାରା ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଏଥିରେ ରାଜ୍ୟ ଓ ଦେଶର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବ। ତତ୍‌ସଙ୍ଗେ ସଙ୍ଗେ ଓଡିଆ ସିନେ ଜଗତର ତାରକାମାନେ ମଧ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାର ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଉଦ୍ଧବ ଭିତ୍ରିଆ ଏବଂ ଯୁଗ୍ମ ସମ୍ପାଦିକା ବୁଲବୁଲ ଠାକୁର ଏହି ପରିପ୍ରେକ୍ଷୀରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସମସ୍ତ ବୟସ ଏବଂ ବର୍ଗ ପାଇଁ ଚିତ୍ରାଙ୍କନ, ନୃତ୍ୟ, ଗୀତ, ରଙ୍ଗୋଲି, ମେହେନ୍ଦି ସହ ମିସ୍ ସୁନ୍ଦରଗଡ ଏବଂ ମିଷ୍ଟର ସୁନ୍ଦରଗଡ, କପଲ ଅଫ୍ ଦି ଇୟର, ସୁପର ମୋମ୍ ପରି ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି ବୋଲି ସେମାନେ ସୂଚନା ଦେଇଥିଲେ। ୨୮ ତାରିଖ ଦିନ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ । ତା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମଧ ସମ୍ମାନିତ କରାଯିବ ବୋଲି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଅନେକ ସାମାଜିକ ସଂସ୍କାର ସମ୍ପର୍କିତ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ। ଅନୁଷ୍ଠାନର ସଭ୍ୟାସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ସୁନ୍ଦରଗଡବାସୀଙ୍କ ସହଯୋଗ କାମନା କରିଥିଲେ। ତା ସହ ଖବରଦାତା ମଣ୍ଡଳୀଙ୍କୁ ମଧ ଏଥିରେ ସକ୍ରିୟ ସହଯୋଗ ଦେବା ପାଇଁ ଆଗ୍ରହ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ କୋଷାଧକ୍ଷ ଚିନ୍ମୟ ଭିତ୍ରିଆ, ସଭ୍ୟାସଭ୍ୟ ମୁକେଶ ପୁରୋହିତ, ଅଂଶୁଜା ପୁରୋହିତ, ଅମିଶା ପଟେଲ, ମୃଣାଳିନୀ ପଣ୍ଡା, ଅଭିନନ୍ଦନ ନାଏକ, ସ୍ୱରୂପରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

# ୪ କେନ୍ଦ୍ରରେ ସୁରକ୍ଷା ବଳୟରେ ହେବ ଭୋଟ ଗଣତି

**ସୁନ୍ଦରଗଡ଼, ୨୨।୫ (ଡି.ଏନ୍.ଏ.)**

ଗୁରୁବାର ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଜିଲାରେ ସୁନ୍ଦରଗଡ, ରାଉରକେଲା ଓ ବଣାଇଁରେ ୪ ଭୋଟ ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଭୋଟ ଗଣତି ହେବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଭୋଟ ଗଣତି ସକାଶେ ହୋଇଥିବା ସମସ୍ତ ବ୍ୟବସ୍ଥା ଓ ପଦ୍ଧତି ସମ୍ପର୍କରେ କହିଥିଲେ ଯେ, ଜିଲାର ୭ ବିଧାନସଭା ଏବଂ ଲୋକସଭା ପାଇଁ ୪ କେନ୍ଦ୍ରରେ ଭୋଟ ଗଣତି କରାଯିବ। ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟଠାରେ ସୁନ୍ଦରଗଡ ଓ ତଳସରା ନିର୍ବାଚନ ମଣ୍ଡଳୀ ଏବଂ ମାଦ୍ରିକାଲୋ ଭବନଠାରେ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ଏହି ୩ବିଧାନସଭା ଆସନ ଅନ୍ତର୍ଗତ ଲୋକସଭା ପାଇଁ ହୋଇଥିବା ଭୋଟର ଭୋଟଗଣତି କରାଯିବ। ସେହିପରି ରାଉରକେଲା ଉଦିତନଗର ହାଇସ୍କୁଲର ଉପରମହଲାରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ, ତଳମହଲାରେ ରାଉରକେଲା ଏବଂ ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ସହିତ ଏହି ୩ ବିଧାନ ସଭା ଆସନ ଅନ୍ତର୍ଗତ ଲୋକସଭା ପାଇଁ ମଧ୍ୟ ଭୋଟଗଣତି କରାଯିବ। ଏତଦ୍ ବ୍ୟତୀତ ବଣାଇଁ ବିଧାନସଭା ଆସନ ଏବଂ ଏହାର ଅନ୍ତର୍ଗତ ଲୋକସଭା ଆସନର ଭୋଟ ଗଣତି ବଣାଇଁର ରାଜା ଧରଣୀଧର ହାଇସ୍କୁଲଠାରେ କରାଯିବ। ଚଳିତଥର ଭୋଟ ଗଣତିରେ ପାଖାପାଖି ୬ଶହ ଅଧିକାରୀ/ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ୩୦ପ୍ରତିଶତ ମହିଳା ଅଧିକାରୀଙ୍କୁ ଗଣତି କାର୍ଯ୍ୟରେ ସାମିଲ କରାଯାଇଥିବା ଓ ଏଥି ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତଥର ଭୋଟ ଗଣତିକୁ ସୂଚାରୁ ରୂପେ ନିର୍ଭୁଲ ତଥା ନିରପେକ୍ଷ ଭାବରେ ସମ୍ପାଦନ କରିବା ନିମନ୍ତେ ଗଣତି କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ ୪ଦିନ ଧରି ୭ଟି ପର୍ଯ୍ୟାୟରେ ଗଣତି ତାଲିମ ପ୍ରଦାନ କରାଯାଇଛି। ଭୋଟଗଣତି ପାଇଁ ରାଜଗାଙ୍ଗପୁର ବିଧାନସଭା ଏବଂ ଏହା ଅନ୍ତର୍ଗତ ଲୋକସଭା ଆସନ ପାଇଁ ପୂର୍ବରୁ ୭ଟି ଲେଖାଏଁ ଗଣତି ଟେବୁଲ ଥିବା ବେଳେ ଚଳିତ ଥର ଏହାକୁ ପରିବର୍ତ୍ତନ କରାଯାଇ ୧୧ଟି ଲେଖାଏଁ ଟେବୁଲରେ ଭୋଟ ଗଣତି କରାଯିବ। ସେହିପରି ସୁନ୍ଦରଗଡ ବିଧାନସଭା ନିମନ୍ତେ ୭ଟି ଲେଖାଏଁ, ତଳସରା ବିଧାନସଭା ପାଇଁ ୧୦ଟି ଲେଖାଏଁ, ବୀରମିତ୍ରପୁର ପାଇଁ ୧୨ଟି ଲେଖାଏଁ, ରାଉରକେଲା ଏବଂ ରଘୁନାଥପାଲୀ ପାଇଁ ୭ଟି ଲେଖାଏଁ ଗଣତି ଟେବୁଲ ହୋଇଛି। ବଣାଇ ବିଧାନସଭା ଆସନ ଏବଂ ଏହା ଅନ୍ତର୍ଗତ ଲୋକସଭା ଆସନ ପାଇଁ ୧୦ଟି ଲେଖାଏଁ ଟେବୁଲରେ ଭୋଟ ଗଣତି କରାଯିବ। ସମସ୍ତ ଭୋଟ ଗଣତି କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଥିବା ବେଳେ ମୋବାଇଲ ଫୋନ୍ ସମେତ କୌଣସି ପ୍ରକାରର ଇଲେକ୍ଟ୍ରୋନିକ୍ସ ଗେଜେଟ ନେଇ ଗଣତିକେନ୍ଦ୍ର ଭିତରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବାକୁ ଥିବାବେଳେ ପ୍ରଥମେ ପୋଷ୍ଟାଲ ବ୍ୟାଲଟ ଗଣତି ପରେ ୮ଟା୩୦ରୁ ଇଭିଏମ୍‌ର ଭୋଟ ଗଣତି ଆରମ୍ଭ ହେବ। ସମସ୍ତ ଇଭିଏମ୍ ଗଣତି ସରିବା ପରେ ପ୍ରତ୍ୟେକ ବିଧାନସଭା ଏବଂ ଏହା ଅନ୍ତର୍ଗତ ଲୋକସଭା ପାଇଁ ଲଟେରୀ ମାଧ୍ୟମରେ ୫ଟି ଲେଖାଏଁ ବୁଥର ଚୟନ କରାଯାଇ ଭିଭିପାଟ ସ୍ଲିପ୍ ଗଣତି ହେବ। ଗଣତିକୁ ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରତିଟି ବିଧାନସଭା ଆସନ ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିୟୋଜିତ ରହିବେ। ଶାନ୍ତିଶୃଙ୍ଖଳାର ସହ ଗଣତି କାର୍ଯ୍ୟକ୍ରମ ସମାପନ କରିବା ପାଇଁ ଜିଲାରେ ୧୦୦ଜଣ ସ୍ୱତନ୍ତ୍ର ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ପୋଲିସବାହିନୀ ସହିତ ସିଆରପିଏଫ୍ ଫୋର୍ସ ମଧ୍ୟ ନିଯୁକ୍ତ ହୋଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଲୋକସମ୍ପର୍କ ଅଧିକାରୀ ଗୋପୀନାଥ ସାହୁଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।


ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ଖବରଦାତା ସମ୍ମିଳନୀରେ ଭୋଟ ଗଣତି ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଉଛନ୍ତି।

■ ୨୦୧୯ ଦେବଗଡ ବିଧାନସଭା ନିର୍ବାଚନ

## ଆଜି ଗଣତି, ବାହାରିବ ଫଳାଫଳ

**ଦେବଗଡ଼,୨୨।୫(ସ୍ୱ.ପ୍ର)**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ୨୦୧୯ ପାଇଁ ଭୋଟରଙ୍କ ମତଦାନ ବର୍ତ୍ତମାନ ପଲିଟେକ୍‌ନିକ୍ କଲେଜଠାରେ ଇଭିଏମ୍‌ରେ ସିଲ ହୋଇଛି। ପ୍ରାର୍ଥିନୀ, ପ୍ରାର୍ଥୀମାନେ ଆଶା ଓ ଆଶଙ୍କାରେ ଥିବାବେଳେ ଗୁରୁବାର ଗଣତି ପରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ୧୯ ନଂ ଦେବଗଡ ବିଧାନସଭାର ପ୍ରାର୍ଥୀଙ୍କ ଭାଗ୍ୟ ଜଣାପଡିବ। ସକାଳ ୮ଠାରୁ ଗଣତି ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଚଳିତବର୍ଷ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ ତାହା ଦେଖିବା କଥା।

## ବେକରେ ରଶି ଲଗାଇ ଆତ୍ମହତ୍ୟା

**ପଦ୍ମପୁର,୨୨।୫(ଡି.ଏନ୍.ଏ.)**

ପଦ୍ମପୁର ଥାନା ସିଂହନପୁର ଗ୍ରାମର ଫିରୋଜ ସାହୁ (୨୩) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଫିରୋଜ ପୁଟୁଡେରା ନିକଟ ନଦୀକୂଳ କନିଆପୁତୁଲିଠାରେ ଏକ ମହୁଲ ଗଛରେ ଚଢ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

■ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ମାମଲା

# ନ୍ୟାୟ ପାଇଁ ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ଅମ୍ବାଭୋନା,୨୨।୫(ଡି.ଏନ୍.ଏ.)**

କଲେଜରେ ପାଠ ପଢୁଥିବାବେଳେ ଜଣେ ସହପାଠୀଙ୍କ ସହ ବଢ଼ିଲା ସମ୍ପର୍କ। ପରେ ଉଭୟ ପାଲଟିଗଲେ ପ୍ରେମିକାପ୍ରେମିକ। ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଯୁବତୀଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଚାଲିଲେ ପ୍ରେମିକ ବୈଗାପାଲିର ନରେଶ ନାୟକ (୨୯)। ହେଲେ ପରେ ଜାତିପ୍ରଥାର ଦ୍ୱାହି ଦେଇ ପରିବାର ଲୋକେ ବିବାହ ପାଇଁ ରାଜି ହେଉ ନ ଥିବା ଫୋନ୍‌ରେ ଯୁବତୀଙ୍କୁ କହି ଚମ୍ପଟ ମାରିଛନ୍ତି ସେ। ଏହାର ପ୍ରତିବାଦରେ ଯୁବତୀ ଜଣକ ନରେଶଙ୍କ ଘର ସମ୍ମୁଖରେ ଅନଶନ ମଧ କରିଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ନ୍ୟାୟ ପାଇଁ ପୀଡ଼ିତା ଗତ ୧୧ ତାରିଖରେ ଅମ୍ବାଭୋନା ଥାନା ଦ୍ୱାରସ୍ଥ ହୋଇ ନରେଶ, ତାଙ୍କ ବଡ଼ଭାଇ ସୁରେଶ ନାୟକ, ବାପା ରାମଲାଲ ନାୟକ ଓ ମାଆ ମାୟାବତୀ ନାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ଆଲୋକ ବେହେରା ଦଫା ୩୭୬, ୩୪୧, ୩୨୩, ୫୦୬, ୩୫୪ (କ) ଏବଂ ୩୪ ଆଇପିସିରେ ମାମଲା (ନଂ. ୫୩/୧୯) ରୁଜୁ ରାମଲାଲ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଇତି ମଧରେ ରାମଲାଲ ଜାମିନରେ ମୁକୁଳିଛନ୍ତି। ହେଲେ ନରେଶ, ସୁରେଶ ଓ ମାୟାବତୀ ଫେରାର ହୋଇଯାଇଥିବା ପୋଲିସ କହୁଛି। ଅଭିଯୋଗକୁ ଇତିମଧରେ ୧୦ ଦିନ ବିତିଯାଇଥିଲେ ମଧ ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ବାଧ ହୋଇ ପୀଡ଼ିତା ବରଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୁକ୍ତମାନେ ଦିବାଲୋକରେ ବୁଲୁଥିଲେ ମଧ ଅମ୍ବାଭୋନା ପୋଲିସ ସେମାନଙ୍କୁ ଅନୁକମ୍ପା ଦେଖାଇ ଗିରଫ କରୁ ନ ଥିବା ଅଭିଯୋଗ କରି ପୀଡ଼ିତା ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ତଥାପି ଯଦି ସୁଫଳ ନ ମିଳେ ତେବେ ପୀଡ଼ିତା ଆସନ୍ତା ୨୪ ତାରିଖ ପୂର୍ବାହ୍ନରୁ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସେ ବରଗଡ଼ ଜିଲାପାଳ ଏବଂ ମହିଳା କମିଶନଙ୍କୁ ମଧ ସେ ଲିଖିତ ଭାବେ ଅବଗତ କରିଛନ୍ତି। ଏ ସମ୍ପର୍କରେ ଅମ୍ବାଭୋନା ଥାନାଧିକାରୀ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି। ନରେଶ ବାରମ୍ବାର ଫୋନ ନମ୍ବର ପରିବର୍ତ୍ତନ କରୁଥିବାରୁ ଟ୍ରାକିଂ ହୋଇପାରୁନ ଥିବା ବେହେରା କହିଛନ୍ତି।

**ଆମରଣ ଅନଶନ ଚେତାବନୀ**

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ







ଗୁରୁବାର ଭୋଟ ଗଣତି ପାଇଁ ରାଉରକେଲା ଉଦିତ୍ନଗର ହାଇସ୍କୁଲ ପରିସରରେ ପୋଲିସ ପ୍ରହରା (ବାମ)। ଭୋଟ ଗଣତି ପାଇଁ ପ୍ରସ୍ତୁତ ହୋଇଥିବା ଟେବୁଲ।

# ଆର୍ମି ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ରାଉରକେଲା ଅଫିସ,୨୨।୫

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ କରାଯାଇଛି। ଏହି ଅବସରରେ ସଙ୍ଗଠନ ସହ ଅନୁବନ୍ଧିତ ସବୁଜିମା ଇକୋ କ୍ଲବ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ ଓ ଏହାର ଉପକାରିତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସଙ୍ଗଠନ ପ୍ରତିଷ୍ଠାତା ସଦସ୍ୟ ସଂଗ୍ରାମ ପରିଡା, ଅଧକ୍ଷ ଇଂ ଅଭୟ ଦାସ, ଡାକ୍ତର ଡି.କେ.ପଟ୍ଟନାୟକ ଓ ପଶୁପତିନାଥ ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ସବୁଜ ବିପ୍ଳବର ବାର୍ତ୍ତା ପ୍ରଦାନ ନେଇ ସଙ୍ଗଠନ ପକ୍ଷରୁ ପରିଡାଙ୍କ ପ୍ରଚେଷ୍ଟାରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଜୈବ ବିବିଧତା ସମ୍ପର୍କରେ ଅବଗତ କରାଯାଇଥିଲା। ରାସ୍ତା ପାର୍ଶ୍ୱ ବୃକ୍ଷରେ ପକ୍ଷୀ ବସା ନିର୍ମାଣ, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ଗତିବିଧି ଉପରେ ନଜର ରଖିବା ସହ କୋଇଲି, ଶୁଆ, ଶାରୀ, ବଣି, ଘର ଚଟିଆ ଓ ମ୍ୟାଗପାଇ ରବିନ ଇତ୍ୟାଦି ଚଢେଇଙ୍କ ପ୍ରଜନନ ସମ୍ପର୍କରେ ଆଲୋକପାତ କରାଯାଇ ଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ୨୦୧୮ - ୧୯ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇ ଥିଲା। ଆସନ୍ତା ବର୍ଷ ନିମନ୍ତେ ବ୍ୟୟ ଅଟକଳ ନେଇ ପଶୁପତିନାଥ ଚାଟାର୍ଜୀ ଏକ ସଂକ୍ଷିପ୍ତ ବଜେଟ ଉପସ୍ଥାପନ କରିଥିଲେ। ଶେଷରେ ଅନୁ ଘୋଷ ଧନ୍ୟବାଦ ପ୍ରଦାନ କରିଥିଲେ।



ଜୈବ ବିବିଧତା ଦିବସ ଅବସରରେ ଆର୍ମି ପକ୍ଷରୁ ବୃକ୍ଷରୋପଣ।

■ ଆରଏସ୍ପି ହାଉସ ଓନର୍ସ ସୋସାଇଟିର ବାର୍ଷିକ ବୈଠକ

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୨୨।୫

ସେକ୍ଟର ୫ ଆଦର୍ଶ ସାହିତ୍ୟ ଘର ପ୍ରାଙ୍ଗଣରେ ଆରଏସପି ହାଉସ ଓନର୍ସ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନ ଉପସଭାପତି କେଦାରନାଥ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବେଳେ ସାଧାରଣ ସମ୍ପାଦକ ଗୋପୀନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଡିଏନ୍ ସେଠୀ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଗତ ୨୦୧୮–୧୯ ଆର୍ଥିକ ବର୍ଷର ସୋସାଇଟି କାର୍ଯ୍ୟାବଳୀ ଓ ଅନ୍ୟ କେତେକ ସମସ୍ୟା ନେଇ ଆଲୋଚନା କରାଯାଇ ଥିଲା। ଏହାର ସମାଧାନ ନିମନ୍ତେ ଆରଏସପି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସହରସେବା ପ୍ରଶାସକଙ୍କୁ ଭେଟିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ନାରାୟଣ ଦାସ ଓ ସହଦେବ ଦାସ କମିଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ରୂପେ ଆରଡିଏ ପ୍ଲାନିଂ ମେମ୍ବର ରାମମୋହନ ମିଶ୍ର ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ଗୃହ ନିର୍ମାଣ, ସଂପ୍ରସାରଣ ଦିଗରେ ରହିଥିବା ନୀତି ନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ସଙ୍ଗଠନ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ସଭାପତି ଶତପଥୀ ନିଜ ବକ୍ତବ୍ୟରେ ଆଗାମୀ ଦିନରେ ଏହି ସଙ୍ଗଠନର ଅଭିବୃଦ୍ଧି ସହ ସମସ୍ୟା ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସହ ସମ୍ପାଦକ କ୍ରିଷ୍ଣକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

■ ଏସିଆନ ଟାଏକୋଣ୍ଡୋ ଚମ୍ପିୟନଶିପ୍

## ୧୪ ଛାତ୍ରୀଛାତ୍ର ମନୋନୀତ

ରାଉରକେଲା ଅଫିସ,୨୨।୫

ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟରୁ ୧୪ ଜଣ ଛାତ୍ରୀଛାତ୍ର ଏସିଆନ ଟାଏକୋଣ୍ଡୋ ଚମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୩୦ ମେ ରୁ ୧ ଜୁନ ପର୍ଯ୍ୟନ୍ତ ଇଣ୍ଟରନ୍ୟାଶନାଲ ଟାଏକୋଣ୍ଡୋ ଫେଡେରେଶନ ଓ ଇଣ୍ଡିଆନ ଟାଏକୋଣ୍ଡୋ ଫେଡେରେଶନ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ତୃତୀୟ ଓପନ ଏସିଆ ଚମ୍ପିୟନଶିପ୍ରେ ଭାଗ ନେବାକୁ ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟର ୧୪ ଛାତ୍ରୀଛାତ୍ର ଆସନ୍ତା ୨୮ରେ ନୂଆଦିଲ୍ଲୀ ଯିବେ। ଚିଲଡ୍ରେନ ବିଭାଗରୁ ମନୋନୀତ ୬ରୁ ୧୧ବର୍ଷ ମଧ୍ୟରେ ପ୍ରିୟାଂଶ ସାହୁ, ଶୁଭମ ନାୟକ, ଜ୍ୟୋତିପ୍ରକାଶ ଦାସ, ବାଳିକା ଅର୍ଚ୍ଚନା ମିଶ୍ର ଓ ଓମପ୍ରିୟା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିଭଳି ୧୨ରୁ ୧୪ ବର୍ଷ ବୟସ ମଧ୍ୟରେ ସ୍ନେହାଂଶୁ ସାମନ୍ତରାୟ, ଭୁବେଶ ପ୍ରସାଦ, ସମୀର ବିଶ୍ୱାଳ, ସଂପଦ ହେମ୍ବରମ, ବାଳିକା ଦୃଷ୍ଟି ମୁଖୀ ଓ ଜ୍ୟୋତିର୍ମୟୀ ଦାସ, ବ୍ଲାକ ବେଲ୍ଟ ଆରୋସ ପ୍ରଧାନ, ସମ୍ରାଟ ସାହିଲ ବିଶ୍ୱାଳଙ୍କୁ ଚୟନ କରାଯାଇଛି। ଏମାନଙ୍କ ବ୍ୟତୀତ ୧୫ରୁ ୧୭ ବର୍ଷ ବୟସ ବର୍ଗରେ ବ୍ଲାକ ବେଲ୍ଟ ସତ୍ୟସ୍ୱରୂପ ସାହୁ ଏଥିରେ ସାମିଲ ହେବେ। ଟିମ ଅଫିସିଆଲ ରୂପେ ଦିବ୍ୟା ଛଞ୍ଚଣ, ସ୍ମୃତିରଞ୍ଜନ ଲେଙ୍କା ଓ କୋଚ ଦେବେନ୍ଦ୍ର ପ୍ରଧାନ ଏହି ଦଳରେ ନୂଆଦିଲ୍ଲୀ ଯିବେ। ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଓ କ୍ରୀଡା ବିଭାଗ ଡାଇରେକ୍ଟର ବିଜୟ ଭୂଷଣ ରଥ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

■ ରାଜ୍ୟ ସବ୍ ଜୁନିୟର କରାଟେ

## ଚାମ୍ପିୟନଶିପ ପାଇଁ ଦଳ ଚୟନ

ରାଉରକେଲା ଅଫିସ,୨୨।୫

ରାଜ୍ୟ କରାଟେଡୋ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ଆସନ୍ତା ୨୬ରୁ ଭୁବନେଶ୍ୱରରେ ୩୧ତମ ସବ୍ଜୁନିୟର କରାଟେ ଚମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ଅବସରରେ ଓସ୍କା ସ୍ୱୀକୃତିପ୍ରାପ୍ତ ସମସ୍ତ ଜିଲା କରାଟେ ଆସୋସିଏଶନ ମାଧ୍ୟମରେ କରାଟେକାମାନେ ଏହି ଚମ୍ପିୟନଶିପରେ ଭାଗ ନେବେ। ଏଥିରେ ରାଉରକେଲା ଶାଖା କରାଟେ ଡୋ ପକ୍ଷରୁ ଏନେଇ ଏକ ଚୟନ ଶିବିର ଛେଣ୍ଡ କଲୋନୀଠାରେ ଥିବା କରାଟେ ସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଗରେ ସର୍ବାଧିକ ୨ଜଣ ଲେଖାଏ କରାଟେକାଙ୍କୁ ଏଥିରେ ମନୋନୀତ କରାଯାଇ ଥିଲା। ରାଉରକେଲା କରାଟେ ଆସୋସିଏଶନ ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ପଦକ ବିଜେତା ଓ ରେଫରୀ ରାଜୀବ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଷେକ ପଟ୍ଟନାୟକ, ଜୟକୃଷ୍ଣ ପାଣି, ମୋନାଲିସା ମିଶ୍ର, ସ୍ୱାଗତିକା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆର୍ଏସ୍ପି ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରତିଯୋଗିତା







ଗ୍ରୀଷ୍ମକାଳୀନ କ୍ରୀଡା ପ୍ରତିଯୋଗିତା ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା କ୍ରିଡାବିତ୍ମାନେ।

ରାଉରକେଲା ଅଫିସ,୨୨।୫

ରାଉରକେଲା ଇସ୍ପାତ କାରଖାନା(ଆରଏସପି) କ୍ରୀଡା ବିଭାଗ ପକ୍ଷରୁ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ୩୩ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଇସ୍ପାତ୍ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମ ଚେସ ହଲ ଠାରେ ଜାରି ରହିଛି। ଏହା ପ୍ରତିଯୋଗିତା ଆସନ୍ତା ୨୫ରେ ଉଦ୍ଯାପିତ ହେବ। ଏହି ପ୍ରଶିକ୍ଷଣ ଶିବିରରେ ଷ୍ଟିଲ ସିଟି ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆଗ୍ରହୀ ଛାତ୍ରୀଛାତ୍ର ଯୋଗ ଦେଉଛନ୍ତି। ଏଥିରେ ଆଥ୍ଲେଟିକ୍ସ, ବ୍ୟାଡମିଣ୍ଟନ, ବାସ୍କେଟ ବଲ. ବକ୍ସିଂ, ଚେସ, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି ଓ ଟେବୁଲ ଟେନିସ ଭଳି ୧୪ଟି ବର୍ଗରେ ତାଲିମ ପ୍ରଦାନ କରାଯାଉଛି। ଅଭିଜ୍ଞ ପ୍ରଶିକ୍ଷକ ଖେଳାଳିମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ୧୯୮୬ରୁ ଆରମ୍ଭ କରାଯାଇଥିବା ଏହି ଶିବିର ଏବେ ନୂଆ ରୂପ ନେଇଛି। ସୀମିତ ଆଗ୍ରହୀଙ୍କୁ ନେଇ ଯେଉଁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା ତାହା ଆଶାତୀତ ରୂପେ ବୃଦ୍ଧି ପାଇଛି। ଏହି ଶିବିରରୁ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହେବା କ୍ରୀଡାବିତଙ୍କୁ ସନ୍ତୋଷ ପ୍ରଦାନ କରିଛି ବୋଲି ଆରଏସପି ସଞ୍ଚାର ବିଭାଗ ସୂତ୍ରରୁ କୁହାଯାଇଛି।

## ଫଟୋରେ ଖବର







ରାସ୍ତା ପାର୍ଶ୍ୱରେ ମହାଦେବ : ଏକ କ୍ୟାଟରିଂ ସଂସ୍ଥା ବିଭିନ୍ନ ମେଳା ମହୋତ୍ସବର ଶୋଭା ବଢ଼ାଇବା ପାଇଁ ବ୍ୟବହାର କରୁଥିବା ମହାଦେବଙ୍କ ମୂର୍ତ୍ତିକୁ ଉଦିତ୍ ନଗର ରାସ୍ତା ପାର୍ଶ୍ୱରେ ରଖିଛନ୍ତି (ବାମ)। ସୁନ୍ଦରଗଡ଼ ଜିଲା କେ.ବଲଙ୍ଗା ଥାନା ଅନ୍ତର୍ଗତ ଜାମୁଦି ଚୋରାଧାରା ନିକଟରେ ଥିବା କଲର୍ଭଟ ତଳେ ମାଓବାଦୀମାନେ ଖଞ୍ଜି ଥିବା ଟିଫିନ ବୋମା ଠାବ ପାଇଁ ଜଣେ ସିଆରପିଏଫ୍ ଯବାନ ଯାଞ୍ଚ କରୁଛନ୍ତି (ମଝି)। ସାରା ରାଉରକେଲା ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହି ସୁଯୋଗରେ ମାଟି ମାଠିଆ ବିକ୍ରି ପାଇଁ ସେକ୍ଟର–୨୨ ଅଞ୍ଚଳରେ ୨ ବ୍ୟବସାୟୀ ବୁଲୁଛନ୍ତି।

# ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ



ସମ୍ବଲପୁର ସିଡିଏମଓଙ୍କୁ ଭାଜପା କର୍ମକର୍ତ୍ତା ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୨୨।୫ (ବ୍ୟୁରୋ)

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ବିଭିନ୍ନ ସମୟରେ ଆନ୍ଦୋଳନ ଓ ଦାବି ହେଉଥିଲେ ମଧ୍ୟ ସରକାର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ପଦବୀ ଗୁଡିକ ପୂରଣ କରୁନାହାନ୍ତି । ବାଟଗାଁ, ଗିରିଶ୍ଚନ୍ଦ୍ରପୁର, ମେଘପାଲ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି ବୋଲି ଭାଜପା କର୍ମକର୍ତ୍ତା ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଙ୍କଜିନୀ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ଏହାକୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍ ନଥିବା ବେଳେ ଡାକ୍ତରଖାନା ଗୁଡିକରେ ଔଷଧ, ପାଣି ସୁବିଧା କରାଯାଉ ନାହିଁ । ସେହିପରି ମେଘପାଲଠାରେ ଥିବା ଡାକ୍ତରଖାନା ପରିସର ଜମିକୁ ମଧ୍ୟ କେତେଜଣ ଜବରଦଖଲ କରି ନେଇଛନ୍ତି ବୋଲି ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ରଞ୍ଜିତ କୁମାର ରଥ ଅଭିଯୋଗ କରିଛନ୍ତି।

## ଫେଲ୍ ମାରିଲା ପରିବାର ନିୟୋଜନ ଅସ୍ତ୍ରୋପଚାର

ସମ୍ବଲପୁର, ୨୨।୫ (ବ୍ୟୁରୋ)

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିବାର ନିୟୋଜନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମହିଳା ଓ ପୁରୁଷମାନଙ୍କୁ ସଚେତନ କରିବା ସହ ମାଗଣାରେ ଗର୍ଭନିରୋଧକ ବଟିକା ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି । ଏପରିକି ପୁରୁଷ ବନ୍ଧ୍ୟାକରଣ ଓ ମହିଳାମାନଙ୍କୁ ଅସ୍ତ୍ରୋପଚାର କରାଯାଉଛି । ହେଲେ ଏହା ଫେଲ୍ ମାରୁଛି । ଅସ୍ତ୍ରୋପଚାର କରିଥିବା ଜଣେ ମହିଳା ପୁଣି ଗର୍ଭବତୀ ହୋଇଛନ୍ତି । ଏହାକୁ ନେଇ ସେ ସିଡିଏମଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୁଯୁମୁରା ବ୍ଲକ ନୂଆଁବରଙ୍ଗାମାଲ ପଞ୍ଚାୟତ ଗୋବର୍ଦ୍ଧନ ବଡମାଲ ଗ୍ରାମର ସୁବାଷ ସୁନାଙ୍କ ସ୍ତ୍ରୀ ଦୀପାଞ୍ଜଳି ଗର୍ଭବତୀ ଥିବା ଡାକ୍ତର କହିଛନ୍ତି । ପଡିଆବାହାଲ ଡାକ୍ତରଖାନାରେ ଗତ ଡିସେମ୍ବର ୩ରେ ସେ ପରିବାର ନିୟୋଜନ ଅସ୍ତ୍ରାପଚାର କରାଇଥିଲେ । କିଛି ଦିନ ହେବ ସେ ସନ୍ଦେହ କରି ପୁଣି ଡାକ୍ତରଖାନାରେ ପରୀକ୍ଷା କରିଥିଲେ । ହେଲେ ସେ ୪ମାସର ଗର୍ଭବତୀ ଥିବା ଡାକ୍ତର କହିଥିଲେ । ଏହାକୁ ନେଇ ଚିନ୍ତାରେ ପଡି ଯାଇଥିଲେ । ଗରିବ ପରିବାର ହୋଇଥିବାରୁ ଏବେ ସନ୍ତାନର ଲାଳନପାଳନ କରିବାର କଷ୍ଟକର। ଡାକ୍ତରଙ୍କ ଭୁଲ୍ ଯୋଗୁ ଏବେ ପୁଣି ସେ ଗର୍ଭବତୀ ହୋଇଛନ୍ତି । ତେଣୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି।

## ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଲା

ସମ୍ବଲପୁର,୨୨।୫(ବ୍ୟୁରୋ)

ସମ୍ବଲପୁର ଚେରୁଆପଡାରେ ଏକ ଘରେ ବୁଧବାର ଅପରାହ୍ନରେ ସଟ୍ସର୍କିଟ ଯୋଗୁଁ ନିଆଁ ଲାଗିଥିଲା । ଘର ମାଲିକ ଚନ୍ଦ୍ରକଳା ଲାଠ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଏହାପରେ ତତ୍କ୍ଷଣାତ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଚେରୁଆପଡାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ନିଆଁ ଲାଗିବାରୁ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ପୋଡି ଯାଇଥିବାଛି ।

## ଲଜପତ ରାୟ ଆଇନ କଲେଜରେ ଏଲ୍ଏଲ୍ଏମ୍ ପାଠ୍ୟ ଖସଡା ଉନ୍ମୋଚିତ

ସମ୍ବଲପୁର,୨୨।୫ (ବ୍ୟୁରୋ)

ଲଜପତ ରାୟ ଆଇନ କଲେଜରେ ଏଲଏଲଏମ ପାଠ୍ୟ ଖସଡା ବୁଧବାର ଉନ୍ମୋଚିତ ହୋଇଛି । କଲେଜ ଅଧ୍ୟକ୍ଷ ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଜଲାନ ଫାଉଣ୍ଡେସନ ଅଧ୍ୟକ୍ଷ ଅଶୋକ ଜଲାନ, ମଳୟ ଦେ ଅତିଥି ଭାବେ ଯୋଗଦେଇ ଥିଲେ । ଆସନ୍ତା ଶିକ୍ଷା ବର୍ଷରୁ ବିବିଏ ଓ ଏଲଏଲବି ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଜଲାନ ଫାଉଣ୍ଡେସନ ପକ୍ଷରୁ ଆଇନଜୀବୀ ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ନାମରେ ସ୍ୱର୍ଣ୍ଣ ପଦକ ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଉତ୍ସବରେ ଘୋଷଣା କରାଯାଇଛି। ଡ. ବିକ୍ରମ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ଦାଶ ବିବରଣୀ ପାଠ କରିଥିଲେ । ଶେଷରେ ଅଧ୍ୟାପକ ଅଙ୍କିତସ୍ୱରପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ବୁଧବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜରେ ଏଲଏଲଏମ ପାଠ୍ୟଖସଡା ଉନ୍ମୋଚନ ଉତ୍ସବରେ ଅଧ୍ୟକ୍ଷ ବିଜୟାନନ୍ଦ ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।